୫୧
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୦/୨୦୨୪ (୧୬ ପୃଷ୍ଠା) Bhubaneswar, Friday, December 20/2024 Page 16 ₹ 7.00 SAMBALPUR
୫୧ଶ ଭାଗ ୨୭ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 27 ମୂଲ୍ୟ ₹୭/-

# ସଂସଦରେ ଠେଲାପେଲା

## ଖାର୍ଗେ, ପ୍ରତାପଙ୍କ ସମେତ ୩ ଆହତ

**ରାଜ୍ୟ ସଭାରେ ଗତ ମଙ୍ଗଳବାର ସମ୍ବିଧାନ ସମ୍ପର୍କିତ ଚର୍ଚ୍ଚାବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଡ. ଭୀମରାଓ ଆମ୍ବେଡକରଙ୍କ ସମ୍ପର୍କରେ ଦେଇଥିବା ବକ୍ତବ୍ୟକୁ ନେଇ ବିବାଦ ଜଟିଳ ରୂପ ନେବାରେ ଲାଗିଛି। ଏ ସମ୍ପର୍କରେ ବୁଧବାର ଭାଜପା ନେତା ଏବଂ ବିରୋଧୀ କଂଗ୍ରେସ ସମେତ ଇଣ୍ଡିଆ ବ୍ଲକ୍‌ର ନେତାଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ହୋଇଥିଲା। ଗୁରୁବାର ଏହି ପ୍ରସଙ୍ଗରେ ସଂସଦ ପରିସରରେ ଠେଲାପେଲା ସ୍ଥିତି ସୃଷ୍ଟି ହୋଇଛି। ଏଥିରେ ଏଆଇସିସି ଅଧ୍ୟକ୍ଷ ତଥା ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ସମେତ ୨ ଭାଜପା ନେତା ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ଉତ୍ତରପ୍ରଦେଶର ଫାରୁଖାବାଦ ଏମ୍‌ପି ମୁକେଶ ରାଜପୁତ୍ ଆହତ ହୋଇଛନ୍ତି। ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କ ଅଭିଯୋଗ ଅନୁଯାୟୀ ଭାଜପା ସଦସ୍ୟମାନେ ସଂସଦର ମକରଦ୍ୱାରରେ ବିକ୍ଷୋଭ କରୁଥିବାବେଳେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଜଣେ ଏମ୍‌ପିଙ୍କୁ ଠେଲିଦେଇଥିଲେ। ଫଳରେ ସେ ତାଙ୍କ ଉପରେ ପଡ଼ିଯାଇଥିଲେ। ଏଥିରେ ପ୍ରତାପଙ୍କ ମୁଣ୍ଡ ଫାଟିଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ରାହୁଲ ଏହି ଅଭିଯୋଗକୁ ଖଣ୍ଡନକରି କହିଛନ୍ତି, ଭାଜପା ଏମ୍‌ପିମାନେ ପଥ ଅବରୋଧ କରି ତାଙ୍କୁ ଠେଲିଥିଲେ। ଆମ୍ବେଡକରଙ୍କୁ ଅପମାନିତ କରିଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଶାହାଙ୍କୁ ସୁରକ୍ଷା ଦେବା ପାଇଁ ଶାସକ ଦଳ ଏଭଳି ଡ୍ରାମା କରୁଥିବା ରାହୁଲ ପାଲଟା ଅଭିଯୋଗ ଆଣିଛନ୍ତି। ରାହୁଲଙ୍କ କାର୍ଯ୍ୟକୁ ଶାସକ ପକ୍ଷ ନିନ୍ଦା କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଥାନାରେ ଏତଲା ଦେଇଛି। ଭାଜପା ଏମ୍‌ପିମାନେ ଠେଲିଦେବାରୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଆଣ୍ଠୁରେ ଆଘାତ ଲାଗିଥିବା ଦର୍ଶାଇ ଇଣ୍ଡିଆ ବ୍ଲକ୍ ନେତାମାନେ ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିଛନ୍ତି।**


ମଲ୍ଲିକାର୍ଜୁନ ଖାର୍ଗେ


ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ

ନୂଆଦିଲ୍ଲୀ,୧୯।୧୨

ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡକରଙ୍କୁ କିଏ ଅପମାନିତ କରିଛି? ଏହି ପ୍ରସଙ୍ଗକୁ ନେଇ ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଏବଂ ବିରୋଧୀ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ନେତାମାନେ ମୁହାଁମୁହିଁ ଅବସ୍ଥାରେ ଥିବାବେଳେ ଶୀତ ଅଧିବେଶନ ଶେଷ ହେବାର ଦିନକ ପୂର୍ବରୁ ସଂସଦ ପରିସରରେ ଏହାର ଚରମ ପରିଣତି ଦେଖିବାକୁ ମିଳିଛି।

ଗୁରୁବାର ପୂର୍ବାହ୍ନ ୧୦ଟାରେ ସବୁ ଦଳର ଏମ୍‌ପିମାନେ ପାର୍ଲାମେଣ୍ଟକୁ ପ୍ରବେଶ କରିବାରେ ଲାଗିଥାଆନ୍ତି। ଏତିକି ବେଳେ କଂଗ୍ରେସ ଅମଳରେ ଆମ୍ବେଡକର ସର୍ବାଧିକ ଅପମାନିତ ହୋଇଥିବା ଦର୍ଶାଇ ପୁରୁଣା ସଂସଦ ଭବନ ସମ୍ମୁଖ ମକରଦ୍ୱାରରେ କେତେଜଣ ଭାଜପା ସଦସ୍ୟ ବିକ୍ଷୋଭ କରୁଥିଲେ। ରାହୁଲ ଗାନ୍ଧୀ ସେହି ଦ୍ୱାର ଦେଇ ପାର୍ଲାମେଣ୍ଟ ଭିତରକୁ ଯାଉଥିଲେ। କିନ୍ତୁ ପାହାଚ ମଝିରେ ଠେଲାପେଲା ଯୋଗୁ ସେ ଯାଇ ନ ପାରିଥିଲେ। ଏହି ସମୟରେ ଜଣେ ଭାଜପା ଏମ୍‌ପି ଠେଲିଦେବାରୁ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ଆଣ୍ଠୁରେ ଆଘାତ ଲାଗି ସେ ଆହତ ହୋଇଥିବା ଅଭିଯୋଗ ହୋଇଛି। ସେହିପରି ଭାଜପା ନେତାମାନଙ୍କ ଅଭିଯୋଗ ଅନୁଯାୟୀ ରାହୁଲ ବିକ୍ଷୋଭରତ ଉତ୍ତର ପ୍ରଦେଶର ଫାରୁଖାବାଦ୍ ଭାଜପା ଏମ୍‌ପି ମୁକେଶ ରାଜପୁତ(୫୫)ଙ୍କୁ ଠେଲିଦେଇଥିଲେ। ମୁକେଶ ସେଠାରେ ଉପସ୍ଥିତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଉପରେ ପଡ଼ିଯାଇଥିଲେ। ଏଥିଯୋଗୁ ମୁକେଶ ଆହତ ହେବା ସହ ପ୍ରତାପଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି ବୋଲି ଅଭିଯୋଗ ହୋଇଛି। ପ୍ରତାପଙ୍କ ମୁଣ୍ଡରୁ ରକ୍ତସ୍ରାବ ହେବାରୁ ତାଙ୍କୁ ରାମମନୋହର ଲୋହିଆ ହସ୍ପିଟାଲର ଇନ୍‌ଟେନ୍‌ସିଭ କେୟାର ୟୁନିଟ୍ (ଆଇସିୟୁ)ରେ ଭର୍ତ୍ତି କରାଯାଇଛି। ଏତିକି ନୁହେଁ, ସେହି ସମୟରେ ରାହୁଲ ନାଗାଲାଣ୍ଡରୁ ପ୍ରତିନିଧିତ୍ୱ କରୁଥିବା ଭାଜପା ସଦସ୍ୟା ଫଙ୍ଗନ କୋନ୍ୟାକ୍‌ଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ସେପଟେ ଆର୍‌ଏମ୍‌ଏଲ୍ ଆଇସିୟୁରେ ଚିକିତ୍ସାରତ ପ୍ରତାପଙ୍କ ମୁଣ୍ଡରେ ୫ଟି ଷ୍ଟିଚ୍ ପକାଯାଇଛି। ଆହତ ମୁକେଶଙ୍କୁ ମଧ୍ୟ ସେହି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁହିଁଙ୍କ ମୁଣ୍ଡରେ କ୍ଷତ ସୃଷ୍ଟି ହୋଇଥିବା ଆର୍‌ଏମ୍‌ଏଲ୍ ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଅଜୟ ଶୁକ୍ଳା ସୂଚନା ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତାପ ଓ ମୁକେଶଙ୍କୁ ଫୋନ୍ କରି ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏଭଳି ହିଂସାତ୍ମକ କାର୍ଯ୍ୟ ପାଇଁ ଶାସକ ଓ ବିରୋଧୀ ପକ୍ଷ ପରସ୍ପର ଉପରେ ଦୋଷ ଲଦିବା ସହ ପାର୍ଲାମେଣ୍ଟ ☞ପୃଷ୍ଠା-୪

## ରାହୁଲ ଗାନ୍ଧୀଙ୍କ ଦାୟିତ୍ୱହୀନ ଆଚରଣ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୧୨(ଅନିଲ ଦାସ)


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ସଂସଦ ପାହାଚରୁ ପଡ଼ି ଆହତ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିନ୍ଦା କରିଛନ୍ତି। ସୋସିଆଲ ମିଡିଆ ଏକ୍ସରେ ସେ କହିଛନ୍ତି, କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀଙ୍କ ଦାୟିତ୍ୱହୀନ ତଥା ଆପତ୍ତିଜନକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**କଲମ୍ବିଆର ଆହ୍ୱାନ**






# ବିବାଦରୁ ଧ୍ୟାନ ହଟାଇବାକୁ ଉଦ୍ୟମ: ରାହୁଲ

**ନଭେମ୍ବର ୨୫ରୁ ଚାଲିଥିବା ଶୀତ ଅଧିବେଶନ ସରିବାକୁ ଦିନେ ବାକି ଥିବାବେଳେ ଗୁରୁବାର ପାର୍ଲାମେଣ୍ଟ ପରିସରରେ ଦେଖିବାକୁ ମିଳିଛି ଅଭୂତପୂର୍ବ ଘଟଣା। ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ସମ୍ବିଧାନ ପ୍ରଣେତା ଭୀମରାଓ ଆମ୍ବେଡକରଙ୍କ ଲିଗାସିକୁ ନେଇ ଚାଲିଥିଲା ହାଇଡ୍ରାମା। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆମ୍ବେଡକରଙ୍କୁ ଅପମାନିତ କରିଥିବା ଅଭିଯୋଗ ଆଣି ବିରୋଧୀ କେନ୍ଦ୍ର ସରକାରଙ୍କୁ ଘେରୁଥିବାବେଳେ କଂଗ୍ରେସ ଗଣତନ୍ତ୍ରକୁ ହତ୍ୟା କରିଥିବା ଦର୍ଶାଇ ଭାଜପା ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ। ଏଭଳି ସମୟରେ ଠେଲାପେଲା ଯୋଗୁ ଆହତ ହୋଇଛନ୍ତି ୨ ଜଣ ଭାଜପା ଏମ୍‌ପି। ଗଣତନ୍ତ୍ରର ମନ୍ଦିର କୁହାଯାଉଥିବା ଭାରତୀୟ ସଂସଦରେ ଏଭଳି ହିଂସାତ୍ମକ ଆଚରଣକୁ ଆଦୌ ହଜମ କରିପାରି ନାହାନ୍ତି ଦେଶବାସୀ। ସମାଲୋଚିତ ହେବା ପରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭାଜପାକୁ ଟାର୍ଗେଟ କରି କହିଛନ୍ତି, ଆମ୍ବେଡକର ବିବାଦରୁ ଧ୍ୟାନ ହଟାଇବା ପାଇଁ ଏହା ହେଉଛି ଶାସକ ଦଳର ଉଦ୍ୟମ।**


ଆହତ ଭାଜପା ଏମ୍‌ପି ପ୍ରତାପ ଷଡଙ୍ଗୀଙ୍କୁ ପାର୍ଲାମେଣ୍ଟ ପରିସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦେଖିବକୁ ଯାଇଛନ୍ତି।

ନୂଆଦିଲ୍ଲୀ,୧୯।୧୨

ରାଜ୍ୟ ସଭାରେ ମଙ୍ଗଳବାର ସମ୍ବିଧାନ ସମ୍ପର୍କିତ ବିତର୍କ ବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବିରୋଧୀଙ୍କୁ ଟାର୍ଗେଟ କରି କହିଥିଲେ, ଏବେ ଏକ ଫ୍ୟାଶନ୍ ହୋଇଯାଇଛି, 'ଆମ୍ବେଡକର, ଆମ୍ବେଡକର, ଆମ୍ବେଡକର, ଆମ୍ବେଡକର, ଆମ୍ବେଡକର, ଆମ୍ବେଡକର। କଂଗ୍ରେସ ନେତାମାନେ ଯେତିକି ଥର 'ଆମ୍ବେଡକର ଆମ୍ବେଡକର' ଚିତ୍କାର କରୁଛନ୍ତି, ସେତେଥର ଭଗବାନଙ୍କ ନାମ ନେଇଥିଲେ ୭ ଜନ୍ମ ଧରି ସ୍ୱର୍ଗରେ ସ୍ଥାନ ପାଇଥାଆନ୍ତେ। କଂଗ୍ରେସ ଆମ୍ବେଡକରଙ୍କ ନାମ ଧରୁଥିବାରୁ ଭାଜପା ଖୁସି, କିନ୍ତୁ ବିରୋଧୀ ଦଳ ତାଙ୍କ ପ୍ରତି ଥିବା ନିଜ ମନୋଭାବର ମଧ୍ୟ ପରିପ୍ରକାଶ କରିବା ଉଚିତ ବୋଲି ସେ କହିଥିଲେ। ଏହାକୁ ନେଇ ବିରୋଧୀ ଇଣ୍ଡିଆ ବ୍ଲକ୍ ନେତାମାନେ ଏନ୍‌ଡିଏ ସରକାରଙ୍କୁ ଘେରିବାରେ ଲାଗିଥିବାବେଳେ ଗୁରୁବାର ଭାଜପା ଏମ୍‌ପିମାନେ କଂଗ୍ରେସ ବିରୋଧରେ ବିକ୍ଷୋଭ ଚଳାଇଥିଲେ। ସେହି ସମୟରେ ଠେଲାପେଲା ଯୋଗୁ ଭାଜପାର ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁକେଶ ରାଜପୁତ୍ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଆହତ ହୋଇଛନ୍ତି। ତେବେ ପ୍ରତାପଙ୍କ ମୁଣ୍ଡ ଫାଟିଥିବାରୁ ଭାଜପା ଏହାକୁ କଂଗ୍ରେସ ବିରୋଧରେ ଅସ୍ତ୍ର କରି ବିରୋଧୀ ଦଳର ମୁହଁ ବନ୍ଦ ପାଇଁ ଉଦ୍ୟମ ଚଳାଇଛି। ଶାହାଙ୍କ ଆମ୍ବେଡକର ମନ୍ତବ୍ୟ ପରିପ୍ରେକ୍ଷୀରେ ଉପୁଜିଥିବା ବିବାଦରୁ ଧ୍ୟାନ ହଟାଇବା ପାଇଁ ଭାଜପା ଏଭଳି ଉଦ୍ୟମ କରୁଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ଏକ୍ସ'ରେ ଏକାଧିକ ପୋଷ୍ଟ କରି ରାହୁଲ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବକ୍ତବ୍ୟରୁ ତାଙ୍କ ଚିନ୍ତାଧାରା ସାମ୍ନାକୁ ଆସିଛି। ଆମେ ତାଙ୍କ ଇସ୍ତଫା ଓ କ୍ଷମା ଦାବି କରିଥିଲୁ। ଶାହା ଇସ୍ତଫା ଦେଇନାହାନ୍ତି କି କ୍ଷମା ବି ମାଗିନାହାନ୍ତି। ବିରୋଧୀ ଇଣ୍ଡିଆ ବ୍ଲକ୍ ସଦସ୍ୟମାନେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେଇ ସଂସଦ ଭିତରେ ପ୍ରବେଶ କରିବା ବେଳେ ଭାଜପା ଏମ୍‌ପିମାନେ ଲାଠି ଧରି ଆମ ପଥ ଅବରୋଧ କରିଥିଲେ। ପୂରା ଘଟଣାକ୍ରମକୁ ଦେଖିଲେ, ଶାହାଙ୍କ ବିବାଦରୁ ଦେଶବାସୀଙ୍କ ଧ୍ୟାନ ହଟାଇବା ପାଇଁ ଏହା ଉଦ୍ଦିଷ୍ଟ ଥିଲା ବୋଲି ରାହୁଲ ସ୍ପଷ୍ଟୀକରଣ ଦେଇଛନ୍ତି।

## ସଂସଦ କୁସ୍ତି ଆଖଡ଼ା ନୁହେଁ: ଭାଜପା

୬୯ ବର୍ଷୀୟ ପ୍ରତାପଙ୍କ ଭଳି ଜଣେ ବରିଷ୍ଠ ଏମ୍‌ପିଙ୍କୁ ରାହୁଲ ଠେଲି ଲହୁଲୁହାଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସଂସଦ ପରିସରରେ ରାହୁଲ ଗୁଣ୍ଡାଗର୍ଦ୍ଦି କରିଛନ୍ତି। ନିଜ ଆଚରଣକୁ ନେଇ ତାଙ୍କୁ ଲଜ୍ଜା ଲାଗିବା କଥା ବୋଲି ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ସମାଲୋଚନା କରିବା ସହ କଂଗ୍ରେସ ବିରୋଧରେ ସ୍ଲୋଗାନ ଦେଇଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି, ଏହି ଘଟଣାକୁ ନେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ପାର୍ଲାମେଣ୍ଟ ଶାରୀରିକ ଶକ୍ତି ପ୍ରଦର୍ଶନର ସ୍ଥାନ ନୁହେଁ। ଏହା ଏକ କୁସ୍ତି ଆଖଡ଼ା ନୁହେଁ କହି ରାହୁଲଙ୍କୁ ସେ ସମାଲୋଚନା କରିଛନ୍ତି।

## ଚର୍ଚ୍ଚାରେ ୩ ଭାଜପା ଏମ୍‌ପି

**୧. ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ:** ଓଡ଼ିଶାର ବାଲେଶ୍ୱର ସଂସଦୀୟ ଆସନରୁ ଲୋକ ସଭାରେ ପ୍ରତିନିଧିତ୍ୱ କରୁଥିବା ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୋଦି ସରକାରଙ୍କ ଦ୍ୱିତୀୟ ପାଳିରେ କେନ୍ଦ୍ରମନ୍ତ୍ରୀ ଥିଲେ। 'ନନା' ନାମରେ ପରିଚିତ ପ୍ରତାପ ନିଜ ସରଳ ଜୀବନଯାପନକୁ ନେଇ ଚର୍ଚ୍ଚାରେ ରହିଆସିଛନ୍ତି। ଏହା ପୂର୍ବରୁ ସେ ୨୦୦୪ରୁ ୨୦୦୯ ଏବଂ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ନୀଳଗିରି ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଗୁରୁବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଠେଲିଦେବାରୁ ତାଙ୍କ ମୁଣ୍ଡ ଫାଟିଥିବା ଅଭିଯୋଗ କରିବା ପରେ ପ୍ରତାପ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଆଇସିୟୁରେ ଭର୍ତ୍ତି ହୋଇଥିବା ପ୍ରତାପ ଜଣେ ହୃଦ୍‌ରୋଗୀ। ତେଣୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖାଯାଇଥିବା ରାମମନୋହର ଲୋହିଆ ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଅଜୟ ଶୁକ୍ଳା କହିଛନ୍ତି। ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ସମେତ ଭାଜପା ନେତାମାନେ ହସ୍ପିଟାଲକୁ ଯାଇ ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଛନ୍ତି।



**୨. ମୁକେଶ ରାଜପୁତ୍:** ଉତ୍ତର ପ୍ରଦେଶର ଫାରୁଖାବାଦ ସଂସଦୀୟ ଆସନରୁ ୩ ଥର ଏମ୍‌ପି ହୋଇଥିବା ମୁକେଶ ରାଜପୁତ୍ ଜଣେ ଆଗଧାଡ଼ିର ଲୋଧ ନେତା। ୨୦୧୪ ନିର୍ବାଚନରେ ସେ କଂଗ୍ରେସ ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସଲମାନ ଖୁର୍ସିଦଙ୍କୁ ହରାଇ ଚର୍ଚ୍ଚାକୁ ଆସିଥିଲେ। ସଂସଦରେ ଠେଲାପେଲା ବେଳେ ମୁକେଶ ମଧ୍ୟ ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡରେ ଚୋଟ ଲାଗିଛି। ମୁକେଶଙ୍କ ଉଚ୍ଚ ରକ୍ତଚାପ ରହିଥିବାରୁ ତାଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ କଡ଼ା ନଜର ରଖାଯାଇଥିବା ଡାକ୍ତର ସୂଚନା ଦେଇଛନ୍ତି।



**୩. ଏସ୍. ଫାଙ୍ଗୋନ୍ କୋନ୍ୟାକ୍:** ୨୦୨୩ ଜୁଲାଇ ୨୫ରେ ରାଜ୍ୟ ସଭାରେ ଅଧ୍ୟକ୍ଷତା କରିବାରେ ନାଗାଲାଣ୍ଡର ପ୍ରଥମ ମହିଳା ଏମ୍‌ପି ଭାବେ ଫାଙ୍ଗୋନ୍ ସୁଯୋଗ ପାଇ ଚର୍ଚ୍ଚାକୁ ଆସିଥିଲେ। ଫାଙ୍ଗୋନ୍ ହେଉଛନ୍ତି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ନାଗାଲାଣ୍ଡରୁ ରାଜ୍ୟ ସଭାରେ ପ୍ରତିନିଧିତ୍ୱ କରିବାରେ ପ୍ରଥମ ମହିଳା ଏବଂ ସଂସଦକୁ ନିର୍ବାଚିତ ହେବାରେ ଦ୍ୱିତୀୟ ମହିଳା। ଭାଜପା ଏମ୍‌ପିମାନେ ଗୁରୁବାର ବିକ୍ଷୋଭ କରୁଥିବାବେଳେ ରାହୁଲ ତାଙ୍କ ଅତି ନିକଟକୁ ଆସି ଉଚ୍ଚ ସ୍ୱରରେ ଧମକ ଦେଇଥିବା ସେ ଅଭିଯୋଗ ଆଣିଛନ୍ତି। ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନକର ନିଜ ଚାମ୍ବରରେ ତାଙ୍କ ଅଭିଯୋଗକୁ ଗ୍ରହଣ କରିଛନ୍ତି।


ଭାଜପା ଏମ୍‌ପି ଅନୁରାଗ ଠାକୁର, ବାଂଶୁରି ସ୍ୱରାଜ ଓ ଅନ୍ୟମାନେ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାରେ ରାହୁଲ ଗାନ୍ଧୀଙ୍କ ବିରୋଧରେ ଏତଲା ଦେଉଛନ୍ତି।


ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ଇଣ୍ଡିଆ ବ୍ଲକ୍ ସଦସ୍ୟମାନେ ପାର୍ଲାମେଣ୍ଟ ପରିସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ମନ୍ତବ୍ୟ ବିରୋଧରେ ବିକ୍ଷୋଭ କରୁଛନ୍ତି।

## ସଂକ୍ଷେପରେ

### ଧନ୍‌କରଙ୍କ ବିରୋଧରେ ଅନାସ୍ଥା ନୋଟିସ ଖାରଜ

ନୂଆଦିଲ୍ଲୀ,୧୯।୧୨(ପି.ଟି.)

ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କରଙ୍କୁ ବହିଷ୍କାର କରିବା ପାଇଁ ବିରୋଧୀ ଦଳଗୁଡ଼ିକ ଦେଇଥିବା ଅନାସ୍ଥା ନୋଟିସ୍‌କୁ ଗୁରୁବାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଖାରଜ କରିଦେଇଛନ୍ତି। ଏହା ଗମ୍ଭୀର ତ୍ରୁଟିପୂର୍ଣ୍ଣ। ଦେଶର ସାମ୍ବିଧାନିକ ଅନୁଷ୍ଠାନ ଏବଂ ଧନ୍‌କରଙ୍କ ଖ୍ୟାତିକୁ ନଷ୍ଟ କରିବା ଉଦ୍ଦେଶ୍ୟରେ ନୋଟିସ ଅଣାଯାଇଥିଲା ବୋଲି ହରିବଂଶ ରୁଲିଂରେ କହିଛନ୍ତି। ରାଜ୍ୟ ସଭା ମହାସଚିବ ପି.ସି. ମୋଦି ଏହି ରୁଲିଂ ଉପସ୍ଥାପନ କରିଥିଲେ। ଧନ୍‌କରଙ୍କୁ ତାଙ୍କ ପଦବୀରୁ ହଟାଇବା ପାଇଁ ଗତ ୧୦ ତାରିଖରେ ଦିଆଯାଇଥିବା ଅନାସ୍ଥା ନୋଟିସ୍‌ରେ ବିରୋଧୀ ଦଳର ୬୦ ସଦସ୍ୟ ସ୍ୱାକ୍ଷର କରିଥିଲେ। ରାଜ୍ୟ ସଭା ଅଧ୍ୟକ୍ଷ ପକ୍ଷପାତ କରୁଥିବାରୁ ତାଙ୍କ ଉପରେ ଆସ୍ଥା ନ ଥିବା ନୋଟିସରେ ଦର୍ଶାଯାଇଥିଲା। ବ୍ୟକ୍ତିଗତ ଭାବେ ଟାର୍ଗେଟ କରାଯାଇ କେବଳ ପ୍ରଚାର ଲକ୍ଷ୍ୟରେ ଏଭଳି ନୋଟିସ ଅଣାଯାଇଛି। ସର୍ବବୃହତ୍ ଗଣତନ୍ତ୍ରର ଉପରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟକୁ ଅପମାନିତ କରିବା ପାଇଁ ଏହା ଏକ ଦୁଃସାହସିକ ଅଭିଯାନ ବୋଲି ହରିବଂଶ କହିଛନ୍ତି।

### ପାକିସ୍ତାନ ଏରୋସ୍ପେସ୍, ପ୍ରତିରକ୍ଷା ସଂସ୍ଥା ବିରୋଧରେ ଆମେରିକାର କଟକଣା

ୱାଶିଂଟନ୍,୧୯।୧୨

ପାକିସ୍ତାନର ବାଲିଷ୍ଟିକ୍ ମିଶାଇଲ୍ କାର୍ଯ୍ୟକ୍ରମକୁ ଅବଦାନ ଥିବା ଅଭିଯୋଗରେ ସେଠାର ୪ଟି ସଂସ୍ଥା ବିରୋଧରେ ଆମେରିକା ବୁଧବାର କଟକଣା ଲଗାଇଛି। ସେହି ସଂସ୍ଥା ମଧ୍ୟରେ ପାକିସ୍ତାନର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଏଜେନ୍ସି ନ୍ୟାଶନାଲ ଡେଭେଲପମେଣ୍ଟ କମ୍ପ୍ଲେକ୍ସ (ଏନ୍‌ଡିସି) ରହିଛି। ପାକିସ୍ତାନ ଦୀର୍ଘ ଲକ୍ଷ୍ୟଭେଦୀ କ୍ଷେପଣାସ୍ତ୍ରର ବିକାଶ ଜାରି ରଖିଥିବାରୁ ଏହା ବିପଦ ସୃଷ୍ଟି କରିଛି। ପାକ୍‌ର ୪ ସଂସ୍ଥା ଗଣବିଧ୍ୱଂସୀ ଅସ୍ତ୍ର ପ୍ରସ୍ତୁତ ଓ ପ୍ରସାର ଚଳାଇଥିବାରୁ କଟକଣା ଲାଗୁ ହୋଇଥିବା ଆମେରିକା କହିଛି। ଏନ୍‌ଡିସି ବ୍ୟତୀତ ଅଖ୍ତର ଆଣ୍ଡ ସନ୍ସ ପ୍ରା. ଲିଃ, ଆଫିଲିଏଟ୍ସ ଇଣ୍ଟରନ୍ୟାଶନାଲ ଏବଂ ରକ୍‌ସାଇଡ୍ ଏଣ୍ଟରପ୍ରାଇସ୍ ବିରୋଧରେ କଟକଣା ଲାଗୁ ହୋଇଛି। ଆମେରିକାର ଏଭଳି ନିଷ୍ପତ୍ତିକୁ ପାକିସ୍ତାନ ଦୁର୍ଭାଗ୍ୟଜନକ ଏବଂ ପକ୍ଷପାତମୂଳକ ବୋଲି କହିଛି।

### ୟେମେନ୍‌ରେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍

ଦୁବାଇ,୧୯।୧୨

ଇସ୍ରାଏଲ୍‌ର କେନ୍ଦ୍ରୀୟ ଅଞ୍ଚଳକୁ ଟାର୍ଗେଟ କରି ହୁତି ବିଦ୍ରୋହୀ କ୍ଷେପଣାସ୍ତ୍ର ମାଡ଼ କରିବା ପରେ ଜେରୁଜେଲମ୍ ପକ୍ଷରୁ ଗୁରୁବାର ଏହି ସଂଗଠନ ନିୟନ୍ତ୍ରଣରେ ଥିବା ୟେମେନ୍ ରାଜଧାନୀ ଏବଂ ବନ୍ଦର ସହର ଉପରେ ଜୋର୍‌ଦାର ଏୟାରଷ୍ଟ୍ରାଇକ୍ କରାଯାଇଛି। ଗୁରୁବାର ଭୋର ସମୟରେ ଇସ୍ରାଏଲୀ ସେନାର ୧୪ଟି ଲଢ଼ୁଆ ବିମାନ ଘନଘନ ବୋମାମାଡ଼ କରିବାରୁ ଅନ୍ୟୂନ ୯ ଜଣଙ୍କ ମୃତ୍ୟୁ ଘଟିବା ସହ ବହୁ ଭିତ୍ତିଭୂମି ଧ୍ୱଂସ ହୋଇଛି। ଫଳରେ ଇରାନ ସମର୍ଥିତ ହୁତି ଆତଙ୍କବାଦୀ ଲୋହିତ ସାଗର କରିଡରରେ ଆକ୍ରମଣ ବଢ଼ାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ଲୋହିତ ସାଗରରେ ହୁତି ଆକ୍ରମଣ ଯୋଗୁ ବୈଶ୍ୱିକ ଜାହାଜ ଚଳାଚଳ ପ୍ରଭାବିତ ହୋଇଛି।

### ବାଂଲାଦେଶୀ ଆତଙ୍କବାଦୀ ସଙ୍ଗଠନର ୮ ସଦସ୍ୟ ଗିରଫ

ଗୁଆହାଟୀ,୧୯।୧୨

ବାଂଲାଦେଶୀ ଆତଙ୍କବାଦୀ ସଂଗଠନ ଅନସରୁଲ୍ଲା ବାଂଲା ଟିମ୍ (ଏବିଟି)ର ୮ ଜଣ ଅପରେଟିଭ୍‌ଙ୍କୁ ଆସାମ ପୋଲିସର ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍‌ଟିଏଫ୍) ଗିରଫ କରିଛି। ୧୭ ତାରିଖ ରାତିରେ ଏସ୍‌ଟିଏଫ୍ ପକ୍ଷରୁ କେରଳ, ପଶ୍ଚିମବଙ୍ଗ ଏବଂ ଆସାମରେ ଏକସଙ୍ଗେ ଚଢ଼ାଉ କରାଯାଇଥିଲା। ସାରା ଦେଶରେ ବିଶେଷ କରି ଆସାମ ଓ ପଶ୍ଚିମବଙ୍ଗରେ ସ୍ଲିପର ସେଲ୍ ଗଠନ ପାଇଁ ସେମାନେ କାର୍ଯ୍ୟ କରୁଥିଲେ। ଗିରଫ ଆତଙ୍କବାଦୀଙ୍କ ମଧ୍ୟରୁ କେରଳରୁ ଗିରଫ ହୋଇଥିବା ମହମ୍ମଦ ସାବ୍ ରାଡ଼ି ଓରଫ ମହମଦ ସାବ୍ ଶେଖ୍ ବାଂଲାଦେଶୀ ହୋଇଥିବାବେଳେ ୨ ଜଣ ପଶ୍ଚିମବଙ୍ଗ ଏବଂ ୫ ଜଣ ଆସାମ ବାସିନ୍ଦା।

## ୫ ଆତଙ୍କବାଦୀ ନିହତ

ଶ୍ରୀନଗର, ୧୯।୧୨ (ପି.ଟି.)

ଜମ୍ମୁ-କଶ୍ମୀରର କୁଲ୍‌ଗାମ ଜିଲାସ୍ଥିତ ବେହିବାଗ ଅଞ୍ଚଳର କାଦରଠାରେ ଗୁରୁବାର ସୁରକ୍ଷା ବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ହିଜ୍‌ବୁଲ ମୁଜାହିଦ୍ଦିନ୍ ଆତଙ୍କବାଦୀ ସଙ୍ଗଠନର ଟପ୍ କମାଣ୍ଡର ଫାରୁକ ଅହମଦ ଓରଫ ନାଲିଙ୍କ ସମେତ ୫ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। ସେହିପରି ଗୁଳି ବିନିମୟ ବେଳେ ୨ ଜଣ ସୁରକ୍ଷା କର୍ମୀ ଆହତ ହୋଇଛନ୍ତି। ବେହିବାଗ ଅଞ୍ଚଳରେ କେତେଜଣ ଆତଙ୍କବାଦୀ ଲୁଚି ରହିଥିବା ଖବର ପାଇ ଗୁରୁବାର ସୁରକ୍ଷା ବଳ ପକ୍ଷରୁ କର୍ଡନ ଏବଂ ସର୍ଚ୍ଚ ଅପରେଶନ କରାଯାଇଥିଲା। ଏହି ସମୟରେ ଆତଙ୍କବାଦୀମାନେ ସୁରକ୍ଷା ବଳ ଉପରକୁ ଗୁଳି ଚଳାଇଥିଲେ। ସୁରକ୍ଷା ବଳ ପକ୍ଷରୁ ମଧ୍ୟ ଆତଙ୍କବାଦୀଙ୍କ ଉପରକୁ ପାଲଟା ଗୁଳିବର୍ଷଣ କରାଯାଇଥିଲା। ହିଜ୍‌ବୁଲ ମୁଜାହିଦ୍ଦିନ୍‌ର ଟପ୍ କମାଣ୍ଡର ଫାରୁକ ଗତ କିଛି ବର୍ଷ ମଧ୍ୟରେ ଦକ୍ଷିଣ କଶ୍ମୀର ଅଞ୍ଚଳରେ ଘଟିଥିବା ବିଭିନ୍ନ ଆତଙ୍କବାଦୀ ଗତିବିଧିରେ ସାମିଲ ଥିବା ଜମ୍ମୁ-କଶ୍ମୀର ପୋଲିସ କହିଛି। ଅନ୍ୟ ୪ ମୃତ ଆତଙ୍କବାଦୀ ହେଉଛନ୍ତି ଇର୍ଫାନ ଲୋନ୍, ଆଦିଲ ହୁସେନ୍, ମୁସ୍ତାକ ଇତୋ ଏବଂ ୟାସିର ଜାଭେଦ। ଉକ୍ତ ଅଞ୍ଚଳରେ ଏବେ ମଧ୍ୟ ସର୍ଚ୍ଚ ଅପରେଶନ ଜାରି ରହିଛି ବୋଲି ସୁରକ୍ଷା ବାହିନୀ ପକ୍ଷରୁ ସୂଚନା ଦିଆଯାଇଛି।

## କଶ୍ମୀର ସ୍ଥିତି ସମୀକ୍ଷା କଲେ ଶାହା

ନୂଆଦିଲ୍ଲୀ, ୧୯।୧୨ (ପି.ଟି.)

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ନୂଆଦିଲ୍ଲୀଠାରେ ଗୁରୁବାର ଜମ୍ମୁ-କଶ୍ମୀରର ସୁରକ୍ଷା ସ୍ଥିତିକୁ ସମୀକ୍ଷା କରିଛନ୍ତି। ଗତ ସେପ୍ଟେମ୍ବର-ଅକ୍ଟୋବରରେ ଅନୁଷ୍ଠିତ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ପରେ ପ୍ରଥମ ଥର ପାଇଁ ଶାହା ଜମ୍ମୁ-କଶ୍ମୀରର ସୁରକ୍ଷା ବ୍ୟବସ୍ଥାକୁ ସମୀକ୍ଷା କରିଛନ୍ତି। ଏହି ବୈଠକରେ ଜମ୍ମୁ-କଶ୍ମୀର ଉପ ରାଜ୍ୟପାଳ ମନୋଜ ସିହ୍ନାଙ୍କ ସମେତ ଭାରତୀୟ ସେନା, ଅର୍ଦ୍ଧ ସାମରିକ ବାହିନୀ, ଗୋଇନ୍ଦା ଏଜେନ୍ସି, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ଜମ୍ମୁ-କଶ୍ମୀର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

## ଅନଶନରତ ଡାଲେୱାଲ ସଂଜ୍ଞାହୀନ

### ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ/ଚଣ୍ଡିଗଡ଼,୧୯।୧୨(ପି.ଟି.)



କୃଷକମାନଙ୍କ ବିଭିନ୍ନ ଦାବି ପୂରଣ ନିମନ୍ତେ ଆମରଣ ଅନଶନରେ ବସିଥିବା ୭୦ ବର୍ଷୀୟ କୃଷକ ନେତା ଜଗଜିତ ସିଂ ଡାଲେୱାଲ ଗୁରୁବାର ସନ୍ଧ୍ୟାରେ ଅନଶନର ୨୪ତମ ଦିନରେ ଅଚେତ ହୋଇପଡ଼ିଥିଲେ। ହରିୟାଣାର ଖାପ୍ ଚାଷୀଙ୍କୁ ସମର୍ଥନ ଦେବା ସହ ୨୯ରେ ହିସାରଠାରେ ମହାପଞ୍ଚାୟତ ଆରମ୍ଭ କରିବ ବୋଲି କହିଛି। ଜଗଜିତଙ୍କୁ ବୁଝାଶୁଝା କରି ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ସୁପ୍ରିମକୋର୍ଟ ଗୁରୁବାର ପଞ୍ଜାବ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡାଲେୱାଲ ୨୪ ଦିନ ହେଲା ଅନଶନରେ ବସିଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇ ନ ଥିବାରୁ ସର୍ବୋଚ୍ଚ ଅଦାଲତ ପଞ୍ଜାବ ସରକାରଙ୍କୁ ଭର୍ତ୍ସନା କରିଥିଲେ। ଡାଲେୱାଲଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଚାହୁଁଛୁ ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି। ନାଗରିକ ଅଧିକାର କର୍ମୀ ଶର୍ମିଳା ବିକ୍ଷୋଭ ଚଳାଇଥିବାବେଳେ ତାଙ୍କୁ ମେଡିକାଲ ପର୍ଯ୍ୟବେକ୍ଷଣରେ ରଖାଯାଇଛି। ଡାଲେୱାଲ ମେଡିକାଲ ସୁପରଭିଜନରେ ବିକ୍ଷୋଭ ଜାରି ରଖିପାରିବେ ବୋଲି ଜଷ୍ଟିସ୍ ଭୂୟାଁ କହିଛନ୍ତି। ଚେତା ହରାଇବା ପରେ ଜଗଜିତଙ୍କୁ ଅନଶନ ସ୍ଥଳରେ ଚିକିତ୍ସା ଯୋଗାଇ ଦିଆଯାଇଛି।

## ସ୍ତ୍ରୀଙ୍କୁ ନିଶା ଦେଇ ୫୦ ଜଣଙ୍କ ଦ୍ୱାରା ବଳାତ୍କାର

### ସ୍ୱାମୀଙ୍କୁ ୨୦ ବର୍ଷ ଜେଲ

ପ୍ୟାରିସ୍, ୧୯।୧୨

ଦକ୍ଷିଣ-ପୂର୍ବ ଫ୍ରାନ୍ସର ଆଭିଗ୍ନନ ସହରରୁ ଆସିଥିବା ଏକ ବଳାତ୍କାର ମାମଲା ସାରା ବିଶ୍ୱକୁ ଚକିତ କରିଛି। ଏହି ମାମଲାରେ ୫୧ ଜଣ ଅଭିଯୁକ୍ତଙ୍କୁ ଆଭିଗ୍ନନର ଏକ ଅଦାଲତ ଗୁରୁବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ମାମଲାରେ ପୀଡ଼ିତା ଗିସେଲେ ପେଲିକଟ(୭୨)ଙ୍କ ଧୈର୍ଯ୍ୟ ଏବଂ ସାହସକୁ ଚାରିଆଡ଼ୁ ପ୍ରଶଂସାର ସୁଅ ଛୁଟିଛି। ଗିସେଲେଙ୍କ ପୂର୍ବ ସ୍ୱାମୀ ଡୋମିନିକ୍ ପେଲିକଟ(୭୨) ପ୍ରାୟ ଏକ ଦଶନ୍ଧି ଧରି ତାଙ୍କୁ ବଳାତ୍କାର କରି ଆସୁଥିଲେ। ସେହିପରି ଡୋମିନିକ୍ ଗିସେଲେଙ୍କୁ ନିଶା ଦ୍ରବ୍ୟ ସେବନ କରାଇ ତାଙ୍କୁ ବେହୋସ କରାଉଥିଲେ ଓ ଏହାପରେ ସେ ଅଚିହ୍ନା ବ୍ୟକ୍ତିମାନଙ୍କ ସହ ଗିସେଲେଙ୍କ ଶରୀରକୁ ବ୍ୟବସାୟ କରୁଥିଲେ। ଅନ୍‌ଲାଇନ ମାଧ୍ୟମରେ ଉକ୍ତ ଅଚିହ୍ନା ବ୍ୟକ୍ତିମାନଙ୍କ ସହ ଡୋମିନିକ୍ ଭେଟୁଥିଲେ। ସେମାନଙ୍କଠାରୁ ଡୋମିନିକ୍ ମନ ମୁତାବକ ଅର୍ଥ ସଂଗ୍ରହ କରି ବେହୋସ ଅବସ୍ଥାରେ ଗିସେଲେଙ୍କୁ ବଳାତ୍କାର କରିବା ପାଇଁ ଅନୁମତି ପ୍ରଦାନ କରୁଥିଲେ।


ଗିସେଲେ ପେଲିକଟ

ଗୁରୁବାର ୫ ବିଚାରପତିଙ୍କ ଏକ ପ୍ୟାନେଲ ମାମଲାରେ ଡୋମିନିକଙ୍କୁ ଦୋଷୀ ସାବ୍ୟସ୍ତ କରି ତାଙ୍କୁ ୨୦ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ସେହିପରି ଗିସେଲେଙ୍କୁ ବଳାତ୍କାର କରିଥିବାରୁ ୪୭ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ବଳାତ୍କାର ଉଦ୍ୟମ ପାଇଁ ୨ ଜଣ ଏବଂ ଯୌନ ନିର୍ଯାତନା ପାଇଁ ମଧ୍ୟ ୨ ଜଣଙ୍କୁ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଡୋମିନିକ୍‌ଙ୍କୁ ଦଣ୍ଡାଦେଶ ମିଳିବା ପରେ ଅଦାଲତ ବାହାରେ ପୀଡ଼ିତା ଗିସେଲେଙ୍କ ସମର୍ଥନରେ ଅପେକ୍ଷା କରି ରହିଥିବା ବହୁ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଜନସାଧାରଣଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଥିଲା।

ତେବେ ଏହି ମାମଲାର ଶୁଣାଣି ଚାଲିଥିବାବେଳେ କୋର୍ଟରେ ଅଧିକାଂଶ ଅଭିଯୁକ୍ତ ଦୋଷ ସ୍ୱୀକାର କରି ନ ଥିଲେ। ଗିସେଲେ ଓ ଡୋମିନିକ୍‌ଙ୍କ ମଧ୍ୟରେ ସହମତି ଭିତ୍ତିରେ କୌଣସି ସେକ୍ସ ଗେମ୍ ଚାଲିଥିବା ନେଇ ସେମାନେ ଭାବିଥିଲେ ବୋଲି ଅଭିଯୁକ୍ତମାନେ କହିଥିଲେ। ତେବେ ଡୋମିନିକ୍ ନିଜ ଦୋଷ ସ୍ୱୀକାର କରି କହିଥିଲେ, କୋର୍ଟରେ ଉପସ୍ଥିତ ଅନ୍ୟ ଅଭିଯୁକ୍ତଙ୍କପରି ସେ ମଧ୍ୟ ଜଣେ ବଳାତ୍କାରୀ।

## ଫୁର୍‌ସତ୍

### ୨୦୨୫ ନଭେମ୍ବର ୨୧ରେ '୧୨୦ ବାହାଦୁର'

ମୁମ୍ବାଇ

ଅଭିନେତା ଫର୍‌ହାନ ଅଖତର ତାଙ୍କ ଆଗାମୀ ଫିଲ୍ମ '୧୨୦ ବାହାଦୁର' ପାଇଁ ପ୍ରସ୍ତୁତ ହେଉଛନ୍ତି। ଗୁରୁବାର '୧୨୦ ବାହାଦୁର'ର ଫିଲ୍ମ ନିର୍ମାତା ଏକ୍ସେଲ ଏଣ୍ଟର୍‌ଟେନ୍‌ମେଣ୍ଟ ଏବଂ ଟ୍ରିଗର୍ ହାପି ଷ୍ଟୁଡିଓ ପକ୍ଷରୁ ଏହାର ରିଲିଜ୍ ତାରିଖକୁ ଘୋଷଣା କରାଯାଇଛି। ଏହି ଚଳଚ୍ଚିତ୍ର ଆସନ୍ତାବର୍ଷ ନଭେମ୍ବର ୨୧ରେ ମୁକ୍ତିଲାଭ କରିବ। ପରମ ବୀରଚକ୍ର ମେଜର ସୈତାନ ସିଂ ଭାଟି ଓ ୧୩ କୁମାଓଁ ରେଜିମେଣ୍ଟର ସୈନିକଙ୍କ ବୀରତା ପ୍ରଦର୍ଶନକୁ ନେଇ ଏହି ଫିଲ୍ମ ଆଧାରିତ। ୧୯୬୨ ମସିହାରେ ହୋଇଥିବା ଭାରତ-ଚାଇନା ଯୁଦ୍ଧର ପୃଷ୍ଠଭୂମିକୁ ଏହି ଚଳଚ୍ଚିତ୍ର ମାଧ୍ୟମରେ ଦେଖିବାକୁ ମିଳିବ। ଗୁରୁବାର ଫର୍‌ହାନ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି। ସେ ଏହି ପୋଷ୍ଟର କ୍ୟାପ୍‌ଶନରେ ଲେଖିଛନ୍ତି, ୧୯୬୨କୁ ୬୨ ବର୍ଷ ବିତିଗଲାଣି। ସେତେବେଳେ ଭାରତୀୟ ସେନାର ଯବାନଙ୍କ ସାହସିକତା ଓ ବଳିଦାନକୁ ଦେଶବାସୀ ସର୍ବଦା ମନେରଖିବେ। '୧୨୦ ବାହାଦୁର' ଜରିଆରେ ମେଜର ସୈତାନ ସିଂ ଏବଂ ସାଥୀ ଯବାନମାନଙ୍କ ସାହସିକତା ଏବଂ ଅଦମ୍ୟ ବୀରତାକୁ ଦର୍ଶକ ହୃଦ୍‌ବୋଧ କରିପାରିବେ। ପ୍ରତିକୂଳ ସ୍ଥିତିରେ ଦେଶ ପାଇଁ ଦୃଢ଼ ଭାବରେ ଠିଆ ହୋଇଥିବା ଭାରତୀୟ ସେନାର ଏହି ଯବାନମାନଙ୍କ କାହାଣୀକୁ ଫିଲ୍ମ ମାଧ୍ୟମରେ ପୁନଃଜୀବିତ କରାଯିବ।


ଫର୍‌ହାନ ଅଖତର

### 'ବସୁଧୈବ କୁଟୁମ୍ବକମ୍ ଆଣେ ଏକତା'

#### ଅନ୍ତର୍ଜାତୀୟ ମାନବ ଏକତା ଦିବସ

ସମସ୍ତଙ୍କର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିଲେ ସମୃଦ୍ଧ ପୃଥିବୀ ଲକ୍ଷ୍ୟ ସମ୍ଭବ ହୋଇପାରିବ ଏହାଦ୍ୱାରା ବସୁଧୈବ କୁଟୁମ୍ବକମ ଲକ୍ଷ୍ୟ ପୂରଣ ହେବା ସହିତ ଲୋକଙ୍କ ମଧ୍ୟରେ ଭ୍ରାତୃତ୍ୱ ବନ୍ଧନ ସୁଦୃଢ଼ ହୋଇ ଏକତାଭାବ ବୃଦ୍ଧି ପାଇଥାଏ। ଗରିବ ଲୋକମାନଙ୍କର ବିଶ୍ୱସ୍ତରୀୟ ମୂଲ୍ୟବୋଧକୁ ଚିହ୍ନିବା ଏବଂ ବିଭିନ୍ନ ଦେଶରେ ଦାରିଦ୍ର୍ୟ ହ୍ରାସ କରିବା ବିଷୟରେ ବିକଶିତ ଦେଶଙ୍କୁ ଅବଗତ କରାଇବା ଏବଂ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଡିସେମ୍ବର ୨୦ରେ ଅନ୍ତର୍ଜାତୀୟ ମାନବ ଏକତା ଦିବସ କରାଯାଇଥାଏ। ୨୦୦୫ରେ ଜାତିସଂଘର ସାଧାରଣ ମହାସଭାରେ ଏହି ଦିବସ ପାଳନ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏକତା ପାଣ୍ଠି ଗଠନ ଏବଂ ଏହାଦ୍ୱାରା ପୃଥିବୀର ବିଭିନ୍ନ ଦେଶରୁ ଦାରିଦ୍ର୍ୟ ଦୂରୀକରଣ ଲକ୍ଷ୍ୟ ମିଳିତ ଜାତିସଂଘର ବିକାଶ କାର୍ଯ୍ୟ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ସମସ୍ତଙ୍କ ପାଇଁ ଉତ୍ତମ ଭବିଷ୍ୟତକୁ ସୁଗମ କରିବା ଲାଗି ପରିକଳ୍ପିତ ସ୍ଥାୟୀ ବିକାଶ ଲକ୍ଷ୍ୟ ମାଧ୍ୟମରେ ଦାରିଦ୍ର୍ୟ ତଥା ଅନ୍ୟାନ୍ୟ ପ୍ରତି ପ୍ରତିବନ୍ଧକ ହଟାଇବାର ଉଦ୍ୟମ ସମ୍ପର୍କରେ ଏହି ଦିବସରେ ସଚେତନତା ସୃଷ୍ଟି କରାଯାଇଥାଏ ବିବିଧତାମୟ ପୃଥିବୀର ଏକତାକୁ ପାଳନ କରିବା ଲାଗି ଜାତିସଂଘ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଏହି ଅବସରରେ ଆୟୋଜନ କରାଯାଇଥାଏ।






# ମୁଖ୍ୟମନ୍ତ୍ରୀଙ୍କ ୫ ଦିନିଆ ଦିଲ୍ଲୀ ଗସ୍ତ

ଭୁବନେଶ୍ୱର,୧୯।୧୨(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୫ ଦିନିଆ ଦିଲ୍ଲୀ ଏବଂ ରାଜସ୍ଥାନ ଗସ୍ତରେ ଯାଇଛନ୍ତି। ୨୦ ତାରିଖରେ ଦିଲ୍ଲୀରୁ ରାଜସ୍ଥାନ ଯିବେ। ସେଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ରାଜସ୍ଥାନର ଜୟସାଲମେରରେ ପ୍ରାକ୍ ବଜେଟ ପ୍ରସ୍ତୁତି ଆଲୋଚନାରେ ମୁଖ୍ୟମନ୍ତ୍ରୀ ଭାଗନେବେ। ମୁଖ୍ୟମନ୍ତ୍ରୀ ୧୯, ୨୦ ଓ ୨୧ ତାରିଖ ରାଜସ୍ଥାନରେ ରହିବାର କାର୍ଯ୍ୟକ୍ରମ ରହିଛି। ତେବେ ୨୧, ୨୨ ଓ ୨୩ ତାରିଖରେ ଦିଲ୍ଲୀରେ ରହିବେ ବୋଲି ଜଣାପଡ଼ିଛି। ଏହି ଗସ୍ତ ସମୟରେ ଦିଲ୍ଲୀରେ ଆୟୋଜିତ ୫୫ତମ ଜିଏସ୍‌ଟି ବୈଠକରେ ମୁଖ୍ୟମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ମୁଖ୍ୟମନ୍ତ୍ରୀ କେତେକ କେନ୍ଦ୍ରମନ୍ତ୍ରୀ ଏବଂ ଦଳର ବରିଷ୍ଠ ନେତାଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଡିସେମ୍ବର ୨୩ ତାରିଖରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଫେରିଆସିବାର କାର୍ଯ୍ୟକ୍ରମ ରହିଛି।

# ଫାୟାରିଂ ଅଭ୍ୟାସ ବେଳେ ଓଡ଼ିଆ ଯବାନ ମୃତ


ଈଶ୍ୱର ତଲିଆ

ବୈପାରିଗୁଡ଼ା,୧୯।୧୨ (କଳ୍ପତରୁ ମହାନ୍ତି)

ରାଜସ୍ଥାନ ପୋଖରାନରେ ଫାୟାରିଂ ଅଭ୍ୟାସ ବେଳେ ଟ୍ୟାଙ୍କ୍‌ରେ ବିସ୍ଫୋରଣ ଘଟି ଜଣେ ଓଡ଼ିଆ ଯବାନ ଶହୀଦ ହୋଇଛନ୍ତି। ସେ ହେଲେ କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅନ୍ତର୍ଗତ କେନ୍ଦୁଗୁଡ଼ା ପଞ୍ଚାୟତ ବଡ଼ାଗୁଡ଼ା ଗ୍ରାମର ଈଶ୍ୱର ତଲିଆ(୩୪)। ସେ ୪୬ ଆର୍ମି ଆର୍ମଡରେଜିମେଣ୍ଟ ଜମ୍ମୁ ଅଧୀନରେ ନିୟୋଜିତ ହୋଇଥିଲେ। ଫାୟାରିଂ ଅଭ୍ୟାସ ପାଇଁ ସେ ରାଜସ୍ଥାନ ପୋଖରାନକୁ ଯାଇଥିଲେ। ବୁଧବାର ସକାଳେ ଫାୟାରିଂ ଅଭ୍ୟାସ ଚାଲୁଥିବା ବେଳେ ଟ୍ୟାଙ୍କ୍‌ରେ ବିସ୍ଫୋରଣ ହୋଇଥିଲା। ଘଟଣାସ୍ଥଳରେ ଉତ୍ତରପ୍ରଦେଶର ଏସ୍‌ଡିଏମ୍ ଆଶୁତୋଷ ମିଶ୍ର ଓ ଆନ୍ଧ୍ର ପ୍ରଦେଶର ଏଲ୍‌ଡି ଜିତେନ୍ଦ୍ର କୁମାର ଶହୀଦ ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଈଶ୍ୱରଙ୍କୁ ଚଣ୍ଡିଗଡ଼ ଆର୍ମି ହସ୍ପିଟାଲକୁ ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଶୁକ୍ରବାର ଈଶ୍ୱରଙ୍କ ମୃତଦେହ ପହଞ୍ଚିବା ନେଇ ପରିବାର ପକ୍ଷରୁ ସୂଚନା ରହିଛି। ଈଶ୍ୱରଙ୍କ ମୃତ୍ୟୁ ଖବର ପାଇବା ପରେ ଗ୍ରାମରେ ଶୋକ ପ୍ରକାଶ ପାଇଛି।

# ୨ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ଶାହା

ଭୁବନେଶ୍ୱର, ୧୯।୧୨(ସୁନିତ୍ ମିଶ୍ର)

ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ଭାଜପା ବରିଷ୍ଠ ନେତା ଅମିତ ଶାହା ଆସନ୍ତା ୨୮, ୨୯ କିମ୍ବା ୩୦ ତାରିଖ ଭିତରେ ୨ଦିନିଆ ଓଡ଼ିଶା ଗସ୍ତରେ ଆସିପାରନ୍ତି। ଏହି ୩ଟି ତାରିଖ ଭିତରକୁ ଶାହା କୌଣସି ୨ଦିନ ଓଡ଼ିଶା ଆସିବେ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ମନମୋହନ କହିଛନ୍ତି, ବିଧାୟକମାନଙ୍କ ଟ୍ରେନିଂ କାର୍ଯ୍ୟକ୍ରମରେ ସେ ଯୋଗଦେବେ। ଏହାସହ ସମ୍ବଲପୁର ମଧ୍ୟ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ତେବେ ଶାହା ବାସ୍ତବରେ କେଉଁ ୨ ଦିନ ଲାଗି ଆସିବେ, ସମ୍ବଲପୁରଠାରେ କେଉଁ କାର୍ଯ୍ୟକ୍ରମରେ ଯୋଗଦେବେ ସେନେଇ କିଛି ସ୍ପଷ୍ଟ ସୂଚନା ଏ ପର୍ଯ୍ୟନ୍ତ ମିଳିନାହିଁ।

# ସାନ୍ତାଳି ନାଟକ ପାଇଁ ମହେଶ୍ୱର ସୋରେନ୍ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

ଭୁବନେଶ୍ୱର,୧୯।୧୨ (ସୌମ୍ୟରଞ୍ଜନ ରାଉତ)

ଚଳିତବର୍ଷ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ଦୁଇଜଣ ଓଡ଼ିଆ ମନୋନୀତ ହୋଇଛନ୍ତି। ଓଡ଼ିଆ ଭାଷାରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ତାଙ୍କ ପ୍ରବନ୍ଧ ପୁସ୍ତକ 'ଭୂତି ଭକ୍ତି ବିଭୂତି' ପାଇଁ ମନୋନୀତ ହୋଇଥିବାବେଳେ ସାନ୍ତାଳୀ ଭାଷାରେ ସାହିତ୍ୟିକ ତଥା ଫାର୍ମାସିଷ୍ଟ ମହେଶ୍ୱର ସୋରେନ୍ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବେ ବୋଲି ଘୋଷଣା କରାଯାଇଛି। ୪୪ବର୍ଷୀୟ ସୋରେନ ସାନ୍ତାଳୀ ଭାଷାରେ ଲେଖିଥିବା ନାଟକ ପୁସ୍ତକ 'ସେଚେଡ ସାୱ୍ନ୍ତା ରେନ୍ ଅନ୍ଧା ମାନ୍‌ମୀ' (ଶିକ୍ଷିତ ସମାଜର ଅନ୍ଧମାନେ) ପାଇଁ ଏହି ଜାତୀୟ ପୁରସ୍କାର ପାଇବେ। ସେ ୧୯୮୦ ମସିହାରେ ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଜାମୁଡିଆ ଗ୍ରାମରେ ଜନ୍ମଗ୍ରହଣ


ମହେଶ୍ୱର ସୋରେନ୍


ନାଟକ ପୁସ୍ତକ 'ସେଚେଡ ସାୱ୍ନ୍ତା ରେନ୍ ଅନ୍ଧା ମାନ୍‌ମୀ'

କରିଥିଲେ। ବର୍ତ୍ତମାନ ସେ କଟକ ଜିଲା ମାହାଙ୍ଗା ବ୍ଲକ୍ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ସହ ସାନ୍ତାଳୀ ଭାଷା ସାହିତ୍ୟରେ ସାଧନା ଜାରି ରଖିଛନ୍ତି। ସେ ୪ଟି ପୁସ୍ତକ ଏବଂ ୨ଟି ଫିଲ୍ମର କାହାଣୀ ମଧ୍ୟ ଲେଖିଛନ୍ତି। ଏଥିମଧ୍ୟରେ ରହିଛି କବିତା ପୁସ୍ତକ 'ଶିକାରିଆ', ନାଟ୍ୟ ପୁସ୍ତକ 'ମୋନେ କୋୱାଗ ଧରମ୍ ଦହର' ଓ ପୁରାଣ ପୁସ୍ତକ 'କାରାମ ବିନ୍‌ତି' ରହିଥିବାବେଳେ ୨ ଫିଲ୍ମ ହେଉଛି 'ଦୁଲାର ମାୟା' ଓ 'ଧରମ ଦରବାର'। ତେବେ କେନ୍ଦ୍ର ଏକାଡେମୀ ପକ୍ଷରୁ ପୁରସ୍କାର ପାଇଁ ତାଙ୍କ ନାମ ଘୋଷଣା ହେବା ପରେ ସେ ଭାବବିହ୍ୱଳ ହୋଇପଡିଥିଲେ। ଏତେ କମ୍ ବୟସରେ ଏତେ ବଡ଼ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ଶୁଣି ଖୁସି ଲାଗୁଛି। ସାନ୍ତାଳୀ ଭାଷାକୁ ଆଗକୁ ନେବାକୁ ଆହୁରି ଅଧିକ ଦାୟିତ୍ୱବାନ୍ ହେବି ବୋଲି ସେ କହିଛନ୍ତି।

# ଓଡ଼ିଶାରେ ନିର୍ମାଣ ହେବ ୧୧୦ ରୋଡ୍ ଓଭରବ୍ରିଜ୍

ଭୁବନେଶ୍ୱର,୧୯।୧୨ (ଅନୁରାଧା ମହାରଣା)

ଭିତ୍ତିଭୂମି ତଥା ଜନସାଧାରଣଙ୍କ ନିରାପତ୍ତାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛନ୍ତି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ। ରେଳପଥ (ସଂଶୋଧନ) ଅଧିନିୟମ ୨୦୦୮ ଅନୁଯାୟୀ ୧୭୦ଟି ରୋଡ୍ ଓଭର ବ୍ରିଜ (ଆର୍‌ଓବି) ନିର୍ମାଣ ପ୍ରକଳ୍ପକୁ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଭାବରେ ଅନୁମୋଦନ ଦେଇଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରୁ ୧୧୦ଟି ଓଡ଼ିଶାରେ ଥିବାବେଳେ ୬୦ଟି ପ୍ରକଳ୍ପ ଆନ୍ଧ୍ରପ୍ରଦେଶରେ ରହିଛି। ଏଥିପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ସହ ପ୍ରକଳ୍ପଗୁଡ଼ିକୁ ସ୍ୱତନ୍ତ୍ର ରେଳ



ପ୍ରକଳ୍ପ ଭାବରେ ଡିଜାଇନ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ରୋଡ୍ ଓଭର ବ୍ରିଜ (ଆରଓବି)ଗୁଡ଼ିକ ରେଳ ଭିତ୍ତିଭୂମିରେ ଉନ୍ନତି ଆଣିବା ସହ ଉଭୟ ସଡ଼କ ଏବଂ ରେଳଯାତ୍ରୀଙ୍କ ସୁରକ୍ଷା ତଥା ସୁବିଧାକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଲେଭଲ କ୍ରସିଂଗୁଡ଼ିକ ବିଲୋପ କରିବା ଦ୍ୱାରା ଦୁର୍ଘଟଣା ଆଶଙ୍କା ହ୍ରାସ ପାଇବ, ଟ୍ରାଫିକ ପ୍ରବାହକୁ ସୁଗମ କରିବାରେ ସହାୟକ ହେବ ଏବଂ ଟ୍ରେନ ଚଳାଚଳର ଉନ୍ନତ ଗତିଶୀଳତା ସୁନିଶ୍ଚିତ କରିବ। ଏହି ପ୍ରକଳ୍ପଗୁଡ଼ିକ ଲେଭଲ କ୍ରସିଂ ଗେଟ୍‌ଗୁଡ଼ିକରେ ଟ୍ରାଫିକ ସମସ୍ୟାକୁ ହ୍ରାସ କରି ସମଗ୍ର ଅଞ୍ଚଳରେ ନିରନ୍ତର ସଂଯୋଗକୁ ପ୍ରୋତ୍ସାହିତ କରିବ ବୋଲି କୁହାଯାଇଛି।

# ଶିମିଳିପାଳକୁ ସୁରକ୍ଷା ଦେବେ ସ୍ଥାୟୀ ସଶସ୍ତ୍ର ପୋଲିସ

## ୧ କମ୍ପାନୀ ଫୋର୍ସ ନିୟୋଜନ ଦେଶର ପ୍ରଥମ ଘଟଣା ହେବ

ବାରିପଦା,୧୯।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ସୁରକ୍ଷା ନିମନ୍ତେ ସଶସ୍ତ୍ର ପୋଲିସ ବାହିନୀକୁ ସ୍ଥାୟୀ ଭାବେ ନିଯୁକ୍ତି ଦିଆଯିବ। ଗୋଟିଏ କମ୍ପାନୀ ଅର୍ଥାତ୍ ୧୩୧ ଜଣିଆ ଏକ ସମର୍ପିତ ସଶସ୍ତ୍ର ବା ଡେଡିକେଟେଡ୍ ଆର୍ମଡ ପୋଲିସ ରିଜର୍ଭ ଫୋର୍ସ ଗଠନ କରାଯିବ। ଏ ନେଇ ଗୃହ ସଚିବ ସତ୍ୟବ୍ରତ ସାହୁ ଚିଠି ମାଧ୍ୟମରେ ଆକାଉଣ୍ଟ ଜେନେରାଲଙ୍କୁ ଅବଗତ କରିବା ସହ ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ପଠାଇଛନ୍ତି। ଏଥିନିମନ୍ତେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭହେବାକୁ ଯାଉଛି। ଏହି ସଶସ୍ତ୍ର ବାହିନୀରେ ଜଣେ କମାଣ୍ଡାଣ୍ଟ, ଜଣେ ଇନ୍ସପେକ୍ଟର, ୩ ଜଣ ସବ୍ ଇନ୍ସପେକ୍ଟର, ୩ ଜଣ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର, ୩୦ ଜଣ ହାବିଲଦାର, ୩ ଜଣ ଡ୍ରାଇଭର ହାବିଲଦାର, ୮୪ ଜଣ ସିପାହି ଓ ୩ ଜଣ ଡ୍ରାଇଭର ରହିବେ। ଏହି ବାହିନୀ ଦାୟିତ୍ୱରେ ମୟୂରଭଞ୍ଜ ଏସ୍‌ପି ରହିବେ ବୋଲି ସ୍ପଷ୍ଟ କରାଯାଇଛି। କମ୍ପାନୀର ସମସ୍ତ ଖର୍ଚ୍ଚ ଜଙ୍ଗଲ ଓ ପରିବେଶ ବିଭାଗ ବହନ କରିବ। ଶିମିଳିପାଳର କ୍ଷେତ୍ର ନିର୍ଦ୍ଦେଶକଙ୍କ ପରିଚାଳନାରେ ସଶସ୍ତ୍ର ସୁରକ୍ଷା ବାହିନୀ କାର୍ଯ୍ୟ କରିବ। ତେବେ କୌଣସି ଅଭୟାରଣ୍ୟ ସୁରକ୍ଷା ପାଇଁ ଗୋଟିଏ କମ୍ପାନୀ ଆର୍ମଡ ପୋଲିସ ଫୋର୍ସ ନିୟୋଜନ ବ୍ୟବସ୍ଥା ଦେଶର ପ୍ରଥମ ଘଟଣା




ହେବ ବୋଲି କୁହାଯାଇଛି।

ସୂଚନା ଥାଉକି, କିଛି ମାସ ତଳେ ଶିକାରୀଙ୍କ ଗୁଳିରେ ୨ ବନ କର୍ମଚାରୀ ବିମଳ ଜେନା ଓ ମାଥି ହାଁସଦାଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ତତ୍କାଳୀନ ରାଜ୍ୟ ସରକାରଙ୍କ ପକ୍ଷରୁ ପୋଲିସ ଓ ବନ କର୍ମଚାରୀଙ୍କୁ ନେଇ ଯୁଗ୍ମ ଟାସ୍କ ଫୋର୍ସ (ଜେଟିଏଫ୍) ଗଠନ କରାଯାଇ ଶହେ ଜଣିଆ ପୋଲିସ ବାହିନୀ ମୁତୟନ କରାଯାଇଥିଲା। ଏହା ପରେ ସର୍ଚ୍ଚ ଅପରେଶନ ଜାରି କରାଯାଇ ୧୦୦୦ରୁ ଊର୍ଦ୍ଧ୍ୱ ବନ୍ଧୁକ, ମାରଣାସ୍ତ୍ର ଜବତ ସହ ଅନେକ ଶିକାରୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଶିମିଳିପାଳ ସଂଲଗ୍ନ ଥାନା ଅଞ୍ଚଳରେ ସର୍ଚ୍ଚ ଅପରେଶନ କରାଯାଇ ୨୫୯ଟି ଦେଶୀ ବନ୍ଧୁକ ଜବତ କରାଯାଇଥିବା ବେଳେ ୯୪ଟି ମାମଲା ରୁଜୁ ହୋଇଥିଲା। ସେହିପରି ଶିମିଳିପାଳ ବନ ବିଭାଗ ପକ୍ଷରୁ ୨୦୨୧,୨୦୨୨ ଓ ୨୦୨୩କୁ ମିଶାଇ ୩ ବର୍ଷରେ ମୋଟ ୪୫୦ ଦେଶୀ ବନ୍ଧୁକ ଜବତ କରାଯାଇଥିବା ବେଳେ ଅଦ୍ୟାବଧି ୬୦୦ ପାଖାପାଖି ବନ୍ଧୁକ ଜବତ କରାଯାଇଥିବା ନେଇ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ପ୍ରକାଶ କରିଛନ୍ତି। ତେବେ ଜୁନ୍ ୧୮ରେ ବାଲେଶ୍ୱର ସହରରେ କର୍ଫ୍ୟୁ ଜାରି ସମୟରେ ଶିମିଳିପାଳରେ ନିୟୋଜିତ ଟାସ୍କଫୋର୍ସକୁ ପ୍ରତ୍ୟାହାର କରିନିଆଯିବାରୁ ୬ମାସ ଧରି ସର୍ଚ୍ଚ ଅପରେଶନ ବନ୍ଦ ରହିଛି। ଏପରିକି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବାଘ ସୁରକ୍ଷାରେ ମାତ୍ର ୩୫ ଜଣ ଶିମିଳିପାଳ ଟାଇଗର ଫୋର୍ସ (ଏସ୍‌ଟିଏଫ୍) ରହିଥିବା ନେଇ ରାଜ୍ୟ ସଭା ସଦସ୍ୟ ଡ.ସସ୍ମିତ ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ଉତ୍ତର ରଖିଥିଲେ।

ବନ କର୍ମଚାରୀଙ୍କ ମୃତ୍ୟୁ ପରେ ଗୃହ ସଚିବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ୨୦୨୩ ଜୁନ୍ ୨୨ରେ କରାଯାଇ ଶିମିଳିପାଳ ସୁରକ୍ଷାରେ ମିଳିତ ଭାବେ ସଶସ୍ତ୍ର ପୋଲିସ ସୁରକ୍ଷା ବଳ ନିୟୋଜିତ କରିବାକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ଚିଠି (ନଂ.୧୩୧୬୧/ ୨୩।୬। ୨୦୨୩)ରେ ଅବଗତ କରାଯାଇଥିଲା। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୨୦୨୩ ଅଗଷ୍ଟ ୧ରେ ନୋଟିଫିକେଶନ କରାଯାଇ ରାଜ୍ୟ ପୋଲିସ ମୁଖ୍ୟାଳୟକୁ ପ୍ରସ୍ତାବ ଦିଆଯାଇଥିଲା। ପୋଲିସ ନିୟୋଜନରେ ବିଳମ୍ବକୁ ନେଇ ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ବାରମ୍ବାର ପୋଲିସ ମହାନିର୍ଦ୍ଦେଶକଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଥିଲା। ତେବେ ଶିମିଳିପାଳ ସୁରକ୍ଷା ଦିଗରେ ଆର୍ମଡ ପୋଲିସ ରିଜର୍ଭ ଫୋର୍ସ ନିୟୋଜନକୁ ନେଇ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ଜିଲାବାସୀ ପ୍ରଶଂସା କରିଛନ୍ତି।

# ନୂଆବର୍ଷରୁ ନାଟମଣ୍ଡପରେ ୬ଥାକିଆ ଦର୍ଶନ ବ୍ୟବସ୍ଥା

ପୁରୀ,୧୯।୧୨(ଅଜିତ କୁମାର ମହାନ୍ତି)

ରାଜ୍ୟ ସରକାରଙ୍କ ଫୋକସ୍‌ରେ ଏବେ ଶ୍ରୀମନ୍ଦିର। ୪ ଦ୍ୱାର ଓ ରତ୍ନଭଣ୍ଡାର ଖୋଲିବା ପରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନେଇ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ନୂଆବର୍ଷରୁ ଶ୍ରୀମନ୍ଦିର ନାଟମଣ୍ଡପରେ ଲାଗୁ ହେବାକୁ ଯାଉଛି ନୂତନ ୬ ଥାକିଆ ଦର୍ଶନ ବ୍ୟବସ୍ଥା। ଫଳରେ ଭକ୍ତ ଆଉ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହେବେନାହିଁ। ଶ୍ରୀମନ୍ଦିର ଭିତରେ କ୍ରାଉଡ୍ ମ୍ୟାନେଜମେଣ୍ଟ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଅଣ୍ଟା ଭିଡ଼ିଛି। ନାଟମଣ୍ଡପରେ ୬ଥାକିଆ ଦର୍ଶନ ବ୍ୟବସ୍ଥାକୁ ଭକ୍ତ ଓ ସେବାୟତ ସ୍ୱାଗତ କରିଛନ୍ତି। ଏପରି ବ୍ୟବସ୍ଥା ଫଳରେ ମହାପ୍ରଭୁଙ୍କ ସ୍ପଷ୍ଟ ଦର୍ଶନ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି। ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପରେ ଭକ୍ତଙ୍କ ଗହଳିକୁ ଶ୍ରୀମନ୍ଦିର ଭିତରେ ନିୟନ୍ତ୍ରିତ କରିବା କାଠିକର ପାଠ ହେଉଛି। ଭିତରବେଢ଼ାରୁ ନାଟମଣ୍ଡପକୁ ଯିବା ପାଇଁ ସାତ ପାହାଚ ଦ୍ୱାର ହିଁ ଏକମାତ୍ର ପ୍ରବେଶ ରାସ୍ତା ପୂର୍ବବତ ରହିଛି। ଏହାର ସେଭଳି ବିକଳ୍ପ ମଧ୍ୟ ନାହିଁ। ତେଣୁ ନାଟମଣ୍ଡପରେ ଦର୍ଶନ ଶୃଙ୍ଖଳା ପାଇଁ ନୂଆ କ୍ରାଉଡ ମ୍ୟାନେଜମେଣ୍ଟ ଆପଣାଇବାକୁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ଏକ ନୂଆ ମାନବ ଶୃଙ୍ଖଳ ସହ ଏକ ନିୟନ୍ତ୍ରିତ ଦର୍ଶନ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛି ଶ୍ରୀମନ୍ଦିର ପ୍ରଶାସନ। ଫଳରେ ବାହାରକାଠ ଠାରୁ ଗରୁଡ଼ସ୍ତମ୍ଭ ମଧ୍ୟରେ ଷ୍ଟେପ୍ ଓ ର୍‍ୟାମ୍ପ୍ ବ୍ୟବସ୍ଥା ଲାଗୁ ହେବ।

# ଦେଶର ସବୁ ଯୋଗିନୀ ପୀଠରେ ହେବ ଚଉଷଠି ଯୋଗିନୀ ମହୋତ୍ସବ

- ଅଭିନେତ୍ରୀ ତ୍ରିପୁରା ମିଶ୍ର ପାଇବେ ଜୀବନବ୍ୟାପୀ ସାଧନା ପୁରସ୍କାର
- ଚଳିତ ବର୍ଷ ଉତ୍କଳ ମଣ୍ଡପରେ ହେବ ମହୋତ୍ସବ

ଭୁବନେଶ୍ୱର,୧୯।୧୨ (ସୁଚିସ୍ମିତା ସାହୁ)

ସାରା ଭାରତ ଦେଖିବ ଓଡ଼ିଶାର ପ୍ରସିଦ୍ଧ ଚଉଷଠି ଯୋଗିନୀ ମହୋତ୍ସବ। ଆସନ୍ତା ବର୍ଷଠାରୁ ଓଡ଼ିଶାରେ ଥିବା ସମସ୍ତ ଯୋଗିନୀ ପୀଠ ସମେତ ବାହାର ରାଜ୍ୟର ଦେବୀ ପୀଠରେ ଚଉଷଠି ଯୋଗିନୀ ମହୋତ୍ସବର ଆୟୋଜନ କରାଯିବ। ଏ ସମ୍ପର୍କରେ ନୃତ୍ୟ ପ୍ରତିଭା ଅନୁଷ୍ଠାନର ସମ୍ପାଦିକା ଗୁରୁ ପ୍ରତିଭା ପଣ୍ଡା ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ଚଳିତବର୍ଷ ଅଷ୍ଟାଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଉତ୍କଳ ମଣ୍ଡପରେ




ଅନୁଷ୍ଠିତ ହେବ। ପ୍ରଖ୍ୟାତ ନୃତ୍ୟ ଓ ସଙ୍ଗୀତ ଅନୁଷ୍ଠାନ ଦ୍ୱାରା ଓଡ଼ିଶୀ ନୃତ୍ୟ, ପଶୁମୁଖା ନୃତ୍ୟ, ଛଉନୃତ୍ୟ, ବଣ୍ଡା ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଭାରତନାଟ୍ୟମ୍ ଆଦି ନୃତ୍ୟ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିବ। ଏଥିସହ ବାବୁ ପାଣିଗ୍ରାହୀଙ୍କ କଣ୍ଠସଙ୍ଗୀତ, ତାଳବାଦ୍ୟ, ପ୍ରହ୍ଲାଦ ନାଟକ ଇତ୍ୟାଦି ପରିବେଷଣ କରାଯିବ। ଏହି ଅବସରରେ 'ଚଉଷଠି ଯୋଗିନୀ ସାହିତ୍ୟ ସମ୍ମାନ'ରେ କବି ଡ. ଫନୀ ମହାନ୍ତି, 'ଚଉଷଠି ଯୋଗିନୀ ନୃତ୍ୟ ସମ୍ମାନ'ରେ ପାର୍ଥସାରଥି ପାଣିଗ୍ରାହୀ ଓ 'ଚଉଷଠି ଯୋଗିନୀ ସଙ୍ଗୀତ ସମ୍ମାନ'ରେ ନୃତ୍ୟଗୁରୁ ନିରଞ୍ଜନ ରାଉତଙ୍କୁ ସମ୍ମାନିତ କରାଯିବ। ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ ତ୍ରିପୁରା ମିଶ୍ରଙ୍କୁ 'ଜୀବନବ୍ୟାପୀ ସାଧନା ପୁରସ୍କାର' ପ୍ରଦାନ କରାଯିବ। ଏହି ଅବସରରେ ରହସ୍ୟମୟ ଯୋଗିନୀ ପୀଠ ଓ ତା'ର ରହସ୍ୟମୟ ପରମ୍ପରା ସମ୍ପର୍କିତ ଏକ ପାଠଚକ୍ର ଡ. ଆଦ୍ୟାଶା ଦାସ ଏବଂ ଡ. ସଙ୍ଗୀତା ଗୋସାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ଏହି ଖବରଦାତା ସମ୍ମିଳନୀରେ ସଭାପତି ଡ. ରଜନୀ ରଞ୍ଜନ, ଉପସଭାପତି ବଙ୍କିମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।







# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ରାସ୍ତାରୋକୋ ଓ ବିକ୍ଷୋଭ, ସ୍ଥାନ: ରାଜମହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ସରଗିଫୁଲ ଉତ୍ସବ, ସ୍ଥାନ: ଆଦିବାସୀ ମେଳା ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ୟୁନିସେଫ ପକ୍ଷରୁ ଷ୍ଟେଟ ଲେଭଲ କପ୍ ୨୯ ଡିସେମିନେଶନ ମିଟିଂ, ସ୍ଥାନ: ପ୍ରେସ୍ କ୍ଲବ, ସମୟ: ଅପରାହ୍ନ ୩ଟା।
- ସରସ୍ୱତୀ ଶିକ୍ଷା ମନ୍ଦିରର ୨୦ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ, ସ୍ଥାନ: ଶ୍ରୀଜୟଦେବ କଲେଜ ଖେଳପଡ଼ିଆ, ନହରକଣ୍ଟା, ସମୟ: ଅପରାହ୍ନ ୩ଟା।
- ୪୨ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ ସମାରୋହ, ସ୍ଥାନ: ବାଲିଅନ୍ତା ବ୍ଲକର ବେଣ୍ଟପୁରସ୍ଥିତ ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା ୩୦।
- ଜୟଦେବ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟବିଂଶତମ ବାର୍ଷିକୋତ୍ସବ, ସ୍ଥାନ: ରେଲ୍‌ୱେ ଅଡିଟୋରିୟମ୍, ସମୟ: ଅପରାହ୍ନ ୪ଟା।
- ବିଜେଇଏମ୍ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ଏମ୍–୧୫, ବିଜେବି ନଗର, ସମୟ: ଅପରାହ୍ନ ୪ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତ୍ରିଂଶତମ ବାର୍ଷିକୋତ୍ସବ, ସ୍ଥାନ: ବଡ଼ଗଡ଼ ବ୍ରୀଟ୍ କଲୋନୀ, ସମୟ: ଅପରାହ୍ନ ୫ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଭୀମଟାଙ୍ଗୀ, ସମୟ: ଅପରାହ୍ନ ୫ଟା।
- ସେଣ୍ଟ ଜାଭିୟର୍ସ ହାଇସ୍କୁଲର ୧୮ତମ ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, କେଦାରଗୌରୀ ରୋଡ଼, ସମୟ: ଅପରାହ୍ନ ୫ଟା ୩୦।
- ନୃତ୍ୟାମ୍ରା ପକ୍ଷରୁ 'ପରମ ବ୍ରହ୍ମ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଗୁରୁ ଦେବପ୍ରସାଦ ନୃତ୍ୟଧାରା ପକ୍ଷରୁ 'ପ୍ରତିଧ୍ୱନି', ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ବିଶେଶ୍ୱର ପାଲା ମଣ୍ଡଳର ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ଟାଙ୍ଗୀ–ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ ଅଙ୍ଗଦରାଡିହ ଗ୍ରାମ ସମ୍ମିଳନୀ ସ୍ଥଳ, ସମୟ: ଅପରାହ୍ନ ୪ଟା।

## ପୁରୀ
- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ୪୧ତମ ଜିଲାସ୍ତରୀୟ ଶିଶୁ ଉତ୍ସବ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଏସ୍‌ଏସ୍‌ଡି, କୋଣାର୍କ, ସମୟ: ଅପରାହ୍ନ ୨ଟା।

## ଖୋର୍ଦ୍ଧା
- ଶିଶୁ ଶିକ୍ଷା ନିକେତନର ବାର୍ଷିକ ସାଂସ୍କୃତିକ ଏବଂ ପ୍ରଦର୍ଶନୀ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଟାଉନ ହଲ୍ ପଛପାଖ, ଜଟଣୀ, ସମୟ: ସକାଳ ୮ଟା ୩୦।

## ବାଲେଶ୍ୱର
- ୫ ଦିନ ବ୍ୟାପୀ ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ବିଜୟ କୁମାର ଏକାଡେମୀ, ସୋହରିଆ, ଭୋଗରାଇ, ସମୟ: ସକାଳ ୯ଟା।
- ୨୪ ତମ ବାର୍ଷିକ ଆଥଲେଟିକ ମିଟ ଉଦ୍‌ଯାପନୀ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ସମୟ: ପୂର୍ବାହ୍ନ ୧୦ଟା।
- ଯୁକ୍ତ ୩ ନାଟ୍ୟ ସଂସଦର ପ୍ରତିଯୋଗିତା ଉତ୍ସବ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ପୂର୍ବାହ୍ନ ୧୧ଟା।
- ରାହୁଲଙ୍କ ବିରୋଧରେ ପ୍ରତିବାଦ ସଭା ଓ କୁଶପୁତ୍ତଳିକା ଦାହ, ସ୍ଥାନ: ଗାନ୍ଧୀ ଛକ, ବସ୍ତା, ସମୟ: ଅପରାହ୍ନ ୪ଟା।

## ଭଦ୍ରକ
- ମିରାକିଲ ପବ୍ଲିକ ସ୍କୁଲ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ମା' ଆଙ୍ଖୁଡ଼େଶ୍ୱରୀ ପଡ଼ିଆ, ବାସୁଦେବପୁର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଆଶାକର୍ମୀ ସମ୍ମିଳନୀ, ସ୍ଥାନ: ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଭାତୃତ୍ୱ ଦିବ୍ୟାତ୍ମା ପରିଷଦ ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ ପକ୍ଷରୁ ଦିବ୍ୟ ପ୍ରବଚନ ଓ ସତ୍‌ସଙ୍ଗ ଉତ୍ସବ, ସ୍ଥାନ: କୋଣାର୍କ ବରଫ କାରଖାନା ପାଖ ପଡ଼ିଆ, ବାସୁଦେବପୁର, ସମୟ: ଅପରାହ୍ନ ୫ ଟା।

## କେନ୍ଦୁଝର
- ସମବାୟ ସମିତି ତରଫରୁ ଧାନମଣ୍ଡି ଉଦ୍‌ଘାଟନ, ସ୍ଥାନ: ଡ଼ୁଅଁର, ହାଟଡ଼ିହୀ, ସମୟ : ସକାଳ ୮ଟା।
- ରବୀନ୍ଦ୍ର ବିଦ୍ୟା ନିକେତନର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ, ଶଙ୍କରପୁର, କେନ୍ଦୁଝର, ସମୟ: ସକାଳ ୯ଟା।
- କନ୍ୟା ଶିବିର, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟାରୁ ଅପରାହ୍ନ ୪ ଟା।

## ମୟୂରଭଞ୍ଜ
- ଫୁଡ୍ କମିଶନଙ୍କ କ୍ଷେତ୍ର ପ୍ରଦର୍ଶନ, ସ୍ଥାନ: ଶାମାଖୁଣ୍ଟା ବ୍ଲକ ଅଞ୍ଚଳ,ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ କ୍ରୀଡ଼ାର ଉଦ୍‌ଯାପନୀ ସମାରୋହ, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଦୁର୍ଗାପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ପୁସ୍ତକ ମେଳାର ଶୁଭ ଉଦ୍‌ଘାଟନ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ:ସନ୍ଧ୍ୟା ୬ଟା।

## ବ୍ରହ୍ମପୁର
- ମହାନଗର ନିଗମ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ, ସ୍ଥାନ: ମାନସ ଭବନ, ସମୟ: ଅପରାହ୍ନ ୪ଟା।

## କନ୍ଧମାଳ
- ବାର୍ଷିକ ଉତ୍ସବ ତଥା ପ୍ରାରମ୍ଭ–୨୦୨୪, ସ୍ଥାନ: ଓଡିଶା ଆଦର୍ଶ ବିଦ୍ୟାଳୟ (ଦାରିଙ୍ଗବାଡି), ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାକ ଖ୍ରୀଷ୍ଟ ଜୟନ୍ତୀ, ସ୍ଥାନ: ବ୍ରାହ୍ମଣୀଗାଁ କ୍ୟାଥ୍‌ଲିକ ଚର୍ଚ୍ଚ ପରିସର,ସମୟ: ଅପରାହ୍ନ ୩ଟା ୪୫।

## ଢେଙ୍କାନାଳ
- ଶ୍ରୀଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିରର ୧୦ ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ–କାମାକ୍ଷାନଗର ବିଦ୍ୟାଳୟ ପ୍ରାଙ୍ଗଣ, ସମୟ: ସକାଳ ୭ ଟା ୩୦।
- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୦ ତମ ବାର୍ଷିକ ଉତ୍ସବ, ସ୍ଥାନ: କାମାକ୍ଷାନଗର ଷ୍ଟାଡିୟମ ଅଡିଟୋରିଅମ ହଲ, ସମୟ: ସକାଳ ୯ଟା ୩୦।
- ଓଷ୍ଟା ପକ୍ଷରୁ ୪୧ତମ ଜିଲାସ୍ତରୀୟ ଶିଶୁ ଉତ୍ସବ, ସ୍ଥାନ: ଢେଙ୍କାନାଳ ଲକ୍ଷ୍ମୀଧର ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ
- ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡ଼ିଆ, ସମୟ: ସକାଳ ୯ ଟା।

## ଜଗତ୍‌ସିଂହପୁର
- ଜଗନ୍ନାଥ ଟ୍ରକ୍ ମାଲିକ ସଂଘର ବନ୍ଧୁ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ଗଲ୍ଫ ପଡ଼ିଆ, ବଡ଼ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଏଏମ୍‌ଏନଏସ୍ କମ୍ପାନୀ ଉଡ଼ାନ କାର୍ଯ୍ୟକ୍ରମ ଅଧୀନ ଦିବାରାତ୍ର କ୍ରିକେଟ ଲିଗ୍‌ର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପଗଡ଼, ଶ୍ରୀମା ସରକାରୀ ବିଦ୍ୟାଳୟ ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ଧନୁଯାତ୍ରା ମହୋତ୍ସବ, ସ୍ଥାନ: କନ୍ତିଆ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- କେନ୍ଦ୍ରାପଡ଼ା କ୍ରିକେଟ ସୁପରଲିଗ ମ୍ୟାଚରେ ଆଳି କ୍ରିକେଟ ଆଣ୍ଡ ସ୍ପୋର୍ଟସ କାଉନସିଲ ବନାମ ଗୋପବନ୍ଧୁ କ୍ରିକେଟ କ୍ଲବ ମଧ୍ୟରେ ମୁକାବିଲା, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଜ୍ଞାନଯଜ୍ଞ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ଅପରାହ୍ନ ୫ଟା।

## ଯାଜପୁର
- ମେଗା ଫୁଡ ଫିଏଷ୍ଟା, ସ୍ଥାନ: ଯାଜପୁର ରୋଡ, ତରାପୁର କଳିଙ୍ଗ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗନଗର ନୀଳାଚଳ ଇସ୍ପାତ ନିଗମର ସଂପ୍ରସାରଣ ପାଇଁ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ସୁକିନ୍ଦା ତହସିଲ ଅନ୍ତର୍ଗତ ପଙ୍କପାଳ ଗେଷ୍ଟ ହାଉସ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଲକ୍ଷ୍ମୀ ନାରାୟଣ ପୂଜା ଅବସରରେ ଅଭିରାମ ପରମହଂଶ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ,ସ୍ଥାନ: ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ଓଡ଼ଗାଁ ବ୍ଲକର ଆଖୁପଦରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସମୟ: ସକାଳ ୯ଟା୩୦।
- ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଓଡ଼ଗାଁ ବ୍ଲକର କୁରାଳ ନୋଡାଲ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନୟାଗଡ଼, ହାଉସିଂ ବୋର୍ଡ କଲୋନୀ ନିକଟସ୍ଥ, ସମୟ: ପୂର୍ବାହ୍ନ ୧୧ଟା।
- ଜେମାଦେଇପୁର ପାଟଣା ପଞ୍ଚାୟତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ରାଜପାଟଣା ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା
- ଉପଖଣ୍ଡସ୍ତରୀୟ ଚଇତି ମହୋତ୍ସବ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ଗୁଣପୁର ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ବ୍ଲକ୍‌ସ୍ତରୀୟ ଚଇତି ଉଦ୍‌ଘାଟନ, ସ୍ଥାନ: ନୂଆ ବସଷ୍ଟାଣ୍ଡ, ଗୁଡାରି, ସମୟ: ସକାଳ ୮ଟା।
- କଲେଜ ଚଇତିର ଉଦଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ଉପଖଣ୍ଡ ସ୍ତରୀୟ ଚଇତି ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ– ତହସିଲ ଅଫିସ ନିକଟ କେନ୍ଦ୍ରୀୟ ବିଦ୍ୟାଳୟ ପଡିଆ, ଗୁଣପୁର, ସମୟ: ଅପରାହ୍ନ ୫ଟା।

## ମାଲକାନଗିରି
- ଉପମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା, ସ୍ଥାନ: ମାଲକାନଗିରି, ସମୟ: ସକାଳ ୯ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ସେଣ୍ଟ ଲୁକାସ ସ୍କୁଲର ୬ତମ ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ବୁର୍ଲାସ୍ଥିତ ସ୍କୁଲ ପରିସର, ସମୟ : ସକାଳ ୮ଟା ୩୦।
- ରାଜ୍ୟସ୍ତରୀୟ ଜୁନିୟର ରେଡକ୍ରସ ପ୍ରଶିକ୍ଷଣ ଶିବିର, ସ୍ଥାନ: ଗୋପାଲମାଲସ୍ଥିତ ଶୋଭାରାମ ବୁଦ୍ଧିଆ ଉଚ୍ଚବିଦ୍ୟାଳୟ, ସମୟ : ପୂର୍ବାହ୍ନ : ୧୦ଟା।
- ପିଏମ୍‌ଶ୍ରୀ କେନ୍ଦ୍ରିୟ ବିଦ୍ୟାଳୟ ନମ୍ବର–୧ର ୫୯ତମ ବାର୍ଷିକ ଉତ୍ସବ, ସ୍ଥାନ: ବରେଇପାଲି ଶିକ୍ଷାଞ୍ଚଳସ୍ଥିତ ବିଦ୍ୟାଳୟ ପରିସର, ସମୟ : ଅପରାହ୍ନ ୨ଟା ୩୦।
- ଜିଏମୟୁ ଓ ସୁରମନ୍ଦିର ଆୟୋଜନରେ ଗଙ୍ଗାଧର ସାହିତ୍ୟର ସାଙ୍ଗୀତିକତା, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଧ୍ୟାପନା ପ୍ରକୋଷ୍ଠ–୧, ସମୟ : ଅପରାହ୍ନ ୩ଟା୩୦।

## ସୁବର୍ଣ୍ଣପୁର
- ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟର ୧୪ତମ ବାର୍ଷିକ ଉତ୍ସବ, ସ୍ଥାନ: ପାଣିସିଆଲି ସ୍ଥିତ ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ପ୍ରଜ୍ଞା ଭାରତୀ ଆବାସିକ ବିଦ୍ୟାଳୟର କ୍ରୀଡ଼ା ଓ ବାର୍ଷିକୋତ୍ସବ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଦ୍ୱିତୀୟ ଦିବସ, ସ୍ଥାନ: ବୀରମହାରାଜପୁର ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ରାମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଶିଶୁ ବିଦ୍ୟାମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।
- ତରଭା ବ୍ଲକର ସିଲାଟିମୁଣ୍ଡାରେ ଶୁଳିଆ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସିଲାଟିମୁଣ୍ଡା ଗ୍ରାମ୍ୟ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ପାରାୟଣ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଧନୁଯାତ୍ରା ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଉଲୁଣ୍ଡା, ସମୟ: ସନ୍ଧ୍ୟା ୭ ଟା।

## ଝାରସୁଗୁଡ଼ା
- ଶିଶୁମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ତାରେଇକେଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୮ଟା।
- ସେଣ୍ଟମେରୀ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ବିଟିଏମ୍ ଛକ, ସମୟ: ସକାଳ ୮ଟା।
- ଜିଲା ଲଘୁ ଉଦ୍ୟୋଗ କମିଟି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମେଘଦୂତ ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼
- ଜିଲା ସ୍ତରୀୟ ଖରିଫ ଧାନ ସଂଗ୍ରହର ଶୁଭାରମ୍ଭ,ସ୍ଥାନ:କିରେଇ ଧାନ କ୍ରୟ କେନ୍ଦ୍ର, ସୁନ୍ଦରଗଡ, ସମୟ:୧୦ଟା୩୦।
- ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ଦ୍ୱିଦିବସୀୟ ବାର୍ଷିକ ବିଜ୍ଞାନମେଳା ଉଦ୍‌ଘଟନ ସମାରୋହ,ସ୍ଥାନ:ବିଦ୍ୟାଳୟ ପରିସର,ସମୟ:ସକାଳ୯ଟା।
- ମର୍ଣ୍ଣିଂ ଷ୍ଟାର କ୍ଲବ ପକ୍ଷରୁ ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନ ସମାରୋହ,ସ୍ଥାନ:ଭବାନୀ ଭବନ ସ୍ପୋର୍ଟସ କମ୍ପ୍ଲେକ୍ସ ପଡିଆ,ସମୟ:ସକାଳ ୯ଟା୩୦।

## ରାଉରକେଲା
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୯ତମ ବାର୍ଷିକୋତ୍ସବ, ସ୍ଥାନ: ସେକ୍ଟର–୫ ଭଞ୍ଜଭବନ ପଡିଆ, ସମୟ: ଅପରାହ୍ନ ୨ଟା ୩୦।
- ମ୍ୟୁନିସିପାଲ କଲେଜର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ମ୍ୟୁନିସିପାଲ କଲେଜ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସାହିତ୍ୟ ସଂସଦର ଶୀତ ସାହିତ୍ୟ ଆସର, ସ୍ଥାନ: ସାହିତ୍ୟ ସଂସଦ କାର୍ଯ୍ୟାଳୟ, ସେକ୍ଟର– ୭, ସମୟ: ସନ୍ଧ୍ୟା ୬ଟା।
- ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ରାଉରକେଲା ଏନ୍‌ଆଇଟି, ସମୟ: ପୂର୍ବାହ୍ନ ୧୦ଟା।
- କାଜ୍ ପକ୍ଷରୁ ଖ୍ରୀଷ୍ଟମାସ ପାଳନ, ସ୍ଥାନ: ଝିରପାଣି, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼
- ୩ୟ ପଲଟନ କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପଲଟନ ପଡ଼ିଆ, ଦେବଗଡ଼, ସମୟ: ସକାଳ ୮ଟା।
- ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଦୃଷ୍ଟି ବ୍ୟାୟାମ ନେଇ ୫ ଦିନିଆ ପ୍ରଶିକ୍ଷଣ ଶିବିର, ସ୍ଥାନ: ରିଆମାଳ ବ୍ଲକ, ଖିଲେଇ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୭ତମ ବାର୍ଷିକ ଉତ୍ସବ, ସ୍ଥାନ: ଥୁଆମୂଳ ରାମପୁରସ୍ଥିତ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଧାନ କଟ୍‌ନିକୁ ନେଇ କଂଗ୍ରେସର ଶୋଭାଯାତ୍ରା, ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: କଲ୍ୟାଣ ମଣ୍ଡପ ସାପ୍ତାହିକ ବଜାର ସମ୍ମୁଖ, ସମୟ: ସକାଳ ୯ଟା।
- ବିରାଟ ଆଞ୍ଚଳିକ ଧନୁଯାତ୍ରା ଚତୁର୍ଥ ରଜନୀ, ସ୍ଥାନ: କୋମନା ବ୍ଲକ ତରବୋଡ଼ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଗଜକେଶରୀ ଯୋଗ ପ୍ରଭାବରେ ସାମାଜିକ, ପାରିବାରିକ ଓ କର୍ମକ୍ଷେତ୍ର ଉନ୍ନତ ରହିବ। ଗତକାଲିର ଟେନସନ୍ ଆଜି କମିଯିବ ଏବଂ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ଧାର୍ମିକ ଅନୁଷ୍ଠାନରେ ସାମିଲ ହେବେ। ଆଲୋଚନା କ୍ଷେତ୍ରରେ ସହକର୍ମୀଙ୍କ ସହ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ।

**ବୃଷ**
ବ୍ୟୟାଧିପ ଦୃଷ୍ଟ ଶୁକ୍ରଙ୍କ ଯୋଗୁ ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ପାଇବେ। ବନ୍ଧୁଙ୍କ ସମ୍ମୁଖରେ ଦୁଃଖକୁ ଲୁଚାଇ ରଖି ହସି କଥା କହିବାକୁ ବାଧ୍ୟ ହେବେ। ପରିବହନ, ବ୍ୟବସାୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିପାରନ୍ତି। ବିବାଦୀୟ ଘଟଣାରେ ନୀରବତା ଶ୍ରେୟ ଅଟେ, ନଚେତ୍ ସମସ୍ୟା ଭିତରକୁ ଟାଣି ହୋଇଯିବାକୁ ପଡିପାରେ।

**ମିଥୁନ**
ତୃତୀୟାଧିପ ରାଶିକୁ ଦେଖୁଥିବାରୁ ଆତ୍ମୀୟଙ୍କ ସହଯୋଗରେ ଯାତ୍ରା, ବ୍ୟବସାୟରେ ଲାଭବାନ ହେବେ। କର୍ମକ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରି ସମାଲୋଚିତ ହେବେ। ଦୈନନ୍ଦିନ ଜୀବନରେ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଚଳିବାକୁ ପଡିବ। ମକଦ୍ଦମାରେ କିମ୍ବା ପ୍ରତିଯୋଗିତାଦି କ୍ଷେତ୍ରରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ**
ଶନି ଦୃଷ୍ଟ ଚନ୍ଦ୍ର ହେତୁ କର୍ମକ୍ଷେତ୍ରରେ କଠୋର ପରିଶ୍ରମଜନିତ ସ୍ୱାସ୍ଥ୍ୟହାନି ଘଟିବା ଆଶଙ୍କା ରହିଛି। ଆନୁଷ୍ଠାନିକ କାମର ଆଲୋଚନା ସମୟରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ସାହିତ୍ୟ, ସାମ୍ବାଦିକତାରୁ ପ୍ରଶଂସିତ ହେବେ। କଠୋର ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି।

**ସିଂହ**
ଗୁରୁକ୍ଷେତ୍ରସ୍ଥ ରବିଙ୍କ ହେତୁ ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସିପାରନ୍ତି। ପ୍ରଶାସନ, ରାଜନୀତି ଏବଂ ସଭାସମିତିରେ ସ୍ଥିର ନିଷ୍ପତ୍ତି ନେଇ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା କାରଣରୁ ମାନସିକ ସ୍ଥିରତା ଆସିପାରେ। ଶୁକ୍ରଙ୍କ ସୁପ୍ରଭାବରେ ବିଳାସ ବ୍ୟସନ ମଧ୍ୟରେ ସମୟ ଅତିବାହିତ କରିବାକୁ ମନସ୍ଥ କରିପାରନ୍ତି।

**କନ୍ୟା**
ଗ୍ରହମାନଙ୍କ ଅନୁକୂଳ ସ୍ଥିତି କାରଣରୁ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ଉଚିତ ବୁଝାମଣା ଦ୍ୱାରା ପାରିବାରିକ ଜୀବନ ଶାନ୍ତିରେ କଟିବ। ନିକଟସ୍ଥ ବନ୍ଧୁ ସହଯୋଗର ପ୍ରତିଶ୍ରୁତି ଦେବେ କିନ୍ତୁ ତାହା କଥାରେ ହିଁ ସୀମିତ ରହିଯିବ। ଆଇନ ଅଦାଲତରୁ ସୁଫଳ ପାଇବେ ଏବଂ ଦୀର୍ଘ ଦିନର ସମସ୍ୟା ସମାଧାନ ହୋଇଯିବ।

**ତୁଳା**
ବୈଷୟିକ ଅଭିବୃଦ୍ଧି ସାଙ୍ଗକୁ ନୂଆ ଯୋଜନା ଆୟୋଜନରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ସହମତିରେ କାମ କଲେ ଲକ୍ଷ୍ୟ ହାସଲ ହେବ। ଆଜି ହାତରୁ ଖାଇ ପର ପାଇଁ ଖଟିବାକୁ ପଡିପାରେ। ଅତ୍ୟଧିକ ଥଣ୍ଡାଜନିତ ଦୈହିକ ଅସୁସ୍ଥତା ଯୋଗୁ କାମ କରିବା ସକାଶେ ମନୋବଳ କମି ଯାଇପାରେ।

**ବିଛା**
ଶନିଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ଅବହେଳିତ କାମ ସକାଶେ ଅନୁତପ୍ତ ରହିବେ। ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ ହାତମୁଠାରୁ ସୁଯୋଗ ଖସିଯାଇପାରେ। ଶିଳ୍ପ ଓ ବାଣିଜ୍ୟ, ବ୍ୟବସାୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ନିଜ ପରିସରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ଧନୁ**
ଭାଗ୍ୟାଧିପ ରାଶିରେ ଥିବାରୁ ଅନୁକୂଳ ବାତାବରଣ ମଧ୍ୟରେ ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ଏବଂ ଚେଷ୍ଟା ବେକାର ଯିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧି ଆଶଙ୍କା ରହିଛି। କଳା, ସାହିତ୍ୟ, ବାଣିଜ୍ୟ ତଥା ପ୍ରଶାସନିକ କ୍ଷେତ୍ରରେ ଉପରିସ୍ଥଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ।

**ମକର**
ଅସୁସ୍ଥତା ସାଙ୍ଗକୁ ବାଣିଜ୍ୟ, ବ୍ୟବସାୟରେ ସମସ୍ୟା ଏବଂ ପ୍ରତିଦ୍ୱନ୍ଦ୍ୱିତାରେ ବିଫଳତା ଭୋଗିପାରନ୍ତି। ପାରିବାରିକ କ୍ଷେତ୍ରରେ ଭୁଲ୍ ଖବରକୁ ସତ୍ୟ ମନେକରି ଉତ୍‌କ୍ଷିପ୍ତ ହେବେ। ଛୋଟ କଥାକୁ କେନ୍ଦ୍ରକରି ପଡ଼ୋଶୀ ପ୍ରତିବାଦର ସ୍ୱର ଉଠାଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବାର ସୁଯୋଗ ଜୁଟିପାରେ।

**କୁମ୍ଭ**
ଦ୍ୱାଦଶସ୍ଥ ଶୁକ୍ରଜନିତ ଭୋଗବିଳାସ ସହ ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚପ୍ରଶଂସା ପାଇବେ। ଅତିରିକ୍ତ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ସ୍ତ୍ରୀଙ୍କ ଚିଡ଼ା ସ୍ୱଭାବ ଅଶାନ୍ତିର ମୂଳ କାରଣ ହେବ। ସାମାଜିକ ସ୍ତରରେ ପରୋପକାର ମନୋଭାବରୁ ପ୍ରଶଂସିତ ହେବେ।

**ମୀନ**
ଆଜି କୌଣସି ଭୁଲ୍ ନିଷ୍ପତ୍ତି ନେଇ ପଶ୍ଚାତ୍ତେ ଅନୁତାପ କରିପାରନ୍ତି। ଅଫିସ କାମରେ ସାମାନ୍ୟ ଅନୁପସ୍ଥିତି କିମ୍ବା ବିଳମ୍ବ ପାଇଁ କୈଫିୟତ୍ ଦେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଖଳ ଲୋକମାନଙ୍କ କାନକୁହା କଥାକୁ ବିଶ୍ୱାସ କରି ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି।

ଆଜି ଡିସେମ୍ବର ୨୦ ତାରିଖ, ଅନ୍ତଃରାଷ୍ଟ୍ରୀୟ ମାନବ ଏକତା ଦିବସ, ପୌଷ କୃଷ୍ଣ ୫ମୀ ଯୁକ୍ତ ଷଷ୍ଠୀ ଶୁକ୍ରବାର, ରାଶିନକ୍ଷତ୍ର–ମଘା/ସିଂହ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୦ ଗତେ ଘ.୦୭.୦୩ ମଧ୍ୟେ, ଘ.୦୭.୪୬ ଗତେ ଘ.୦୯.୦୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୨୩ ଗତେ ଘ.୧୧.୪୪ ମଧ୍ୟେ ରାହୁ କାଳ।

# ଜାନୁଆରୀ ୩ରେ କୃଷି ଓଡ଼ିଶା–୨୦୨୫

## ପ୍ରସ୍ତୁତି ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ

**ଭୁବନେଶ୍ୱର,୧୯।୧୨(ଅନିଲ ଦାସ)**

ଆସନ୍ତା ଜାନୁଆରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ କୃଷି ଓଡ଼ିଶା–୨୦୨୫ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ବିଜୁ ପଟ୍ଟନାୟକ ପଡ଼ିଆରେ ମହା ସମାରୋହରେ ଅନୁଷ୍ଠିତ ହେବ। ଏଥିରେ ୧୨ ଗୋଟି ବୈଷୟିକ ଅଧିବେଶନ ରହିଛି। ପ୍ରତି ଅଧିବେଶନରେ ୨୦୦ ଜଣ ଅଂଶଗ୍ରହଣ କରିବେ। ଏଥିରେ ୨୫୦ଟି ଷ୍ଟଲ୍ ପ୍ରଦର୍ଶିତ କରାଯିବ। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଗୁରୁବାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କୃଷି ଓଡ଼ିଶା ସହିତ ଚାଷୀ ପଞ୍ଜୀକରଣ, କୃଷକଙ୍କ ତଥ୍ୟ ଏବଂ ୨୦୨୫–୨୬ ବର୍ଷ ପାଇଁ କୃଷି ବଜେଟ ଉପରେ ଆଲୋଚନା କରାଯାଇଛି। ଜଳ ସମ୍ପଦ ବିଭାଗ ପକ୍ଷରୁ କୃଷି ଓଡ଼ିଶାରେ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯିବ। ସାରା ରାଜ୍ୟରୁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ କୃଷକ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିଭଳି, କୃଷକ ପଞ୍ଜୀକରଣରେ ଚାଷୀଙ୍କୁ ପଞ୍ଜୀକୃତ ହେବା ପାଇଁ ସାରା ରାଜ୍ୟରେ କ୍ୟାମ୍ପ ବ୍ୟବସ୍ଥା କରାଯିବ। ଚାଷୀମାନେ ନିଜକୁ ପଞ୍ଜୀକୃତ କରିବା ନିମନ୍ତେ କ୍ୟାମ୍ପର ସହାୟତା ନେଇପାରିବେ କିମ୍ବା ନିଜେ ନିଜେ ପଞ୍ଜୀକରଣ କରିପାରିବେ। ଜନସେବା କେନ୍ଦ୍ରର ମଧ୍ୟ ସହାୟତା ନେଇପାରିବେ। ପ୍ରତି ରେଜିଷ୍ଟ୍ରେଶନ ପିଛା ୧୦ ଟଙ୍କା ସରକାର ଯୋଗାଇ ଦେଉଛନ୍ତି। ଏହି ରେଜିଷ୍ଟ୍ରେଶନ ଦ୍ୱାରା ସରକାରଙ୍କ ନିକଟରେ ରାଜ୍ୟର ସମସ୍ତ ଚାଷୀଙ୍କ ବିଶଦ୍ ତଥା ଏକୀକୃତ ଡାଟାବେସ୍ ରହିପାରିବ। ପରବର୍ତ୍ତୀ ସମୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଏହାର ବ୍ୟବହାର କରାଯିବ। ସେହିପରି ଆଗାମୀ ଆର୍ଥିକବର୍ଷ ୨୦୨୫–୨୬ ନିମନ୍ତେ କୃଷି ବିଭାଗ ଦ୍ୱାରା ନିଆଯିବାକୁ ଥିବା ବିଭିନ୍ନ କାର୍ଯ୍ୟର ବଜେଟ ବିଷୟରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଛି। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଓନ କଲ୍ୟାଣଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

**ଆର୍.ଜି. କର ବଳାତ୍କାର ଓ ହତ୍ୟା ମାମଲା**

# ଉପଯୁକ୍ତ ତଦନ୍ତ ଦାବିକଲେ ମୃତଙ୍କ ମାଆବାପା

**କୋଲକାତା,୧୯।୧୨**

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ହସ୍ପିଟାଲରେ ଗତ ଅକ୍ଟୋବର ୯ ରାତିରେ ୩୧ ବର୍ଷୀୟା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ମୃତା ଡାକ୍ତରଙ୍କ ମାଆବାପା ଘଟଣାର ଉପଯୁକ୍ତ ତଦନ୍ତ ଦାବିରେ ଗୁରୁବାର କୋଲକାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଘଟଣାର ତଦନ୍ତ କରୁଥିବା ସିବିଆଇ ୯୦ ଦିନ ମଧ୍ୟରେ ୨ ଅଭିଯୁକ୍ତ ମେଡିକାଲ କଲେଜର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ୍ ଘୋଷ ଏବଂ ତଲା ଥାନାର ପୂର୍ବତନ ଭାରପ୍ରାପ୍ତ ଅଧିକାରୀ ଅଭିଜିତ ମଣ୍ଡଳଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିବାରେ ବିଫଳ ହୋଇଥିବାରୁ ମୃତା ଡାକ୍ତରଙ୍କ ମାଆବାପା ଏହି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଉପରୁ ଭରସା ହରାଇଛନ୍ତି। ଚାର୍ଜସିଟ୍ ଦାଖଲ ନ ହେବାରୁ କୋଲକାତାର ଏକ ଅଦାଲତ ଉଭୟ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ମାମଲାକୁ ଅଧିକ ଗଭୀର ଭାବେ ତଦନ୍ତ କରାଯିବାକୁ ନିବେଦନ କରି ଆମେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲୁ। ଜଷ୍ଟିସ୍ ତୀର୍ଥଙ୍କର ଘୋଷଙ୍କ ଖଣ୍ଡପୀଠରେ ଏହି ଆବେଦନ କରାଯାଇଥିବା ମୃତଙ୍କ ମାଆବାପାଙ୍କ ପକ୍ଷରୁ ଓକିଲ ଗାର୍ଗୀ ଗୋସ୍ୱାମୀ କହିଛନ୍ତି।

# ବାଂଲାଦେଶ ବିରୋଧରେ କଟକଣା ଲଗାଇବାକୁ ଆମେରିକା ଆଇନ ପ୍ରଣେତାଙ୍କ ଦାବି

**ୱାଶିଂଟନ,୧୯।୧୨(ପି.ଟି.)**

ବାଂଲାଦେଶରେ ମାନବାଧିକାର ଉଲ୍ଲଂଘନ ସଙ୍କଟ ବଢ଼ୁଥିବାରୁ ଏହି ଦେଶ ବିରୋଧରେ ନିର୍ଦ୍ଦିଷ୍ଟ କଟକଣା ଲଗାଇବାକୁ ଆମେରିକା କଂଗ୍ରେସର ପ୍ରଭାବଶାଳୀ ସଦସ୍ୟମାନେ ଦାବି କରିଛନ୍ତି। ଏହି ଦକ୍ଷିଣ ଏସୀୟ ରାଷ୍ଟ୍ରରେ ଯେଉଁମାନେ ସଂଖ୍ୟାଲଘୁଙ୍କ ବିରୋଧରେ କୁତ୍ସିତ କାର୍ଯ୍ୟରେ ସମ୍ପୃକ୍ତ, ସେମାନଙ୍କ ବିରୋଧରେ କଟକଣା ଲାଗୁ କରିବା ନିମନ୍ତେ ବୁଧବାର କଂଗ୍ରେସ ସଦସ୍ୟମାନେ ଆମେରିକାର ଅର୍ଥ ଓ ପରାରାଷ୍ଟ୍ର ବିଭାଗକୁ ଆହ୍ୱାନ ଦେଇଛନ୍ତି। ଆମେରିକାର ବିଭିନ୍ନ ଭାଗରୁ ଆସିଥିବା ହିନ୍ଦୁମାନଙ୍କ ଉପସ୍ଥିତିରେ କଂଗ୍ରେସ ସଦସ୍ୟ ଶ୍ରୀ ଥାନେଦାର ଏହା କହିଛନ୍ତି। ଗତ ଜୁଲାଇରେ ବାଂଲାଦେଶରେ ରାଜନୈତିକ ହିଂସାକାଣ୍ଡରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଇସ୍ତଫା ଦେଇ ଦେଶ ଛାଡ଼ି ପଳାଇଥିଲେ। ସେବେଠାରୁ ସେଠାର ହିନ୍ଦୁ, ବୌଦ୍ଧ ଏବଂ ଖ୍ରୀଷ୍ଟିୟାନ ସଂଖ୍ୟାଲଘୁମାନେ ହିଂସା ଓ ଅତ୍ୟାଚାରର ଶିକାର ହୋଇଆସୁଛନ୍ତି। ସଂଖ୍ୟାଗରିଷ୍ଠ ମୁସଲମାନମାନେ ସେମାନଙ୍କ ଉପରେ ତଥା ସେମାନଙ୍କ ଉପାସନା ସ୍ଥଳ ଉପରେ ଆକ୍ରମଣ ଜାରି ରଖିଛନ୍ତି ବୋଲଇ ଥାନେଦାର କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ସଂସଦରେ ଠେଲାପେଲା...

ଷ୍ଟ୍ରିଟ୍ ଥାନାରେ ଏତଲା ଦେଇଛନ୍ତି। ଶାରୀରିକ ଆକ୍ରମଣ ଓ ହିଂସା ଉସୁକାଇବା ଅଭିଯୋଗରେ ରାହୁଲଙ୍କ ବିରୋଧରେ ଏଫ୍‌ଆଇଆର୍ ଦିଆଯାଇଥିବା ଭାଜପା ଏମ୍‌ପି ଅନୁରାଗ ଠାକୁର ଥାନା ସମ୍ମୁଖରେ ଖବରଦାତାଙ୍କୁ ସୂଚନା ଦେଇଛନ୍ତି। ଏହି ଅଭିଯୋଗ ଭିତ୍ତିରେ ପୋଲିସ ରାହୁଲଙ୍କ ବିରୋଧରେ ମାମଲା ରୁଜୁ କରିଛି। ଲୋକ ସଭା ବାଚସ୍ପତି ଓ ରାଜ୍ୟ ସଭା ଅଧ୍ୟକ୍ଷଙ୍କ ନିକଟରେ ମଧ୍ୟ ଉଭୟ ପକ୍ଷ ଫେରାଦ ହୋଇଛନ୍ତି। ଇତିମଧ୍ୟରେ କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକ ଆମ୍ବେଦକରଙ୍କୁ ଭାଜପା ଅପମାନିତ କରିଥିବା ଦର୍ଶାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିରୋଧୀ ଏମ୍‌ପିମାନେ କହିଛନ୍ତି, ଗୃହକାର୍ଯ୍ୟରେ ଯୋଗଦେବା ପାଇଁ ବିରୋଧୀ ଦଳ ନେତା ରାହୁଲ ଯାଉଥିବାବେଳେ ଭାଜପା ସଦସ୍ୟମାନେ ତାଙ୍କୁ ଯିବାକୁ ଦେଇ ନ ଥିଲେ। ସେମାନେ ରାହୁଲଙ୍କୁ ଠେଲିବାରୁ ସେ ମଧ୍ୟ ଠେଲିଛନ୍ତି। ରାହୁଲ କହିଛନ୍ତି, ସେ ପାର୍ଲାମେଣ୍ଟକୁ ପ୍ରବେଶ କରୁଥିବାବେଳେ ଭାଜପା ଏମ୍‌ପିମାନେ ତାଙ୍କୁ ଅଟକାଇ ଧକ୍କା ମାରିବା ସହ ଧମକ ଦେଇଥିଲେ।

ଭାଜପା ନେତାମାନେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗକରି କଂଗ୍ରେସ ଏମ୍‌ପିମାନେ ଗୁରୁବାର ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାରେ ଏତଲା ଦାଏର କରିଛନ୍ତି। ଦିଗ୍‌ବିଜୟ ସିଂ, ମୁକୁଲ ୱାସ୍‌ନିକ, ରାଜୀବ ଶୁକ୍ଳା, ପ୍ରମୋଦ ତିୱାରୀଙ୍କ ସମେତ କଂଗ୍ରେସ ଏମ୍‌ପିମାନଙ୍କ ଏକ ପ୍ରତିନିଧି ଦଳ ଥାନାକୁ ଯାଇ ଅଭିଯୋଗ କରିଥିଲେ। ସେତେବେଳେ ଭାଜପା ନେତାମାନେ ଡିସିପି ଦେବେଶ କୁମାର ମହଲାଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଥିବାରୁ କଂଗ୍ରେସ ନେତାମାନଙ୍କୁ ଏସିପିଙ୍କ ପ୍ରକୋଷ୍ଠରେ ଅପେକ୍ଷା କରିବାକୁ କୁହାଯାଇଥିଲା। ପୋଲିସ ଅଭିଯୋଗ ଗ୍ରହଣ କରି ଅନୁଧ୍ୟାନ କରୁଥିବା କହିଛି। ୮୪ ବର୍ଷୀୟ ଦଳିତ ନେତା ଖାର୍ଗେଙ୍କୁ ଭାଜପା ସଦସ୍ୟମାନେ ଠେଲିଦେବା ସହ ଦୁର୍ବ୍ୟବହାର କରିଥିଲେ। ଆମେ ପୋଲିସରେ ଅଭିଯୋଗ କରିବାକୁ ଆସିଛୁ ବୋଲି ତିୱାରୀ ଗଣମାଧ୍ୟମକୁ କହିଛନ୍ତି।

ଇତିମଧ୍ୟରେ ଲୋକ ସଭା ଓ ରାଜ୍ୟ ସଭାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଉଭୟ ଶାସକ ଓ ବିରୋଧୀ ପକ୍ଷ 'ଜୟ ଭୀମ' ସ୍ଲୋଗାନ ଦେଇ ହଟ୍ଟଗୋଳ କରିଥିଲେ। ହୋହଲ୍ଲା ଭିତରେ ବିନା କୌଣସି କାର୍ଯ୍ୟରେ ଉଭୟ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ସଂସଦ ପରିସରରେ କୌଣସି ଦଳ ପକ୍ଷରୁ ବିକ୍ଷୋଭ କରାଯାଇପାରିବ ନାହିଁ ବୋଲି କଟକଣା ଜାରି କରିଛନ୍ତି।

## ରାହୁଲ ଗାନ୍ଧୀଙ୍କ ଦାୟିତ୍ୱହୀନ...

ବ୍ୟବହାର ଯୋଗୁ ଆମ ଦଳର ବରିଷ୍ଠ ନେତା ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଆହତ ହୋଇଛନ୍ତି। ରାହୁଲ ଗାନ୍ଧୀଙ୍କ ଏଭଳି ଆଚରଣ ଗ୍ରହଣୀୟ ନୁହେଁ। ଏହା ଗଣତନ୍ତ୍ରର ପବିତ୍ର ଗୃହ ପ୍ରତି ଅପମାନ। ପ୍ରତାପ ଷଡ଼ଙ୍ଗୀଙ୍କର ଶୀଘ୍ର ଆରୋଗ୍ୟ କାମନା ପାଇଁ ପ୍ରାର୍ଥନା କରୁଛି। ସଂସଦରେ ଏପରି କାର୍ଯ୍ୟକୁ ଦୃଢ଼ ନିନ୍ଦା କରୁଛି। ଗଣତନ୍ତ୍ରରେ ଏପ୍ରକାର ହିଂସା ପାଇଁ କୌଣସି ସ୍ଥାନ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଟ୍ରକ୍ ଧକ୍କାରେ ମା’, ଶିଶୁପୁତ୍ର ମୃତ

**ବଅଁରପାଳ, ୧୯।୧୨ (ସୁବାସ ସାହୁ)**

- **ଗୁରୁତର ବାପା ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି**
- **୫୫ନଂ. ଜାତୀୟ ରାଜପଥରେ ମନମୁଖି ନିର୍ମାଣକୁ ନେଇ ଉତ୍ତେଜନା**

କାରଖାନା କଲୋନୀରୁ ବାଇକ୍‌ରେ ପରିବାର ସହ ବଅଁରପାଳ ଆସୁଥିବା ବେଳେ ଧକ୍କା ଦେଲା ଟ୍ରକ୍। ଘଟଣାସ୍ଥଳରେ ଚାଲିଗଲା ମା’ଙ୍କ ଜୀବନ। ଡାକ୍ତରଖାନାରେ ୪ ବର୍ଷର ଶିଶୁପୁତ୍ରଙ୍କୁ ମୃତ ଘୋଷଣା କଲେ ଡାକ୍ତର। ଗୁରୁତର ବାପା ଚିକିତ୍ସାଧୀନ ଥିବାବେଳେ ଦୁର୍ଘଟଣାସ୍ଥଳରେ ଦେଖାଦେଇଛି ଉତ୍ତେଜନା। କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ବଅଁରପାଳ ଥାନା ନୂଆହତାସ୍ଥିତ ନୂତନ ଓଭରବ୍ରିଜ୍ ଅଣ୍ଡରପାସ ନିକଟରେ ଗୁରୁବାର ଅପରାହ୍ନରେ ଘଟିଛି ଏହି ଦୁର୍ଘଟଣା। ରାଜପଥ ସମ୍ପ୍ରସାରଣ ବେଳେ ମନମୁଖି ନିର୍ମାଣ ଦୁର୍ଘଟଣାର କାରଣ ବୋଲି ଲୋକେ ଅଭିଯୋଗ କରିବା ସହ ଏହି ରାଜପଥରେ ବାରମ୍ବାର ଜୀବନହାନିକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଟାଟା ଷ୍ଟିଲ୍ କାରଖାନାରେ କାର୍ଯ୍ୟ କରୁଥିବା ଛତିଶଗଡ଼ ନିବାସୀ ରୋହିତ ରାଠୋର କାରଖାନା କଲୋନୀରେ ପରିବାର ସହ ରହୁଥିଲେ। ଅପରାହ୍ନରେ ସେ ବାଇକ୍ ଯୋଗେ ସ୍ତ୍ରୀ ମନୀଷା ରାଠୋର ଏବଂ ପୁଅ ହରଷତ ରାଠୋର (୪)ଙ୍କୁ ନେଇ ବଅଁରପାଳ ଅଭିମୁଖେ ଆସୁଥିବା ବେଳେ ପଛରୁ ଏକ କୋଇଲା ବୋଝେଇ ଟ୍ରକ୍ ଧକ୍କା ଦେଇ ବାଇକ୍ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ମନୀଷାଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ରୋହିତ ଓ ପୁଅ ହରଷତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ହରଷତଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଘଟଣାସ୍ଥଳରେ ବଅଁରପାଳ ପୋଲିସ ପହଞ୍ଚି ଟ୍ରକ୍ ଓ ବାଇକ୍‌କୁ ଜବତ କରିଥିଲା। ଟ୍ରକ୍ ଚାଳକ ଫେରାର୍ ହୋଇଯାଇଥିବା ବେଳେ ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଜାତୀୟ ରାଜପଥ ନିର୍ମାଣରେ ମନମୁଖି କରାଯିବା ସହ ଡ୍ରେନ ନିର୍ମାଣ ତ୍ରୁଟିରୁ ଏପରି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇ ଦେଇଛି।

# ହାଲୁକା ବର୍ଷା ପରେ ଲେଉଟିବ ଶୀତ

**ଭୁବନେଶ୍ୱର, ୧୯।୧୨ (ଅନୁରାଧା ମହାରଣା)**

ବଙ୍ଗୋପସାଗରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟରେ କୋହଲା ପାଗ ଲାଗିରହିଥିବାବେଳେ କେତେକ ସ୍ଥାନରେ ହାଲୁକା ବର୍ଷା ହୋଇଛି। ହେଲେ ସର୍ବନିମ୍ନ (ରାତି) ତାପମାତ୍ରା କିଛି ମାତ୍ରାରେ ବୃଦ୍ଧି ପାଇଛି। ଆସନ୍ତା ୩ଦିନ ରାଜ୍ୟର ବିଭିନ୍ନ ସ୍ଥାନର ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ଥିବାବେଳେ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ୍ କମିପାରେ। ଫଳରେ ରାଜ୍ୟରେ ଅଧିକ ଶୀତ ଅନୁଭୂତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଶୁକ୍ରବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଅନୁଗୋଳ, ବୌଦ୍ଧ ଆଦି ଜିଲାର କିଛି ସ୍ଥାନରେ ଘଡ଼ଘଡ଼ି ସହ ହାଲୁକା ବର୍ଷା ହୋଇପାରେ।

# ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହେବ: ମୁଖ୍ୟମନ୍ତ୍ରୀ




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ମହତାବ ଉଚ୍ଚ ବିଦ୍ୟାଳୟରେ ହୀରକ ଜୟନ୍ତୀ

**ଚମ୍ପୁଆ(ମହେଶ୍ୱର ଦାସ)/କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ), ୧୯।୧୨**

ଜ୍ଞାନ ହିଁ ଶକ୍ତି, ଏହାର ଉପଯୋଗରେ ସମୃଦ୍ଧ ଦେଶ ଗଠନ କରାଯାଇପାରିବ। ଓଡ଼ିଶାରେ ସ୍ୱାକ୍ଷରତା ହାର ବଢ଼ିଛି। ମାତ୍ର ଯେପରି ଶିକ୍ଷା ବ୍ୟବସ୍ଥା ହେବା କଥା ତାହା ହୋଇପାରିନାହିଁ। ବ୍ୟବସ୍ଥାକୁ ସୁଧାରିବାକୁ ଦୂରଦୃଷ୍ଟିର ଆବଶ୍ୟକତା ରହଛି। ତେଣୁ ଉପୁଜୁଥିବା ସମସ୍ୟାକୁ ଅନୁଧ୍ୟାନ କରାଯିବା ସହ ଆଗାମୀ ଦିନରେ ସମସ୍ୟା ସୁଧାରିଯିବ ବୋଲି କେନ୍ଦୁଝର ଜିଲା ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟରେ ହୀରକ ଜୟନ୍ତୀରେ ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ଯୋଗଦେଇ ମତବ୍ୟକ୍ତ କରିଥିଲେ।

ପ୍ରକାଶ ଯେ, ହୀରକ ଜୟନ୍ତୀ ୨ ଦିନ ଧରି ପାଳନ ହେବାକୁ ଥିବା ବେଳେ ଗୁରୁବାର ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ପୂର୍ବ ୨୪ ବର୍ଷ ସରକାରଙ୍କ ବିଦ୍ୟାଳୟ ରୂପାନ୍ତରୀକରଣକୁ ନାପସନ୍ଦ କରିବା ସହିତ ତୃଣମୂଳସ୍ତରରୁ ରୂପାନ୍ତରୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା କଥା ବୋଲି କହିଥିଲେ। ଓଡ଼ିଶାରେ ଅଧାରୁ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢୁଥିବା ବେଳେ ଏହା ଏକ ସମ୍ବେଦନଶୀଳ ସମସ୍ୟା ହୋଇଛି। ଏହାର ସମାଧାନ ପାଇଁ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ସୁଧାର ଆଣିବାକୁ ବର୍ତ୍ତମାନର ସରକାର ଚେଷ୍ଟା କରୁଛନ୍ତି। ଏପରିକି ବହୁ ବିଦ୍ୟାଳୟ ଅଛି, ଯେଉଁ ବିଦ୍ୟାଳୟଗୁଡ଼ିକ ଶିକ୍ଷା ସହାୟକଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ବର୍ତ୍ତମାନର ସରକାର ସେପ୍ଟେମ୍ବରରେ ୧୬ ହଜାର ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନକରି ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବାକୁ ଚେଷ୍ଟା କରିଛନ୍ତି। ଚମ୍ପୁଆ ଭଳି ଉପାନ୍ତ ଅଞ୍ଚଳରେ ୧୯୪୮ରେ ନିର୍ମିତ ଏହି ମହତାବ ଉଚ୍ଚ ବିଦ୍ୟାଳୟ ସ୍ଥାନୀୟ ଅଞ୍ଚଳର ମାନବୃଦ୍ଧି କରିଛି। ପୂର୍ବ ସରକାର ସ୍ମାର୍ଟ ବୋର୍ଡରେ ସ୍ମାର୍ଟ ଶିକ୍ଷା ବ୍ୟବସ୍ଥା କରିଥିଲେ। ମାତ୍ର ତୃଣମୂଳସ୍ତରରେ ଛାତ୍ରୀଛାତ୍ର ଯଦି ସ୍ମାର୍ଟ ନ ହେବେ ଉଚ୍ଚ ବିଦ୍ୟାଳୟରେ ସ୍ମାର୍ଟ ଶିକ୍ଷାର ମାନ ନିଶ୍ଚିତ ରୂପେ ହ୍ରାସ ପାଇବ। ଏଥିପାଇଁ ପଞ୍ଚାୟତସ୍ତରରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରିବାକୁ ସେ ମତ ରଖିଥିଲେ। ଚମ୍ପୁଆ, କେନ୍ଦୁଝରରେ ପ୍ରାଚୁର୍ଯ୍ୟ ମଧ୍ୟରେ ଦାରିଦ୍ରତା ରହିଛି। ତେଣୁ ବିକଶିତ ଓ ସୁନାର କେନ୍ଦୁଝର କରିବାକୁ ଜିଲାବାସୀ ସହଯୋଗର ହାତ ବଢ଼ାନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ଏକ ଛାତ୍ରାବାସ, ପାନୀୟଜଳ ବ୍ୟବସ୍ଥା, ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ସ୍ମାର୍ଟ କ୍ଲାସ୍‌ରେ ସ୍ମାର୍ଟ ପାଠ୍ୟକ୍ରମ ବ୍ୟବସ୍ଥା, ଚମ୍ପୁଆରେ ବାଇପାସ୍ ନିର୍ମାଣ, କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟକ୍ଷମ ଏବଂ କେନ୍ଦୁଝରରେ ମେଗା ଷ୍ଟିଲ୍ ପ୍ଲାଣ୍ଟ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଦ୍ୟାଳୟ ସ୍ମରଣିକା ପୁସ୍ତକର ଉନ୍ମୋଚନ କରାଯାଇଥିଲା। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ବକ୍ତାଭାବେ ମାଧବ ଚନ୍ଦ୍ର ମିଶ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡ. ଫକିର ଚରଣ ନାଏକ, ଆଇଆଇଟି ସଦସ୍ୟ ସତ୍ୟଜିତ୍ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ଛାତ୍ରଙ୍କ ଦ୍ୱାରା ଆୟୋଜିତ ହୀରକ ଜୟନ୍ତୀରେ ପୂର୍ବତନ ଶିକ୍ଷକ, କୃତୀ ଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ସାହୁ ମଞ୍ଚ ପରିଚାଳନା କରିଥିଲେ। ଆଲୁମ୍‌ନି ଛାତ୍ର ସଭାପତି ଗଙ୍ଗାଧର କର, ସମ୍ପାଦକ ସୁଶାନ୍ତ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।

# ଶ୍ରୀମନ୍ଦିର ସୂପକାର ସହାୟକଙ୍କ ପାଇଁ ଲାଗୁହେବ ଡ୍ରେସ୍ କୋଡ୍

**ପୁରୀ, ୧୯।୧୨ (ଅଜିତ କୁମାର ମହାନ୍ତି)**

ଶ୍ରୀମନ୍ଦିର ସୂପକାର ସହାୟକଙ୍କ ପାଇଁ ଲାଗୁହେବ ଡ୍ରେସ୍ କୋଡ୍। ଅନ୍ନ ମହାପ୍ରସାଦ ବିକ୍ରିରେ ସହାୟକମାନେ ପିନ୍ଧିବେ କମଳା ରଙ୍ଗର ଗଞ୍ଜି। ସେହିପରି ଛପନ ଭୋଗ ବା ଶୁଖିଲା ଭୋଗ ବିକ୍ରିରେ ସହାୟକମାନେ ପିନ୍ଧିବେ ସବୁଜ ରଙ୍ଗର ଗଞ୍ଜି। ଆନନ୍ଦ ବଜାରରେ ଅନଧିକୃତ ବ୍ୟକ୍ତି ତଥା ଦଲାଲି ରୋକିବା ପାଇଁ ଏଭଳି ପଦକ୍ଷେପ ନିଆଯିବାକୁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି। ଏବେ ସୁଦ୍ଧା ସହାୟକ ତାଲିକା ପ୍ରସ୍ତୁତି ପାଇଁ ସ୍କ୍ରିନିଂ ଚାଲିଥିବା ବେଳେ ଆସନ୍ତା ୨୫ତାରିଖ ସୁଦ୍ଧା ସୂଚୀ ପ୍ରସ୍ତୁତ କରି ଡ୍ରେସ୍ କୋଡ୍ ଲାଗୁ କରିବାକୁ ଲକ୍ଷ୍ୟ ରଖାଯାଇଛି। ଆନନ୍ଦ ବଜାର ଶୃଙ୍ଖଳା ଅନ୍ତର୍ଗତ ବିଭିନ୍ନ ପଦକ୍ଷେପ ମଧ୍ୟରେ ଅଣଅଧିକୃତ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ରୋକିବା ତଥା ସହାୟକ ଚିହ୍ନଟ ଦିଗରେ ଏହା ବଡ଼ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି। ତେବେ ପୂର୍ବଭଳି ସୂପକାରମାନେ ପାରମ୍ପରିକ ପୋଷାକ ପିନ୍ଧିବେ। ଅନ୍ନ ମହାପ୍ରସାଦ ବିକ୍ରିରେ ସହାୟତା କରୁଥିବା ବ୍ୟକ୍ତି କମଳା ରଙ୍ଗର ଗଞ୍ଜି ପିନ୍ଧିବା ନେଇ ଯୋଜନା କରାଯାଉଛି। ଏହି ହାଫ୍ ଗଞ୍ଜିର ପଛ ପାର୍ଶ୍ୱରେ ଲେଖା ରହିବ ସୁଆର ମହାସୁଆର ନିଯୋଗ ତଥା ଶ୍ରୀମନ୍ଦିର ପ୍ରଶାସନର ଲେଖା।

## ଇସ୍ପାତ କମ୍ପାନୀ ସହ ପୂର୍ବତଟ ରେଳପଥର ଆଲୋଚନା

**ଭୁବନେଶ୍ୱର, ୧୯।୧୨ (ଅନୁରାଧା ମହାରଣା)**

ଇସ୍ପାତ ଶିଳ୍ପର ଦକ୍ଷତା ଓ କାର୍ଯ୍ୟରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ ରେଳ ସଦନଠାରେ ଗୁରୁବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଇସ୍ପାତ ଉତ୍ପାଦନକାରୀଙ୍କ ପ୍ରତିନିଧି, ଲଜିଷ୍ଟିକ ବିଶେଷଜ୍ଞ, ରେଳ ବୋର୍ଡ ଏବଂ ଅନୁସନ୍ଧାନ ଡିଜାଇନ ଓ ମାନକ ସଂଗଠନ (ଆରଡିଏସ୍‌ଓ) ର ପ୍ରତିନିଧିମାନେ ଯୋଗଦେଇଥିଲେ। ପରିବହନ ସାମଗ୍ରୀ ସହିତ ଜଡିତ ଆହ୍ୱାନର ମୁକାବିଲା, କାର୍ଯ୍ୟ ଦକ୍ଷତା ବୃଦ୍ଧି, ଇସ୍ପାତ ପରିବହନ ସାମଗ୍ରୀର ସୁରକ୍ଷା ବୃଦ୍ଧି ପାଇଁ ଇସ୍ପାତ ଶିଳ୍ପ ଓ ରେଳପଥ ମଧ୍ୟରେ ଘନିଷ୍ଠ ସହଯୋଗ ବୃଦ୍ଧି, ଇଣ୍ଡଷ୍ଟ୍ରି ଫିଡ୍‌ବ୍ୟାକ ଏବଂ ଓପନ ଫୋରମ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ନୂତନ ଉପାୟରେ ୱାଗନ ଡିଜାଇନ, ଗମନାଗମନ ସମୟରେ ଇସ୍ପାତକୁ ସୁରକ୍ଷିତ କରିବା ଉପରେ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଥିଲା। ଟାଟା ଷ୍ଟିଲ, ଜିନ୍ଦଲ ଷ୍ଟେନ୍‌ଲେସ, ଏନ୍‌ଏମ୍‌ଡିସି ଷ୍ଟିଲ, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର୍ ଲିମିଟେଡ, ରାଷ୍ଟ୍ରୀୟ ଇସ୍ପାତ ନିଗମ, ଭୂଷଣ ପାୱାର ଆଣ୍ଡ ଷ୍ଟିଲ ଲିମିଟେଡ ଏବଂ ଟିଏମ୍ ଇଣ୍ଟରନ୍ୟାସନାଲ ଲଜିଷ୍ଟିକ୍ସ ସହିତ ଇସ୍ପାତ ନିର୍ମାତାମାନେ ଅଂଶଗ୍ରହଣ କରି ଇସ୍ପାତ ପରିବହନ କ୍ଷେତ୍ରରେ ରେଳ ସଂଯୋଗ ଓ ସେବାରେ ଉନ୍ନତି ଆଣିବା ପାଇଁ ପରାମର୍ଶ ଦେଇଥିଲେ। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଫୁଙ୍କୱାଲ୍ ଇସ୍ପାତର ଚାହିଦା ବୃଦ୍ଧିକୁ ପୂରଣ କରିବା ସହ ଠିକ ସମୟରେ ବିତରଣ ସୁନିଶ୍ଚିତ କରିବା ପାଇଁ ରେଳପଥ ଓ ଇସ୍ପାତ ଶିଳ୍ପ ମଧ୍ୟରେ ଦୃଢ଼ ସହଭାଗୀତା ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତଟ ରେଳପଥ ଅଧୀନରେ ଥିବା ଲୋଡିଂ, ଅନ୍‌ଲୋଡିଂ ଏବଂ ୱାଗନ ଟର୍ନ ଆରାଉଣ୍ଡ୍ ସମୟ ଆଦି ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା, ସୁଗମ କାର୍ଯ୍ୟକୁ ସୁନିଶ୍ଚିତ କରିବା ଏବଂ ବିଳମ୍ବକୁ ହ୍ରାସ କରିବା ଦିଗରେ କର୍ମଶାଳାରେ ଅଲୋଚନା ହୋଇଥିଲା।




ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା'ର ବାହ୍ୟ ଆଙ୍ଗିକଗୁଡ଼ିକ ଉପରେ- ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ। କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି। -ଶ୍ରୀମା

# କଲମ୍ବିଆର ଆହ୍ୱାନ



ମାଉରିସିଓ କାବ୍ରେରା ଲିୟଲ

ଜୀବାଶ୍ମ ଶକ୍ତିରୁ ଦୂରେଇ ସ୍ୱଚ୍ଛ ତଥା ସବୁଜ ଶକ୍ତି କ୍ଷେତ୍ରକୁ ପରିବର୍ତ୍ତନ ସକାଶେ ବିଶ୍ୱରେ ତତ୍ପରତା ପ୍ରକାଶ ପାଇଛି। ଏହାସହ ସୁନା ମୂଲ୍ୟ ଦ୍ରୁତଗତିରେ ବୃଦ୍ଧି ପାଉଛି। ଏହିସବୁ କାରଣ ଯୋଗୁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ଧାତୁର ଚାହିଦା ଆଶାତୀତ ଭାବେ ବଢ଼ୁଛି। ଏହି ଧାରା ଖଣି ଖନନକୁ ତୀବ୍ର କରିଛି, ଯାହା ଜୈବ ବିବିଧତା ଏବଂ ଲୋକ ବିଶେଷକରି ଆଦିବାସୀ ସମ୍ପ୍ରଦାୟ ଉପରେ ଅତ୍ୟଧିକ ବିପଦ ସୃଷ୍ଟି କରିଛି। ଏହାର ପ୍ରଭାବ ହ୍ରାସ କରିବା ଏବଂ ନକାରାତ୍ମକ ଦିଗକୁ ରୋକିବା ପାଇଁ ପୂର୍ବାପେକ୍ଷା ଏକ ସମନ୍ୱିତ ବିଶ୍ୱସ୍ତରୀୟ ପଦକ୍ଷେପ ଅଧିକ ଜରୁରୀ। ଏହା ନିଶ୍ଚିତ ଯେ, ସବୁଜ ଶକ୍ତିକୁ ପରିବର୍ତ୍ତନ ଏବଂ ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଖଣିଜ ପଦାର୍ଥ ଏବଂ ଧାତୁ ଉତ୍ତୋଳନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେବେ ଏହା ଜୀବନକୁ ବଞ୍ଚାଇ ରଖୁଥିବା ପରିସଂସ୍ଥାକୁ ମଧ୍ୟ ବିପଦରେ ପକାଇଥାଏ। ଫଳରେ ପ୍ରାକୃତିକ ବାସସ୍ଥାନ ନଷ୍ଟ , ଜଙ୍ଗଲ କ୍ଷୟ , ଜଳ ଓ ମୃତ୍ତିକା ପ୍ରଦୂଷଣ, ବନ୍ୟଜୀବ ବିଲୁପ୍ତିହେବା ସହ ଖାଦ୍ୟ ନିରାପତ୍ତା ଏବଂ ଜଳଉତ୍ସ ନଷ୍ଟ ହୋଇଯାଏ। ଯଦି ଆଦିବାସୀ ତଥା ସ୍ଥାନୀୟ ସମ୍ପ୍ରଦାୟ ଏହି ସଙ୍କଟର ସମ୍ମୁଖୀନ ହୁଅନ୍ତି, ଯାହା ସେମାନଙ୍କର ଜୀବିକା ତଥା ଏକ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ପାଇବାର ଅଧିକାର ପ୍ରତି ବିପଦ ସୃଷ୍ଟି କରିଥାଏ।

ନିକଟରେ କରାଯାଇଥିବା ଅଧ୍ୟୟନର ଆକଳନରୁ ଜଣାପଡ଼ିଛି, ସବୁଜ କ୍ଷେତ୍ରକୁ ପରିବର୍ତ୍ତନର ଧାରା ଅଧିକ ତ୍ୱରାନ୍ୱିତ ହେଉଥିବାରୁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଚାହିଦା ୨୦୩୦ ସୁଦ୍ଧା ଦ୍ୱିଗୁଣିତ ଏବଂ ୨୦୪୦ ସୁଦ୍ଧା ୪ ଗୁଣ ବଢ଼ିଯିବ । ଏହି ସମୟରେ ସୁଧ ହାର ହ୍ରାସ, ଭୂ-ରାଜନୈତିକ ଅନିଶ୍ଚିତତା, ମାନକରେ ବିବିଧତା,ଅସୁରକ୍ଷିତ ପୁଞ୍ଜି ନିବେଶ ଯୋଗୁ ସୁନା ମୂଲ୍ୟ ଆହୁରି ଅଧିକ ବଢ଼ିବ ବୋଲି ଅନୁମାନ କରାଯାଉଛି। ଏହି ପୃଷ୍ଠଭୂମିରେ, ବ୍ରାଜିଲରେ ଆସନ୍ତା ବର୍ଷ ହେବାକୁ ଥିବା ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କପ୍ ୩୦)ରେ ଖଣିଜ ଉତ୍ତୋଳନଠାରୁ ଆରମ୍ଭକରି ତାହାର ପୁନଃ ବ୍ୟବହାର ପର୍ଯ୍ୟନ୍ତ, ସବୁ ଗୁରୁତ୍ୱପୂର୍ଣ୍ଣ ଶୃଙ୍ଖଳାରେ ତଥ୍ୟ ସଂଗ୍ରହ, ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାକୁ ଏକ ବାଧ୍ୟତାମୂଳକ ଅନ୍ତର୍ଜାତୀୟ ଚୁକ୍ତିନାମା କରିବାକୁ କଲମ୍ବିଆ ଆହ୍ୱାନ ଦେଇଛି। କଲମ୍ବିଆରେ ଅନୁଷ୍ଠିତ ମିଳିତ ଜାତିସଂଘର ୧୬ ତମ ଜୈବ ବିବିଧତା ସମ୍ମିଳନୀ (କପ୍ ୧୬)ରେ ଏହି ପ୍ରସ୍ତାବ ଉପସ୍ଥାପିତ ହୋଇଛି, ଯାହା ଜାତିସଂଘ ମହାସଚିବଙ୍କ କ୍ରିଟିକାଲ ଏନର୍ଜି ଟ୍ରାଜିସନ ମିନେରାଲ୍ସର ସୁପାରିସକୁ ପାଳନକରେ। ଏହାର ଲକ୍ଷ୍ୟ ହେଉଛି ଖଣିଜ ପଦାର୍ଥର ପରିବେଶ ଉପଯୋଗୀ ଉତ୍ତୋଳନ, ପରିବହନ ଓ



ଯୋଗାଣ ବ୍ୟବସ୍ଥାରେ ଅଧିକ ନିରନ୍ତର ଓ ଦୃଢ଼ ପଦକ୍ଷେପ ନେବା, କର୍ପୋରେଟ ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହିତ କରିବା ଏବଂ ଅତ୍ୟାବଶ୍ୟକ ସ୍ୱଚ୍ଛ ଶକ୍ତିର କଞ୍ଚାମାଲ ପାଇଁ ବୈଶ୍ୱିକ ବଜାର ପ୍ରତିଷ୍ଠା କରିବା । ଏହାର ମୂଳରେ ରହିଛି ପରିବେଶ ଏବଂ ଜୈବ ବିବିଧତା ଲକ୍ଷ୍ୟରୁ ଓହରି ନ ଯାଇ ଖଣିଜ ପଦାର୍ଥ ଏବଂ ଧାତୁର ଦାୟିତ୍ୱପୂର୍ଣ୍ଣ ଉତ୍ତୋଳନକୁ ପ୍ରୋତ୍ସାହିତ କରିବା । ସେହି ଉଦ୍ଦେଶ୍ୟରେ, କଲମ୍ବିଆର ପ୍ରସ୍ତାବ ସହ ଦାୟିତ୍ୱପୂର୍ଣ୍ଣ ଖଣି ଖନନ ସମ୍ପର୍କିତ ଏକ ସ୍ୱେଚ୍ଛାକୃତ ଘୋଷଣା ରହିଥିଲା, ଯେଉଁଥିରେ ଏକ ଆନ୍ତଃ ସରକାରୀ ତଥା କାର୍ଯ୍ୟରତ ବହୁ-ଭାଗୀଦାରି ଗୋଷ୍ଠୀ ଗଠନ ସହ ଅନେକ ଠୋସ୍ ପଦକ୍ଷେପ ବିଷୟ ଉଲ୍ଲେଖ ରହିଥିଲା। ଦାୟିତ୍ୱପୂର୍ଣ୍ଣ ଖଣି ଖନନକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱର ଅନ୍ୟତମ ଜୈବ ବିବିଧତାର ଦେଶ କଲମ୍ବିଆ ଚେଷ୍ଟା କରିବା ଆଶ୍ଚର୍ଯ୍ୟ ବିଷୟ ନୁହେଁ। କଲମ୍ବିଆର ଆମାଜନ୍ ଏବଂ ପ୍ରଶାନ୍ତ ମହାସାଗର ତଟୀୟ ଦେଶଗୁଡ଼ିକରେ ବେଆଇନ ସୁନା ଓ ଖଣିଜ ଉତ୍ତୋଳନ ପ୍ରାୟତଃ ସଶସ୍ତ୍ର ଅପରାଧୀ ଗୋଷ୍ଠୀ ଦ୍ୱାରା ନିୟନ୍ତ୍ରିତ । ଏହି ଖନନରୁ ବାହାରୁଥିବା ମର୍କ୍ୟୁରି ଜଳ ଉତ୍ସକୁ ଦୂଷିତକରିବା ସହ ସ୍ଥାନୀୟ ତଥା ଆଦିବାସୀ ସମ୍ପ୍ରଦାୟ ପ୍ରତି ବିପଦ ସୃଷ୍ଟି କରିଛି। ଆମାଜନ୍-ଓରିନୋକୋ ଅଞ୍ଚଳରେ ପରିବେଶଗତ ଓ ସାମାଜିକ ବିପଦକୁ ଆହୁରି ବଢ଼ାଇଦେଇଛି ଏବଂ ଶିଳ୍ପରେ କାର୍ଯ୍ୟରତ ସବୁଠାରୁ ଅସୁରକ୍ଷିତ ଶ୍ରମିକମାନେ ଦାସତ୍ୱ ସ୍ଥିତିକୁ ସହିବାକୁ ବାଧ ହୋଇଛନ୍ତି।

କଲମ୍ବିଆର ସଶସ୍ତ୍ର ସଂଘର୍ଷ ଏବଂ ଆଭ୍ୟନ୍ତରୀଣ ବିସ୍ଥାପନର ଇତିହାସ ରହିଛି। ଏହାସହ ଆଦିବାସୀ, ଆଫ୍ରିକାର ମୂଳ ବଂଶଧର ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ଆପରାଧିକ ଗୋଷ୍ଠୀ ଆକ୍ରମଣ କରୁଛନ୍ତି। ଏହା ଦର୍ଶାଉଛି, ଖଣିଜ ଉତ୍ତୋଳନ ପାଇଁ ମାନବ ଅଧିକାରଭିତ୍ତିକ ଆଭିମୁଖ୍ୟର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତଙ୍କ ପାଇଁ ସମ୍ମାନଜନକ ଜୀବିକା ସୁନିଶ୍ଚିତ କରିବା ପାଇଁ ମିଳିତ ଘୋଷଣାନାମା ଏକ ସବୁଜ ପରିବର୍ତ୍ତନକୁ ସମର୍ଥନ କରେ।

ଦାୟିତ୍ୱପୂର୍ଣ୍ଣ ଖଣିଜ ସଂସାଧନ ଉତ୍ତୋଳନ କିପରି ହାସଲ କରାଯାଇପାରିବ ସେ ସମ୍ବନ୍ଧରେ ଆଫ୍ରିକାର ଅଭିଜ୍ଞତା ବହୁମୂଲ୍ୟ ଶିକ୍ଷା ଦେଇଥାଏ। ଏକାଧିକ ଆଫ୍ରିକୀୟ ଦେଶ ଗତ ଦଶନ୍ଧିରେ ସ୍ୱଚ୍ଛ ଖଣିଜ ଉତ୍ତୋଳନ, ପରିବହନ ଓ ଯୋଗାଣକୁ ନେଇ ୨୦୧୦ ଲୁସାକା ଘୋଷଣାନାମାରେ ଟଣ୍ଟାଲମ, ଟିନ୍, ଟଙ୍ଗଷ୍ଟେନ ଏବଂ ସୁନା ଉତ୍ତୋଳନ ପାଇଁ ରହିଥିବା ଉଚିତ ଅନୁସନ୍ଧାନ ଓ ସମୀକ୍ଷା ମାନକକୁ ଗ୍ରହଣ କରିଛନ୍ତି। ଏହି ଯୁଗାନ୍ତକାରୀ ଚୁକ୍ତି ଗ୍ରେଟ୍ ଲେକ୍ସ ରିଜିଅନର ଅନ୍ତର୍ଜାତୀୟ ସମ୍ମିଳନୀରେ ଉପସ୍ଥିତ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଦ୍ୱାରା ଗୃହୀତ ହୋଇଥିଲା। ଏଥିରେ ସ୍ୱଚ୍ଛତା ବୃଦ୍ଧି ତଥା ବେଆଇନ ଖଣି ଖନନ ହ୍ରାସ ପାଇଁ ଏକ ଆଞ୍ଚଳିକ ପ୍ରମାଣୀକରଣ ବ୍ୟବସ୍ଥା ସମେତ ଅନେକ ଉତ୍ତରଦାୟିତ୍ୱ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସେହିଭଳି, ସଂଘର୍ଷ ପ୍ରଭାବିତ ଏବଂ ଅଧିକ ବିପଦପୂର୍ଣ୍ଣ ଅଞ୍ଚଳରୁ ଖଣିଜ ପଦାର୍ଥର ଦାୟିତ୍ୱପୂର୍ଣ୍ଣ ଯୋଗାଣ ଶୃଙ୍ଖଳା ପାଇଁ ନକାରାତ୍ମକ ପ୍ରଭାବକୁ କିଭଳି ରୋକାଯାଇପାରିବ ସେ ସମ୍ପର୍କିତ ୨୦୧୬ର ଓଇସିଡି ନିର୍ଦ୍ଦେଶାବଳୀ କମ୍ପାନୀଗୁଡ଼ିକୁ କଞ୍ଚାମାଲର ଉତ୍ସ ପ୍ରଦାନ କରିଥିଲା। ଏହାସହ ମାନବ ଅଧିକାରର ଉଲ୍ଲଂଘନ ଏବଂ ପରିବେଶର କ୍ଷତିକୁ ଚିହ୍ନଟ ଓ ରିପୋର୍ଟ କରିବା ପାଇଁ ବ୍ୟବହାରିକ ସାଧନ ବି ଯୋଗାଇ ଦେଇଥିଲା। ପରେ ଦାୟିତ୍ୱପୂର୍ଣ୍ଣ ବ୍ୟବସାୟ କାର୍ଯ୍ୟ ପାଇଁ ଓଇସିଡିର ୨୦୧୮ ନିର୍ଦ୍ଦେଶାବଳୀ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବସାୟ କାର୍ଯ୍ୟ କ୍ଷେତ୍ରରେ ବହୁରାଷ୍ଟ୍ରୀୟ ଉଦ୍ୟୋଗଗୁଡିକ ପାଇଁ ୨୦୨୩ର ନିର୍ଦ୍ଦେଶାବଳୀ ସେମାନଙ୍କ କାର୍ଯ୍ୟକଳାପଗୁଡ଼ିକର ବ୍ୟାପକ ପ୍ରଭାବ ଉପରେ ବିଚାରକରି ଶ୍ରମ ଅଧିକାର, ସ୍ଥାୟୀ ଏବଂ ସ୍ୱଚ୍ଛ ଶାସନ ଭଳି ବିଷୟଗୁଡ଼ିକର ସମାଧାନ କରିବାକୁ ଉତ୍ସାହିତ କରେ।

ଦୁଃଖର ବିଷୟ, ଏହି ପଦକ୍ଷେପଗୁଡ଼ିକର ପ୍ରୟୋଗ ଏବଂ କାର୍ଯ୍ୟକାରିତା ମୁଖ୍ୟତଃ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ରହିଯାଇଛି। ବିଭିନ୍ନ ଦେଶ ମଧ୍ୟରେ ଅଭିଜ୍ଞତା ଓ ଜ୍ଞାନ ବିନିମୟକୁ ସୁଗମକରି ବିଶ୍ୱର ନୀତି ନିର୍ଦ୍ଧାରକମାନେ ଧାତୁ ଏବଂ ଖଣିଜ ପଦାର୍ଥକୁ ବଣ୍ଟନ ଏବଂ ବାଣିଜ୍ୟଠାରୁ ଆରମ୍ଭକରି ସେଗୁଡ଼ିକର ପୁନଃ ବ୍ୟବହାର ଏବଂ ନିଷ୍କାସନ ପର୍ଯ୍ୟନ୍ତ ଦୃଢ଼ ଉତ୍ତରଦାୟିତ୍ୱ ପ୍ରଣାଳୀ ବିକାଶ କରିପାରିବେ। ଏଭଳି ଏକ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ଦେଶର ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କଲମ୍ବିଆର ପଦକ୍ଷେପ ଏକ ନୂତନ ମଡେଲ ଭାବେ ଆବିର୍ଭାବ ହେବ ଯାହା ବିଶ୍ୱର ଜଳବାୟୁ ପଦକ୍ଷେପକୁ ତ୍ୱରାନ୍ୱିତ କରିବା ସହ ନିରନ୍ତର ବିକାଶ ପାଇଁ ପଥ ପରିଷ୍କାର କରିବ ବୋଲି ଆଶା କରାଯାଉଛି।

**ଉପମନ୍ତ୍ରୀ( ନୀତି ଓ ନିୟାମକ), ପରିବେଶ ଓ ସ୍ଥାୟୀ ବିକାଶ ମନ୍ତ୍ରଣାଳୟ, କଲମ୍ବିଆ**

## ଗୃହ ସଞ୍ଚୟର ଆର୍ଥିକୀକରଣ



ସୌରଜିତ ପ୍ରଧାନୀ

ଆମେରିକାରେ ୧୯୭୦ ଦଶକରେ ଘରୋଇ ଆୟର ଆର୍ଥିକୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଭାରତୀୟ ମହାନଗରରେ ୨୦୦୦ ଦଶକର ପ୍ରାରମ୍ଭରେ ଏହି ଧାରା ଆରମ୍ଭ ହୋଇଥିଲା। ଏବେ ଭାରତର 'ଟାୟର-୨' ଏବଂ 'ଟାୟର-୩' ସହରରେ ମଧ୍ୟ ସମାନ ଧାରା ଦେଖିବାକୁ ମିଳୁଛି। ଏହି ଧାରାର ଅନୁଘଟକ ହେଉଛି ପ୍ରଯୁକ୍ତି ମାଧ୍ୟମରେ ସୂଚନାର ସହଜ ଉପଲବ୍ଧତା। ଆଜିର ସମୟରେ ଜ୍ଞାନ ଓ ସୂଚନାକୁ ପିରାମିଡର ମୂଳଦୁଆ ପର୍ଯ୍ୟନ୍ତ ଗଣତନ୍ତ୍ରୀକରଣ କରାଯାଇଛି। କୌଣସି ବ୍ୟକ୍ତିର ସାମାଜିକ-ଅର୍ଥନୈତିକ ସ୍ଥିତିକୁ ଦୃଷ୍ଟିରେ ନ ରଖି ଇଣ୍ଟରନେଟ୍ ମାଧ୍ୟମରେ ସହଜରେ ସୂଚନା ପାଇପାରିବେ।

ଆନୁଷ୍ଠାନିକ ଆର୍ଥିକ କ୍ଷେତ୍ରରେ ଅଧିକ ତରଳତା ଯେକୌଣସି ଦେଶର ଅର୍ଥନୀତି ପାଇଁ ଭଲ। ବଜାରରେ ଅଧିକ ମାତ୍ରାରେ ଲିକ୍ୟୁଡିଟି ଯୋଗୁ କର୍ପୋରେଟ୍‌ମାନେ ଅଧିକ ଉତ୍ପାଦନ କରିବେ, ଯାହା ଆଗକୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। କିନ୍ତୁ ଯଦି ସମସ୍ତ ଅର୍ଥକୁ ଆର୍ଥିକ ଓ ରିୟଲ ଇଷ୍ଟେଟରେ ବିନିଯୋଗ କରାଯାଏ, ତା'ହେଲେ ଏହା ଆର୍ଥିକ ବାସ୍ତୁତନ୍ତ୍ରରେ ଅସନ୍ତୁଳନ ସୃଷ୍ଟି କରିବ। ଭାରତର ଘରୋଇ ସଞ୍ଚୟ, ଐତିହାସିକ ଭାବେ ସୁନା, ରିୟଲ ଇଷ୍ଟେଟ ଏବଂ ଅନ୍ୟାନ୍ୟ ମୂର୍ତ୍ତିସମ୍ପନ୍ନ ସମ୍ପତ୍ତିକୁ ବୁଝାଏ । ଗତ କିଛି ବର୍ଷ ମଧ୍ୟରେ ଏହା ମ୍ୟୁଚୁଆଲ ଫଣ୍ଡ, ଇକ୍ୱିଟି, ବଣ୍ଡ ଭଳି ଆର୍ଥିକ ସମ୍ପତ୍ତି ଆଡ଼କୁ ଢଳିବା ଦେଖାଦେଇଛି। ଦଶନ୍ଧି ଦଶନ୍ଧି ଧରି ଭାରତୀୟ ପରିବାରମାନେ ଭୌତିକ ସମ୍ପତ୍ତିକୁ ଅଧିକ ପସନ୍ଦ କରିଆସୁଛନ୍ତି। ବିଶେଷ କରି ଭାରତୀୟ ସମାଜରେ ସୁନାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଏହା କେବଳ ଧନର ପ୍ରତୀକ ନୁହେଁ ବରଂ ମୁଦ୍ରାସ୍ଫୀତି ଓ ମୁଦ୍ରାର ଚଳଚଞ୍ଚଳତା ବିରୋଧରେ ମଧ୍ୟ ଏହା ଏକ 'ହେଜ' ଭାବେ କାମ କରିଥାଏ। ସେହିଭଳି ରିୟଲ ଇଷ୍ଟେଟ ସଞ୍ଚୟର ଅନ୍ୟ ଏକ ପ୍ରମୁଖ ମାଧ୍ୟମ ହୋଇଛି, ଯାହା ଉଭୟ ପୁଞ୍ଜି ମୂଲ୍ୟାୟନ ଏବଂ ଭଡା ଆୟର ସୁଯୋଗ ପ୍ରଦାନ କରୁଛି।

ଭାରତୀୟ ପରିବାରମାନଙ୍କର ଆନୁଷ୍ଠାନିକ ଆର୍ଥିକ ବଜାରରେ ସୀମିତ ପ୍ରବେଶ ଥିଲା। ବିଶେଷକରି ଗ୍ରାମାଞ୍ଚଳରେ ବ୍ୟାଙ୍କିଂ ଭିତ୍ତିଭୂମି ଅନୁନ୍ନତ ଥିଲା, ଆର୍ଥିକ ସାକ୍ଷରତା କମ୍ ଥିଲା। ଅଧିକନ୍ତୁ, ସୁନା ଏବଂ ରିୟଲ ଇଷ୍ଟେଟକୁ ସୁରକ୍ଷିତ ନିବେଶ ଭାବେ ବିବେଚନା କରାଯାଉଥିଲା, ଯାହା ବଜାରର ଅସ୍ଥିରତା ଏବଂ ଆର୍ଥିକ ଉତ୍ପାଦ ସହିତ ଜଟିଳତାରୁ ସୁରକ୍ଷା ପ୍ରଦାନ କରୁଥିଲା। ଆର୍ଥିକୀକରଣ ପ୍ରକ୍ରିୟାରେ ମଧ୍ୟ କୋଭିଡ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଭାରତରେ 'ଡିମାଟ ଆକାଉଣ୍ଟ' ସଂଖ୍ୟା କୋଭିଡ୍-୧୯ ସଂକ୍ରମଣ ପୂର୍ବରୁ ମାର୍ଚ୍ଚ ୨୦୨୦ରେ ଏହା ମାତ୍ର ୪୦.୯ ନିୟୁତ ଥିବା ବେଳେ ୨୦୨୪ରେ ଏହା ଦ୍ୱିଗୁଣିତ ହୋଇ ୧୦୦.୫ ନିୟୁତରେ ପହଞ୍ଚିଛି। ଭାରତର ଯୁବ ଜନସଂଖ୍ୟା ପୂର୍ବ ପିଢ଼ି ତୁଳନାରେ ଆର୍ଥିକ ସମ୍ପତ୍ତି ପ୍ରତି ଅଧିକ ଆଗ୍ରହୀ। ପୁରୁଣା ପିଢ଼ି ଯେଉଁମାନେ ସୁନା ଓ ରିୟଲ ଇଷ୍ଟେଟ ସୁରକ୍ଷାକୁ ପ୍ରାଧାନ୍ୟ ଦେଉଥିଲେ, ସେମାନଙ୍କ ତୁଳନାରେ ଯୁବ ନିବେଶକମାନେ ଷ୍ଟକ୍ ମାର୍କେଟ ଓ ମ୍ୟୁଚୁଆଲ ଫଣ୍ଡ ଭଳି ସମ୍ପତ୍ତି ସୃଷ୍ଟି ପାଇଁ ନୂଆ ରାସ୍ତା ଖୋଜୁଛନ୍ତି।

ଘରୋଇ ସଞ୍ଚୟର ଆର୍ଥିକୀକରଣ ଅନେକ ସୁଯୋଗ ପ୍ରଦାନ କରୁଥିଲେ ମଧ୍ୟ ଏହା ମଧ୍ୟ କେତେକ ପ୍ରତିବନ୍ଧକ ଆଣିଥାଏ। ଆର୍ଥିକ ସମ୍ପତ୍ତି ବିଶେଷକରି ଇକ୍ୱିଟି ଉପରେ ବଜାରର ବିପଦ ରହିଥାଏ। ଷ୍ଟକ୍ ଓ ମ୍ୟୁଚୁଆଲ ଫଣ୍ଡରେ ବିନିଯୋଗ ହୋଇଥିବା ଘରୋଇ ସଞ୍ଚୟ ବଜାରର ମାନ୍ଦାବସ୍ଥା ଦ୍ୱାରା ପ୍ରତିକୂଳ ପ୍ରଭାବ ପକାଇପାରେ, ଯାହାଫଳରେ ସମ୍ଭାବ୍ୟ ସମ୍ପତ୍ତି କ୍ଷୟ ହୋଇପାରେ। ବିପଦରୁ ଦୂରେଇ ରହୁଥିବା ନିବେଶକଙ୍କ ପାଇଁ ଏହି ଅସ୍ଥିରତା ଏକ ଉଲ୍ଲେଖନୀୟ ପ୍ରତିବନ୍ଧକ ହୋଇପାରେ। ଆର୍ଥିକ ସାକ୍ଷରତାରେ ଉନ୍ନତି ସତ୍ତ୍ୱେ ଜନସଂଖ୍ୟାର ଏକ ବଡ଼ ଅଂଶ, ବିଶେଷକରି ଗ୍ରାମାଞ୍ଚଳରେ ଏବେ ମଧ୍ୟ ଆର୍ଥିକ ଉତ୍ପାଦ ବିଷୟରେ ବ୍ୟାପକ ଜ୍ଞାନର ଅଭାବ ରହିଛି। ଆର୍ଥିକୀକରଣର ଲାଭ ସବୁ ସମାଜରେ ସମାନ ଭାବେ ବଣ୍ଟା ଯାଉନାହିଁ। ଆର୍ଥିକ ଉତ୍ପାଦରେ ବିନିଯୋଗ ପାଇଁ ଧନୀ ପରିବାର ପାଖରେ ସମ୍ବଳ ଓ ଜ୍ଞାନ ଥିବାବେଳେ ଗରିବ ପରିବାର ହୁଏତ ପାରମ୍ପରିକ ସଞ୍ଚୟ ବ୍ୟବସ୍ଥା ଉପରେ ନିର୍ଭରଶୀଳ ରହିପାରନ୍ତି, ଯାହା ଅସମାନତାକୁ ସ୍ଥାୟୀ କରିଥାଏ। ଯେହେତୁ ଅଧିକ ଘରୋଇ ସଞ୍ଚୟ ଇକ୍ୱିଟି ବଜାରରେ ପ୍ରବାହିତ ହେଉଛି, ସମ୍ପଦ ସୃଷ୍ଟି ପାଇଁ ଶେୟାର ବଜାର ପ୍ରଦର୍ଶନ ଉପରେ ଅତ୍ୟଧିକ ନିର୍ଭରଶୀଳ ହେବାର ଆଶଙ୍କା ରହିଛି। ବଜାରରେ ଦୀର୍ଘ ଦିନ ଧରି ଲାଗି ରହିଥିବା କୌଣସି ବି ମାନ୍ଦାବସ୍ଥାର ନକାରାତ୍ମକ ପ୍ରଭାବ ଘରୋଇ ସମ୍ପତ୍ତି ଉପରେ ଭାରତରେ ଘରୋଇ ସଞ୍ଚୟର ଆର୍ଥିକୀକରଣ ଦ୍ୱାରା ପରିବାରଗୁଡ଼ିକ ସମ୍ପତ୍ତି ସଂଗ୍ରହ ଓ ନିବେଶ ଦିଗରେ ଅଗ୍ରସର ହେବା ଏକ ଆମୂଳଚୂଳ ପରିବର୍ତ୍ତନକୁ ସୂଚାଉଛି।

**ମୋ: ୯୯୬୭୧୦୨୨୬୪**

## ଏଇ ଭାରତରେ

ମହାରାଷ୍ଟ୍ରର ୭ ଜଣ ସାଙ୍ଗ ସୌରଶକ୍ତି ଚାଳିତ ଡ୍ରାଏର ବ୍ୟବହାର କରି ନଷ୍ଟ ହୋଇଯାଉଥିବା ଉତ୍ପାଦିତ ପନିପରିବା କିମ୍ବା ଖାଦ୍ୟଶସ୍ୟକୁ ଶୁଖାଇ ତାହାକୁ ପ୍ରୋସେସିଂ କରୁଛନ୍ତି। ବୈଭବ ତିଡ୍‌କେ, ସ୍ୱପ୍ନିଲ କୋକାଟେ, ତୁଷାର ଗାୱେର, ନିଧି ପନ୍ଥ, ଅଶ୍ୱିନୀ ପାୱାଡେ, ଗଣେଷ ଭିରେ ଓ ଶୀତଳ ସୋମାନି ୨୦୧୯ରେ ଏସ୍ଏସ୍ ଟେକ୍‌ନୋଲୋଜି କମ୍ପାନୀ ପ୍ରତିଷ୍ଠା କରି ତା'ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ଏହା ମାଧ୍ୟମରେ କୃଷକମାନଙ୍କଠାରୁ ନଷ୍ଟ ହେଉଥିବା କିମ୍ବା କମ୍ ମାନର ଶସ୍ୟ ସଂଗ୍ରହ କରି ତାହାକୁ ଖାଦ୍ୟ ଉପଯୋଗୀ କରୁଛନ୍ତି। ବିଶେଷକରି ଆଳୁ, କଞ୍ଚାଲଙ୍କା, ଅଦା, ଟମାଟୋ, ପୋଇ ଏବଂ କଖାରୁରୁ ବିଭିନ୍ନ ପ୍ରକାର ଦାନା, ପାଉଡର, ସସ୍ଲାଇ ଇତ୍ୟାଦି ପ୍ରସ୍ତୁତ କରାଯାଉଛି। ଏହା ବ୍ୟତୀତ ଚାଉଳ, ସୋୟା,ମକାକୁ ଶୁଖାଇ ଖାଦ୍ୟ ଉପଯୋଗୀ କରାଯାଉଛି। ଏଥିରେ ସେମାନେ ୩,୫୦୦ରୁ ଅଧିକ ମହିଳାଙ୍କୁ ସଶକ୍ତ କରିବା ସହ ମୋଟ ଲକ୍ଷାଧିକ କୃଷକଙ୍କ ସହ ଯୋଡ଼ି ହୋଇଛନ୍ତି। ମହିଳାମାନେ ଏହି କାର୍ଯ୍ୟରେ ବର୍ଷକୁ ଅଧିକ ୫୦,୦୦୦ରୁ ୧ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ୭ ଜଣ ସାଙ୍ଗ ପ୍ରସ୍ତୁତ କରୁଥିବା ଖାଦ୍ୟ ଉପାଦାନକୁ 'ମୁମ୍ବା' ବ୍ରାଣ୍ଡରେ ବିକ୍ରି କରି ବାର୍ଷିକ ୨୦୦ କୋଟି ଟଙ୍କା ପାଉଛନ୍ତି। ସେମାନଙ୍କର ଏଭଳି ପଦକ୍ଷେପ କୃଷି ଉତ୍ପାଦ ନଷ୍ଟକୁ ରୋକିବା ସହ ଏବେ ସୁଦ୍ଧା ୧.୮ମିଲିୟନ କାର୍ବନ ଡାଇଅକ୍ସାଇଡ ନିର୍ଗମନ ହ୍ରାସ କରିପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୦ ଡିସେମ୍ବର ୧୯୭୫

- ଭାରତ ସରକାରଙ୍କ ଅର୍ଥଲଗାଣ କର୍ପୋରେସନ ପକ୍ଷରୁ ରାଜ୍ୟରେ ଉଠାଜଳସେଚନ ଯୋଜନା ପାଇଁ ୬ କୋଟି ୩୬ ଲକ୍ଷ ଟଙ୍କା ଋଣ ମଞ୍ଜୁର।
- କେରଳ ମୁଖ୍ୟମନ୍ତ୍ରୀ ଅଚ୍ୟୁତ ମେନନଙ୍କ ମିଳିତ ମନ୍ତ୍ରିମଣ୍ଡଳରେ କେରଳ କଂଗ୍ରେସର ଯୋଗଦାନ।
- ଆର୍ଜେଣ୍ଟିନା ରାଷ୍ଟ୍ରପତି ମାରିଆ ଏଷ୍ଟେଲା ପେରନଙ୍କୁ ଗାଦିଚ୍ୟୁତ କରିବାକୁ ଦେଶର ବିମାନ ବାହିନୀ ଅଫିସରମାନେ ବିଦ୍ରୋହ କରିଛନ୍ତି।

## ଜୀବନର ମୂଲ୍ୟବୋଧ ଓ ଏସ୍‌ଡିଜି



ଶୁଭନାରାୟଣ ଶତପଥୀ

ସରସ ସୁନ୍ଦର ଜୀବନଟିଏ ଜିଇବାକୁ କିଏ ବା ନ ଚାହେଁ। ଭଲରେ ବଢ଼ିବା, ଭଲରେ ବଢ଼ାଇବା ଓ ଏଇ ପୃଥିବୀରେ ସଭିଏ ଖୁସି, ଶାନ୍ତି, ଶାରୀରିକ ଓ ମାନସିକ ସୁସ୍ଥତାର ସହ ସହାବସ୍ଥାନ କରିବା ତ ଜୀବନର ବଡ଼ ସଫଳତା। ବ୍ୟକ୍ତିଗତ ଲକ୍ଷ୍ୟ ଓ ଅର୍ଜିତ ସଫଳତାଗୁଡ଼ିକର ସେତେବେଳେ ପୂର୍ଣ୍ଣତା ପ୍ରାପ୍ତି ଓ ଚିରସ୍ଥାୟୀ ହୁଏ, ଯେତେବେଳେ ସମ୍ପୃକ୍ତ ବ୍ୟକ୍ତି ଜୀବନର ମୂଲ୍ୟବୋଧ ସବୁକୁ ବୁଝନ୍ତି, କାର୍ଯ୍ୟକାରୀ କରନ୍ତି। ଜୀବନର ମୂଲ୍ୟବୋଧ ହିଁ ମଣିଷର ଅନ୍ତର୍ଚକ୍ଷୁକୁ ଉନ୍ମୁକ୍ତ କରେ। ସହଜରେ ପରିପୁଷ୍ଟ କରେ ତା'ର ଜୀବନ କୌଶଳକୁ। ଜୀବନ କୌଶଳ ଜୀବନକୁ ଅଧିକ ମାର୍ଜିତ କରେ। ମାର୍ଜିତ ଜୀବନର ପରିଭାଷା ହେଉଛି ସର୍ବେ ଭବନ୍ତୁ ସୁଖୀନଃ, ଲୋକାଃ ସମସ୍ତାଃ ସୁଖୀନୋ ଭବନ୍ତୁ, ବସୁଧୈବ କୁଟୁମ୍ବକମ୍ ଇତ୍ୟାଦି। ଅର୍ଥାତ୍ ନିଜର, ପରିବାରର, ଗୋଷ୍ଠୀର ସର୍ବୋପରି ବିଶ୍ୱବାସୀଙ୍କ ମଙ୍ଗଳ କାମନା କରି କାର୍ଯ୍ୟ କରିବା। ଜୀବନର ମୂଲ୍ୟବୋଧ କେବଳ ଦୀର୍ଘ ଜୀବନ ଜିଇବାରେ ନ ଥାଏ ବରଂ ସମାଜ ପାଇଁ ଆମର ଅବଦାନ କେତେ ରହିଛି ତାହା ଜୀବନର ସାର୍ଥକତା ପରିପ୍ରକାଶ କରେ। ପ୍ରତ୍ୟେକ ବ୍ୟକ୍ତିବିଶେଷ ପୃଥିବୀକୁ ଏକ ପରିବାର ମନେକରିବା, ସାଧୁତା ଅବଲମ୍ବନ କରିବା ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିବା ହେଉଛି ଜୀବନର ମୂଲ୍ୟବୋଧ। ଏହା ସହିତ ସହାନୁଭୂତି, ସ୍ୱାଧ୍ୟାୟ, ସମସ୍ୟାର ସମାଧାନ, ସୃଜନଶୀଳତା, ଉତ୍ତମ ଭାବନା, ଯୋଗାଯୋଗ ଦକ୍ଷତା, ଆତ୍ମସଂଯମ ଆଦି ରଖି ଚଳିଲେ ଜୀବନରେ ସ୍ଥିରତା ଆସେ। ଜୀବନରେ ଆନନ୍ଦ ଦ୍ୱିଗୁଣିତ ହୁଏ। ଏହି ମାଧୁର୍ଯ୍ୟପୂର୍ଣ୍ଣ ଜୀବନରୁ ବ୍ୟକ୍ତି ଆତ୍ମସନ୍ତୋଷଯୁକ୍ତ ଅଭିଜ୍ଞତା ସାଉଁଟେ। ଆତ୍ମସମୀକ୍ଷା କରେ। ଅର୍ଥନୈତିକ ଓ ସାମାଜିକ ପ୍ରଗତି ଓ ତା'ର ସୁପରିଚାଳନା କରିବାରେ ସମର୍ଥ ହୁଏ। ଯାହା ମଣିଷକୁ ସୁଖୀ ଓ ଦୀର୍ଘଜୀବୀ କରାଏ। ଆଉ ସୁଖ ଚିରସ୍ଥାୟୀ ସେତେବେଳେ ହୁଏ ଯେତେବେଳେ ମଣିଷର ପ୍ରତିଟି ଆବଶ୍ୟକତା ପୂରଣ ସହିତ ଜୀବନର ମୂଲ୍ୟବୋଧର ସମ୍ମିଶ୍ରଣ ଘଟେ। ଅଭିଳାଷ ସର୍ବନିମ୍ନ ହେଉ ବା ସର୍ବୋଚ୍ଚ, ଆବଶ୍ୟକତାର ଉଚିତ ପରିସୀମା ନିର୍ଦ୍ଧାରଣ କରେ ଜୀବନର ମୂଲ୍ୟବୋଧ। ଉଦାହରଣ ସ୍ୱରୂପ ଭଲମଣିଷ ହେବା, ରୋଜଗାର ବା ଅର୍ଥ ଉପାର୍ଜନ କରିବା, ସୁଖୀ ଜୀବନ ଜିଇବା ଗୋଟିଏ ଗୋଟିଏ ଆବଶ୍ୟକତା ହୋଇପାରେ। ତେବେ ନିଜର ଇଚ୍ଛା ବା ଅଭିଳାଷପୂର୍ଣ୍ଣ ସହିତ ଜୀବନର ମୂଲ୍ୟବୋଧ, ସାମାଜିକ, ଅର୍ଥନୈତିକ ସନ୍ତୁଳନ ବଜାୟ ରଖି ସମସ୍ତଙ୍କ ଆବଶ୍ୟକତା ପରିପୂରଣ ପାଇଁ କାର୍ଯ୍ୟକଲେ ଜୀବନ ସାର୍ଥକ ହେବ।

ପ୍ରତ୍ୟେକ ବ୍ୟକ୍ତି ନିଜର ଦକ୍ଷତା ପାଇଁ ମୂଲ୍ୟବାନ୍। ଏହାକୁ ଆମେ ଭିନ୍ନ ଭିନ୍ନ ପରିସ୍ଥିତିରେ ଉପଲବ୍ଧି କରୁ। ଯେମିତି କି ଶିକ୍ଷକ ଭାବରେ, ଛାତ୍ରୀଛାତ୍ର ଭାବରେ, ବକ୍ତା ଭାବରେ, ଶ୍ରୋତା ଭାବରେ, ସମାଜସେବୀ ଭାବରେ ଇତ୍ୟାଦି। ବ୍ୟକ୍ତିଗତ, ପାରିବାରିକ, ଗୋଷ୍ଠୀଗତସ୍ତରରେ ଜୀବନର ମୂଲ୍ୟବୋଧକୁ ବୃଦ୍ଧିକରି ବିକାଶର ଲକ୍ଷ୍ୟଗୁଡ଼ିକୁ ପୂରଣ କରି ପୃଥିବୀରେ ରୂପାନ୍ତରଣ କରାଯାଇପାରେ, ଯେଉଁଠି କେହି ଭୋକିଲା, ଗରିବ, ଅସୁସ୍ଥ ନ ଥିବେ। ସଭିଏ ସୁସ୍ଥ, ନିରାପଦ ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ନିର୍ବାହ କରିବାର



ସୁଯୋଗ ଲାଭ କରୁଥିବେ। ଏହା ହିଁ ତ ମିଳିତ ଜାତିସଂଘ ବା ୟୁଏନ୍ ଦ୍ୱାରା ସମସ୍ତ ଦେଶର ସହଯୋଗକ୍ରମେ କାର୍ଯ୍ୟକାରୀ ହେଉଥିବା ଚିରସ୍ଥାୟୀ ବିକାଶ ଲକ୍ଷ୍ୟ ବା ଏସ୍‌ଡିଜିର ଆହ୍ୱାନ। ତେବେ ଏହି ଲକ୍ଷ୍ୟଗୁଡ଼ିକୁ ପୂରଣ କରିବାକୁ ହେଲେ ପ୍ରଗତି ପାଇଁ କାର୍ଯ୍ୟଖସଡ଼ା ସାଙ୍ଗକୁ ସମାନ୍ତରାଳ ଭାବେ ଜୀବନର ମୂଲ୍ୟବୋଧକୁ ଧରି ଆଗକୁ ବଢ଼ିବାକୁ ହେବ। ଏହା କରିବାକୁ ହେଲେ ନିଜ ଭିତରେ ନିଜ ପରିବେଶର ଯତ୍ନ ନେବା, ସୁରକ୍ଷା ଦେବା, ଦାୟିତ୍ୱ ଓ କର୍ତ୍ତବ୍ୟଗୁଡ଼ିକ ଉପଯୁକ୍ତ ଭାବରେ ପାଳନ କରିବା, ସାମାଜିକ ଓ ଅର୍ଥନୈତିକ ପ୍ରଗତିରେ ଭାଗୀଦାରି ହେବା, ସ୍ଥାନୀୟ ସମ୍ବଳ ବୃଦ୍ଧିକରିବା ପାଇଁ ବ୍ୟକ୍ତିଗତ ପ୍ରୟାସ ସମସ୍ତଙ୍କଠାରୁ ଆରମ୍ଭ ହେବା ଜରୁରୀ। କାରଣ ଜୀବନର ମୂଲ୍ୟବୋଧଗୁଡ଼ିକୁ ବ୍ୟକ୍ତି ନିଜ ପରିବେଶରୁ ଗ୍ରହଣ କରିଥାଏ।

ଯେଉଁ ସଂସ୍ଥା, ବ୍ୟକ୍ତିବିଶେଷମାନେ ଲୋକମାନଙ୍କ ଜୀବନଧାରଣର ମାନବୃଦ୍ଧି ପାଇଁ ଏସ୍‌ଡିଜିର ଲକ୍ଷ୍ୟ ପୂରଣ ପାଇଁ କାମ କରୁଛନ୍ତି, ସେମାନେ ବିଭିନ୍ନ ଯୋଜନା, ସୁବିଧାଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଁଚାଇଥାନ୍ତି। ଏଥିପାଇଁ ନିମ୍ନରୁ ଉର୍ଦ୍ଧ୍ୱକୁ ବା ବଟମ୍ ଅପ୍ ପ୍ଲାନିଂ ଓ ମନିଟରିଂ ବ୍ୟବସ୍ଥା ଥାଏ ସତ କିନ୍ତୁ ଏଡିକିରେ ସେବା ବା ହାସଲ କରାଯାଉଥିବା ସଫଳତା ଓ ସୁବିଧାଗୁଡ଼ିକ ଚିରସ୍ଥାୟୀ ହୋଇପାରୁନାହିଁ। କାରଣ ଗୋଟିଏ ଜୀବନ ପରିବାର ସହିତ, ପରିବାର ଗୋଷ୍ଠୀ ସହିତ, ଗୋଷ୍ଠୀ ଅଞ୍ଚଳ ସହିତ, ଅଞ୍ଚଳ ସହିତ ଦେଶ ଯୋଡ଼ା। ସେହିପରି ପ୍ରତିଟି ଜୀବନର ଆବଶ୍ୟକତା ପୂରଣ ଜୀବନର ମୂଲ୍ୟବୋଧ ସହିତ ସଂଯୁକ୍ତ। ଏଣୁ ଜୀବନର ମୂଲ୍ୟବୋଧ ବିଷୟରେ ଆତ୍ମସଚେତନ ନ ହେବା ଯାଏ ଚିରସ୍ଥାୟୀ ବିକାଶର ପରିକଳ୍ପନା ଅସମ୍ଭବ। ଉଦାହରଣ ସ୍ୱରୂପ ଜୀବିକାର ଉନ୍ନତି ପାଇଁ ପ୍ରଦାନ କରାଯାଉଥିବା ଅର୍ଥର ଉପଯୁକ୍ତ ବିନିଯୋଗ, ଘୂର୍ଣ୍ଣନ, ଲାଭକ୍ଷତିର ହିସାବ ସହିତ ବ୍ୟବସାୟ ଯୋଜନାରେ ଗ୍ରାହକ ଓ ସମାଜର ମଙ୍ଗଳ କାମନାର ଆବଶ୍ୟକତା ନିମନ୍ତେ ସମ୍ପୃକ୍ତ ହିତାଧିକାରୀଙ୍କ ଅବଦାନ କ'ଣ ରହିବ, ତାଙ୍କ ଜୀବନକୁ କେତେ ପରିମାଣରେ ଓ କେତେଦିନ ପର୍ଯ୍ୟନ୍ତ କୁସୁମିତ କରିବ ତା'ର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ଓ ପରାମର୍ଶ ରହିବା ଉଚିତ। ଉଭୟ ସେବା ପ୍ରଦାନକାରୀ ଓ ହିତାଧିକାରୀ ଏ ବିଷୟରେ ଅନଭିଜ୍ଞ ଥିବାରୁ ସୁବିଧା ବା ଯୋଜନାକୁ ସାମୟିକ ବୋଲି ଗ୍ରହଣ କରିନିଅନ୍ତି । ଏଣୁ ଜୀବିକାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ କଥା। ସେହିପରି ଆବଶ୍ୟକତା ଆଧାରରେ ପରିବାର ସମୃଦ୍ଧୀକରଣ ସୁବିଧା ଓ ଯୋଜନା ଯୋଡ଼ିବାର କାରଣ ହେଉଛି ସାମୟିକ ଆବଶ୍ୟକତା ସହିତ ନିଜର ନିରନ୍ତର ପ୍ରଚେଷ୍ଟା ଦ୍ୱାରା ଚିରସ୍ଥାୟୀ ବିକାଶର ଲକ୍ଷ୍ୟ ପୂରଣ। କିନ୍ତୁ ଜୀବନର ମୂଲ୍ୟବୋଧଗୁଡ଼ିକୁ ଜାଣି ନ ପାରିବା ବା ଜାଣି ମଧ୍ୟ ନ ଯୋଡିବା କାରଣରୁ ଅନେକ କ୍ଷେତ୍ରରେ ପରିବାର ସମୃଦ୍ଧୀକରଣ, ଚିରସ୍ଥାୟୀ ହୋଇପାରୁନାହିଁ। କାରଣ ଆତ୍ମସ୍ୱାଭିମାନ, ଆତ୍ମନିର୍ଭରଶୀଳତା, ଆତ୍ମସନ୍ତୋଷ, ଆତ୍ମସମୀକ୍ଷାର ଅଭାବ ରହିବାରୁ ମାନସିକତା କେବଳ ନେବା ଭିତରେ ସୀମିତ ରହିଯାଏ। ସମାଜ ପ୍ରତି ଦାୟିତ୍ୱ ଓ କର୍ତ୍ତବ୍ୟବୋଧର ଭଙ୍ଗା ପଡିଯାଏ। ଅର୍ଜିତ ଦକ୍ଷତା, କୌଶଳ, ଅର୍ଥ ଆଦିକୁ ବୃଦ୍ଧିକରିବାର ମାନସିକତା ସ୍ଥାଣୁ ପାଲଟିଯାଏ। ଫଳରେ ଗୋଟିଏ ସୁବିଧା ପରେ ଅନ୍ୟଟିକୁ ଚାହିଁ ବସିଥାଉ। ଏହା ହିଁ ବିଡ଼ମ୍ବନା। ଏହି ବିଡ଼ମ୍ବନା କାରଣରୁ ଜୀବନର ମୂଲ୍ୟବୋଧକୁ ଆମେ ବୁଝିପାରୁନା କି ଜୀବନର ଲକ୍ଷ୍ୟ ଚିରସ୍ଥାୟୀ କରିପାରୁନା। ଏଣୁ ବିକାଶର ନିର୍ଦ୍ଦିଷ୍ଟ ଲକ୍ଷ୍ୟଗୁଡିକ ଚିରସ୍ଥାୟୀ କରିବାକୁ ହେଲେ ଜୀବନର ମୂଲ୍ୟବୋଧ ସଭିଏ ଜାଣିବା ନିତାନ୍ତ ଜରୁରୀ। ଏହା ହେଲେ ଜୀବନର ମୂଲ୍ୟବୋଧଭିତ୍ତିକ ବିକାଶ ଚିରସ୍ଥାୟୀ ବିକାଶରେ ପରିଣତ ହେବ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ: ୯୪୩୮୪୩୨୦୨୩**

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 6 | | | | | 3 |
| | | 6 | | | 3 | | 7 | |
| | 7 | | | | | 8 | 4 | |
| | | | 1 | 3 | | | | |
| | | | | | 9 | 5 | | |
| 5 | | 9 | 4 | | | | 1 | |
| | | | | | | | 5 | |
| | | 2 | | | | | | 8 |
| | | 7 | 8 | 6 | 1 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 5 | 6 | 3 | 9 | 4 | 8 | 2 |
| 3 | 6 | 8 | 2 | 4 | 7 | 1 | 9 | 5 |
| 9 | 2 | 4 | 5 | 8 | 1 | 3 | 6 | 7 |
| 6 | 8 | 9 | 3 | 1 | 5 | 2 | 7 | 4 |
| 2 | 1 | 3 | 4 | 7 | 8 | 9 | 5 | 6 |
| 4 | 5 | 7 | 9 | 2 | 6 | 8 | 1 | 3 |
| 8 | 4 | 6 | 7 | 9 | 3 | 5 | 2 | 1 |
| 5 | 9 | 2 | 1 | 6 | 4 | 7 | 3 | 8 |
| 7 | 3 | 1 | 8 | 5 | 2 | 6 | 4 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଫ୍ଲାଏଓଭର କାମ ଆରମ୍ଭ ହେଉ

ମହାଶୟ,

କନ୍ଦରପୁର ରେଳ ଫ୍ଲାଏଓଭର କାମ ଶୀଘ୍ର ଆରମ୍ଭ କରାଯାଉ। ବହୁଦିନରୁ ଅବହେଳିତ ଭାବେ ଏହା ନିର୍ମାଣ ହୋଇପାରୁନାହିଁ। ମନ୍ତ୍ରୀ ତୁରନ୍ତ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ଏବେ ଅଧିକାଂଶ ସମୟରେ ଟ୍ରେନ୍ ଚଳାଚଳ କରୁଛି। ଫଳରେ ଜରୁରିକାଳୀନ ଗାଡ଼ି, ଆମ୍ବୁଲାନ୍ସ, ଦୁଗ୍ଧଗାଡ଼ି, ମଧ୍ୟାହ୍ନଭୋଜନ ତଥା ଉଚ୍ଚ ପଦାଧିକାରୀଙ୍କ ଗାଡ଼ି ବହୁ ସମୟ ଅଟକିବାକୁ ବାଧ୍ୟ ହେଉଛି। ଏହା ସହ ଯାତ୍ରୀବାହୀ ବସ୍, ଟ୍ରକ୍, ଦୁଇଚକିଆ ତଥା ତିନିଚକିଆ ଗାଡ଼ି ବହୁ ସମୟ ଧରି ଯାଇପାରୁ ନାହାନ୍ତି। ସଙ୍କଟାପନ୍ନ ରୋଗୀ ଶୀଘ୍ର ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ରେଳପଥ ବିଭାଗ ତୁରନ୍ତ ସମସ୍ୟା ପ୍ରତି ଯତ୍ନବାନ୍ ହୁଅନ୍ତୁ।

**-ରମେଶଚନ୍ଦ୍ର ବେହେରା, ଆୟଉପୁର, କଟକ**

## ଚିରନ୍ତନୀ

ମୋହିଲା ନୟନ କେତେ ରୂପେ କେତେ ବର୍ଣ୍ଣେ
ସଦା ମୋର
କେତେ ମଧୁବାଣୀ ପରଶି ଯାଇଛି କର୍ଣ୍ଣେ
ମଧୁକର।
-(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ବୋଡ଼େନ ଭାଜପା ତରଫରୁ ଦାବିପତ୍ର

**ବୋଡ଼େନ,୧୯।୧୨ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ଗସ୍ତରେ ଆସିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଗୁରୁବାର ବୋଡ଼େନ ପେଟ୍ରୋଲ ପମ୍ପଠାରେ ଭାଜପା ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ କରାଯାଇଛି। କର୍ମକର୍ତ୍ତାମାନେ ଡାକ୍ତର ସମସ୍ୟା ସହ ଆନୁଷଙ୍ଗିକ ବ୍ୟବସ୍ଥା ଓ ବୋଡ଼େନ ମଣ୍ଡିରେ କିଭଳି ଚାଷୀମାନେ ସୁବିଧାରେ ଧାନ ବିକ୍ରୟ କରିବେ ସେ ଉପରେ ଆଲୋଚନା କରିଥିଲେ। ମଣ୍ଡି ସମସ୍ୟା ବୁଝିବା ପାଇଁ ୩ଜଣଙ୍କୁ ଦାୟିତ୍ୱ ଦିଆଯିବା ଉପରେ ପଚାରି ବୁଝିଥିଲେ। ଯଦି ଦାୟିତ୍ୱ ଦିଆଯାଇ ନାହିଁ ତା'ହେଲେ ଶୁକ୍ରବାର ଜିଲାପାଳଙ୍କ ସହ ଆଲୋଚନା କରି ଏହାର ସମାଧାନ କରିବେ ବୋଲି କହିଥିଲେ। ଏହି ସମୟରେ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

### ଆଜିଠୁ ଜିମ୍ନାଷ୍ଟିକ ପରୀକ୍ଷା

**ରାଉରକେଲା,୧୯।୧୨(ଦିନେଶ ମିଶ୍ର):** ଆସନ୍ତା ୨୦ ଓ ୨୧ ତାରିଖରେ ଦୁଇଦିନ ବ୍ୟାପୀ ଏମ୍‌ପିଆଇଏସ୍ ସେଣ୍ଟରରେ ଥିବା ଜିମ୍ନାଷ୍ଟିକ୍ ସେଣ୍ଟରରେ ଜିମ୍ନାଷ୍ଟିକ୍ ଖେଳାଳିଙ୍କ ଲେଭଲ୍ ୧ ଓ ୨ର କୌଶଳ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଓଡ଼ିଶା ଏର୍‌ପିସିର ମୁଖ୍ୟ କୋଚ୍ ଅଶୋକ ମିଶ୍ର ସୂଚନା ଦେଇଛନ୍ତି। ରାଉରକେଲା ସେଣ୍ଟରରେ ଚଳିତ ବର୍ଷ ପାଇଁ ଗତ ୧ ତାରିଖରୁ ଜିମ୍ନାଷ୍ଟିକ ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା। ପ୍ରାୟ ୯୦ ଜଣ ଖେଳାଳି ପ୍ରଶିକ୍ଷଣ ନେଉଥିବାବେଳେ ସେମାନଙ୍କ ମଧ୍ୟରୁ ୪୫ ଜଣ କୌଶଳ ପରୀକ୍ଷା ପାଇଁ ମନୋନିତ ହୋଇଛନ୍ତି। ୧୪ ବର୍ଷରୁ କମ୍ ଓ ୧୨ ବର୍ଷରୁ କମ୍ ବର୍ଗର ଜିମ୍ନାଷ୍ଟିକ ଖେଳାଳିଙ୍କ ପାଇଁ ଫ୍ଲୋର ଏକ୍ସରସାଇଜ, ପୋମେଲ ହର୍ସ ଆଦି କୌଶଳ ପରୀକ୍ଷା ହେବ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖତ ଖାଉଛି ଆମ୍ବୁଲାନ୍ସ

**ଥୁଆମୂଳ ରାମପୁର,୧୯।୧୨ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଦୁଇଗୋଟି ପୁରୁଣା ସରକାରୀ ଆମ୍ବୁଲାନ୍ସ ଦୀର୍ଘବର୍ଷ ହେଲା ମେଡିକାଲ ପରିସରରେ ପଡ଼ି ଖତ ଖାଉଛି। ଭଲ ଚିକିତ୍ସାସେବା ପାଇବା ପାଇଁ ଅଞ୍ଚଳର ଲୋକେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ଅନେକ ସମୟରେ ଜରୁରୀ ସେବା ପାଇଁ ରୋଗୀଙ୍କୁ ମେଡିକାଲ ଆଣିବା କିମ୍ବା ଅନ୍ୟ ମେଡିକାଲ ସ୍ଥାନାନ୍ତର କରିବାକୁ ଆମ୍ବୁଲାନ୍ସ ସମସ୍ୟା ଲାଗି ରହିଥାଏ। ଏମିତି କି ଲୋକେ ଆମ୍ବୁଲାନ୍ସ ସୁବିଧା ନ ପାଇ ଖଟିଆରେ ରୋଗୀଙ୍କୁ ବୋହିବା ଭଳି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥାଏ। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଦୁଇଗୋଟି ଆମ୍ବୁଲାନ୍ସ ପ୍ରଦାନ କରାଯାଇଥିଲା। ହେଲେ ତାହା ବ୍ୟବହାର ନ ହୋଇ ପଡ଼ିରହିଛି। ଏହାକୁ ନିଲାମ କିମ୍ବା ମରାମତି କରା ନ ଯାଇ କାହିଁକି ପକାଇ ରଖାଯାଇଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ନୀତିଶ କୁମାର ଝାଙ୍କୁ ପଚାରିବାରୁ ଦୁଇଗୋଟି ଆମ୍ବୁଲାନ୍ସ ବହୁ ପୁରୁଣା ଓ ଏହାର ଫିଟ୍‌ନେସ ନାହିଁ। ଆମେ ଫିଟ୍‌ନେସ ରିନୁଆଲ ପାଇଁ ଜିଲା ପରିବହନ ବିଭାଗକୁ ଚିଠି କରିଥିଲେ ବି ମନା କରି ଦିଆଯାଇଥିଲା। ସେଥିପାଇଁ ଗାଡ଼ି ପଡ଼ିରହି ଖତ ଖାଉଛି।



ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପଡିରହିଥିବା ଆମ୍ବୁଲାନ୍ସ।

# ଏଆର୍‌ଏସ୍ ପରୀକ୍ଷାରେ ଓଡ଼ିଶାର ସ୍ମୃତିରଞ୍ଜନ ଟପ୍ପର

**ସମ୍ବଲପୁର,୧୯।୧୨(ବି.ଶଙ୍କର)**



୨୦୨୩ ବର୍ଷ ସକାଶେ ହୋଇଥିବା କୃଷି ଗବେଷଣା ସେବା(ଏଆର୍‌ଏସ) ପରୀକ୍ଷାରେ ଓଡ଼ିଶାର ସ୍ମୃତି ରଞ୍ଜନ ପ୍ରଧାନ ଟପ୍ପର ହୋଇଛନ୍ତି। କୃଷି ବୈଜ୍ଞାନିକ ଚୟନ ମଣ୍ଡଳ ଦ୍ୱାରା ୨୦୨୩ ଡିସେମ୍ବର ୨୩ ରେ ଏଥିପାଇଁ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଚଳିତ ମାସ ଏହାର ବ୍ୟକ୍ତିଗତ ସାକ୍ଷାତ୍‌କାର ହୋଇଥିଲା। ଏଥିରେ ୪୯ଟି ବିଭାଗରେ ମୋଟ ୨୧୬ଜଣ ପ୍ରତିଭାଗୀଙ୍କୁ ଚୟନ କରାଯାଇଥିଲା। ସୁବର୍ଣ୍ଣପୁର ଜିଲା ବିନିକାର ସ୍ମୃତି ରଞ୍ଜନ ପ୍ରଧାନ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟ ସକାଶେ ଗୌରବ ଆଣିଛନ୍ତି। ଗତ ୧୭ତାରିଖ ଏନେଇ କୃଷି ବୈଜ୍ଞାନିକ ଚୟନ ମଣ୍ଡଳ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇଛି।

# ଚିଚୈଗୁଡ଼ା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଜୁନାଗଡ଼,୧୯।୧୨(ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଚୈଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ୫୩ତମ ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶକ୍ତି ପ୍ରସାଦ ମେହେରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବରେ ଜିଲା ପରିଷଦ ଉପାଧ୍ୟକ୍ଷା ସୁଧୀରା ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଏହି ସମୟରେ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ହିମାଂଶୁ ଶେଖର ମେହେର, ଉପ ସଭାପତି ସୁଲୋଚନା ମେହେର, ବରିଷ୍ଠ ଶିକ୍ଷକ ସୁଧିର ମେହେର, ପ୍ରେମଲାଲ ବାଗ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସକାଳୁ ଚିଚୈଗୁଡ଼ା ଜଗନ୍ନାଥ ମନ୍ଦିରଠାରୁ ହାଇସ୍କୁଲ ପଡିଆ ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଉତ୍ସବରେ ସିନିୟର୍, ଜୁନିୟର ଓ ସବ୍ ଜୁନିୟର ଗ୍ରୁପରେ ଉଭୟ ବାଳକ ଓ ବାଳିକା ବିଭାଗରେ ପ୍ରାୟ ୨୮ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହାକୁ ଶିକ୍ଷକ ଘନ କୁମାର, ମାନିନୀ ମେହେର, ସୁମୁଖି ମେହେର, ଲକ୍ଷ୍ମୀ ମାଝୀ, ଉପେନ୍ଦ୍ର ମେହେର ପ୍ରମୁଖ ପରିଚାଳନା କରୁଛନ୍ତି।


ବାର୍ଷିକ କ୍ରୀଡା ଉତ୍ସବରେ ଅତିଥିଗଣ।

### ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଖଡ଼ିଆଳ,୧୯।୧୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଭୁଲିଆସିକୁଆଁ ସରକାରୀ ହାଇସ୍କୁଲର ୪୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ରୀଡ଼ା ଅଧ୍ୟାପକ ଡ. ସରୋଜ କୁମାର ପଣ୍ଡା ମୁଖ୍ୟ ଅତିଥି ଓ ଖବରଦାତା କୁନୁ କରୁଆଁ, ଶିକ୍ଷାବିତ୍ ବିଜୟ କୁମାର ନାଗ, ସାମାଜିକ କର୍ମୀ ହରିହର ମେହେର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷକ ଗୌତମ ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଶିକ୍ଷକ ନରେନ୍ଦ୍ର ମେହେର ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ଅଚ୍ୟୁତାନନ୍ଦ ପଟେଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଶିକ୍ଷକ ଲକ୍ଷପତି ଶବର, ନରେନ୍ଦ୍ର ମେହେର, ପ୍ରିୟଙ୍କା ପ୍ରିୟଦର୍ଶିନୀ ଜେନା, ସଂଯୁକ୍ତା ମୈକାପ ସହଯୋଗ କରିଥିଲେ।

# ଆଇନ ସଚେତନତା କାର୍ଯ୍ୟକ୍ରମ

**ଦେଓଗାଁ,୧୯।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**



କୁଡୁର୍ଲା କଲେଜରେ ଆଇନ ସଚେତନତା କାର୍ଯ୍ୟକ୍ରମ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଡୁର୍ଲା ପଞ୍ଚାୟତ ଅଧୀନସ୍ଥ ଧ୍ରୁବା ଆନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଆଇନ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଇତିହାସ ବିଭାଗ ଅଧ୍ୟାପକ ବିଜୟ କୁମାର ଜାଲଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଜିଲା ଆଇନ ସେବା ଅଧିକାରୀ ତଥା ବରିଷ୍ଠ ନ୍ୟାୟଧୀଶ ପବିତ୍ରାନନ୍ଦ ପଧାନ ଯୋଗଦେଇ କର୍ମଜୀବୀ ମହିଳାଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନା, ନିଶା ନିବାରଣ ସଂପର୍କିତ ସମ୍ବିଧାନିକ ଅଧିନିୟମଗୁଡିକ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଇଂରାଜୀ ଅଧ୍ୟାପକ ମଙ୍ଗଳ ସାହୁ, ଗୌରାଙ୍ଗ ବେମାଲ, ଖେଳ ଶିକ୍ଷକ ସରୋଜ କୁମାର ନାଏକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ରାଜନୀତି ବିଜ୍ଞାନ ଅଧ୍ୟାପକ ବଳରାମ ପଧାନ ଧନ୍ୟବାଦ ଦେଇଥିଲେ।

# ପୌଷ୍ୟ ସନ୍ତାନ ଗ୍ରହଣ ସଚେତନତା କାର୍ଯ୍ୟକ୍ରମ




**ଦେଓଗାଁ,୧୯।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ପୌଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ସଚେତନତା ରଥର ଶୁଭାରମ୍ଭ ଗୁରୁବାର ହୋଇଛି। ଦେଓଗାଁ ବ୍ଲକର ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାରରୁ ଏହି ସଚେତନତା ରଥ ବାହାରି ଦେଓଗାଁ, କୁଡୁର୍ଲା, ବଡବନ୍ଧ , ଦେଷଣ୍ଡି, ବନ୍ଧପଡା, ବୁଢାବାହାଲ, ସିକୁଆଁ, ଭୁଡିଆରବାହାଲ, ଗାଇବାହାଲ, ଉପରଝର, ମହଲେଇ, କୁଲତାପଡା, ଅର୍ଜୁନପୁର, ବଡବାହାଲ, ଗୁଡଖାପଲା ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଗ୍ରାମ ମଙ୍ଗଳ ପାଠାଗାର ସଂପାଦକ ଭୁବନେଶ୍ୱର ସାମଲ , ସଙ୍ଗୀତ ଶିକ୍ଷକ ଶିବ ପ୍ରସାଦ ସାହୁ, ସାନନ୍ଦ ଷଡଙ୍ଗୀ, ଠାକୁର ଭୋଇ, ଗତିକୃଷ୍ଣ ସାହୁ, ନିବେଦିତା ସାମଲ, ସାନନ୍ଦ ଭୋଇ, ସୁରେଶ ମହାକୁର, ରମାକାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ପାଣିପଞ୍ଚାୟତ ପକ୍ଷ ଉପଲକ୍ଷେ ପ୍ରତିଯୋଗିତା

**ନୂଆପଡ଼ା,୧୯।୧୨ (ମକାରୁ ବେମାଲ)**



ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ନିର୍ଦ୍ଦେଶ କ୍ରମେ ଜିଲା ଶିକ୍ଷା କାର୍ଯ୍ୟାଳୟ ନୂଆପଡ଼ା ତରଫରୁ ପାଣିପଞ୍ଚାୟତ ପକ୍ଷ ପାଳନ ଉପଲକ୍ଷେ ପ୍ରଭାଗ ସ୍ତରୀୟ ଓଡିଆ ବକ୍ତୃତା, ପ୍ରବନ୍ଧ, କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନ୍ୟାଶନାଲ ସରକାରୀ ଉଚ୍ଚ ବିଦ୍ୟାଳୟ ନୂଆପଡ଼ାଠାରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ଅବସରରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନ୍ଦର ଜଳସେଚନ ପ୍ରକଳ୍ପ ତରୁଣ କୁମାର ନାଏକ, କନିଷ୍ଠ ଯନ୍ତ୍ରୀ ସୁନ୍ଦର ଜଳ ସେଚନ ପ୍ରକଳ୍ପ ରାକେଶ ସାମନ୍ତରାଏ, କନିଷ୍ଠ ଯନ୍ତ୍ରୀ ନୂଆପଡ଼ା ଜଳ ସେଚନ ପ୍ରକଳ୍ପ ସରୋଜ ବରାଳ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୂଆପଡ଼ା ଉତ୍କଳମଣି ଅଗସ୍ତି ପ୍ରମୁଖ ଯୋଗଦେଇ ପ୍ରତିଯୋଗୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜିତେନ୍ଦ୍ର କୁମାର ଖମାରୀ, ଶରତ କୁମାର ପଣ୍ଡା, ଅମିୟ ପାଢ଼ୀ, ହିରାଲାଲ ପଟେଲ ପ୍ରତିଯୋଗିତା ପରିଚାଳନା କରିଥିଲେ। ବିଚାରକ ଭାବରେ ଶିକ୍ଷକ ଶ୍ୟାମାଚରଣ ଦଣ୍ଡସେନା, କିଶୋର କୁମାର ପରିଡ଼ା, ପ୍ରଫୁଲ୍ଲ କୁମାର ବାରିକ, ସମୀର କୁମାର ବେହେରା ରହିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୨୨ରେ ଜଳ ସେଚନ ପ୍ରଭାଗ ଡାକବଙ୍ଗଳା ନୂଆପଡ଼ା ହେବାକୁ ଥିବା କାର୍ଯ୍ୟକ୍ରମରେ ପୁରସ୍କାର ପ୍ରଦାନ କରାଯିବ। ପ୍ରତିଯୋଗୀମାନେ ୨୪ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ।

**ୟୁକୋ ବ୍ୟାଙ୍କ UCO BANK**
(ଭାରତ ସରକାରଙ୍କ ଉପକ୍ରମ) (A Govt. of India Undertaking)
ସମ୍ମାନ ଆପଣଙ୍କ ବିଶ୍ୱାସର — Honours Your Trust
ରିକଭରୀ (ଅସୁଲି) ବିଭାଗ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ଡିଟେକ୍ଟିଭ ଏଜେଣ୍ଟ/ ଏଜେନ୍ସିମାନଙ୍କର ତାଲିକାଭୁକ୍ତିକରଣ**

**ୟୁକୋ ବ୍ୟାଙ୍କ,** ଡିଟେକ୍ଟିଭ ଏଜେଣ୍ଟ/ ଏଜେନ୍ସିମାନଙ୍କର ତାଲିକାଭୁକ୍ତିକରଣ ନିମନ୍ତେ ଯୋଗ୍ୟ ବ୍ୟକ୍ତିବିଶେଷ/ସଂସ୍ଥା/ଏଜେନ୍ସି/ଏଲ୍ଏଲପି/ କମ୍ପାନୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଅଛି । **ୟୁକୋ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯** ଠାରେ ଦରଖାସ୍ତ **ତା.୩୧.୧୨.୨୦୨୪ ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ଦାଖଲ କରିପାରିବେ। ଯୋଗ୍ୟତା ଓ ଅନ୍ୟାନ୍ୟ ବିବରଣୀ ନିମନ୍ତେ ଆମର ନିକଟତମ ଶାଖା/କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା **zobbsr.rec@ucobank.co.in**କୁ ମେଲ୍ କରନ୍ତୁ ।
ଆଞ୍ଚଳିକ ପ୍ରବନ୍ଧକ
ତାରିଖ: ୧୯.୧୨.୨୦୨୪ — ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର

**ୟୁକୋ ବ୍ୟାଙ୍କ UCO BANK**
(ଭାରତ ସରକାରଙ୍କ ଉପକ୍ରମ) (A Govt. of India Undertaking)
ସମ୍ମାନ ଆପଣଙ୍କ ବିଶ୍ୱାସର — Honours Your Trust
ରିକଭରୀ (ଅସୁଲି) ବିଭାଗ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ରିକଭରୀ(ଅସୁଲି)/ଏନ୍‌ଫୋର୍ସମେଣ୍ଟ ଏଜେଣ୍ଟ/ ଏଜେନ୍ସିମାନଙ୍କର ତାଲିକାଭୁକ୍ତିକରଣ**

**ୟୁକୋ ବ୍ୟାଙ୍କ,** ରିକଭରୀ(ଅସୁଲି)/ଏନ୍‌ଫୋର୍ସମେଣ୍ଟ ଏଜେଣ୍ଟ/ଏଜେନ୍ସିମାନଙ୍କର ତାଲିକାଭୁକ୍ତିକରଣ ନିମନ୍ତେ ଯୋଗ୍ୟ ବ୍ୟକ୍ତିବିଶେଷ/ସଂସ୍ଥା/ଏଜେନ୍ସି/ଏଲ୍ଏଲପି/ କମ୍ପାନୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଅଛି । **ୟୁକୋ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯** ଠାରେ ଦରଖାସ୍ତ **ତା.୩୧.୧୨.୨୦୨୪ ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ଦାଖଲ କରିପାରିବେ। ଯୋଗ୍ୟତା ଓ ଅନ୍ୟାନ୍ୟ ବିବରଣୀ ନିମନ୍ତେ ଆମର ନିକଟତମ ଶାଖା/କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା **zobbsr.rec@ucobank.co.in**କୁ ମେଲ୍ କରନ୍ତୁ ।
ଆଞ୍ଚଳିକ ପ୍ରବନ୍ଧକ
ତାରିଖ: ୧୯.୧୨.୨୦୨୪ — ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର

**idco** Your power to grow — ISO 9001 & 14001 Corporation
ODISHA NEW OPPORTUNITIES
**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**
No. CAD-1932
Tender Call Notice No. BBSR/ELECT/E-4517/23-25/3226 — Dated: 16.12.2024
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
Name of the Work: Shifting and Construction of 33KV line from Manpur Over Bridge Chhak to KJ Ispat Ltd. under Dangadi Electrical Section, Jajpur (Under SACI Fund).

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT/e-119/24-25 | 23.12.2024 at 17.00 Hrs. | 01.01.2025 at 17.00 Hrs. |

Further details can be seen from the e-Procurement Portal: **www.tendersorissa.gov.in.** Corrigendum or Addendum if any will not be published in Newspapers and can be seen in e-Procurement portal as well as in IDCO website.
OIPR-14003/11/0085/2425 — Sd./- Divisional Head (Elect), IDCO, Bhubaneswar

No.A-738
**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**UPPER INDRAVATI PROJECT**
At/PO : Mukhiguda, Dist : Kalahandi,Odisha, Pin-766026
e-mail address : cceuip1987@gmail.com/louiipbbsr@gmail.com
1. Type of Work : Road works. 2. Total No. of Works : 04 Nos. 3. Approximate value of work : Rs. 2.51 to 2.52 Cr (Excluding GST). 4. Tender Paper Cost : Rs. 10,000/- (online). 5. Bid Security / E.M.D : Rs. 2,51,305.00 - Rs. 2,52,477.00 (Online). 6. Period of Completion : 10 (Ten calendar months). 7. Class of Contractor : 'B' & 'A' Class

| Procurement Officer | e-Procurement Notice No. | Bid Amount | Availability of online viewing of Tender prior to Bidding | | Bid clarification | Submission & Availability bid on-line | Date & time of opening of Technical Bid |
|---|---|---|---|---|---|---|---|
| | | | From | To | | | |
| 1 | 2 | 3 | 4 | 5 | 6 | 7 | 8 |
| CHIEF CONSTRUCTION ENGINEER, UPPER INDRAVATI PROJECT, AT/PO - MUKHIGUDA, DIST. - KALAHANDI, ODISHA, PIN - 766026 | CCE UIP-03(01-04)/2024-25, Dt. 16.12.2024 | Rs. 2.51 cr to Rs. 2.52 cr (Excluding GST) | 24.12.2024 (10.00 AM) | 07.01.2025 (up to 5.00 P.M.) | 24.12.2024 to 27.12.2024 During office hour | 24.12.2024 (10.00 A.M.) to 07.01.2025 (up to 5.00 P.M.) | 09.01.2025 at 12.00 Noon |

Date of opening of technical bid : Dt. 09.01.2025 at 12.00 P.M. in the O/o the Chief Construction Engineer, UIP, Mukhiguda, Kalahandi, Odisha, PIN-766026
date of opening of financial bid : To be decided after finalization of Technical Bid.
Further details can be seen from the Govt. Website : www.tendersorissa.gov.in
Sd./-Chief Construction Engineer, Upper Indravati Project, Mukhiguda
OIPR-32352/11/0008/2425

**ORISSA STATE AIDS CONTROL SOCIETY (OSACS)** OSACS
(Department of Health & Family Welfare), Government of Odisha
Letter No. IX-OSACS-ART-06/2024-25(Pt.)(1) 4177/OSACS — Dated: 17.12.2024
No. E-602: The Orissa State AIDS Control Society (OSACS) on behalf of the ART Centres, Capital Hospital, Bhubaneswar to fill-up the post of **Medical Officer** on contract basis for implementation of HIV/AIDS programme under National AIDS Control Programme (NACP). The initial appointment should be for a period of one year and be renewed every year based on the performance. The details mentioned below:

| Sl. No. | Name of the Post | Place of Posting | No. of Post | Monthly Consolidated Remuneration (Rs.) |
|---|---|---|---|---|
| 1 | Medical Officer | Capital Hospital, Bhubaneswar (2 Nos.) | 02 | 72,000/- |

Further for the post of Medical Officer (Minimum age limit of 25 years & maximum age limit of 69 years as on 01.07.2024) may appear before the selection board on mentioned dates against each institutes by 11.00 A.M. with all relevant original documents and photocopies of same with self attested.
Application should not be sent to OSACS Head Quarter and ART Center Capital Hospital.
The remuneration, qualification, ToR & responsibilities, other terms and conditions are available in the websites of **www.osacs.nic.in** and **www.orissa.gov.in**.
**Sd./- Project Director**
2nd Floor, Oil Orissa Building, Nayapalli, Bhubaneswar, Ph: 2395415/2393235, Fax: 2394560 (0674)
E-mail: orissasacs@gmail.com, osacscst@gmail.com
OIPR-10009/11/0020/2425

**ଟାଟାନଗର ରେଲ୍‌ୱେ ହସ୍ପିଟାଲଠାରେ ପାର୍ଟ ଟାଇମ୍ ଡେଣ୍ଟାଲ ସର୍ଜନଙ୍କ ନିଯୁକ୍ତି ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ**
କର୍ମନିଯୁକ୍ତି ବିଜ୍ଞପ୍ତି ନଂ.: ୦୪/୨୦୨୪ (ଏମ୍‌ଇଡି)/ପାର୍ଟ ଟାଇମ୍ ଡେଣ୍ଟିଷ୍ଟ/୧୨/ସିକେପି-୨୪ ତାରିଖ: ୧୯।୧୨।୨୦୨୪
ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଡିଭିଜନ, ଭାରତ ସରକାର, ରେଳ ମନ୍ତ୍ରଣାଳୟ ଚକ୍ରଧରପୁରରେ ସବ୍-ଡିଭିଜନାଲ ରେଲ୍‌ୱେ ହସ୍ପିଟାଲ/ଟାଟାନଗରଠାରେ ଏକବର୍ଷ ଅବଧି ପାଇଁ ସମ୍ପୂର୍ଣ୍ଣ ରୂପେ ଚୁକ୍ତି ଭିତ୍ତିରେ ଦୈନିକ ୦୪ ଘଣ୍ଟା ପାଇଁ **୦୧ (ଏକ) ପଦବୀ (ୟୁଆର୍-୦୧)**ରେ ପାର୍ଟ ଟାଇମ୍ ଡେଣ୍ଟାଲ ସର୍ଜନଙ୍କୁ ନିଯୋଜନ କରିବା ପାଇଁ ଇଚ୍ଛୁକ ଅଟନ୍ତି । ଚୁକ୍ତିର ଅବଧି ହେଉଛି ଚୁକ୍ତିରେ ପ୍ରବେଶ କରିବା ତାରିଖରୁ ଏକ ବର୍ଷ । ଚୁକ୍ତିକୁ କୌଣସି କାରଣରୁ ବର୍ଦ୍ଧିତ କରାଯାଇପାରିବ ନାହିଁ । ତଥାପି, ସମୟ ସମୟରେ ରେଳ ପରିଷଦ ଦ୍ୱାରା ଜାରି ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ରେଳ ପ୍ରଶାସନ ବର୍ଷକୁ ବର୍ଷ ଭିତ୍ତିରେ ୧୨ଟି କ୍ରମାଗତ କାର୍ଯ୍ୟକାଳ ପର୍ଯ୍ୟନ୍ତ କିମ୍ବା ନିୟମିତ ପଦାଧିକାରୀ ଯୋଗ ଦେବା ପର୍ଯ୍ୟନ୍ତ କିମ୍ବା ନିଯୋଜିତ ବ୍ୟକ୍ତି ୬୫ ବର୍ଷ ବୟସରେ ପଦାର୍ପଣ କରିବା ପର୍ଯ୍ୟନ୍ତ, ଯାହା ପୂର୍ବରୁ ହେଉଥିବ, ସିଏମ୍‌ପିଙ୍କ ସହିତ ନୂଆ ଚୁକ୍ତିରେ ପ୍ରବେଶ କରିବାର ଅଧିକାର ନିଜ ନିକଟରେ ସଂରକ୍ଷିତ ରଖିଛନ୍ତି । ପ୍ରାର୍ଥୀମାନଙ୍କୁ ଏକ **"ୱାକ୍-ଇନ୍-ଇଣ୍ଟରଭ୍ୟୁ"** ଜରିଆରେ ଚୟନ କରାଯିବ।
ପ୍ରୟୋଜନୀୟ କ୍ଷେତ୍ରରେ ପାରିଶ୍ରମିକର ପରିମାଣ ହେଉଛି **ମାସିକ ଟ.୩୬,୯୦୦/-। "ୱାକ୍-ଇନ୍-ଇଣ୍ଟରଭ୍ୟୁ" ତା୨୭।୧୨।୨୦୨୪ରିଖ ପୂର୍ବାହ୍ନ ୧୦.୩୦ ଘଟିକାରୁ ଅପରାହ୍ନ ୦୨.୦୦ ଘଟିକା ପର୍ଯ୍ୟନ୍ତ ଚିଫ୍ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ, ଦକ୍ଷିଣ ପୂର୍ବ ରେଳପଥ, ଟାଟାନଗର, ପୋଷ୍ଟ: ଟାଟାନଗର, ଜିଲ୍ଲା: ପୂର୍ବ ସିଂହଭୂମ, ପିନ୍-୮୩୧୦୦୨ (ଝାଡ଼ଖଣ୍ଡ)**ଠାରେ ଅନୁଷ୍ଠିତ ହେବ । ଆଗ୍ରହୀ ପ୍ରାର୍ଥୀମାନେ ବିବରଣୀ ପାଇଁ ଆମର ୱେବ୍‌ସାଇଟ୍ **www.ser.indianrailways.gov.in** ପରିଦର୍ଶନ କରିପାରନ୍ତି (ଡିଭିଜନ>ଚକ୍ରଧରପୁର>ପର୍ସୋନେଲ୍>ନୋଟିଫିକେଶନ୍‌କୁ ଯାଆନ୍ତୁ) । ଅଧିକନ୍ତୁ, ଶୁଦ୍ଧିପତ୍ର କିମ୍ବା ଯୋଗପତ୍ର କିମ୍ବା ବାତିଲକରଣ, ଯଦି ଥାଏ, କେବଳ ଉପରୋକ୍ତ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ, ତେଣୁ ନିୟମିତ ଭାବେ ଆମର ୱେବ୍‌ସାଇଟ୍ ଦେଖିବା ଜାରି ରଖନ୍ତୁ । ଇଚ୍ଛୁକ ପ୍ରାର୍ଥୀମାନେ ଉପରୋକ୍ତ ସମୟ ଏବଂ ସ୍ଥାନରେ **"ୱାକ୍-ଇନ୍-ଇଣ୍ଟରଭ୍ୟୁ"**ରେ ଅଂଶଗ୍ରହଣ କରିପାରନ୍ତି ।
(PR-931) — ସିନିୟର ଡିଭିଜନାଲ ପର୍ସୋନେଲ୍ ଅଫିସର, ଚକ୍ରଧରପୁର
**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

**GOVERNMENT OF CHHATTISGARH, WATER RESOURCES DEPARTMENT**
**OFFICE OF THE EXECUTIVE ENGINEER**
**WATER RESOURCES DIVISION, BAIKUNTHPUR, DISTT. KORIYA (C.G.)**
**e-PROCUREMENT TENDER NOTICE**
**eProcurement Portal: https://eproc.cgstate.gov.in**
(1st CALL)
System Tender No: 162940 NIT No. : 10/SAC/2024-25
Dated : 17.12.2024
**Online Tenders are invited for the following works up to 07.01.2025, (17.30 hours IST)**
Name of Work : Anjani Tank Canal Extension & Construction of C.C. Channel, Hume Pipe V.R.B., Repair of RCC Barrel type VRB at RD 990 m, Repair of existing VRB, Const. of Abutment for Acquaduct at RD 1083 & 1177 m, Repair of Head Sluice for Miner canal 1,2&3, Const. C C Channel 990 to 1083 m, 1177 to 1335,2570 to 3420,3430 to 5342 in main canal, Const. of Water Course in main canal at Rd 6350 m, C.C. Lining 0 to 900, 1300 to 2560 m, 5342 to 6350 m in main canal, CC Lining RD 0 to 900 m in minor 01, RD 0 to 950 m in minor 02& RD 0 to 750 m in minor 03 canal, Const. of Toe Wall in main canal & Fixing of Outlets.
Probable Amount Of Contract : Rs. 488.44 Lakhs
The details can be viewed and downloaded online directly from the Government of Chhattisgarh Integrated e-Procurement Portal (https://eproc.cgstate.gov.in) from Date 24.12.2024, at 17.31 Hours.(IST) onwards.
NOTE :- 1. All eligible/interested contractors/bidders are mandated to get enrolled on the Integrated e - procurement portal (https://eproc.cgstate.gov.in) and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.
2. Probable Amount of Contract (P.A.C.) is as per S.O.R. 01.08.2010. (As Amendments 01.08.2022).
Sd./- Executive Engineer, Water Resources Division, Baikunthpur Korea (C.G.)
For, Chief Engineer, Hasdeo Ganga Basin, Ambikapur (C.G.)
G-242504692/2

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ବୋଡ଼େନ ଭାଜପା ତରଫରୁ ଦାବିପତ୍ର

**ବୋଡ଼େନ,୧୯।୧୨ (ଟିଂକେଶ୍ୱର ନାଗ):** ନୂଆପଡ଼ା ଜିଲା ଗସ୍ତରେ ଆସିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଗୁରୁବାର ବୋଡ଼େନ ପେଟ୍ରୋଲ ପମ୍ପଠାରେ ଭାଜପା ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ କରାଯାଇଛି। କର୍ମକର୍ତ୍ତାମାନେ ଡାକ୍ତର ସମସ୍ୟା ସହ ଆନୁଷଙ୍ଗିକ ବ୍ୟବସ୍ଥା ଓ ବୋଡ଼େନ ମଣ୍ଡିରେ କିଭଳି ଚାଷୀମାନେ ସୁବିଧାରେ ଧାନ ବିକ୍ରୟ କରିବେ ସେ ଉପରେ ଆଲୋଚନା କରିଥିଲେ। ମଣ୍ଡି ସମସ୍ୟା ବୁଝିବା ପାଇଁ ୩ଜଣଙ୍କୁ ଦାୟିତ୍ୱ ଦିଆଯିବା ଉପରେ ପଚାରି ବୁଝିଥିଲେ।

# ଏସ୍‌ଏଚ୍‌ଜି କର୍ମକର୍ତ୍ତାଙ୍କ ପାସ୍‌ବୁକ ନେଇ ଅର୍ଥ ଆତ୍ମସାତ ଅଭିଯୋଗ

**ବଡ଼ଗାଁ,୧୯।୧୨(ଅଶୋକ ଷଡ଼ଙ୍ଗୀ)**

**ଆନ୍ଦୋଳନ ଚେତାବନୀ**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ପେଟଫୋଡ ଗ୍ରାମର ଜଣେ ମହିଳା ଏସଏଚଜି ସଭ୍ୟାଙ୍କୁ ଧାନ କିଣିବା ଓ ଏଥିରୁ ଆୟ ଅର୍ଥ ଦେବାକୁ କହି ପାସବୁକ ନେଇଥିଲେ। ହେଲେ ଅର୍ଥ ଦେବା ବଦଳରେ ଅର୍ଥ ଆତ୍ମସାତ କରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକାରିଣୀ ଏସଏଚଜିର କର୍ମକର୍ତ୍ତା ଦିବ୍ୟା କିଶୋରୀ ବାର୍ଲା, ଅନିତା ବାର୍ଲା, ଜଲଷ୍ଟିଲା ବାର୍ଲା, ସୁଜାତା କୁଜୁର, ତିଳୋତ୍ତମା ଟେଟେ ପ୍ରମୁଖ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ସରକାରୀ ଚାକିରୀ କରିଥିବା ଜଣେ ମହିଳା ଏସଏଚଜି ସଭ୍ୟାମାନଙ୍କୁ ଗ୍ରୁପ ନାମରେ ଧାନ କିଣା ଓ କ୍ରୟ, ବିକ୍ରୟର ଲାଭାଂଶରୁ କିଛି ଅର୍ଥ ଦେବେ କହି ପାସବୁକ ନେଇଥିଲେ। ମହିଳାମାନେ ତାଙ୍କ ସହିତ ୩ବର୍ଷ ଧାନ କିଣିଥିଲେ ମଧ୍ୟ ଲାଭାଂଶ ଅର୍ଥ ଦେଉନଥିଲେ। ଏଥିସହ ପାସବୁକ ଫେରାଉ ନ ଥିବା ଏବଂ ଏସଏଚଜିକୁ ମିଳିଥିବା ୧୫ ହଜାର ଟଙ୍କା ପାସବୁକରୁ ଉଠାଇ ନେଇଥିବା ମଧ୍ୟ ଦର୍ଶାଯାଇଛି। ଏ ସମ୍ପର୍କରେ ସେମାନେ ଗତ ୧୫ ତାରିଖରେ ଥାନାରେ ଜଣାଇଥିଲେ। କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ପୁଣି ଗୁରୁବାର ସେମାନେ ଥାନାରେ ଲିଖିତ ଜଣାଇଛନ୍ତି। ଶୁକ୍ରବାରଠାରୁ ମଣ୍ଡିରେ ଧାନ କିଣା ଆରମ୍ଭ ହେବାକୁ ଥିବାରୁ ପାସବୁକ, ଲାଭାଂଶ ଓ ମିଳିଥିବା ୧୫ ହଜାର ଟଙ୍କା ଫେରି ପାଇବା ଦିଗରେ ପଦକ୍ଷେପ ନେବାକୁ ଅଭିଯୋଗପତ୍ରରେ ନିବେଦନ କରିଛନ୍ତି। ଏହା ଉପରେ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଏଆର୍‌ଏସ୍ ପରୀକ୍ଷାରେ ଓଡ଼ିଶାର ସ୍ମୃତିରଞ୍ଜନ ଟପ୍ପର

**ସମ୍ବଲପୁର,୧୯।୧୨(ବି.ଶଙ୍କର)**



୨୦୨୩ ବର୍ଷ ସକାଶେ ହୋଇଥିବା କୃଷି ଗବେଷଣା ସେବା(ଏଆର୍‌ଏସ) ପରୀକ୍ଷାରେ ଓଡ଼ିଶାର ସ୍ମୃତି ରଞ୍ଜନ ପ୍ରଧାନ ଟପ୍ପର ହୋଇଛନ୍ତି । କୃଷି ବୈଜ୍ଞାନିକ ଚୟନ ମଣ୍ଡଳ ଦ୍ୱାରା ୨୦୨୩ ଡିସେମ୍ବର ୨୩ ରେ ଏଥିପାଇଁ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଚଳିତ ମାସ ଏହାର ବ୍ୟକ୍ତିଗତ ସାକ୍ଷାତ୍‌କାର ହୋଇଥିଲା। ଏଥିରେ ୪୯ଟି ବିଭାଗରେ ମୋଟ ୨୧୬ଜଣ ପ୍ରତିଭାଗୀଙ୍କୁ ଚୟନ କରାଯାଇଥିଲା । ସୁବର୍ଣ୍ଣପୁର ଜିଲା ବିନିକାର ସ୍ମୃତି ରଞ୍ଜନ ପ୍ରଧାନ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟ ସକାଶେ ଗୌରବ ଆଣିଛନ୍ତି। ଗତ ୧୭ତାରିଖ ଏନେଇ କୃଷି ବୈଜ୍ଞାନିକ ଚୟନ ମଣ୍ଡଳ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇଛି।

## ଚାଷ ଜମିରେ ପ୍ରସ୍ତୁତ ହେଉଥିଲା ମହୁଲି ମଦ, ବନ୍ଦ କଲେ ଗ୍ରାମବାସୀ



**କୁତ୍ରା,୧୯।୧୨(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅନ୍ତର୍ଗତ ଲତଲଗା ଓ ବିରତୋଲା ଗ୍ରାମ ସୀମା ନିକଟ ଚାଷ ଜମିରେ ଗତ କିଛିଦିନ ଧରି ଜଣେ ବ୍ୟକ୍ତି ମହୁଲି ମଦ ତିଆରି ସହ ବିକ୍ରୀ କରୁଥିଲେ। ଏହାକୁ ନେଇ ଗୁରୁବାର ଗ୍ରାମବାସୀ ଏକଜୁଟ ହୋଇ ମଦ ତିଆରି ହେଉଥିବା ସ୍ଥାନରେ ପହଞ୍ଚି ସେଠାରେ ବହୁ ପରିମାଣର ପୋଚ ସମେତ ମହୁଲି ମଦକୁ ନଷ୍ଟ କରିଥିଲେ। ଆଗକୁ ମଦ ତିଆରି ନ କରିବା ପାଇଁ ତାଗିଦ କରିଥିଲେ। ଆଗରୁ ବାରମ୍ବାର ମଦ ବନ୍ଦ କରିବା ପାଇଁ ତାଗିଦ କରୁଥିଲେ ମଧ୍ୟ ସେ କାହାରି କଥାକୁ କର୍ଣ୍ଣପାତ କରୁନଥିବା ଗ୍ରାମବାସୀ କହିଛନ୍ତି। ଲତାଲଗା ଅଞ୍ଚଳରେ ହୋଇଆସୁଥିବା ମଦ ବିକ୍ରୀକୁ ବନ୍ଦ କରିବା ପାଇଁ ସେହି ଅଞ୍ଚଳର ବୁଦ୍ଧିଜୀବୀ ଓ ମହିଳା ସଙ୍ଗଠନ ପକ୍ଷରୁ ବିଗତ ଦିନରୁ ଚେଷ୍ଟା ଚାଲିଛି। ଲତାଲଗା ସମେତ ପୁରୁକାପାଲି ହସ୍ପିଟାଲ ଓ ସ୍କୁଲ ନିକଟରେ, ଅଡ଼ପଡା ଉଚ୍ଚ ପ୍ରାଥମିକ ପ୍ରକଳ୍ପ ବିଦ୍ୟାଳୟ ନିକଟରେ, ନିରାବାହାଲ, କାଦୋପଡା ଆଦି ଅଞ୍ଚଳରେ ଅବାଧରେ ମହୁଲି ଏବଂ ମଦ ବିକ୍ରୀ ଚାଲୁଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହ ଅବକାରୀ ବିଭାଗ ଏହି ସବୁ ଅଞ୍ଚଳରୁ ବେଆଇନ ମଦ ବିକ୍ରୀ ବନ୍ଦ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରୁଛନ୍ତି।

# ବାଲିଶଙ୍କରା ବ୍ଲକ ସ୍ତରୀୟ ଯତରା ମହୋତ୍ସବ



**ବାଲିଶଙ୍କରା,୧୯।୧୨( ହୃଦାନନ୍ଦ ବାରିକ)**

ବାଲିଶଙ୍କରା ରାଜା ବଙ୍ଗଳା ଖେଳ ପଡ଼ିଆଠାରେ ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋର୍ତିମୟୀ ପ୍ରଧାନଙ୍କ ସଭାପତିତ୍ୱରେ ବାଲିଶଙ୍କରା ଯତରା ମହୋତ୍ସବ ୨୦୨୫ ପାଳିତ ହୋଇଯାଇଛି। ଆୟୋଜିତ ଏହି ମହୋତ୍ସବରେ ମୁଖ୍ୟ ଅତିଥିଭାବେ ଉପ ବାଚସ୍ପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ଉପାଧ୍ୟକ୍ଷ ପିତାମ୍ବର ଶେଖର ଦେଓ, ଜିଲା ପରିଷଦ ଖ ଜୟନ୍ତୀ ଏକ୍କା,ବାଲିଶଙ୍କରା ତହସିଲଦାର ଗୌରହରି ମହନ୍ତ ମଞ୍ଚାସୀନ ଥିଲେ। ଏହି ପରିପ୍ରେକ୍ଷୀରେ ଏସଏସଜି ମହିଳାମାନେ ବିଭିନ୍ନ ଷ୍ଟଲ୍ ଦୋକାନ ଲଗାଇଥିଲେ। ମହୋତ୍ସବରେ ବ୍ଲକର ବିଭିନ୍ନ ଆଦିବାସୀ, କରମା, ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରୀମାନେ ସାଂସ୍କୃତିକ ନୃତ୍ୟ ପରିବେଷଣ କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସରପଞ୍ଚ, ସମିତି ମେମ୍ବର ଯୋଗଦେଇ ଥିଲେ। କାର୍ଯ୍ୟକ୍ରମକୁ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କୁଞ୍ଜଲତା ଗୋଖରା ପରିଚାଳନା କରିଥିଲେ।

## ବଡ଼ଗାଁ ଫରେଷ୍ଟ ରେଞ୍ଜରେ ୧୯ ବଣୁଆ ହାତୀ

**ବଡ଼ଗାଁ,୧୯।୧୨(ଅଶୋକ ଷଡ଼ଙ୍ଗୀ) :** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅଧୀନ ରୁନଗାଁ ସଂରକ୍ଷିତ ଜଙ୍ଗଲକୁ ସୋମବାର ୧୯ଟି ବଣୁଆ ହାତୀ ଆସିଥିବା ସୂଚନା ମିଳିଛି। ଉଦାରମା ଜଙ୍ଗଲରେ ଏକ ଗୋଠଛଡା ଦନ୍ତା ଓ ପଞ୍ଜରା ସଂରକ୍ଷିତ ଜଙ୍ଗଲରେ ୨ଟି ବଣୁଆ ହାତୀ ଥିବା ବଡ଼ଗାଁ ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ବିଷୟରେ ବଡ଼ଗାଁ ରେଞ୍ଜର ପ୍ରଦୀପ କୁମାର ଭୂତିଆଙ୍କୁ ଯୋଗାଯୋଗ କରିବାରୁ, ଏହି ବଣୁଆ ହାତୀ ପଲ ରୁନଗାଁ ସଂରକ୍ଷିତ ଜଙ୍ଗଲରେ ଥିବା ଓ ହାତୀ ପଲ ଉପରେ ନଜର ରଖାଯାଇଥିବା କହିଛନ୍ତି। ସୂଚନାଯୋଗ୍ୟ, ଗୋଠଛଡ଼ା ଦନ୍ତାହାତୀ ରାଜଗାଙ୍ଗପୁର ରାନି ବନ୍ଦଠାରେ ଉପଦ୍ରବ କରିବା ପରେ କୁତ୍ରା ବ୍ଲକର ଡାହିଜିରା ଦେଇ ବଡ଼ଗାଁ ଅଞ୍ଚଳର ଜଙ୍ଗଲକୁ ଆସିଛି। ଫେରିବା ରାସ୍ତାରେ ଡାହିଜିରା ଗ୍ରାମର ମନୋଜ ଲାକ୍ରାଙ୍କ ଘର ଭାଙ୍ଗିବା ସହ ଧାନ ଫସଲ ନଷ୍ଟ କରିଥିବା ଜଣାପଡ଼ିଛି।

## ପାଣି ପଞ୍ଚାୟତ ପକ୍ଷ ପାଳିତ



**ବାଲିଶଙ୍କରା,୧୯।୧୨(ହୃଦାନନ୍ଦ ବାରିକ)**

ଜଳସେଚନ ବିଭାଜନ ସୁନ୍ଦରଗଡ଼ ଅଧିକ୍ଷଣ ଯନ୍ତ୍ରୀ(ଏସି) ମୈତ୍ରୀ ପରିଡ଼ାଙ୍କ ନିର୍ଦ୍ଦେଶରେ ତଳସରା ମଧ୍ୟମ ଜଳସେଚନ ବିଭାଗ ସହାୟକ ନିର୍ବାହୀ ଯନ୍ତ୍ରୀ (ଏସଡିଓ) ଗିରିଧାରି ବେହେରାଙ୍କ ଅଧ୍ୟକ୍ଷତାରେ ସରକାରୀ ଉଚ୍ଚ ବିଦ୍ୟାଳୟ ବାଲିଶଙ୍କରାରେ ୩ଟି ବ୍ଲକ ବାଲିଶଙ୍କରା, ସବଡେଗା, ଲେଫ୍ରିପଡ଼ାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭାଜନ ସ୍ତରୀୟ ସାଧାରଣ ଜ୍ଞାନ, ବକ୍ତୃତା,ଚିତ୍ରାଙ୍କନ ଏବଂ ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ର ଜିଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଏହି ପ୍ରତିଯୋଗିତାକୁ ସୁନ୍ଦରଗଡ଼ (ଏସଡିଓ) ଗୋବିନ୍ଦ ମାଝୀ, କନିଷ୍ଠ ଯନ୍ତ୍ରୀ ମଙ୍ଗସିର କୁଲ୍ଲୁ, ସହାୟକ ଯନ୍ତ୍ରୀ ଶଙ୍କର କିଶାନ, ସହାୟକ ଯନ୍ତ୍ରୀ ଭବାନୀ ଶଙ୍କର ଶା ଓ ତଳସରା ମଧ୍ୟମ ଜଳସେଚନର କର୍ମକର୍ତ୍ତା ସହଯୋଗ କରିଥିଲେ।

## ସରକାରୀ ମହିଳା କଲେଜରେ ଲିଙ୍ଗଗତ ସମାନତା ସଚେତନତା କାର୍ଯ୍ୟକ୍ରମ

**ସୁନ୍ଦରଗଡ,୧୯।୧୨ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟରେ ଲିଙ୍ଗଗତ ସଚେତନତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ ଜିଲା ପୋଲିସ ବିଭାଗର ଡିଏସପି (କ୍ରାଇମବ୍ରାଞ୍ଚ) ଦ୍ରୌପଦୀ ଦାସ ଯୋଗଦେଇ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଆତ୍ମପ୍ରତ୍ୟୟ ରଖିଲେ ଦୃଢତା ଆସିବ। ଆତ୍ମବିଶ୍ୱାସକୁ ସୁଦୃଢ଼ କରି ଆଗକୁ ବଢିବା ଓ ପୁରୁଷ ଯେଉଁ କାମ ପାଇଁ ସକ୍ଷମ ନାରୀ ମଧ୍ୟ ସକ୍ଷମ ହେଇପାରିବ ବୋଲି ନିଜ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦିରା ଗଡନାୟକ ଛାତ୍ରୀମାନଙ୍କୁ ସାହସିକତାର ଧ୍ୱଜା ଉଡାଇ ସବୁକିଛି ହାସଲ କରିବାକୁ ଉଦବୋଧନ ଦେଇଥିଲେ। ମହାବିଦ୍ୟାଳୟର ଗୃହବିଜ୍ଞାନ ବିଭାଗୀୟ ମୁଖ୍ୟ ଚାରୁଲତା ନାଏକଙ୍କ ଉପଦେଶ ଓ ଗଣିତ ବିଭାଗର ଅଧ୍ୟାପକ ସଞ୍ଜୟ କୁମାର ବେହେରାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଉଦ୍ଭିଦ ବିଜ୍ଞାନର ଅଧ୍ୟାପିକା ଦିପାଞ୍ଜଳି ହାନସଦା ଧନ୍ୟବାଦ ଅର୍ପଣ କରିଥିଲେ।

## ସାଇ କ୍ରୀଡା ଛାତ୍ରାବାସ ପକ୍ଷରୁ ସାଇକେଲ ଚାଳନା

**ସୁନ୍ଦରଗଡ,୧୯।୧୨(ଜୟ ନାରାୟଣ ମେଣ୍ଡୁଲି)**




ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନ୍ତର୍ଗତ ସମଗ୍ର ଭାରତ ବର୍ଷରେ ୧ହଜାରରୁ ଉର୍ଦ୍ଧ୍ୱ ସ୍ଥାନରେ ସାଇକେଲ ଚାଳନା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ ସ୍ଥିତ ସାଇ କ୍ରୀଡା ଛାତ୍ରାବାସର କ୍ରୀଡାବିତମାନଙ୍କ ପକ୍ଷରୁ ଏକ ସାଇକେଲ ଚାଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ରୀଡାବିତମାନେ ଭବାନୀପୁର କ୍ରୀଡା ପ୍ରକଳ୍ପଠାରୁ ଏକ ସାଇକେଲ ରାଲିରେ ଯାଇ ଲୋକମାନଙ୍କୁ ସାଇକେଲ ଚାଳନାର ଉପଯୋଗିତା ଓ ଏହାଦ୍ୱାରା ସ୍ୱାସ୍ଥ୍ୟ ଉପରେ ଏହାର ଅଭିବୃଦ୍ଧି ଉପରେ ଛାତ୍ରୀଛାତ୍ରମାନେ ଲୋକମାନଙ୍କୁ ସଚେତନ କରିଥିଲେ। ଏହି ସାଇକେଲ ରାଲିକୁ ସାଇ କ୍ରୀଡା ଛାତ୍ରାବାସର ପ୍ରଭାରୀ ପ୍ରଦୀପ କୁମାର ଷଡ଼ଙ୍ଗୀ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲା କ୍ରୀଡା ଅଧିକାରୀଙ୍କ ସମେତ କ୍ରୀଡା ପ୍ରଶିକ୍ଷକମାନେ ଉପସ୍ଥିତ ରହି ସାଇକେଲ ଚାଳକମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା ପ୍ରଶାସନ, ପୋଲିସ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହଯୋଗ କରାଯାଇଥିଲା।


ୟୁକୋ ବ୍ୟାଙ୍କ UCO BANK
(ଭାରତ ସରକାରଙ୍କ ଉପକ୍ରମ) (A Govt. of India Undertaking)
ସମ୍ମାନ ଆପଣଙ୍କ ବିଶ୍ୱାସର Honours Your Trust
ରିକଭରୀ (ଅସୁଲି) ବିଭାଗ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ଡିଟେକ୍ଟିଭ ଏଜେଣ୍ଟ/ ଏଜେନ୍ସିମାନଙ୍କର ତାଲିକାଭୁକ୍ତିକରଣ**

ୟୁକୋ ବ୍ୟାଙ୍କ, ଡିଟେକ୍ଟିଭ ଏଜେଣ୍ଟ/ ଏଜେନ୍ସିମାନଙ୍କର ତାଲିକାଭୁକ୍ତିକରଣ ନିମନ୍ତେ ଯୋଗ୍ୟ ବ୍ୟକ୍ତିବିଶେଷ/ସଂସ୍ଥା/ଏଜେନ୍ସି/ଏଲ୍‌ଏଲ୍‌ପି/ କମ୍ପାନୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଅଛି । ୟୁକୋ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ ଠାରେ ଦରଖାସ୍ତ ତା.୩୧.୧୨.୨୦୨୪ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରିପାରିବେ। ଯୋଗ୍ୟତା ଓ ଅନ୍ୟାନ୍ୟ ବିବରଣୀ ନିମନ୍ତେ ଆମର ନିକଟତମ ଶାଖା/କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା zobbsr.rec@ucobank.co.inକୁ ମେଲ୍ କରନ୍ତୁ ।
ଆଞ୍ଚଳିକ ପ୍ରବନ୍ଧକ
ତାରିଖ: ୧୯.୧୨.୨୦୨୪ ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର



ୟୁକୋ ବ୍ୟାଙ୍କ UCO BANK
(ଭାରତ ସରକାରଙ୍କ ଉପକ୍ରମ) (A Govt. of India Undertaking)
ସମ୍ମାନ ଆପଣଙ୍କ ବିଶ୍ୱାସର Honours Your Trust
ରିକଭରୀ (ଅସୁଲି) ବିଭାଗ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ରିକଭରୀ(ଅସୁଲି)/ଏନ୍‌ଫୋର୍ସମେଣ୍ଟ ଏଜେଣ୍ଟ/ ଏଜେନ୍ସିମାନଙ୍କର ତାଲିକାଭୁକ୍ତିକରଣ**

ୟୁକୋ ବ୍ୟାଙ୍କ, ରିକଭରୀ(ଅସୁଲି)/ଏନ୍‌ଫୋର୍ସମେଣ୍ଟ ଏଜେଣ୍ଟ/ଏଜେନ୍ସିମାନଙ୍କର ତାଲିକାଭୁକ୍ତିକରଣ ନିମନ୍ତେ ଯୋଗ୍ୟ ବ୍ୟକ୍ତିବିଶେଷ/ସଂସ୍ଥା/ଏଜେନ୍ସି/ଏଲ୍‌ଏଲ୍‌ପି/ କମ୍ପାନୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଅଛି । ୟୁକୋ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ ଠାରେ ଦରଖାସ୍ତ ତା.୩୧.୧୨.୨୦୨୪ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରିପାରିବେ। ଯୋଗ୍ୟତା ଓ ଅନ୍ୟାନ୍ୟ ବିବରଣୀ ନିମନ୍ତେ ଆମର ନିକଟତମ ଶାଖା/କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା zobbsr.rec@ucobank.co.inକୁ ମେଲ୍ କରନ୍ତୁ ।
ଆଞ୍ଚଳିକ ପ୍ରବନ୍ଧକ
ତାରିଖ: ୧୯.୧୨.୨୦୨୪ ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର



**ଟାଟାନଗର ରେଲ୍‌ୱେ ହସ୍ପିଟାଲଠାରେ ପାର୍ଟ ଟାଇମ୍ ଡେଣ୍ଟାଲ ସର୍ଜନଙ୍କ ନିୟୋଜନ ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ**

କର୍ମନିଯୁକ୍ତି ବିଜ୍ଞପ୍ତି ନଂ.: ୦୪/୨୦୨୪ (ଏମ୍‌ଇଡି)/ପାର୍ଟ ଟାଇମ୍ ଡେଣ୍ଟିଷ୍ଟ/୧୨/ସିକେପି-୨୪ ତାରିଖ: ୧୯।୧୨।୨୦୨୪

ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଡିଭିଜନ, ଭାରତ ସରକାର, ରେଳ ମନ୍ତ୍ରଣାଳୟ ଚକ୍ରଧରପୁରରେ ସବ୍-ଡିଭିଜନାଲ ରେଲ୍‌ୱେ ହସ୍ପିଟାଲ/ଟାଟାନଗରଠାରେ ଏକବର୍ଷ ଅବଧି ପାଇଁ ସମ୍ପୂର୍ଣ୍ଣ ରୂପେ ଚୁକ୍ତି ଭିତ୍ତିରେ ଦୈନିକ ୦୪ ଘଣ୍ଟା ପାଇଁ **୦୧ (ଏକ) ପଦବୀ (ୟୁଆର୍-୦୧)**ରେ ପାର୍ଟ ଟାଇମ୍ ଡେଣ୍ଟାଲ ସର୍ଜନଙ୍କୁ ନିୟୋଜନ କରିବା ପାଇଁ ଇଚ୍ଛୁକ ଅଟନ୍ତି । ଚୁକ୍ତିର ଅବଧି ହେଉଛି ଚୁକ୍ତିରେ ପ୍ରବେଶ କରିବା ତାରିଖରୁ ଏକ ବର୍ଷ। ଚୁକ୍ତିକୁ କୌଣସି କାରଣରୁ ବର୍ଦ୍ଧିତ କରାଯାଇପାରିବ ନାହିଁ । ତଥାପି, ସମୟ ସମୟରେ ରେଳ ପରିଷଦ ଦ୍ୱାରା ଜାରି ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ରେଳ ପ୍ରଶାସନ ବର୍ଷକୁ ବର୍ଷ ଭିତ୍ତିରେ ୧୨ଟି କ୍ରମାଗତ କାର୍ଯ୍ୟକାଳ ପର୍ଯ୍ୟନ୍ତ କିମ୍ବା ନିୟମିତ ପଦାଧିକାରୀ ଯୋଗ ଦେବା ପର୍ଯ୍ୟନ୍ତ କିମ୍ବା ନିୟୋଜିତ ବ୍ୟକ୍ତି ୬୫ ବର୍ଷ ବୟସରେ ପଦାର୍ପଣ କରିବା ପର୍ଯ୍ୟନ୍ତ, ଯାହା ପୂର୍ବରୁ ହେଉଥିବ, ସିଏମ୍‌ପିଙ୍କ ସହିତ ନୂଆ ଚୁକ୍ତିରେ ପ୍ରବେଶ କରିବାର ଅଧିକାର ନିଜ ନିକଟରେ ସଂରକ୍ଷିତ ରଖିଛନ୍ତି । ପ୍ରାର୍ଥୀମାନଙ୍କୁ ଏକ **"ୱାକ୍-ଇନ୍-ଇଣ୍ଟରଭ୍ୟୁ"** ଜରିଆରେ ଚୟନ କରାଯିବ।

ପ୍ରୟୋଜନୀୟ କ୍ଷେତ୍ରରେ ପାରିଶ୍ରମିକର ପରିମାଣ ହେଉଛି **ମାସିକ ଟ.୩୬,୯୦୦/-। "ୱାକ୍-ଇନ୍-ଇଣ୍ଟରଭ୍ୟୁ" ତା୨୭।୧୨।୨୦୨୪ରିଖ ପୂର୍ବାହ୍ନ ୧୦.୩୦ ଘଟିକାରୁ ଅପରାହ୍ନ ୦୨.୦୦ ଘଟିକା ପର୍ଯ୍ୟନ୍ତ ଚିଫ୍ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ, ଦକ୍ଷିଣ ପୂର୍ବ ରେଳପଥ, ଟାଟାନଗର, ପୋଷ୍ଟ: ଟାଟାନଗର, ଜିଲ୍ଲା: ପୂର୍ବ ସିଂହଭୂମ, ପିନ୍-୮୩୧୦୦୨ (ଝାଡ଼ଖଣ୍ଡ)**ଠାରେ ଅନୁଷ୍ଠିତ ହେବ । ଆଗ୍ରହୀ ପ୍ରାର୍ଥୀମାନେ ବିବରଣୀ ପାଇଁ ଆମର ୱେବ୍‌ସାଇଟ୍ **www.ser.indianrailways.gov.in** ପରିଦର୍ଶନ କରିପାରନ୍ତି (ଡିଭିଜନ>ଚକ୍ରଧରପୁର>ପର୍ସୋନେଲ୍>ନୋଟିଫିକେଶନ୍‌କୁ ଯାଆନ୍ତୁ) । ଅଧିକନ୍ତୁ, ଶୁଦ୍ଧିପତ୍ର କିମ୍ବା ଯୋଗପତ୍ର କିମ୍ବା ବାତିଲକରଣ, ଯଦି ଥାଏ, କେବଳ ଉପରୋକ୍ତ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ, ତେଣୁ ନିୟମିତ ଭାବେ ଆମର ୱେବ୍‌ସାଇଟ୍ ଦେଖିବା ଜାରି ରଖନ୍ତୁ । ଇଚ୍ଛୁକ ପ୍ରାର୍ଥୀମାନେ ଉପରୋକ୍ତ ସମୟ ଏବଂ ସ୍ଥାନରେ **"ୱାକ୍-ଇନ୍-ଇଣ୍ଟରଭ୍ୟୁ"**ରେ ଅଂଶଗ୍ରହଣ କରିପାରନ୍ତି ।

(PR-931) ସିନିୟର ଡିଭିଜନାଲ ପର୍ସୋନେଲ୍ ଅଫିସର, ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



idco ODISHA NEW OPPORTUNITIES
**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**
No. CAD-1932
Tender Call Notice No. BBSR/ELECT/E-4517/23-25/3226 Dated: 16.12.2024

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work: Shifting and Construction of 33KV line from Manpur Over Bridge Chhak to KJ Ispat Ltd. under Dangadi Electrical Section, Jajpur (Under SACI Fund).

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT/e-119/24-25 | 23.12.2024 at 17.00 Hrs. | 01.01.2025 at 17.00 Hrs. |

Further details can be seen from the e-Procurement Portal: **www.tendersorissa.gov.in.** Corrigendum or Addendum if any will not be published in Newspapers and can be seen in e-Procurement portal as well as in IDCO website.
OIPR-14003/11/0085/2425 Sd./- Divisional Head (Elect), IDCO, Bhubaneswar



No.A-738
**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**UPPER INDRAVATI PROJECT**
At/PO : Mukhiguda, Dist : Kalahandi,Odisha, Pin-766026
e-mail address : cceuip1987@gmail.com/louiipbbsr@gmail.com

1. Type of Work : Road works. 2. Total No. of Works : 04 Nos. 3. Approximate value of work : Rs. 2.51 to 2.52 Cr (Excluding GST). 4. Tender Paper Cost : Rs. 10,000/- (online). 5. Bid Security / E.M.D : Rs. 2,51,305.00 - Rs. 2,52,477.00 (Online). 6. Period of Completion : 10 (Ten calendar months). 7. Class of Contractor : 'B' & 'A' Class

| Procurement Officer | e-Procurement Notice No. | Bid Amount | Availability of online viewing of Tender prior to Bidding | | Bid clarification | Submission & Availability bid on-line | Date & time of opening of Technical Bid |
|---|---|---|---|---|---|---|---|
| | | | From | To | | | |
| 1 | 2 | 3 | 4 | 5 | 6 | 7 | 8 |
| CHIEF CONSTRUCTION ENGINEER, UPPER INDRAVATI PROJECT, AT/PO - MUKHIGUDA, DIST. - KALAHANDI, ODISHA, PIN - 766026 | CCE UIP-03(01-04)/2024-25, Dt. 16.12.2024 | Rs. 2.51 cr to Rs. 2.52 cr (Excluding GST) | 24.12.2024 (10.00 AM) | 07.01.2025 (up to 5.00 P.M.) | 24.12.2024 to 27.12.2024 During office hour | 24.12.2024 (10.00 A.M.) to 07.01.2025 (up to 5.00 P.M.) | 09.01.2025 at 12.00 Noon |

Date of opening of technical bid : Dt. 09.01.2025 at 12.00 P.M. in the O/o the Chief Construction Engineer, UIP, Mukhiguda, Kalahandi, Odisha, PIN-766026
date of opening of financial bid : To be decided after finalization of Technical Bid.
Further details can be seen from the Govt. Website : www.tendersorissa.gov.in

Sd./-Chief Construction Engineer
Upper Indravati Project
Mukhiguda
OIPR-32352/11/0008/2425



**ORISSA STATE AIDS CONTROL SOCIETY (OSACS)** OSACS
(Department of Health & Family Welfare), Government of Odisha
Letter No. IX-OSACS-ART-06/2024-25(Pt.)(1) 4177/OSACS Dated: 17.12.2024

No. E-602: The Orissa State AIDS Control Society (OSACS) on behalf of the ART Centres, Capital Hospital, Bhubaneswar to fill-up the post of **Medical Officer** on contract basis for implementation of HIV/AIDS programme under National AIDS Control Programme (NACP). The initial appointment should be for a period of one year and be renewed every year based on the performance. The details mentioned below:

| Sl. No. | Name of the Post | Place of Posting | No. of Post | Monthly Consolidated Remuneration (Rs.) |
|---|---|---|---|---|
| 1 | Medical Officer | Capital Hospital, Bhubaneswar (2 Nos.) | 02 | 72,000/- |

Further for the post of Medical Officer (Minimum age limit of 25 years & maximum age limit of 69 years as on 01.07.2024) may appear before the selection board on mentioned dates against each institutes by 11.00 A.M. with all relevant original documents and photocopies of same with self attested.
Application should not be sent to OSACS Head Quarter and ART Center Capital Hospital.
The remuneration, qualification, ToR & responsibilities, other terms and conditions are available in the websites of **www.osacs.nic.in** and **www.orissa.gov.in**.

**Sd./- Project Director**
2nd Floor, Oil Orissa Building, Nayapalli, Bhubaneswar, Ph: 2395415/2393235, Fax: 2394560 (0674)
E-mail: orissasacs@gmail.com, osacscst@gmail.com
OIPR-10009/11/0020/2425



**GOVERNMENT OF CHHATTISGARH, WATER RESOURCES DEPARTMENT**
**OFFICE OF THE EXECUTIVE ENGINEER**
**WATER RESOURCES DIVISION, BAIKUNTHPUR, DISTT. KORIYA (C.G.)**
**e-PROCUREMENT TENDER NOTICE**
**eProcurement Portal: https://eproc.cgstate.gov.in**
(1st CALL)
System Tender No: 162940 NIT No. : 10/SAC/2024-25
Dated : 17.12.2024
**Online Tenders are invited for the following works up to 07.01.2025, (17.30 hours IST)**

Name of Work : Anjani Tank Canal Extension & Construction of C.C. Channel, Hume Pipe V.R.B., Repair of RCC Barrel type VRB at RD 990 m, Repair of existing VRB, Const. of Abutment for Acquaduct at RD 1083 & 1177 m, Repair of Head Sluice for Miner canal 1,2&3, Const. C C Channel 990 to 1083 m, 1177 to 1335,2570 to 3420,3430 to 5342 in main canal, Const. of Water Course in main canal at Rd 6350 m, C.C. Lining 0 to 900, 1300 to 2560 m, 5342 to 6350 m in main canal, CC Lining RD 0 to 900 m in minor 01, RD 0 to 950 m in minor 02& RD 0 to 750 m in minor 03 canal, Const. of Toe Wall in main canal & Fixing of Outlets.
Probable Amount Of Contract : Rs. 488.44 Lakhs

The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in) from Date 24.12.2024, at 17.31 Hours.(IST) onwards.**

NOTE :- 1. All eligible/interested contractors/bidders are mandated to get enrolled on the Integrated e - procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.
2. Probable Amount of Contract (P.A.C.) is as per S.O.R. 01.08.2010. (As Amendments 01.08.2022).

Sd./- Executive Engineer
Water Resources Division, Baikunthpur Korea (C.G.)
For, Chief Engineer, Hasdeo Ganga Basin
Ambikapur (C.G.)
G-242504692/2

# ପ୍ରତିଶ୍ରୁତି ଦେଇଥିଲୁ, ପୂରଣ କରିଛୁ

## ଦିନିକିଆ କଳାହାଣ୍ଡି ଗସ୍ତରେ ସ୍ୱାସ୍ଥ୍ୟମନ୍ତ୍ରୀ

ଭବାନୀପାଟଣା,୧୯।୧୨(ଉତ୍ତମ କୁମାର ଦାଶ)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଗୁରୁବାର ଦିନିକିଆ କଳାହାଣ୍ଡି ଜିଲା ଗସ୍ତରେ ଆସିଥିଲେ। ଏହି ଅବସରରେ ସକାଳ ୮ଟା ୪୫ରେ ସେ ଉତ୍କେଳା ଏୟାରପୋର୍ଟରୁ ଓହ୍ଲାଇ ଜିଲାର ବିଭିନ୍ନ ମଣ୍ଡି ପରିଦର୍ଶନ କରିଥିଲେ। ପ୍ରଥମେ ସେ ପାଷ୍ଟିକୁଡି ମଣ୍ଡି ବୁଲିବା ପରେ କୁରୁଖମାର, ତଳଜାରଙ୍ଗ, ଜୁନାଗଡ, ବଣିଜରା, ଦାସିଗାଁ ଆଦି ମଣ୍ଡି ପରିଦର୍ଶନ କରିଛନ୍ତି। ସେଠାରେ ସେ ମଣ୍ଡିଗୁଡିକର ଭିତ୍ତିଭୂମି ବୁଲି ଦେଖିବା ସହ ଚାଷୀଙ୍କୁ ଭେଟିଛନ୍ତି। ଚାଷୀମାନଙ୍କ ବିଭିନ୍ନ ସମସ୍ୟା ବୁଝି ଧାନ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା ପାଉଛ କି ନାହିଁ ପଚାରିଥିଲେ। ଏହି ସମୟରେ ଚାଷୀମାନେ ମଧ୍ୟ ୩୧ଶହ ଟଙ୍କା ପାଉଥିବା ନେଇ ସହମତି ପ୍ରକାଶ କରିଥିଲେ। ଜୁନାଗଡ ଆର୍‌ଏମ୍‌ସିକୁ ଯାଇ ମଣ୍ଡିରେ ଲାଗିଥିବା ସିସିଟିଭି ଯାଞ୍ଚ କରିବା ସହ ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ମାଣ୍ଡିଆ ପିଠା ଓ ଆରିସା ପିଠା ଖାଇଥିଲେ।


ଜୁନାଗଡ଼ ମଣ୍ଡି ପରିଦର୍ଶନ କରୁଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ।

ପରେ ଆର୍‌ଏମ୍‌ସି ସଭାଗୃହରେ ମନ୍ତ୍ରୀ ମହାଲିଙ୍ଗ ଚାଷୀଙ୍କ ସହ ଏକ ବୈଠକ କରିଥିଲେ। ଏହି ସମୟରେ ଧର୍ମଗଡ ବିଧାୟକ ସୁଧୀର ପଟ୍ଟଯୋଷୀ, କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ, ଧର୍ମଗଡ ଉପଜିଲାପାଳ ଧ୍ୱମାନ ଚକମା ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟରେ ଭାଜପା ସରକାର ଆସିଲେ ଧାନ କୁଇଣ୍ଟାଲ ପିଛା ୩୧ଶହ ଟଙ୍କା କରାଯିବ ବୋଲି ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲୁ। ସରକାର ଆସିବା ପରେ ଏହି ପ୍ରତିଶ୍ରୁତି ପୂରଣ କରିଛୁ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଥିଲେ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋଜ ମେହେର, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ, ସୁଧାଂଶୁ ଶେଖର ବରାଡ, ଭାଜପା ବରିଷ୍ଠ ନେତା ରୂପେଶ ଜୈନ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ, ଜିଲା ଯୁବ ମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁ, ହିମାଂଶୁ ଶେଖର ପଣ୍ଡା, ଅଂଶୁମାନ ଯୋଷୀ ପ୍ରମୁଖଙ୍କ ସମେତ ବହୁ ଚାଷୀ, ଆର୍‌ଏମ୍‌ସି ଓ ଯୋଗାଣ ବିଭାଗ ଅଧିକାରୀ, କର୍ମଚାରୀ ଯୋଗଦେଇଥିଲେ।

## ସଂକ୍ଷେପରେ

### ଯୁବକଙ୍କୁ ହତ୍ୟା ଅଭିଯୋଗ

**ଥୁଆମୂଳ ରାମପୁର,୧୯।୧୨(ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଟେଭାକଲମ ଗାଁରେ ବୁଧବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ବିବାହିତ ଯୁବକ ପାନି ମାଝି (୪୫)ଙ୍କୁ ହତ୍ୟା କରାଯାଇଥିବା ନେଇ ସ୍ତ୍ରୀ କୁନି ମାଝି ଥୁଆମୂଳ ରାମପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୧୦୪/୨୪) ରୁଜୁକରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗକ୍ରମେ ପାନି ବୁଧବାର ରାତିରେ ଶୋଇଥିବା ବେଳେ ଉକ୍ତ ଗ୍ରାମର ଦୁଇଭାଇ ତାଙ୍କ ଘର ପାଖକୁ ଆସି ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ଏହାପରେ ପାନି ନିଦରୁଉଠି ବାହାରକୁ ଆସିବାରୁ ଦୁଇ ଭାଇ ତାଙ୍କୁ କିଛିଦୂର ଟାଣି ନେଇ ଟାଙ୍ଗିଆରେ ହତ୍ୟା କରି ଚାଲିଯାଇଥିଲେ। ଗୁରୁବାର ସକାଳେ ସ୍ତ୍ରୀ କୁନି ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପରେ ସାଇଣ୍ଟିଫିକ ଟିମ୍ ସହିତ ଥାନା ଅଧିକାରୀ କୈବଲ୍ୟ ସେଠ ଓ ସବ୍‌ଇନ୍ସପେକ୍ଟର ରଶ୍ମିରଞ୍ଜନ ବାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି। ଜମିବାଡ଼ି ବିବାଦରୁ ଏଭଳି ହତ୍ୟାକାଣ୍ଡ ଘଟିଛି ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି।

### ଓଲଟିଥିବା ଟ୍ରକ୍‌ରେ ପିଟିହୋଇ ଯୁବକଙ୍କ ମୃତ୍ୟୁ

**ବୋଡ଼େନ,୧୯।୧୨ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡ଼େନ ଥାନାର ଖଇରା ଗ୍ରାମ ନିକଟରେ ବୁଧବାର ରାତିରେ ଓଲଟିଥିବା ଟ୍ରକ୍‌ରେ ପିଟିହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖଇରା ଗ୍ରାମର ବିଦ୍ୟାଧର ଦଲ(୨୪)। ସୂଚନାକ୍ରମେ ଛତିଶଗଡ଼ରୁ ଆସୁଥିବା ଏକ ସିମେଣ୍ଟ ବୋଝେଇ ଟ୍ରକ୍ ସୋମବାର ରାତିରୁ ଖଇରା ଗ୍ରାମ ଅନତି ଦୂର ବିଜୁ ଏକ୍ସପ୍ରେସ୍ ୱେରେ ଓଲଟିପଡ଼ି ରାସ୍ତାର ଅଧା ଅଂଶ ମାଡ଼ିରହିଥିଲା। ବୁଧବାର ରାତିରେ ବିଦ୍ୟାଧର ନୂଆପଡ଼ା ପଟୁ ବାଇକ୍‌ରେ ଆସୁଥିବା ସମୟରେ ଉକ୍ତ ଟ୍ରକ୍‌ରେ ପିଟିହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ସକାଳେ ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ବୋଡେନ ବିଡିଓ ସୁଶାନ୍ତ ରଣା, ତହସିଲଦାର ସରିତା ଗୁପ୍ତା ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍‌ରୁ ୧୦ହଜାର ଟଙ୍କା, ଟ୍ରକ୍ ମାଲିକ ୫୦ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରୁ ୩ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

### ସମ୍ବଲପୁରୀ ନାଚଗୀତରେ ଦର୍ଶକ ବିମୋହିତ

**ନୂଆପଡ଼ା,୧୯।୧୨ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମରେ ଚାଲିଥିବା ବିରାଟ ଆଞ୍ଚଳିକ ଧନୁଯାତ୍ରା ଗୁରୁବାର ତୃତୀୟ ରଜନୀରେ ପହଞ୍ଚିଛି। ବଲାଙ୍ଗୀର ଜିଲା ଲାଠୋରର ମା' ମଙ୍ଗଳା କଳା ପରିଷଦ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି । ଜିଲା ପରିଷଦ ସଦସ୍ୟ ଅବନିରଞ୍ଜନ ଯୋଶୀ ମୁଖ୍ୟ ଅତିଥି ଓ ଜିଲା ବିଜେଡ଼ି ଯୁବ ସାଧାରଣ ସମ୍ପାଦକ ଅଜୟ ଗହୀର, ପ୍ରଦୀପ ଦଳପତି, କେଶବ ନିଆଲ, ଉପାସୁ ସୁନାନି ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସମ୍ବଲପୁରୀ ନାଚଗୀତରେ ଦର୍ଶକ ବିମୋହିତ ହୋଇଥିଲେ ।

# ଜବାହର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

କୋକସରା,୧୯।୧୨ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)

କୋକସରା ବ୍ଲକ ସଦର ମହକୁମା ଜବାହର ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଶୋଭାଯାତ୍ରାରେ ଛାତ୍ରୀଛାତ୍ର ମଶାଲ ନେଇ ବିଦ୍ୟାଳୟରେ ପହଞ୍ଚିବା ପରେ ଅତିଥିମାନେ ସ୍ୱାଗତ କରି କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଯୋଗଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀ, ମୁଖ୍ୟବକ୍ତା ଭାବେ ଜାତୀୟ ସ୍ତରରେ ବିଜ୍ଞାନ ପାଇଁ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ନର୍ଲା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର କର, ସମ୍ମାନିତ ଅତିଥି ଭାବେ ଗୋଷ୍ଠି ଉନ୍ନୟନ ଅଧିକାରୀ ଡ଼. ହିମାଞ୍ଚଳ ମାଝୀ, ଆଦର୍ଶ ବିଦ୍ୟାଳୟର ଅଧକ୍ଷା ନିରୁମ ରାଣୀ ପଣ୍ଡିତ, ବିଇଓ ରଶ୍ମିତା ନେତମ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ପଣ୍ଡା ସ୍ୱାଗତ ଅଭିଭାଷଣ ସହ ବାର୍ଷିକ ବିବରଣୀ ପଠନ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କ୍ରୀଡା କ୍ଷେତ୍ରରେ ଜିଲା ଓ ରାଜ୍ୟରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଅତିଥିମାନେ ସମ୍ମାନିତ କରିଥିଲେ।

# ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ


ବୈଠକରେ କଳାହାଣ୍ଡି ଉତ୍ସବ ସମ୍ପର୍କରେ ଆଲୋଚନା କରାଯାଉଛି।

କର୍ଲାମୁଣ୍ଡା,୧୯।୧୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ବ୍ଲକ୍ ଅଧ୍ୟକ୍ଷା କୁନି ସାହୁଙ୍କ ଅଧ୍ୟକ୍ଷତାରେ ଆସନ୍ତା ଜାନୁଆରୀ ମାସରେ ହେବାକୁ ଥିବା ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ବିଡିଓ ସିଦ୍ଧେଶ୍ୱର ମେହେର, ବ୍ଲକ୍ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ତହସିଲଦାର ଅରୁଣ ବର୍ଗେ, ବ୍ଲକ୍ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂ, କର୍ଲାମୁଣ୍ଡା କ ଜୋନ୍ ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା ଓ ଖ ଜୋନ୍ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସରପଞ୍ଚ ସଂଘ ସଭାପତି ବରୁଣ ଛତ୍ରିଆ, ସମିତି ସଂଘ ସଭାପତି ନିମାଇଁ ଚରଣ ବେହେରା, ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅରୁଣ ସାହୁ, ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ଉତ୍ସବ କିଭଳି ଅଧିକ ସରସସୁନ୍ଦର ହେବ ସେ ଉପରେ ଆଲୋଚନା କରିଥିଲେ। ଏଥିପାଇଁ ବିଭିନ୍ନ କମିଟି ଗଠନ କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଥିଲା।

# ସାଇବର ଠକେଇ, ଝାଡ଼ଖଣ୍ଡରୁ ଅଭିଯୁକ୍ତ ଗିରଫ

ନୂଆପଡ଼ା,୧୯।୧୨ (ମକାରୁ ବେମାଲ)

ନୂଆପଡ଼ା ଜିଲା ବୋଡ଼େନ ଥାନା ଅଞ୍ଚଳରେ ଏକ ସାଇବର ଠକେଇ ଘଟଣାରେ ନୂଆପଡ଼ା ପୋଲିସ ଝାଡଖଣ୍ଡରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଏ ନେଇ ଜିଲା ପୋଲିସ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଜି. ଆର୍ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ବୋଡ଼େନ ବ୍ଲକ ବରଗାଁର ଭାବେଶ କୁମାର ମେହେର ଅନ୍‌ଲାଇନ ମାଧ୍ୟମରେ ତାଙ୍କଠାରୁ ୧ ଲକ୍ଷ ୭୮ ହଜାର ଟଙ୍କା ଲୁଟ ହୋଇଥିବା ନେଇ ଗତ ୧୩ ତାରିଖରେ ବୋଡ଼େନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୭୨/୨୪) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ନୂଆପଡା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ତଦନ୍ତ କରି ଝାଡଖଣ୍ଡ ରାଜ୍ୟ ଦେଓଗଡ଼ ଜିଲା ସାରଥ ଥାନା ବରଦାହି ଗାଁର ଅଭିଜିତ କୁମାର ମେହେରା (୨୩)ଙ୍କୁ ଗିରଫ କରିଥିଲା। ଏହି ମାମଲାରେ ଅନ୍ୟ ଅଭିଯୁକ୍ତ ମିଥିଳେଶ କୁମାର ଦାଶଙ୍କୁ ପୋଲିସ ଖୋଜୁଥିବା ଏସ୍‌ପି ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ସମସ୍ତ ବ୍ୟାଙ୍କ ଆକାଉଣ୍ଟକୁ ପୋଲିସ ଫ୍ରିଜ୍ କରିଥିବା ସୂଚନା ଦିଆଯାଇଛି।


ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

# ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଖଡ଼ିଆଳ,୧୯।୧୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଦୋହେଲପ ପଲ୍ଲୀପ୍ରଗତି ମହାବିଦ୍ୟାଳୟର ୨୭ତମ ବାର୍ଷିକ କ୍ରୀଡ଼ା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କଲେଜର ଶାରୀରିକ ଶିକ୍ଷା ଅଧ୍ୟାପକ ଭାସ୍କର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୦୦, ୨୦୦ ମିଟର ଦୌଡ଼ ସହ ଉଚ୍ଚଡିଆଁ, ଲମ୍ବଡିଆଁ, ଶଟ୍‌ପୁଟ, ଜାଭେଲିନ ଥ୍ରୋ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। କଲେଜ ଅଧ୍ୟକ୍ଷ ରୁଦ୍ରମାଧବ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବଙ୍ଗୋମୁଣ୍ଡା ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା ମୁଖ୍ୟଅତିଥି ଓ ଅଧ୍ୟାପକ ଅମୂଲ୍ୟ ପାଳ, ବିରଞ୍ଚି ନାରାୟଣ ବେହେରା, ଅସିତ ସୁପକାର, ଘନ ସୁନ୍ଦର ପୁଞ୍ଜି, ରାଜେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ କରାଯାଇଥିଲା।

# ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଭବାନୀପାଟଣା,୧୯।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମାଣିକେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟର ୫୬ତମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଧର୍ମେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ମହାପାତ୍ର ମୁଖ୍ୟ ବକ୍ତା ଓ ଅତିରିକ୍ତ ଜିଲା ଶିକ୍ଷାଅଧିକାରୀ ପବିତ୍ର ମୋହନ ସାହୁ, ଭବାନୀପାଟଣା ବ୍ଲକ ଶିକ୍ଷାଧିକାରୀ ଆଚାରୀ ଶବର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରଧାନ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ରାଜୁ କୁମାର ସାହୁ ଓ ପ୍ରତିଭା ସାହୁ ପରିଚାଳନା କରିଥିଲେ। ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ହିନ୍ଦୀ ଶିକ୍ଷକ ରାଜୁ କୁମାର ସାହୁଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦିଲୀପ ଦାଶଙ୍କ ମାର୍ଗଦର୍ଶନରେ ଛାତ୍ରୀଛାତ୍ରମାନେ ଓଡ଼ିଶୀ, ସମ୍ବଲପୁରୀ, ଦେଶ ଭକ୍ତି ଆଦି ନୃତ୍ୟ ପରିବେଷଣ କରିଥିଲେ। ଯାହାକି ବେଶ ଚିତାକର୍ଷକ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱପ୍ନା ପ୍ରଧାନ ଓ ଗୀତାଞ୍ଜଳି ତ୍ରିପାଠୀଙ୍କ ମାର୍ଗଦର୍ଶନରେ ପ୍ରାଚୀର ପତ୍ରିକା 'କଳିକା' ଅତିଥିମାନଙ୍କ କରକମଳରେ ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଆଶୁତୋଷ ଦୁବେ, ଜଗମୋହନ ବିଶ୍ୱାଳ, ଉଦିତ ପ୍ରସାଦ ସିଂ, ମିନତି ଦାଶ, ପ୍ରଗତି ସେଠ, ଗୀତାଞ୍ଜଳି ନାଏକ, ସୁଦୀପ୍ତା ଦାଶ, ଆନନ୍ଦିନୀ ଠାକୁର ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ଶିକ୍ଷକ ଦେବୀପ୍ରସାଦ ଆଚାରୀ ଧନ୍ୟବାଦ ଅର୍ପଣ କରିଥିଲେ ।


କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଉଛି।

# ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ଲାଞ୍ଜିଗଡ଼,୧୯।୧୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବାଣିପଙ୍ଗା ସରକାରୀ (ଏସ୍‌ଏସ୍‌ଡ଼ି) ବାଳିକା ଉଚ୍ଚ ବିଦ୍ୟାଳୟରେ ଦୁଇ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ବସନ୍ତ କୁମାର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିଆର ସିଂ ମୁଖ୍ୟ ଅତିଥି ଭାବେ ଯୋଗ୍‌ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବାତେଲିମା ସରପଞ୍ଚ କରୁଣା ମାଝୀ ଉପସ୍ଥିତ ଥିଲେ। ଏଥିରେ ଫୁଟ୍‌ବଲ, ଭଲିବଲ, ଖୋଖୋ, ଦୌଡ଼, ଉଚ୍ଚ ଡିଆଁ, ଲମ୍ବଡିଆଁ, ଶଟପୁଟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡା ପ୍ରତିଯୋଗିତାକୁ ସ୍କୁଲର ଖେଳ ଶିକ୍ଷକ ବିଜୟ କୁମାର ଭୋଇ ସମେତ ବିଦ୍ୟାଳୟର ଶିକ୍ଷକ ଗୁଣଧର ଶବର, ଯୋଗେଶ୍ୱର ମାଝୀ, ସନ୍ତୋଷ ମାଝୀ, ଶିକ୍ଷୟିତ୍ରୀ ସସ୍ମିତା ଦାସ, ଲାବଣ୍ୟମୟୀ ମହାନ୍ତି ସହଯୋଗ କରିଥିଲେ ।

# କଂଗ୍ରେସର ପ୍ରତିବାଦ ସଭା



ପ୍ରତିବାଦ ସଭାରେ କଂଗ୍ରେସର କର୍ମକର୍ତ୍ତା।

ଖଡ଼ିଆଳ,୧୯।୧୨ (ସୁଜିତ କୁମାର ପ୍ରଧାନ)

ଡ. ଭୀମରାଓ ଆମ୍ବେଦକରଙ୍କ ପ୍ରତି ପବିତ୍ର ପାର୍ଲାମେଣ୍ଟ ଗୃହରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆପତ୍ତିଜନକ ମନ୍ତବ୍ୟ ଦେଇଥିବାରୁ କଂଗ୍ରେସର ଖଡ଼ିଆଳ ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭା କରାଯାଇ ତାଙ୍କ ଇସ୍ତଫା ଦାବି କରାଯାଇଥିଲା। ଏହାସହ ଦେଶବାସୀଙ୍କଠାରେ କ୍ଷମା ମାଗିବାକୁ ଦାବି କରାଯାଇଥିଲା। ଏଥିରେ ବରିଷ୍ଠ କଂଗ୍ରେସ ନେତା ପ୍ରବୀଣ ପଟ୍ଟନାୟକ, ରାଜେଶ ବେହେରା, ମାୟାଧର ସୁନାନୀ, ପ୍ରମୋଦ ମହାନନ୍ଦ, ଗିରିଧାରୀ ସୁନା, ଲକ୍ଷ୍ମଣ ତାଣ୍ଡି, ଭୁଜବଳ ଜଗତ, ପଦ୍ମନାଭ ଜଗତ, ପଦ୍ମଲୋଚନ ମେହେର, ମିତ୍ର ମେହେର, ବେଣୁଧର ମେହେର, ଧର୍ମେନ୍ଦ୍ର ପଣ୍ଡାଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

# ଏନ୍‌ଏସି ସ୍ତରୀୟ କଳାହାଣ୍ଡି ଉତ୍ସବ ପାଳନ ପାଇଁ ପ୍ରସ୍ତୁତି

କେସିଙ୍ଗା,୧୯।୧୨(ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସି ପକ୍ଷରୁ କଳାହାଣ୍ଡି ଉତ୍ସବ ପାଳନ ପାଇଁ ଅଧ୍ୟକ୍ଷ ନୃପରାଜ ଯାଦବଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୦ ତାରିଖରେ ଏନ୍‌ଏସି ସ୍ତରୀୟ କଳାହାଣ୍ଡି ଉତ୍ସବ ବିଦ୍ୟାପୀଠ ଖେଳ ପଡିଆଠାରେ ଅନୁଷ୍ଠିତ ହେବା ପାଇଁ ସ୍ଥିର ହୋଇଛି। ବୈଠକରେ ମଶାଲ ଯାତ୍ରାଠାରୁ ଆରମ୍ଭ କରି ନାଚଗୀତ, ଲୋକକଳା, ତୋରଣ ସାଜସଜା, ପୁରସ୍କାର ବଣ୍ଟନ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ, ଉପାଧ୍ୟକ୍ଷା ସରସ୍ୱତୀ ଶାହା, ଅବସରପ୍ରାପ୍ତ ଅଧ୍ୟାପକ ବି. ଚନ୍ଦ୍ର ଶେଖର ଆଚାରି, ସମସ୍ତ କାଉନସିଲର, ବିଜେଡି ଟାଉନ ସଭାପତି ରମେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ।


ବୈଠକରେ ଉତ୍ସବ ସମ୍ପର୍କରେ ଆଲୋଚନା କରାଯାଉଛି।

# ମଣ୍ଡି ପରିଦର୍ଶନକରି ଚାଷୀଙ୍କ ସହ ଆଲୋଚନାକଲେ ମନ୍ତ୍ରୀ

ବେହେରା/କଳମପୁର/କୋକସରା, ୧୯।୧୨(ଭୂପେଶ ତିୱାରୀ/ଗଣେଶରାମ ବାଗ/ ଦୁଷ୍ମନ୍ତ କୁମାର ପାଢୀଯୋଷୀ)

ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଗୁରୁବାର କଳାହାଣ୍ଡି ଜିଲାର ବିଭିନ୍ନ ମଣ୍ଡି ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରିଥିଲେ। ସେ ଧର୍ମଗଡ ବ୍ଲକର ବେହେରା ଓ ଧର୍ମଗଡ ମଣ୍ଡିରେ ପହଞ୍ଚି ଚାଷୀ ଯେପରି ଧାନ ବିକ୍ରି ସମୟରେ କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ ସେଥିପାଇଁ ମଣ୍ଡି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ତାଗିଦ କରିଥିଲେ। ଏହି ଅବସରରେ ବେହେରାଠାରେ ଡାକ୍ତରଖାନା ସମସ୍ୟା ନେଇ ଲୋକେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମଧ୍ୟାହ୍ନରେ କଳମପୁର ମଣ୍ଡି ପରିଦର୍ଶନ କରିଥିଲେ। ତାଙ୍କ ସହ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀ, ଜିଲାପାଳ ପାୱାର ସଚିନ ପ୍ରକାଶ, ଉପଜିଲାପାଳ ଧ୍ୱମାନ ଚକମା, ଭାଜପା ଜିଲା ସଭାପତି ଭବେନ୍ଦ୍ର ପଣ୍ଡା ପ୍ରମୁଖ ସାମିଲ ଥିଲେ। ମନ୍ତ୍ରୀ କହିଥିଲେ, ଚାଷୀଙ୍କ ଆର୍ଥିକ ମାନଦଣ୍ଡକୁ ଶକ୍ତିଶାଳୀ କରିବା ପାଇଁ ମୋହନ ସରକାର ପ୍ରତିଶ୍ରୁତି ବଦ୍ଧ। ଯାହା ସରକାର କୁହନ୍ତି ତାହା କରନ୍ତି। ଧାନ ବିକ୍ରି କରିଥିବା ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡି ଅର୍ଥ ପ୍ରଦାନ କରାଯାଉଛି ବୋଲି ପ୍ରକାଶ କରିଥିଲେ।


କୋକସରା ମଣ୍ଡି ବୁଲିବା ଅବସରରେ ମନ୍ତ୍ରୀଙ୍କ ସହ ଅନ୍ୟମାନେ।

ସ୍ୱାସ୍ଥ୍ୟମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ପ୍ରଶାସନିକ ଅଧିକାରୀ ଓ ଭାଜପାର ନେତୃବୃନ୍ଦଙ୍କ ସହ କୋକସରା ବ୍ଲକର ମୋଟେର ମଣ୍ଡିରେ ପହଞ୍ଚି ଚାଷୀଙ୍କ ସହ ମଣ୍ଡିର ଆନୁଷଙ୍ଗିକ ବ୍ୟବସ୍ଥା ନେଇ ଆଲୋଚନା କରିଥିଲେ। ପରେ ମନ୍ତ୍ରୀ କୋକସରା ଧାନ ମଣ୍ଡି ପରିସରରେ ଆୟୋଜିତ ସଭାରେ ଉପସ୍ଥିତ ଚାଷୀଙ୍କୁ ରାଜ୍ୟ ସରକାରଙ୍କ ମଣ୍ଡି ପରିଚାଳନା ନେଇ ଆଲୋଚନା କରିବା ସହ ସେମାନଙ୍କ ଅଭିଯୋଗ ଶୁଣିଥିଲେ। କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋଜ ମେହେର, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ଜିଲା ଯୁବମୋର୍ଚ୍ଚା ସଭାପତି ବିଜୟଦେ ସାହୁ, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ମହିଳା ରାଜ୍ୟ ନେତ୍ରୀ କୁନ୍ତୀ ପାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଅଧ୍ୟବସାୟ କଲେ ସଫଳତା ଆପେ ମିଳେ

ଅମରପାଲି, ୧୯।୧୨ (ପୀତାମ୍ବର ସାହୁ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଆନୁକୂଲ୍ୟରେ ବୀରମହାରାଜପୁର ଉପକଣ୍ଠ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନ ରେ ଉଲୁଣ୍ଡା ବ୍ଲକସ୍ତରୀୟ ଶିଶୁ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ପଙ୍କଜ ଖମାରୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଓଷ୍ଟାର ସଭାପତି ଅଖୋଜ ପଧାନ, ପୂର୍ବତନ ସମ୍ପାଦକ ତ୍ରିପୁରାରୀ ରଥ, ପୂର୍ବତନ ଶିକ୍ଷା ନିରୀକ୍ଷକ ଲକ୍ଷ୍ମଣ ଖମାରୀ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ଅଧ୍ୟବସାୟ କଲେ ସଫଳତା ଆପେ ଆପେ ମିଳିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସଭା ପରେ ବ୍ଲକର ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା, କୁଇଜ, ସାଧାରଣଜ୍ଞାନ, ସଙ୍ଗୀତ, ନୃତ୍ୟ, ଏକକ ଅଭିନୟ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ସୁବ୍ରତ ପଣ୍ଡା, ସୁଦର୍ଶନ ବିଶ୍ୱାଳ, ଅକ୍ରୁର ପଣ୍ଡା,ଜିତେନ୍ଦ୍ର ଭୋଇ, ମିନକେତନ ମେହେର, ରାଧେଶ୍ୟାମ ମେହେର ବିଚାରକଭାବେ ବିଭିନ୍ନ ପ୍ରତିଯୋଗିତାର ମୂଲ୍ୟାଙ୍କନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ସପ୍ତଦୀପା ସହିତ୍ୟ ସଂସଦ ସଭାପତି ଡ.ଦ୍ୱିତୀକୃଷ୍ଣ ପଣ୍ଡା ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରତିନିଧି ନଳିନୀ ପଣ୍ଡା, ବୀରମହାରାଜପୁର ଓଷ୍ଟା ସମ୍ପାଦକ ବ୍ରଜମୋହନ ବାରିକ, ଓଷ୍ଟା ଜିଲା ସମ୍ପାଦକ ସୁଶିଳ କୁମାର ବିଶି, ଓଷ୍ଟା ବିନିକା ସମ୍ପାଦକ ବନପାଳ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଉଲୁଣ୍ଡା ବ୍ଲକ ସମ୍ପାଦକ ପ୍ରହଲ୍ଲାଦ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷକ ଯୁଧିଷ୍ଠିର ଖମାରୀ ସଭା ସଂଯୋଜନା କରିଥିଲାବେଳେ ଶିକ୍ଷକ ରଣ ମୋହନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥବା ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଦେଇ ପୁରସ୍କାର ବିତରଣ କରାଯାଇଥିଲା। ପ୍ରତି ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ପ୍ରତିଯୋଗୀ ଆସନ୍ତା ୨୧ ତାରିଖରେ ସୋନପୁର କୋଶଳ ହାଇସ୍କୁଲରେ ହେବାକୁ ଥିବା ଜିଲାସ୍ତରୀୟ ଶିଶୁମେଳାରେ ଅଂଶଗ୍ରହଣ କରିବେ। ଏଥିରେ ଉଲୁଣ୍ଡା ବ୍ଲକର ଦଶଟି ସ୍କୁଲରୁ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

**ଗାୟତ୍ରୀ ଆବାସିକ ଶିକ୍ଷାନୁଷ୍ଠାନରେ ବ୍ଲକସ୍ତରୀୟ ଶିଶୁମେଳା**

# ତାମିଲନାଡୁରେ ଓଡ଼ିଆ ଶ୍ରମିକଙ୍କୁ ହତ୍ୟା

ସୋନପୁର, ୧୯।୧୨ (ମୃତ୍ୟୁଞ୍ଜୟ ଶତପଥୀ)

**ମୃତଦେହ ଆଣିବାକୁ ପ୍ରଶାସନର ଉଦ୍ୟମ**

କାମ ଅନ୍ୱେଷଣରେ ତାମିଲନାଡୁ ଯାଇଥିବା ସୁବର୍ଣ୍ଣପୁର ଜିଲା ତରଭା ଥାନା ପୁଆ ଗାଁର ଧ୍ରୁବଲେଶ୍ୱର ସେଠ୍(୨୬)ଙ୍କୁ ହତ୍ୟା କରାଯାଇଛି। ୩ରୁ ୪ ଜଣ ତାମିଲ ଲୋକ ଧ୍ରୁବଲେଶ୍ୱର ଓ ଝାଡଖଣ୍ଡର ଜଣେ ଶ୍ରମିକଙ୍କୁ ଗତ ୧୭ ତାରିଖରେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଇରୋଡରେ ଏହି ଦୁଃଖଦ ଘଟଣା ଘଟିଛି। ତାମିଲନାଡୁର ଭେପାଡାଲି ଥାନାରେ ଏ ସମ୍ପର୍କରେ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ସଂରକ୍ଷିତ ରଖିବା ସହ ଘଟଣାର ତଦନ୍ତ କରୁଛି। ଶ୍ରମିକଙ୍କୁ ହତ୍ୟା ସମ୍ପର୍କରେ ସୂଚନା ମିଳିବା ପରେ ପୁଆ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତ ଧ୍ରୁବଲେଶ୍ୱରଙ୍କ ଭାଇ କୁଶଲେଶ୍ୱର ଏ ସମ୍ପର୍କରେ ତରଭା ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି। ସେହିପରି ଭାଇଙ୍କ ମୃତଦେହ ଘରକୁ ଆଣିବା ପାଇଁ ସହାୟତା କରିବାକୁ ସୁବର୍ଣ୍ଣପୁର ଜିଲାପାଳ ଓ ଜିଲା ଶ୍ରମ ଅଧିକାରୀଙ୍କୁ ସେ ଲିଖିତ ଭାବେ ଜଣାଇଛନ୍ତି।

ସୂଚନା ଅନୁଯାୟୀ ଧ୍ରୁବଲେଶ୍ୱର ଗତ ୮ ବର୍ଷ ଧରି ଇରୋଡରେ ଥିବା ରାୟଗୁରୁ ସ୍ପିନିଂ ମିଲ୍‌ରେ କାମ କରି ଆସୁଥିଲେ। ଗତ ମଙ୍ଗଳବାର ମିଲ୍ ବାହାରେ କୌଣସି କାରଣକୁ ନେଇ ତାମିଲନାଡୁର ଏକ ଗୋଷ୍ଠୀ ସହ ଧ୍ରୁବଲେଶ୍ୱର ଓ ଝାଡ଼ଖଣ୍ଡର ଜଣେ ଶ୍ରମିକଙ୍କ ମାରପିଟ୍ ହୋଇଥିଲା। ଏହା ଉଗ୍ର ରୂପ ଧାରଣ କରିବା ସହ ସ୍ଥାନୀୟ ତାମିଲଙ୍କ ଆକ୍ରମଣରେ ଓଡ଼ିଆ ଶ୍ରମିକ ଓ ଝାଡଖଣ୍ଡ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଧ୍ରୁବଲେଶ୍ୱର ଅବିବାହିତ ଥିବା ପରିବାର ସୂତ୍ରରୁ ଜଣାପଡିଛି। ତେବେ ମୃତଦେହ ଶ୍ରମିକଙ୍କ ପୈତୃକ ଗାଁକୁ ଆଣିବା ପାଇଁ ପ୍ରୟାସ କରାଯାଉଥିବା ସୁବର୍ଣ୍ଣପୁର ଜିଲା ଶ୍ରମ ଆୟୁକ୍ତ ଡିଲେଶ୍ୱର ଖାଖା କହିଛନ୍ତି।


ଧ୍ରୁବଲେଶ୍ୱର ସେଠ୍।

## ବିଦ୍ୟାଳୟ ସମସ୍ୟା ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ

ବାଉଁଶୁଣୀ, ୧୯।୧୨ (ଦେବାଶିଷ ନେପାକ)

ଗୁରୁବାର ପୂର୍ବାହ୍ନରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ବାଉଁଶୁଣୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଦର୍ଶନ କରିଛନ୍ତି। ଏହି ଅବସରରେ ବିଧାୟକ ଡାଙ୍ଗ ଛାତ୍ରୀଛାତ୍ରଙ୍କୁ ପାଠ ପଢି ଦେଶର ଜଣେ ଜଣେ ଭଲ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ସୁନୀଲ ବାରିକ, କୋଷାଧ୍ୟକ୍ଷ ଚିତ୍ତ ରଞ୍ଜନ ମେହେର, ସଦସ୍ୟା ଜୟନ୍ତୀ ମେହେର, ଅନିତା ଅମାତ, ସଦାନନ୍ଦ ମିଶ୍ର, ସଙ୍କୁଳ ପ୍ରମୁଖ ଦଶରଥ ମେହେର, ପ୍ରଧାନ ଆଚାର୍ଯ୍ୟ ଦଧି ବାମନ ରଣା ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକ ଡାଙ୍ଗଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# କଳା, ସଂସ୍କୃତି, ପରମ୍ପରାକୁ ଋଦ୍ଧିମନ୍ତ କରିଥାଏ ମହୋତ୍ସବ

ହରଭଙ୍ଗା, ୧୯।୧୨ (ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବିରନରସିଂହପୁରସ୍ଥିତ ସାଧୁଚରଣ ହାଇସ୍କୁଲ ପଡିଆଠାରେ ୫ ଦିନ ଧରି ଚାଲିଥିବା ଗଡଜାତ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଗୁରୁବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ମହୋତ୍ସବ କମିଟିର ସଭାପତି ବିଶ୍ୱଜିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ବୌଦ୍ଧ ଉପଜିଲାପାଳ ପ୍ରଭାସଚନ୍ଦ୍ର ଦଣ୍ଡସେନା ଯୋଗ ଦେଇଥିଲେ। ସାଧୁଚରଣ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ମଞ୍ଚକୁ ଅବସରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ସାହୁ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଉପିଜିଲାପାଳ ଦଣ୍ଡସେନା କହିଥିଲେ ମହୋତ୍ସବ ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରାକୁ ଋଦ୍ଧିମନ୍ତ କରିଥାଏ । ମୁଖ୍ୟଅତିଥି ପ୍ରଧାନ ଏହି ମହୋତ୍ସବ ଯେପରି ଆଗକୁ ଆଗକୁ ଯାଇପାରିବ ସେନେଇ ପଦକ୍ଷେପ ନେବାକୁ କହିଥିଲେ। ସେହିପରି ଅନ୍ୟତମ ସମ୍ମାନିତ ଅତିଥି ବିଧାୟକ ଡାଙ୍ଗ ଗଡଜାତ ମହୋତ୍ସବ ଏହି ଅଞ୍ଚଳର କଳା, ସଂସ୍କୃତି, ଲୋକନୃତ୍ୟ, ଐତିହ୍ୟକୁ ବଞ୍ଚାଇ ରଖିବାର ଏକ ବଡ ପ୍ରାୟସ ବୋଲି କହିଥିଲେ। ଏଭଳି ମହୋତ୍ସବ ଦ୍ୱାରା କଳା, ସଂସ୍କୃତିର ପ୍ରଚାର, ପ୍ରସାର ହେଉଥିବାରୁ ଅତିଥିମାନେ ଆୟୋଜକ କମିଟିକୁ ପ୍ରଶଂସା କରିଥିଲେ । ବିଜୟ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

ଏହି ଅବସରରେ ଖବରଦାତା ଶଶାଙ୍କ ଶେଖର ମିଶ୍ର, ସତ୍ୟ ନାରାୟଣ ପାଣି, ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ସୁଦର୍ଶନ ମେହେର ଓ ଅବସରପ୍ରାପ୍ତ ଶିକ୍ଷକ ସୁଶିଲ କୁମାର କର୍ଣ୍ଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାରେ ସମ୍ବଲପୁରୀ ମେଲୋଡି ଗାୟକ ଉମାକାନ୍ତ ବାରିକ ଓ ସାଥୀ ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଏହା ସହ ସମ୍ବଲପୁରୀ ଢୋଲ, ନିଶାନ , ତାସାରେ ମଞ୍ଚ ଦୁଲୁକି ଉଠିଥିଲା। ମହୋତ୍ସବ ପରିଚାଳନାରେ ଡ୍ରାଇଭର ମହାସଂଘ ଓ କମିଟି ସଦସ୍ୟ ସହଯୋଗ କରିଥିଲେ । ପ୍ରବଳ ଶୀତ ସତ୍ତ୍ୱେ ଦର୍ଶକ ବିଳମ୍ବିତ ରାତି ପର୍ଯ୍ୟନ୍ତ ସମ୍ବଲପୁରୀ ନୃତ୍ୟ, ଗୀତର ମଜା ନେଇଥିଲେ।


ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ।

**ଗଡ଼ଜାତ ଲୋକ ମହୋତ୍ସବ ଉଦ୍‌ଯାପିତ**

## ଅରିଗାଁ–ବିନିକା ଆଞ୍ଚଳିକ ଧନୁଯାତ୍ରା ପ୍ରସ୍ତୁତି ବୈଠକ

ବିନିକା, ୧୯।୧୨ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅରିଗାଁ–ବିନିକା ଆଞ୍ଚଳିକ ଧନୁଯାତ୍ରା ଆଗାମୀ ୨୩ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ମହୋତ୍ସବ କମିଟି କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ତଥା ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ସଭାପତି ବିଶ୍ୱମ୍ଭର ମିଶ୍ର, ଉପସଭାପତି ପ୍ରାଣବନ୍ଧୁ ଦେହେରୀ, ଯୁଗ୍ମ ସମ୍ପାଦକ ସତ୍ୟନାରାୟଣ କର୍ଣ୍ଣ, କୋଷାଧକ୍ଷ ମୁକେଶ କର୍ମୀ, ସଦସ୍ୟ ରଞ୍ଜନ ବାରିକ, ଜିତେନ୍ଦ୍ର ଠାଟି, ପିୟୁଷ ଦାସ, ପଞ୍ଚାନନ ମହାନନ୍ଦ, ଦେବଦାସ ମଙ୍ଗରାଜ, କାଶୀ ବୁଦକେ, ସୁବଳ କଳତା, ଚୈତନ୍ୟ ପୁଟେଲ, ସୁରେଶ ସେଠ, ରାମ ଗୋପାଳ ବାଘ, ଅଶୋକ ଭରାସାଗର, ଗୋବର୍ଦ୍ଧନ ଦୀପ, ଜନାର୍ଦନ ଦୀପ ପ୍ରମୁଖ ଯୋଗଦେଇଥିଲେ। ଧନୁଯାତ୍ରାର ସୂଚାର ଆୟୋଜନ ଉପରେ ଯୋର ଦିଆଯାଇଥିଲା। ସମ୍ପାଦକ ସୋମ୍ୟରଞ୍ଜନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

# ୨୧ରୁ ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

ଅମରପାଲି, ୧୯।୧୨ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରାଠାରେ ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବ ୧୧ତମ ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ଶ୍ରେଷ୍ଠ ୯ଟି ଦଳ ଅଂଶଗ୍ରହଣ କରିବେ। କମିରା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଗ୍ରାମର ପଞ୍ଚଖଣ୍ଡା କ୍ରିକେଟ ପଡ଼ିଆରେ ସମସ୍ତ ମ୍ୟାଚ ୧୦ଓଭର ନକ୍‌ଆଉଟ ବିଶିଷ୍ଟ ହେବ। ୨୪ ତାରିଖରେ ଫାଇନାଲ ମ୍ୟାଚ ହେବା ସ୍ଥିରୀକୃତ ହୋଇଛି। ଫାଇନାଲ ମ୍ୟାଚ ତିନୋଟି ଫର୍ମାଟରେ ଖେଳା ଯିବ। ଚାମ୍ପିୟନ ଦଳକୁ ନଗଦ ୫୦ ହଜାର ୫୦୫ଟଙ୍କା ସହିତ ଟ୍ରଫି ଏବଂ ରନର ଅପ ଦଳକୁ ନଗଦ ୩୦ ହଜାର ୩୦୩ ଟଙ୍କା ସହିତ ଟ୍ରଫି ଦେଇ ପୁରସ୍କୃତ କରାଯିବ। ଏହା ସହିତ ପ୍ରତ୍ୟହ ମ୍ୟାନ ଅଫ ଦି ମ୍ୟାଚ, ଫାଇନାଲରେ ମ୍ୟାନ ଅଫ ଦି ସିରିଜ, ଶ୍ରେଷ୍ଠ ବୋଲର, ଶ୍ରେଷ୍ଠ ବ୍ୟାଟର, ବେଷ୍ଟ ସିକ୍ସର, ଶ୍ରେଷ୍ଠ ଫିଲ୍ଡର ଆଦି ପୁରସ୍କୃତ କରାଯିବ। ଟୁର୍ନାମେଣ୍ଟ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି। ଏଥିରେ ସର୍ବସମ୍ମତିକ୍ରମେ ନିର୍ମଳ ମୁଦୁଲି ସଭାପତି, ଅତୁଲାନନ୍ଦ ପ୍ରଧାନ ସମ୍ପାଦକ, କୋଷାଧ୍ୟକ୍ଷଭାବେ ପପୁନ ଚଉଲିଆଙ୍କୁ ଚୟନ କରାଯାଇଛି।

# ସାମ୍ଭୋଚ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା


କ୍ରୀଡା ପ୍ରତିଯୋଗିତା ଅବସରରେ ଖେଳାଳିମାନେ।

ହରଭଙ୍ଗା, ୧୯।୧୨ (ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ସାମ୍ଭୋଚ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଆରମ୍ଭ ହୋଇଛି। ପ୍ରଧାନଶିକ୍ଷକ ରଜନୀ କାନ୍ତ ପ୍ରଧାନ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ସେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଭାଗ ନେଇଥିବା କ୍ରୀଡାବିତ୍‌ମାନଙ୍କୁ ଶ୍ରେଷ୍ଠ କ୍ରୀଡାବିତ୍ ହୋଇ ଦେଶର ନାମ ରଖିବା ପାଇଁ ପରାମର୍ଶ ଦେଇଥିଲେ। ସମସ୍ତ ଖେଳାଳିଙ୍କୁ ସବ୍ ଜୁନିୟର, ଜୁନିୟର, ସିନିୟର ଓ ସ୍ପେସିଆଲ ଗ୍ରୁପ ଏଭଳି ଚାରିଟି ଦଳରେ ବିଭକ୍ତ କରାଯାଇଥିଲା । ୧୦୦ମିଟର, ୨୦୦ମିଟର, ଲମ୍ବ ଡ଼ିଆଁ, ଉଚ୍ଚ ଡିଆଁ, ଡିସକସ୍ ଥ୍ରୋ, ସଟପୁଟ, ପୁଚି, ମ୍ୟୁଜିକ ଚେୟାର ଆଦି ଖେଳ ହୋଇଥିଲା। ଖେଳ ଶିକ୍ଷକ ସୁନିଲ ମହାକୁଡ଼ଙ୍କ ନେତୃତ୍ୱରେ ସମସ୍ତ ଖେଳ ପରିଚାଳନା କରାଯାଇଥିଲା। ଶିକ୍ଷକ ନିରଞ୍ଜନ ଜେନା ଓ ବିଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ମଶାଲ ବାହାରି ଗ୍ରାମ ପରିକ୍ରମା କରି ଖେଳ ପଡିଆରେ ପହଞ୍ଚି ଥିଲା। ପ୍ରଫୁଲ୍ଲ କୁମାର ପ୍ରଧାନ, ସନ୍ତୋଷ ସ୍ୱାଇଁ, ରୋଜାଲିନ ପ୍ରଧାନ,କ୍ଷେତ୍ରବାସୀ ବାହୁକ, ତପସିନୀ ମେହେର, ବିଭୂତି ପ୍ରଧାନ, କମଳ ଲୋଚନ ନାୟକ, ଧରଣୀଧର ସାହୁ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ବିଜେଡିର ଡିଜିଟାଲ ସଦସ୍ୟତା ସଂଗ୍ରହ ଅଭିଯାନ


ବିଜେଡିର ଡିଜିଟାଲ ସଦସ୍ୟତା ଅଭିଯାନରେ ଯୋଗଦେଇଥିବା ଦଳୀୟ ପଦାଧିକାରୀ।

ଅମରପାଲି, ୧୯।୧୨ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲ୍ୟାଣ ମଣ୍ଡପରେ ବିଜୁ ଜନତା ଦଳର ଡିଜିଟାଲ ସଦସ୍ୟତା ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷ ତଥା ବ୍ଲକ ଯୁବ ବିଜେଡ଼ି ସଭାପତି ନାରାୟନ ଲୁହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ପର୍ଯ୍ୟବେକ୍ଷକ ଆଶିଷ ସାହୁ ଯୋଗଦେଇ ଡିଜିଟାଲ ମାଧ୍ୟମରେ ସଦସ୍ୟତା ସଂଗ୍ରହ କିପରି କରାଯିବ ସେ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଯୁବ ବିଜେଡି ସଭାପତି ଅଶୋକ ନନ୍ଦ, କିଶୋର ହୋତା, ବିବସତୀ ପଣ୍ଡା, ଚମ୍ପାମାଲ ସରପଞ୍ଚ ମହେନ୍ଦ୍ର ଜଗଦଲା, ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, ଧୀରେନ ନାରାୟଣ ପଣ୍ଡା, ହିଲୁଙ୍ଗ ସମିତି ସଭ୍ୟ ଶୈଳରଞ୍ଜନ ବାଦୀଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ।

# ଚାଷୀଙ୍କ ବିକାଶକୁ ସରକାର ପ୍ରାଥମିକତା ଦେଉଛନ୍ତି

ଅମରପାଲି, ୧୯।୧୨ (ପୀତାମ୍ବର ସାହୁ)

**ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ସମାରୋହରେ ଜିଲା କୃଷି ଅଧିକାରୀ ବୁଦ୍ଧଦେବ ରାଉତ ଅଧ୍ୟକ୍ଷତା କରିଥିଲେ। ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାଷୀମାନଙ୍କ ବିକାଶ ପାଇଁ ସରକାରଙ୍କ ପ୍ରାଥମିକତା ଦେଉଛନ୍ତି ବୋଲି କହିଥିଲେ। ଚାଷୀ ମାନଙ୍କ ଜମିକୁ ଜଳସେଚନ ସୁ ବ୍ୟବସ୍ଥା, ଜୈବିକ ଚାଷ ନେଇ ବ୍ୟବସ୍ଥା କରିବା, ସମସ୍ତ ବ୍ଲକରେ ଶୀତଳ ଭଣ୍ଡାର ଆଦି କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଚାଷୀମାନେ ପ୍ରକୃତରେ ସରକାରଙ୍କ ତରଫରୁ ଥିବା ବିଭିନ୍ନ ଯୋଜନା ବିଷୟରେ ଜାଣି ପାରୁ ନାହାନ୍ତି। ଚାଷୀଙ୍କୁ ସଚେତନ କରିବା ଉପରେ ବିଭାଗ ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଥିଲେ। ବୀରମହାରାଜପୁରରେ ବହୁ ପରିମାଣ କପା ଉତ୍ପାଦନ ହେଉଥିବାରୁ ଜିନିଙ୍ଗ ମିଲ, ଏବଂ ରେଳୱେ ଲାଇନ ନେଇ ଚେଷ୍ଟା କରିବି ବୋଲି ବିଧାୟକ କହିଥିଲେ। ସମ୍ମାନୀତ ଅତିଥି ଭାବେ ଏମ୍‌ପି ପ୍ରତିନିଧି, ବୀରମହାରାଜପୁର ବିଡ଼ିଓ ସୁଶ୍ରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ଡେପୁଟି କଲେକ୍ଟର ଉପେନ୍ଦ୍ର ଦାସ, ତହସିଲଦାର ପୁନମ ମହାପାତ୍ର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ବିଦ୍ୟାଧର ଦାସ, ଏସଡିଭିଓ ଅଜୟ କୁମାର ସାହୁ ଯୋଗଦେଇ ଚାଷୀମାନଙ୍କ ପାଇଁ ଥିବା ଯୋଜନା ଉପରେ ଆଲୋକପାତ କରିଥିଲେ। ବୀରମହାରାଜପୁର ଜିଲା କୃଷି ଅଧିକାରୀ ଧୀରେନ୍ଦ୍ର କୁମାର ବରିହା ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମରେ କୃଷି ଓ ଆନୁସଙ୍ଗିକ କୃଷି ବିଭାଗ କର୍ମଚାରୀ ମାନେ ସହଯୋଗ କରିଥିଲେ । ଏହି ଅବସରରେ ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ହୋଇଥିଲା।


ବୀରମହାରାଜପୁରରେ ଅନୁଷ୍ଠିତ କୃଷି ଯନ୍ତ୍ରପାତି ମେଳାରେ ଅତିଥିମାନେ।

# ବିନା କଟ୍‌ନିରେ ଚାଷୀଙ୍କ ଧାନ କିଣ

ଅମରପାଲି, ୧୯।୧୨ (ପୀତାମ୍ବର ସାହୁ)

ବୀରମହାରାଜପୁର ବ୍ଲକ ଦୁର୍ଜନତୈଲା ପଞ୍ଚାୟତ ପ୍ରାଙ୍ଗଣରେ ସୁବର୍ଣ୍ଣପୁର ନବନିର୍ମାଣ କୃଷକ ସଙ୍ଗଠନ ତରଫରୁ ଧାନକିଣା ପୂର୍ବରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ଜିଲା ସଭାପତି ପ୍ରଦ୍ୟୁମ୍ନ ପାଢ଼ୀ ଏହାର ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ରାଜ୍ୟ ଉପସଭାପତି ସୋନାଲି ବିଶି ଯୋଗଦେଇ ସଚେତନତା ବାର୍ତ୍ତା ଦେଇଥିଲେ। ପଞ୍ଚାୟତର ସବୁ ଗାଁର ଚାଷୀ ପ୍ରତିନିଧିମାନେ ଯୋଗଦେଇ ନିଜ ଗାଁରେ ଥିବା ଚାଷୀ ସମସ୍ୟା, ହାତୀ, ବାର୍‌ହା, ମାଙ୍କଡ ଉପଦ୍ରବ, ଜଳସେଚନ ସମସ୍ୟା, ଧାନ ଶୁଖାଇବା ପାଇଁ ଖଳାର ସମସ୍ୟା ଆଦି ସଙ୍ଗଠନକୁ ଅବଗତ କରାଇଥିଲେ। ସ୍ୱାସ୍ଥ୍ୟ ସମସ୍ୟା ଭାବେ କିଡନୀ ରୋଗ ବ୍ୟାପୁଥିବାରୁ ସଙ୍ଗଠନ ଉଦ୍‌ବେଗ ପ୍ରକାଶ କରିଥିଲା। ବିଗତ ବର୍ଷ ଗୁଡ଼ିକରେ ପାକ୍ସରେ ହେଉଥିବା ଚାଷୀ ସମସ୍ୟା ଉପରେ ମନ୍ତବ୍ୟ ଦେଇଥିଲେ ଚାଷୀ। ଧାନର ସୁରକ୍ଷା ପାଇଁ ଟାର୍ପୋଲିନ ନ ଦେବା, ସାର କିଣିଲେ ରସିଦ ନ ମିଳିବା ଆଦି ଅଭିଯୋଗ କରିଥିଲେ। ସୋନାଲି ବିଶି ମଣ୍ଡିରେ ହେଉଥିବା ଅନ୍ୟାୟ ବିରୋଧରେ ସ୍ୱର ଉଠେଇବା ଓ ସଙ୍ଗଠିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଚାଷୀଙ୍କ ପ୍ରାଇସ, ପ୍ରେଷ୍ଟିଜ ଓ ପେନସନ ପାଇଁ ନବନିର୍ମାଣ କୃଷକ ସଙ୍ଗଠନ ସବୁବେଳେ ଚେଷ୍ଟିତ ବୋଲି ସେ କହିଥିଲେ। ଜିଲା ସଭାପତି ପାଢ଼ୀ ପଞ୍ଚାୟତରୁ ଆରମ୍ଭ କରି ଜିଲାପାଳ ଅଫିସ, ଥାନାରୁ ଆରମ୍ଭ କରି ଡାକ୍ତରଖାନା ସବୁଠି ସଙ୍ଗଠନ ଲୋକଙ୍କୁ ଦୁର୍ନୀତିରୁ ରକ୍ଷା କରିବା ପାଇଁ ଏକ ଢାଞ୍ଚା ତିଆରି କରାଯିବ ଏବଂ ଏହି ଢାଞ୍ଚାରେ ନିଜର ଭୂମିକା ନିର୍ଣ୍ଣୟ କରିବା ପାଇଁ ସେ ଚାଷୀଙ୍କୁ ଆହ୍ୱାନ କରିଥିଲେ।ଶୀଘ୍ର ମଣ୍ଡି ଖୋଲିବା, ସୁରୁଖୁରୁରେ ବିନା କଟ୍‌ନି ଛଟ୍‌ନିରେ ଧାନ କିଣା ହେବା, ଆନାଲାଇଜର ମେଶିନର ଠକାମୀ ବନ୍ଦ କରିବା, ଏଫସିଡବ୍ଲ୍ୟୁ ସାଇଟରେ ଚାଷୀ ଡାଟାକୁ ସାର୍ବଜନୀନ କରିବା, ଶୀଘ୍ର ପାକ୍ସ ଭିତ୍ତିଭୂମି, ସେଡ ଆଦି ନିର୍ମାଣ ଓ ଅଞ୍ଚଳରେ କିଡନୀ ଡାଏଲିସିସ କେନ୍ଦ୍ର ସ୍ଥାପନ ଆଦି ପ୍ରସ୍ତାବ ଆଗତ ହୋଇଥିଲା। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସମିତିସଭ୍ୟ ପ୍ରତିନିଧି ଲମ୍ବୋଦର ମହାକୁର, ଚାଷୀ ଚିତ୍ତରଞ୍ଜନ କମ୍ପ, ଫକୀର ପାଢ଼ୀଙ୍କ ସମେତ ଶତାଧିକ ଚାଷୀ ଯୋଗଦେଇଥିଲେ।


ଦୁର୍ଜନତୈଲାରେ ଚାଷୀ ସଙ୍ଗଠନ ବୈଠକରେ ଚାଷୀ ଓ ପ୍ରତିନିଧି।

**ଦୁର୍ଜନତୈଲାରେ କୃଷକ ସଙ୍ଗଠନ ବୈଠକ**

## ସଂକ୍ଷେପରେ

### ଆଜିଠୁ ଜିମ୍ନାଷ୍ଟିକ ପରୀକ୍ଷା

ରାଉରକେଲା,୧୯।୧୨(ଦିନେଶ ମିଶ୍ର)

ଆସନ୍ତା ୨୦ ଓ ୨୧ ତାରିଖରେ ଦୁଇଦିନ ବ୍ୟାପୀ ଏମ୍‌ପିଆଇଏସ୍ ସେଣ୍ଟରରେ ଥିବା ଜିମ୍ନାଷ୍ଟିକ୍ ସେଣ୍ଟରରେ ଜିମ୍ନାଷ୍ଟିକ୍ ଖେଳାଳିଙ୍କ ଲେଭଲ୍ ୧ ଓ ୨ର କୌଶଳ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଓଡ଼ିଶା ଏଚ୍‌ପିସିର ମୁଖ୍ୟ କୋଚ୍ ଅଶୋକ ମିଶ୍ର ସୂଚନା ଦେଇଛନ୍ତି। ରାଉରକେଲା ସେଣ୍ଟରରେ ଚଳିତ ବର୍ଷ ପାଇଁ ଗତ ୧ ତାରିଖରୁ ଜିମ୍ନାଷ୍ଟିକ ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା। ପ୍ରାୟ ୯୦ ଜଣ ଖେଳାଳି ପ୍ରଶିକ୍ଷଣ ନେଉଥିବାବେଳେ ସେମାନଙ୍କ ମଧ୍ୟରୁ ୪୫ ଜଣ କୌଶଳ ପରୀକ୍ଷା ପାଇଁ ମନୋନିତ ହୋଇଛନ୍ତି। ୧୪ ବର୍ଷରୁ କମ୍ ଓ ୧୨ ବର୍ଷରୁ କମ୍ ବର୍ଗର ଜିମ୍ନାଷ୍ଟିକ ଖେଳାଳିଙ୍କ ପାଇଁ ଫ୍ଲୋର ଏକ୍ସରସାଇଜ, ପୋମେଲ ହର୍ସ, ଷ୍ଟିଲ ରିଙ୍ଗ୍‌ସ, ଟେବୁଲ ଭୋଲ୍ଟ, ପାରାଲାଲ ବାର୍, ହରିଜୋଣ୍ଟାଲ ବାର୍, ବାଲେନ୍ସ ବିମ୍, ୟୁନିକନ ବାର ଆଦି କୌଶଳ ପରୀକ୍ଷା ହେବ। ଓଡ଼ିଶା ଗସ୍ତରେ ଥିବା ବିଶ୍ୱ ଜିମ୍ନାଷ୍ଟିକ ମହାସଂଘର ଟେକ୍ନିକାଲ ବିଭାଗ ସଭାପତି ଆମେରିକୀୟ ଷ୍ଟିଭ ବୁଟର ଓ ଓଡ଼ିଶାର ମୁଖ୍ୟ କୋଚ୍ ଅଶୋକ ମିଶ୍ର ଏହି କୌଶଳ ପରୀକ୍ଷା ପରିଚାଳନା କରିବେ। ରାଉରକେଲା ସେଣ୍ଟରର କୋଚ୍ ଓ ସୁନ୍ଦରଗଡ ଜିଲା ଜିମ୍ନାଷ୍ଟିକ୍ ସଂଘ ତାଙ୍କୁ ସହଯୋଗ କରିବେ।

# ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଶିକ୍ଷା ସଙ୍କଟରେ

## ବନ୍ଦ ହେଲାଣି ଶତାଧିକ ସ୍କୁଲ

ରାଉରକେଲା,୧୯।୧୨(ସଙ୍ଗୀତା ଜେନା)

ଓଡ଼ିଶା ସୀମାନ୍ତ ଝାଡ଼ଖଣ୍ଡରେ ଥିବା ଓଡ଼ିଆ ବହୁଳ କ୍ଷେତ୍ର କୋଲହାନ୍‌ରେ ଓଡ଼ିଆ ଶିକ୍ଷା ସଙ୍କଟରେ ପଡିଛି। ଓଡ଼ିଆ ଶିକ୍ଷାଦେବା ପାଇଁ ଖୋଲାଯାଇଥବା ସ୍କୁଲଗୁଡ଼ିକ କ୍ରମଶଃ ବନ୍ଦ ହେବାରେ ଲାଗିଛି। କୋଲହାନ୍‌ର ପଶ୍ଚିମ ସିଂହଭୂମ, ଷଢ଼େଇକଳା-ଖରସୁଆଁ ତଥା ପୂର୍ବ ସିଂହଭୂମ ଜିଲାରେ ସହସ୍ରାଧିକ ଓଡ଼ିଆ ସ୍କୁଲ ବନ୍ଦ ହୋଇଗଲାଣି। ପୂର୍ବରୁ ଅବିଭକ୍ତ ବିହାର ପ୍ରଦେଶରେ ୫ଶହରୁ ଉର୍ଦ୍ଧ୍ୱ ଓଡ଼ିଆ ସ୍କୁଲ ଥିଲା। ସେଠାକାର ସ୍କୁଲରେ ଓଡ଼ିଆ ଶିକ୍ଷକ ନିଯୁକ୍ତ ହେଉଥିଲେ। ୨୦୦୦ରେ ଝାଡ଼ଖଣ୍ଡ ରାଜ୍ୟ ଗଠନ ହେବା ପରେ କୋଲହାନ୍ ଅଞ୍ଚଳରେ ୩୬୦ଟି ଓଡ଼ିଆ ସ୍କୁଲ ଥିଲା। ଗତ ୨୪ ବର୍ଷରେ ବର୍ତ୍ତମାନ ଉକ୍ତ ସ୍କୁଲ ସଂଖ୍ୟା ୧୪୪ରେ ପହଞ୍ଚିଛି। ଏହାକୁ ନେଇ ଓଡ଼ିଆ ଭାଷାପ୍ରେମୀମାନଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

ଓଡ଼ିଶା ସରକାରଙ୍କ ପକ୍ଷରୁ ଝାଡ଼ଖଣ୍ଡର ଓଡ଼ିଆ ସ୍କୁଲରେ ମାଧ୍ୟମ ଶିକ୍ଷକ ନିଯୁକ୍ତି କରି ମାସିକ ୩/୪ ହଜାର ଟଙ୍କା ଦରମା ପ୍ରଦାନ କରାଯାଉଥିଲା। ସେହିପରି ୧ରୁ ୮ମ ଶ୍ରେଣୀ ପାଇଁ ଓଡ଼ିଆ ପାଠ୍ୟପୁସ୍ତକ ପ୍ରଦାନ କରାଯାଉଥିଲା। ବର୍ତ୍ତମାନ ଉକ୍ତ ସ୍କୁଲମାନଙ୍କରେ କୌଣସି ଓଡ଼ିଆ ଶିକ୍ଷକଙ୍କୁ ନିୟୋଜିତ କରାଯାଉନାହିଁ। ଝାଡ଼ଖଣ୍ଡ ସରକାରଙ୍କ ପକ୍ଷରୁ ମଧ୍ୟ ଓଡ଼ିଆ ଶିକ୍ଷକ ନିଯୁକ୍ତ ହେଉନାହାନ୍ତି। ଯାହାଦ୍ୱାରା ଓଡ଼ିଆ ଶିକ୍ଷାଦାନରେ ବାଧା ଉପୁଜୁଛି। ଏପରିକି ସୁନ୍ଦରଗଡ଼ ସମେତ ସୀମାନ୍ତ ପ୍ରଭାବିତ ସ୍କୁଲମାନଙ୍କରେ ମଧ ଓଡ଼ିଆ ଭାଷା ଗ୍ରହଣୀୟତା ହ୍ରାସ ପାଉଥିବା କୁହାଯାଇଛି।



ବିଚ୍ଛିନ୍ନାଞ୍ଚଳରେ ଥିବା ଓଡ଼ିଆ ମାଧ୍ୟମ ସ୍କୁଲ।

ଏ ସମ୍ପର୍କରେ ପୂର୍ବତନ ପ୍ରଧାନଶିକ୍ଷକ ବ୍ରଜେନ୍ଦ୍ର ଦାଶ କୁହନ୍ତି, ସୀମାନ୍ତ ଅଞ୍ଚଳରେ ମାତୃଭାଷା ପ୍ରତି ଆଗ୍ରହ କମୁଛି। ଉଚ୍ଚଶିକ୍ଷା, ଚାକିରି ଆଦିରେ ସ୍ୱତନ୍ତ୍ର ସୁବିଧା ବ୍ୟବସ୍ଥା କରାଗଲେ ଏହି ଓଡ଼ିଆ ସ୍କୁଲରେ ବିଦ୍ୟାର୍ଥୀ ସଂଖ୍ୟା କମ୍ ହୁଅନ୍ତା ନାହିଁ। ନିରନ୍ତର ଓଡ଼ିଆ ପୁସ୍ତକ ଯୋଗାଣ ଓ ଭିତ୍ତିଭୂମିର ଉନ୍ନତୀକରଣ ଆବଶ୍ୟକ। ଓଡ଼ିଶା ସରକାରଙ୍କ ସହ ଝାଡ଼ଖଣ୍ଡ ସରକାରଙ୍କ ସମନ୍ୱୟର ଅଭାବ ରହିଛି। ଓଡ଼ିଆ ଅସ୍ମିତା ସମ୍ପର୍କିତ ଆଲୋଚନାଚକ୍ର ଓ କାର୍ଯ୍ୟକ୍ରମ ଆୟୋଜନ କରାଯିବା ଦରକାର। ଓଡ଼ିଆଭାଷା ଆନ୍ଦୋଳନ ଆରମ୍ଭ ହୋଇଥିବା ଷଢେଇକଳା, ଖରସୁଆଁରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସହ ଓଡ଼ିଆ ଖବରକାଗଜ ପ୍ରସାରଣ ହେବା ଉଚିତ। ସେହିପରି ଭୌଗୋଳିକ ସ୍ଥିତି ଯୋଗୁ ଓଡ଼ିଆ ସ୍କୁଲ ପ୍ରଭାବିତ ହେଉଛି। ଏହାପ୍ରତି ଧ୍ୟାନ ଦିଆଯାଉ ବୋଲି ଦାଶ କହିଥିଲେ। ସେହିପରି ପ୍ରାକ୍ତନ ପ୍ରଧାନ ଶିକ୍ଷକ ସନ୍ତୋଷ ନାୟକ କହିଛନ୍ତି, ଉକ୍ତ ସ୍କୁଲ ମାନଙ୍କରେ ପୂର୍ଣ୍ଣ ଅନୁଦାନପ୍ରାପ୍ତ ଓଡ଼ିଆ ଶିକ୍ଷକ ନାହାନ୍ତି। ଚାକିରି ସୁରକ୍ଷିତ ହେଲେ ଓଡ଼ିଆ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ହୁଅନ୍ତା। ଏକଦା ଭାଷାକୁ ନେଇ ରାଜ୍ୟ ଗଠନ ହୋଇଥିଲା। ପଡୋଶୀ ରାଜ୍ୟର ପ୍ରୋତ୍ସାହନ ସାଙ୍ଗକୁ ସ୍କୁଲକୁ ପୂର୍ଣ୍ଣ ଅନୁଦାନ ଦିଆଯାଉ। ସେଠାରେ ଓଡ଼ିଆ ଭାଷା ପ୍ରତି ଉଦାସୀନ ମନୋଭାବ ରହିଛି। ଏହାକୁ ଦୂର କରିବା ପାଇଁ ଶିକ୍ଷାଦାନ ସହ ବୈଷୟିକ ଶିକ୍ଷା ପ୍ରତି ଧ୍ୟାନ ଦିଆଗଲେ ସ୍କୁଲ ବନ୍ଦ ହୁଅନ୍ତା ନାହିଁ ବୋଲି ନାୟକ କହିଥିଲେ। ଆଉ ଜଣେ



ବ୍ରଜେନ୍ଦ୍ର ଦାଶ



ଗୌରାଙ୍ଗ ଚନ୍ଦ୍ର ପାହାଡ଼ି



ସନ୍ତୋଷ ନାୟକ

ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ପାହାଡ଼ି କୁହନ୍ତି, ଉପାନ୍ତରେ ଓଡ଼ିଆ ଶିକ୍ଷକ ଓ ପାଠ୍ୟପୁସ୍ତକର ଘୋର ଅଭାବ ରହିଛି। ଭାଷା, ଚାଲିଚଳନ ଓଡ଼ିଆ ଥିଲେ ମଧ ସ୍କୁଲ ମାନଙ୍କରେ ଓଡ଼ିଆ ଶିକ୍ଷକ ନ ଥିବାରୁ ଏହି ଶିକ୍ଷାଦାନରେ ବାଧା ସୃଷ୍ଟି ହେଉଛି। ପୂର୍ବରୁ ଉତ୍କଳ ସମ୍ମିଳନୀ ଦ୍ୱାରା ଓଡ଼ିଆ ପୁସ୍ତକ ପ୍ରଦାନ କରାଯାଉଥିଲା। ବର୍ଣ୍ଣବୋଧ ଶିକ୍ଷାକୁ ବିଚ୍ଛିନ୍ନାଞ୍ଚଳରେ ତୃଣମୂଳ ସ୍ତରରେ ଆରମ୍ଭ କରାଯାଉ। ସ୍ଥାନୀୟ ଏନ୍‌ଜିଓ ଗୁଡ଼ିକୁ ଓଡ଼ିଆ ଶିକ୍ଷା ପ୍ରଦାନ ପାଇଁ ପ୍ରୋତ୍ସାହିତ କରାଗଲେ ସୀମାନ୍ତରେ ପରିବର୍ତ୍ତନ ହୁଅନ୍ତା ବୋଲି ପାହାଡି କହିଥିଲେ।

ଏ ସମ୍ପର୍କରେ ସୁନ୍ଦରଗଡ଼ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ସୀମାନ୍ତ ସ୍କୁଲ ବ୍ୟତୀତ ଓଡ଼ିଶା ସୀମାବର୍ତ୍ତୀ ସୋରଡା, ଲୋଆରାମ, ବିରମିତ୍ରପୁର, ସଲାଙ୍ଗାବାହାଲ, ରାଏବୋଗା, କରଡେଗା, ହାତୀବାରୀ, ନୂଆଗାଁ, ସାନରାମଲୋଇ, ମନକୋ, ଟିସକୋ ଆଦିରେ ସରକାରୀ ଓଡ଼ିଆ ମାଧ୍ୟମ ସ୍କୁଲ ରହିଛି। ସୁନ୍ଦରଗଡ଼ ଜିଲାରେ ପ୍ରଥମ ପର୍ଯ୍ୟାୟରେ ୪୦୭୬ ଜଣ ଡ୍ରପ୍ ଆଉଟ୍‌ଙ୍କୁ ଚିହ୍ନଟ କରାଯାଇଛି। ସ୍କୁଲରେ ଶିକ୍ଷା ଗ୍ରହଣକୁ ନିରନ୍ତର କରିବା ପାଇଁ ଶହୀଦ ମାଧୋ ସିଂ ହାତପାଣ୍ଠି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଉକ୍ତ ଯୋଜନାରେ ୯ମ ଓ ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ୫ ହଜାର ଲେଖାଏଁ ଟଙ୍କା ପ୍ରଦାନ କରାଯିବ। ସୀମାନ୍ତରେ ଡ୍ରପ ଆଉଟ୍ ରୋକିବା ପାଇଁ ତୃଣମୂଳ ସ୍ତରରେ ବ୍ୟବସ୍ଥା କରାଯାଉଛି। ଅନ୍ୟ ଭାଷାର ଛାତ୍ରୀଛାତ୍ର ଥିବା ଯୋଗୁ ମଲ୍ଟି ଲିଙ୍ଗୁଆଲ୍ ଏଜୁକେଶନରେ ୩୭୦ ସ୍କୁଲରେ ୧୦୮ ଜଣ ମୁଣ୍ଡା, ହୋ, ଅନ୍ୟ ଭାଷାର ଶିକ୍ଷକ ଅଛନ୍ତି। ଆସନ୍ତା ଜାନୁଆରୀରୁ ୩ ମାସ ପର୍ଯ୍ୟନ୍ତ ସିଆରସିସି ଏବଂ ପ୍ରଧାନ ଶିକ୍ଷକଙ୍କ ଜରିଆରେ ଡ୍ରପ୍ ଆଉଟମାନଙ୍କୁ ସ୍କୁଲ ମୁହାଁ ପାଇଁ ଯୋଜନା ରହିଛି। ଜିଲାରେ ୨୪୩୮ ସରକାରୀ ସ୍କୁଲ ସମେତ ମୋଟ (ଉଭୟ ସରକାରୀ ଓ ଘରୋଇ) ୨୮୦୦ ସ୍କୁଲ ରହିଛି। ସୀମାନ୍ତ ଅଞ୍ଚଳ ସମେତ ଜିଲାରେ ମୋଟ ୧୮୦ ସ୍କୁଲ ବନ୍ଦ ହୋଇଛି ବୋଲି ପ୍ରଧାନ କହିଥିଲେ।

### ପାଣିରେ ବୁଡ଼ି ଜଣେ ମୃତ

ହେମଗିର,୧୯।୧୨(ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ଥାନା ଅଧୀନ କନ୍ଦାଧୁଡା ଡ୍ୟାମରେ ବୁଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କନ୍ଦାଧୁଡା ଗ୍ରାମର ସୁରେଶ ନାଏକ(୪୦)। ସୂଚନା ଅନୁଯାୟୀ, ସୁରେଶ ବୁଧବାର ଡ୍ୟାମକୁ ଗାଧୋଇବାକୁ ଯାଇ ବୁଡି ଯାଇଥିଲେ। ହେମଗିର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରିଛି।

### ୨୮ରୁ ଅଲ୍ ଓଡ଼ିଶା ପ୍ରକାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

ରାଉରକେଲା,୧୯।୧୨(ଦିନେଶ ମିଶ୍ର)

ରାଉରକେଲା ବାସନ୍ତୀ କଲୋନୀସ୍ଥିତ ଡିଏଭି ଖେଳ ପଡିଆରେ ବାସନ୍ତୀ ୟୁଥ୍ କ୍ଲବ ପକ୍ଷରୁ ୧୮ତମ ପ୍ରକାଶ ସ୍ମାରକୀ ଅଲ୍ ଓଡ଼ିଶା କ୍ରିକେଟ୍ ଟୁର୍ନାମେଣ୍ଟ ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବ। ଏ ନେଇ କ୍ଲବର ଟ୍ରଷ୍ଟି ଶୁଭେନ୍ଦୁ ଧଳ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଟୁର୍ନାମେଣ୍ଟରେ ରାଉରକେଲା ସମେତ ଅନ୍ୟ ଜିଲାକୁ ମିଶାଇ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିବେ। ଏଥିରେ ଚାମ୍ପିୟନ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୧୮ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଏଥିସହ ପ୍ରତ୍ୟେକ ମ୍ୟାଚ୍‌ରେ ବେଷ୍ଟ ବୋଲର, ମ୍ୟାନ୍ ଅଫ୍ ଦି ମ୍ୟାଚ୍, ବେଷ୍ଟ ବ୍ୟାଟର ପୁରସ୍କାର ପ୍ରଦାନ କରାଯିବ ।

## ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ରାଉରକେଲା,୧୯।୧୨(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୬ସ୍ଥିତ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ୪୯ତମ ବାର୍ଷିକୋତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରଏସ୍‌ପି ସହରସେବା ପ୍ରଶାସନର ମୁଖ୍ୟ ମହାପ୍ରବନ୍ଧକ ପ୍ରତାପ କୁମାର ସ୍ୱାଇଁ ମୁଖ୍ୟ ଅତିଥି, ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ସ୍ୱତନ୍ତ୍ର ଅତିଥି, ବିଶ୍ରା ଏବିଇଓ ଆରତୀ ପ୍ରଧାନ, ସିଆର୍‌ସିସି ଦୀପକ କୁମାର ସାମଲ, ରାଜେଶ ଗର୍ଗ, ଆର୍‌ଏସ୍‌ପି ସିଜିଏମ୍ ହୀରାଲାଲ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଯୋଗ ଦେଇଥିଲେ। ଏହି ଅବସରରେ ୨୦୨୩-୨୪ ଶିକ୍ଷାବର୍ଷର ବିଦ୍ୟାଳୟର ଟପ୍ପର ଶୁଭମ କୁମାର ସାହୁଙ୍କୁ ଆଲୁମିନି କିଶୋର ଚନ୍ଦ୍ର ସାମଲଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ଗୌରବ ମହାନ୍ତ, ପାର୍ବତୀ ବାରିକ ଓ ପ୍ରାକ୍ତନ ଛାତ୍ର ଅଲିଅଳ ବେହେରାଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଶ୍ମିତ ସାହାଣୀ, ତୃପ୍ତିମୟୀ ଦ୍ୱିବେଦୀ, ରମେଶ ଚନ୍ଦ୍ର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ମାନସ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




ବାର୍ଷିକୋତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।




ରାଉରକେଲା ବିମାନ ବନ୍ଦରରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ୪ ଦଫା ଦାବିରେ ଆର୍‌ଏଏସିର ବିକ୍ଷୋଭ ପ୍ରଦର୍ଶନ

ରାଉରକେଲା,୧୯।୧୨(ସଙ୍ଗୀତା ଜେନା)

ରାଉରକେଲା ବିମାନ ବନ୍ଦରକୁ ଏୟାରପୋର୍ଟ ଅଥରିଟିକୁ ହସ୍ତାନ୍ତର କରିବା, ୪ ସି ଲାଇସେନ୍ସ ପ୍ରଦାନ, ରାତ୍ରୀକାଳୀନ ଉଡ଼ାଣ ପାଇଁ ଇନ୍‌ଷ୍ଟ୍ରୁମେଣ୍ଟ ଲ୍ୟାଣ୍ଡିଂ ସିଷ୍ଟମ ବା ଆଇଏଲ୍‌ଏସ୍ ସ୍ଥାପନ, ସମ୍ପ୍ରସାରଣ ଓ ଉନ୍ନତୀକରଣ ସହିତ ନିୟମିତ ଭୁବନେଶ୍ୱର, କୋଲକତା, ଦିଲ୍ଲୀ, ବେଙ୍ଗାଲୁରୁ, ପୁନେ ଭଳି ସହରକୁ ବିମାନ ଉଡ଼ାଣ ଚାଲୁ କରିବା ଆଦି ଦାବି ହୋଇଛି। ଏହି କ୍ରମରେ ରାଉରକେଲା ଏୟାରପୋର୍ଟ ଆକ୍ସନ କମିଟି (ଆର୍‌ଏଏସି) ପକ୍ଷରୁ ଗୁରୁବାର ରାଉରକେଲା ବିମାନ ବନ୍ଦର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜାନୁଆରୀ ୧ ତାରିଖ ସୁଦ୍ଧା ଦାବିଗୁଡ଼ିକ ପୂରଣ ନ ହେଲେ ଜୋରଦାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଥିଲା। ଉକ୍ତ ବିକ୍ଷୋଭରେ ବିଭିନ୍ନ ସାମାଜିକ ଅନୁଷ୍ଠାନର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।

## ନାବାଳିକାଙ୍କୁ ଗଣବଳାତ୍କାର, ୩ ଅଟକ

ରାଉରକେଲା,୧୯।୧୨
(ସଙ୍ଗୀତା ଜେନା)

ରାଉରକେଲା ଉଦିତନଗର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରି ଗଣବଳାତ୍କାର କରାଯାଇଥିବା ଗୁରୁବାର ଅଭିଯୋଗ ହୋଇଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ୩ ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଶୁକ୍ରବାର ଅଭିଯୁକ୍ତମାନଙ୍କ ଡାକ୍ତରୀମାଇନା ସହ ତଦନ୍ତ କରାଯିବ ବୋଲି ପୋଲିସ କହିଛି। ଡିଏସ୍‌ପି ନିର୍ମଳ ମହାପାତ୍ରଙ୍କ ସୂଚନା ଅନୁଯାୟୀ, ଗତ ୧୭ ତାରିଖରେ ଉକ୍ତ ନାବାଳିକା ନିଖୋଜ ହୋଇଯାଇଥିଲେ। ଜଣେ ଯୁବକ ତାଙ୍କୁ ବିଶ୍ରା ଅଞ୍ଚଳରେ ନେଇ ରଖିଥିଲେ। ସେଠାରେ ଯୁବକ ଓ ତାଙ୍କ ୨ ସାଙ୍ଗ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ପରେ ଗୁରୁବାର ସକାଳେ ନୂଆବସ୍ ଷ୍ଟାଣ୍ଡ ଅଞ୍ଚଳରେ ଉକ୍ତ ନାବାଳିକାଙ୍କୁ ଛାଡି ଫେରାର ହୋଇଯାଇଥିଲେ। ପିସିଆର୍ ଭ୍ୟାନ୍‌ରେ ପାଟ୍ରୋଲିଂ କରୁଥିବା ପୋଲିସ ନାବାଳିକାଙ୍କୁ ଦେଖି ପଚରାଉଚୁରା କରିବା ପରେ ସତ୍ୟାତା ଜଣାପଡ଼ିଥିଲା। ଏ ନେଇ ପୀଡ଼ିତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତନାଘନା କରି ଉକ୍ତ ୩ ଯୁବକଙ୍କୁ ଉଠାଇ ଆଣିଥିଲା।

## ବେଆଇନ ପାର୍କିଂ, ଫସୁଛି ଆମ୍ବୁଲାନ୍ସ

### ଏସ୍‌ଟିଆଇ ଓଭରବ୍ରିଜ୍ ତଳ ରାସ୍ତା

ରାଉରକେଲା,୧୯।୧୨(ଦିନେଶ ମିଶ୍ର)

ରାଉରକେଲା ଏସ୍‌ଟିଆଇ ଓଭରବ୍ରିଜ୍ ତଳେ ଦିନକୁ ଦିନ ବେଆଇନ ପାର୍କିଂ ବଢ଼ିବାରେ ଲାଗିଛି। ଫଳରେ ଏହି ରାସ୍ତାଦେଇ ସହରର ପ୍ରମୁଖ ଡାକ୍ତରଖାନା ଆରଜିଏଚ୍‌କୁ ଯାତାୟାତ କରୁଥିବା ଆମ୍ବୁଲାନ୍ସ ଟ୍ରାଫିକ୍‌ରେ ଫସିଯାଉଛି।

ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍) ଉପରେ ହଜାର ହଜାର ସଖ୍ୟାର ରୋଗୀ ନିର୍ଭର କରିଥାନ୍ତି। ଏହି ଡାକ୍ତରଖାନାକୁ ସୁନ୍ଦରଗଡ ଜିଲା ସମେତ ପଡୋଶୀ ଝାଡ଼ଖଣ୍ଡ ଓ ଛତିଶଗଡର ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସିଥାନ୍ତି। ଆରଜିଏଚ୍‌କୁ ଗମନାଗମନ ସୁବିଧା ପାଇଁ ରେଲୱେ ପକ୍ଷରୁ କିଛି ବର୍ଷ ତଳେ ଏସ୍‌ଟିଆଇ ଓଭରବ୍ରିଜ୍ ନିର୍ମାଣ କରାଯାଇଥିଲା। ଏହି ବ୍ରିଜ୍ ତଳ ବାଟଦେଇ ଆରଜିଏଚ୍‌କୁ ଯିବା ପାଇଁ ମୁଖ୍ୟ ରାସ୍ତା ରହିଛି। ପ୍ରତିଦିନ ସହରର ବିଭିନ୍ନ ଅଞ୍ଚଳରୁ ରୋଗୀ ଏହି ଡାକ୍ତରଖାନାକୁ ଆସୁଥିବାବେଳେ ଏହି ବ୍ରିଜ୍ ତଳ ଆଖପାଖ ଅଞ୍ଚଳ ସର୍ବଦା ଜନଗହଳିପୂର୍ଣ୍ଣ ରହୁଛି। ଏଥିସହ ବ୍ରିଜ୍ ନିକଟରେ ବହୁ ଘରୋଇ କ୍ଲିନିକ୍ ଓ ଅପରପାର୍ଶ୍ୱରେ ଔଷଧ ଦୋକାନ ଓ ହୋଟେଲ ରହିଛି। ଆରଜିଏଚ୍‌କୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟମାନେ ଏହିସବୁ ଦୋକାନ ଓ ହେଟେଲରେ କିଣାବିକା ପାଇଁ ରାସ୍ତାକଡ଼ରେ ବେଆଇନ ଭାବେ ଗାଡି ପାର୍କିଂ କରୁଛନ୍ତି। ଏହାସହ ରାସ୍ତାପାର୍ଶ୍ୱ ଓ ଓଭରବ୍ରିଜ୍ ତଳେ ଉଠା ଦୋକାନୀଙ୍କ ସହ ଠେଲା ବ୍ୟବସାୟୀମାନେ



ବ୍ୟବସାୟ କରୁଥିବାରୁ ଏଠାରେ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ଉପୁଜୁଛି। ଅନ୍ୟପକ୍ଷେ ଏସ୍‌ଟିଆଇ ଛକରେ ବସ୍ ଯାତ୍ରୀମାନେ ସହରର ବିଭିନ୍ନ ଅଞ୍ଚଳକୁ ଯିବା ପାଇଁ ଅପେକ୍ଷା କରନ୍ତି। ଏଠାରେ ବସ୍ ଓ ଯାତ୍ରୀବାହୀ ଅଟୋ ରହଣୀ କରୁଥିବାରୁ ବିଭିନ୍ନ ସମୟରେ ଭିଡ ଜମୁଛି। ଫଳରେ ଏହି ରାସ୍ତାରେ ଆମ୍ବୁଲାନ୍ସ ଆସିଲେ ଟ୍ରାଫିକ୍‌ରେ ଫସିଯାଉଛି।

ଏ ନେଇ ରାଉରକେଲା ଟ୍ରାଫିକ୍ ଇନ୍ସପେକ୍ଟର ଲକ୍ଷ୍ମୀଧର ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ଏସ୍‌ଟିଆଇ ଓଭରବ୍ରିଜ୍ ଓ ଆରଜିଏଚ୍ ଯିବା ରାସ୍ତାରେ ବେଆଇନ ପାର୍କିଂ ସମସ୍ୟା ଦୂର କରିବା ପାଇଁ ଆମେ ପ୍ରତିଦିନ ୨ ଜଣ ଲେଖାଏ ଟ୍ରାଫିକ ପୋଲିସ ସହ ହୋମଗାର୍ଡଙ୍କୁ ନିୟୋଜିତ କରୁଛୁ। ଏହି ରାସ୍ତା ଖାଲି ଯେ ଆରଜିଏଚ୍ ଯିବା ପାଇଁ ପ୍ରମୁଖ ରାସ୍ତା ତାହା ନୁହଁ ବରଂ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲକୁ ବହୁ ଆମ୍ବୁଲାନ୍ସ ଯାଉଛି। ସେଥିପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ରାସ୍ତା କଡରେ ଥିବା ବେଆଇନ ଠେଲା ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯିବା ପରେ ଏଠାରେ ବର୍ତ୍ତମାନ ବେଆଇନ ପାର୍କିଂ ସମସ୍ୟା ବହୁମାତ୍ରାରେ ଦୂରୀକରଣ ହୋଇଛି ବୋଲି ବେହେରା ସୂଚନା ଦେଇଥିଲେ।

## ୟୁଜିଆଇର ପଲ୍ଲୀ ଫେଷ୍ଟ ଉଦ୍‌ଯାପିତ

ରାଉରକେଲା,୧୯।୧୨(ଦିନେଶ ମିଶ୍ର)

ରାଉରକେଲା ଜେଲ୍ ରୋଡ୍‌ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଯାନ୍ତ୍ରିକ ଅନୁଷ୍ଠାନ (ୟୁଜିଆଇ) ଗ୍ରାଉଣ୍ଡରେ ଆୟୋଜିତ ପଲ୍ଲୀ ଫେଷ୍ଟ-୨୦୨୪ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀଙ୍କ ମଧ୍ୟରେ ଥିବା ପ୍ରତିଭା ଲୋକଲୋଚନକୁ ଆଣିବା ପାଇଁ ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ଏସ୍.କେ ଡିଏଭି ବହୁବୃତ୍ତି ଅନୁଷ୍ଠାନର ଅଧ୍ୟକ୍ଷ ୟୁ. କେ. ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ରାଜ୍ୟର ପ୍ରାୟ ୧୩ଟି ଜିଲାର ସରକାରୀ ପଲିଟେକ୍‌ନିକ୍ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କ୍ରୀଡ଼ା, କଳା, ସଂସ୍କୃତି କ୍ଷେତ୍ରରେ ଆୟୋଜିତ ପ୍ରତିଯୋଗିତାର କୃତୀମାନଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ରାଜ୍ୟର ବିଭିନ୍ନ ପଲିଟେକ୍ନିକ୍ କଲେଜରୁ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୟୁଜିଆଇ ସିଭିଲ ବିଭାଗର ବରିଷ୍ଠ ଅଧ୍ୟାପିକା କାନନିକା ନାୟକ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ବି. ବି. ସାହୁ, ପୂର୍ବତନ ଛାତ୍ର ସଂସଦ ସମ୍ପାଦକ ଶୁଭେନ୍ଦୁ ପଣ୍ଡା, ଶିଶିର ଦଳେଇ, ରାଜେଶ ତ୍ରିପାଠୀ, ଡି. ପି. ପଟ୍ଟନାୟକ, କେ. ପି. ଦାସ, ରଞ୍ଜିତ ଗିରି, ସଦାଶିବ ପାତ୍ର, ପଙ୍କଜ କୁମାର ସାମନ୍ତ, ବି. କେ. ଗନ୍ତାୟତ, ରଘୁନାଥ ମାରାଣ୍ଡିଙ୍କ ସମେତ ବିଭିନ୍ନ କଲେଜର ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ। ୟୁଜିଆଇ ଅଧ୍ୟକ୍ଷା ପ୍ରଗତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

## ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ସମାଧାନ ପାଇଁ ଗବେଷଣା ଆବଶ୍ୟକ

### ରାଉରକେଲା ଏନ୍‌ଆଇଟିରେ ଅନ୍ତର୍ଜାତୀୟ ସମ୍ମିଳନୀ

ରାଉରକେଲା,୧୯।୧୨(ସଙ୍ଗୀତା ଜେନା)

ରାଉରକେଲା ସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ୍‌ଆଇଟି) ଏବଂ ଉତ୍ତରାଖଣ୍ଡ ଏନ୍‌ଆଇଟି ସହଯୋଗରେ ବାୟୋଲୋଜିକାଲ ଇନୋଭେଶନ ଟେକ୍ନୋଲୋଜି, ଇଞ୍ଜିନିୟରିଂ ଆଣ୍ଡ ସାଇନ୍ସ ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀ ବୁଧବାର ଭୁବନେଶ୍ୱର ବେହେରା ଅଡିଟୋରିୟମରେ ଉଦ୍‌ଘାଟିତ ହୋଇଯାଇଛି। ଏନ୍‌ଆଇଟି ରାଉରକେଲାର ଆବାହକ ପ୍ରଫେସର ରବିକାନ୍ତ ଅବସ୍ଥୀ ସ୍ୱାଗତ ଭାଷଣ ଦେଇଥିଲେ। ପରେ ଏନ୍‌ଆଇଟି ଉତ୍ତରାଖଣ୍ଡର ଆବାହକ ପ୍ରଫେସର ଧର୍ମେନ୍ଦ୍ର ତ୍ରିପାଠୀ କାର୍ଯ୍ୟକ୍ରମ ବିବରଣୀ ପାଠ କରି କହିଲେ, ଏହି ସମ୍ମିଳନୀକୁ ଶହେଟି ଗବେଷଣାପତ୍ର ମିଳିଛି। ଆମେରିକା, ଇଜିପ୍ଟ, ମାଲେସିଆ, ପର୍ତ୍ତୁଗାଲ, ସିଙ୍ଗାପୁର ଆଦି ଦେଶ ସମେତ ଆଇଆଇଟି, ଏନ୍‌ଆଇଟି ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭଳି ପ୍ରତିଷ୍ଠିତ ଭାରତୀୟ ପ୍ରତିଷ୍ଠାନରୁ ପ୍ରାୟ ୫୦ ଜଣ ମୁଖ୍ୟବକ୍ତା ଏବଂ ବ୍ୟକ୍ତିଗତ ଭାବେ ୬୦ ଜଣ ଓ ଅନ୍‌ଲାଇନ୍‌ରେ ୪୦ ଜଣ ଅଂଶଗ୍ରହଣ କରୁଛନ୍ତି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଆଇଆଇଟି ଗୋଆର ନିର୍ଦ୍ଦେଶକ ପ୍ରଫେସର ଧୀରେନ୍ଦ୍ର ଏସ୍. କଟ୍ଟି କହିଲେ, ଅର୍ଥପୂର୍ଣ୍ଣ ଗବେଷଣା ଦ୍ୱାରା ରାଷ୍ଟ୍ର ନିର୍ମାଣ ହୋଇପାରିବ। ଶୈକ୍ଷିକ ଗବେଷଣାରେ ପ୍ରୟୋଗ ଭିତ୍ତିକ ଆଭିମୁଖ୍ୟକୁ ସମନ୍ୱିତ କରିବା ଜରୁରୀ। ମାନବ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ପରିବେଶ ନିରନ୍ତରତା ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ସମାଧାନ ପାଇଁ ଗବେଷଣା ଆବଶ୍ୟକ ବୋଲି କଟ୍ଟି କହିଥିଲେ। ସେହିପରି ଆମେରିକା ଭିସିଓଏମ୍ କଲେଜରୁ ଆସିଥିବା ସମ୍ମାନିତ ଅତିଥି ପ୍ରଫେସର ବିଦ୍ୟୁତ୍ କେ. ମହାନ୍ତି ଗବେଷକଙ୍କ ଯାତ୍ରାରେ ଉତ୍ସାହ, ଦୃଢ଼ତା ଓ ଧୈର୍ଯ୍ୟ ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ରାଉରକେଲା ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଜୈବ ବିଜ୍ଞାନ କ୍ଷେତ୍ରରେ ଉଭୟ ଆହ୍ୱାନ ଓ ସୁଯୋଗ ଉପସ୍ଥାପନ କରି ମଣିଷ ଶରୀର ଓ ଜୀବନର ଅନ୍ୟତମ ଶ୍ରେଷ୍ଠ ରହସ୍ୟ ହୋଇରହିଛି ବୋଲି କହିଥିଲେ। ସେହିପରି ଏସ୍‌ଆର୍‌ଆଇସିସିଇ ଡିନ୍ ପ୍ରଫେସର ସ୍ୱଦେଶ ପ୍ରତିହାର, ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ, ବିଭାଗୀୟ ମୁଖ୍ୟ ପ୍ରଫେସର ଦେବେନ୍ଦ୍ର ବର୍ମା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଆଇଟିଇଏ -୨୦୨୪ ପାଇଁ ସ୍ମାରକୀ ଉନ୍ମୋଚନ ହୋଇଥିଲା। ଆବାହକ ପ୍ରଫେସର ପ୍ରସନ୍ନ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଏହି ସମ୍ମିଳନୀରେ ଓଡ଼ିଶାର କୃଷି, କିଡ୍‌ନୀ ରୋଗ, କର୍କଟ ଗବେଷଣାର ବାୟୋମାର୍କସ ଆବିଷ୍କାର, ଜଳୀୟ ପରିବେଶ ସମେତ ଏକାଧିକ ପ୍ରସଙ୍ଗ ସମ୍ପର୍କିତ ଗବେଷଣା ଉପରେ ଆଲୋଚନା ହୋଇଥିଲା।



ଅନ୍ତର୍ଜାତୀୟ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

## ସଂକ୍ଷେପରେ

### ଜାମୁମାଲ ସେବାଶ୍ରମର ବାର୍ଷିକ କ୍ରୀଡ଼ା

ଜମନକିରା,୧୯।୧୨(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ବଡ଼ମାଲ ପଞ୍ଚାୟତ ଜାମୁମାଲ ସେବାଶ୍ରମ ସ୍କୁଲର ବାର୍ଷିକ କ୍ରୀଡା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଜେମାଦେଇ ମାଝୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ସିଆରସିସି ରମଣୀ ରଞ୍ଜନ କିସାନ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଏଥିରେ ୧୦୦, ୨୦୦ ମିଟର ଦୌଡ, ଉଚ୍ଚ ଡିଆଁ, ଲମ୍ଵ ଡିଆଁ, ସର୍ଟ ପୁଟ, ଜବେଲିନ ଥ୍ରୋ ଆଦି ଖେଳ ପ୍ରତିଯୋଗିତା ହୋଇଥିଲା। ସହକାରୀ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ନାୟକ, ସୁନୀଲ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସରୋଜ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଭୋଗମଣ୍ଡପ, ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟିତ

ରେଢାଖୋଲ,୧୯।୧୨(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ଏନଏସି ୱାର୍ଡ ନଂ ୪ ଅଧିନ ନୁଆସାହିରେ ନବର୍ନିମିତ ଗୋଷ୍ଠୀ କେନ୍ଦ୍ର ଓ ଭୋଗମଣ୍ଡପ ଗୁରୁବାର ଉଦ୍‌ଘାଟିତ ହୋଇଛି। ରେଢାଖୋଲ ବିଧାୟକ ତଥା ବିଧାନ ସଭାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏନଏସି ଅଧ୍ୟକ୍ଷ ଶିବରାମ ସାହୁ, ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ନିର୍ବାହୀ ଅଧିକାରୀ ବିରଞ୍ଚି ଧରୁଆ, କାଉନସିଲର ସୁଧାଂଶୁ ଅମାତ ଯୋଗଦେଇଥିଲେ। ପୂର୍ବ ସରକାରର ପ୍ରାୟ ସାଢେ ୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗୋଷ୍ଠୀ କେନ୍ଦ୍ର ଓ ଭୋଗମଣ୍ଡପ ନିର୍ମାଣ କରାଯାଇଛି।

### କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ଜିଲା କଂଗ୍ରେସ

ସମ୍ବଲପୁର,୧୯।୧୨(ପ୍ରମୋଦ ବହିଦାର)

ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡ଼କରଙ୍କ ଉପରେ ଅରୁଚିକର ମନ୍ତବ୍ୟ ଦେଇଥିବା କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଇସ୍ତଫା ଦାବି କରିଛି ସମ୍ବଲପୁର ଜିଲା କଂଗ୍ରେସ କମିଟି। ଅନ୍ୟପକ୍ଷରେ ଦିଲ୍ଲୀରେ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ତଳେ ଗୁରୁବାର କଂଗ୍ରେସ ସଭାପତି ତଥା ରାଜ୍ୟ ସଭା ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାଡ଼ଗେଙ୍କ ଉପରେ ଭାଜପା ସାଂସଦଙ୍କ ଆକ୍ରମଣକୁ ମଧ୍ୟ କଂଗ୍ରେସ କମିଟ ସଭାପତି ଜୟଶଙ୍କର ମିଶ୍ର ନିନ୍ଦା କରିଛନ୍ତି। ଏକ ପ୍ରେସ୍‌ବିବୃତ୍ତିରେ କେନ୍ଦ୍ରରେ କ୍ଷମତାସୀନ ଭାଜପା ସାଂସଦ ଓ ମନ୍ତ୍ରୀମାନେ ସମ୍ବିଧାନ ପ୍ରଣେତା ଡ. ଆମ୍ବେଦକରଙ୍କ ଉପରେ ଅଶୋଭନୀୟ ମନ୍ତବ୍ୟ, କଂଗ୍ରେସ ସଭାପତି ଖାଡ଼ଗେଙ୍କ ଉପରେ ଆକ୍ରମଣ ଓ ଲୋକସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧିଙ୍କୁ ପ୍ରବେଶରେ ଭାଜପା ଏମ୍‌ପିମାନଙ୍କ ବାଧାଦେବା ଭଳି ଘଟଣାକୁ ମିଶ୍ର ଅତ୍ୟନ୍ତ ନିନ୍ଦନୀୟ ବୋଲି କହିଛନ୍ତି।

### ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ରେଢାଖୋଲ,୧୯।୧୨(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୩୨ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷା ମମତା ବିଶ୍ୱାଳ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ କ୍ରୀଡା ପ୍ରଶିକ୍ଷିକା ବାସନ୍ତୀ ଭୋଇଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ରଘୁନାଥ ମନ୍ଦିରରୁ କ୍ରୀଡା ମଶାଲ ଆଣି ସ୍ଥାପନ କରିବାପରେ କ୍ରୀଡା ଉତ୍ସବ ଆରମ୍ଭ ହୋଇଥିଲା। ଛାତ୍ରୀମନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ହିତେଶ୍ୱରୀ ଘୁଟା ଶ୍ରେଷ୍ଠ ଖେଳାଳି ଘୋଷିତ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ଉପଜିଲାପାଳ ରଶ୍ମିରଞ୍ଜନ ମହାନ୍ତ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନଏସି ଅଧ୍ୟକ୍ଷ ଶିବରାମ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶେଷରେ ଅତିଥିମାନେ କ୍ରୀଡା ପତାକା ଅବତାରଣା କରିଥିଲେ। ଉଦ୍‌ଯାପନୀ ସମାରୋହରେ ସର୍ବୋଚ୍ଚ ନମ୍ବର ରଖିଥିବା କଳାଛାତ୍ରୀ ସୁଜାତା ସେଠୀ ଓ ବିଜ୍ଞାନ ଛାତ୍ରୀ ଲକ୍ଷ୍ମୀପ୍ରିୟା ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା। ଲାଇବ୍ରେରିଆନ ଗୋପୀନାଥ ଖିଲାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# କଠିନ ପରିଶ୍ରମ ସଫଳତାର ଚାବିକାଠି

ନାକଟିଦେଉଳ,୧୯।୧୨(ବୈକୁଣ୍ଠନାଥ ସାହୁ)



ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ପେଣ୍ଡବାହାଲସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁଞ୍ଜନ ଗୁରୁବାର ଏକ ମନୋଜ୍ଞ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ପ୍ରତାପ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ରେଢ଼ାଖୋଲ ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତ, ମୁଖ୍ୟବକ୍ତାଭାବେ ବୈଜ୍ଞାନିକ ଡ଼. ଶେଷଦେବ କିସାନ, ସମ୍ମାନୀତ ଅତିଥିଭାବେ ନାକଟିଦେଉଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଦ୍ୟାଧର ରାଉତରାୟ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ଏବଂ କର୍ତ୍ତବ୍ୟନିଷ୍ଠ ହେବାକୁ ପରାମର୍ଶ ଦେଇଥିଲେ। ଦୃଢ଼ ଇଚ୍ଛାଶକ୍ତି ଏବଂ କଠିନ ପରିଶ୍ରମ ହିଁ ସଫଳତାର ଚାବି କାଠି ବୋଲି ସେ କହିଥିଲେ। ବାପ ମା' ଛେଉଣ୍ଡ ତଥା ଅତି ଗରିବ ପରିବାରରୁ ଆସିଥିବା ନାକଟିଦେଉଳ ବ୍ଲକ ବଳାସିଙ୍ଗା ଗ୍ରାମର ଯୁବ ବୈଜ୍ଞାନିକ ଶେଷ କିସାନ ଯେପରି ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ଆଜି ସଫଳତାର ଶୀର୍ଷରେ ପହଞ୍ଚି ପାରିଛନ୍ତି ତାହାକୁ ଛାତ୍ରୀଛାତ୍ରମାନେ ଅନୁସରଣ କରି ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ କ୍ଷେତ୍ରବାସୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ମଧୁସ୍ମିତା ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠାନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ତର୍କ, ପ୍ରବନ୍ଧ, ରଚନା, ଚିତ୍ରାଙ୍କନ, ବକ୍ତୃତା, ଶୁଦ୍ର ଲିଖନ ଆଦି ୩୩ଟି ଇଭେଣ୍ଟର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ୧୧୦ ଜଣ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ଟ୍ରଫି ଏବଂ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ସଭା ପରେ ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ସମାରୋହରେ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

# ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜିକୁ କଳିଙ୍ଗ ସେଫ ଏକ୍ସିଲେନ୍ସ ଆୱାର୍ଡ

ସମ୍ବଲପୁର,୧୯।୧୨(ବି.ଶଙ୍କର)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ପଣ୍ଡଲୋଇସ୍ଥିତ ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିମିଟେଡକୁ ୨୦୨୩ ବର୍ଷ ପାଇଁ ଗୋଲ୍ଡ କାଟେଗରିରେ କଳିଙ୍ଗ ସେଫ ଏକ୍ସିଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଛି। ବୁଧବାର ଭୁବନେଶ୍ୱରସ୍ଥିତ ହୋଟେଲ ଦି ନ୍ୟୁ ମେରିଅନଠାରେ ସେପ୍ଟି କନକ୍ଲେଭ -୨୪ ଉଦ୍‌ଯାପିତ ହୋଇଛି। ଏହି ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କଠାରୁ ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିମିଟେଡର ମାନବ ସମ୍ବଳ ବିଭାଗ ମୁଖ୍ୟ ଭୂପେନ୍ଦ୍ର ସିଂ କୁଶୱାହା ଏବଂ ସୁରକ୍ଷା ବିଭାଗ ମୁଖ୍ୟ ଇନ୍ଦ୍ରଜିତ ସିଂ ପୁରସ୍କାର ଗ୍ରହଣ କରିଥିଲେ।



ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କଠାରୁ ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିମିଟେଡ ମାନବ ସମ୍ବଳ ବିଭାଗ ମୁଖ୍ୟ ଭୂପେନ୍ଦ୍ର ସିଂ କୁଶୱାହା, ସୁରକ୍ଷା ବିଭାଗ ମୁଖ୍ୟ ଇନ୍ଦ୍ରଜିତ ସିଂ ପୁରସ୍କାର ଗ୍ରହଣ କରୁଛନ୍ତି।

# କୁଚିଣ୍ଡାରେ ବିଭାଜନସ୍ତରୀୟ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

କୁଚିଣ୍ଡା,୧୯।୧୨(ବିରଞ୍ଚି ଦର୍ଶୀ)

**ପାଣି ପଞ୍ଚାୟତ ପକ୍ଷ ପାଳନ**

ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ଆନୁକୂଲ୍ୟରେ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଗୁରୁବାର ସମ୍ବଲପୁର ଜିଲା କୁଚିଣ୍ଡାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଭାଜନସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର କ୍ଷୁଦ୍ର ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ସୌଦାମିନୀ କିଷାନ, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଦେହୁରୀ, ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ କମଳିନୀ ନାୟକ ଅତିଥିଭାବେ ଯୋଗଦେଇଥିଲେ। ପାଣି ପଞ୍ଚାୟତ ପକ୍ଷ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହାକୁ ଶିକ୍ଷକ ଶରତ ପଶାୟତ ପରିଚାଳନା କରିଥିଲେ। ଏହିଅବସରରେ ବିଦ୍ୟାଳୟ ଛାତ୍ରୀଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ବକ୍ତୃତା, ଚିତ୍ରାଙ୍କନ, ମଡେଲ ପ୍ରଦର୍ଶନୀ ଆଦି ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ୨୨ ତାରିଖରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀଙ୍କ ଉପସ୍ଥିତିରେ ପୁରସ୍କୃତ କରାଯିବା କାର୍ଯ୍ୟକ୍ରମ ରହିଛି।

### ବିଶ୍ୱ କାର୍ଯ୍ୟାଳୟରେ ଦ୍ୱିତୀୟ ଦିନରେ ଇଡି ଚଢ଼ାଉ ଜାରି

ସମ୍ବଲପୁର,୧୯।୧୨(ପ୍ରମୋଦ ବହିଦାର)

ସମ୍ବଲପୁରର ସାମାଜିକ ସଙ୍ଗଠନ ଭାରତ ଇଣ୍ଟିଗ୍ରେଟେଡ୍ ସୋସିଆଲ୍ ୱେଲଫେୟାର୍ ଏଜେନ୍ସି(ବିଶ୍ୱ)ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସ୍ୱର୍ଗତ କ୍ଷୀରୋଦ ମଲ୍ଲିକଙ୍କ ଘରେ ଗୁରୁବାର ଦ୍ୱିତୀୟ ଦିନରେ ମଧ୍ୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଚଢାଉ ଜାରି ରହିଛି। ଇଡି ଅଧିକାରୀମାନେ ଗୁରୁବାର ସକାଳୁ ପୁଣି ଥରେ ଖୋଳତାଡ କରିଥିଲେ। ବର୍ତ୍ତମାନ ବିଶ୍ୱ କାର୍ଯ୍ୟାଳୟରେ ସଶସ୍ତ୍ର ପୋଲିସ ବାହିନୀ ଜଗି ରହିଛନ୍ତି। କାହାରିକୁ ଅଟ୍ଟାଳିକା ପରିସରକୁ ପଶିବାକୁ ଅନୁମତି ଦିଆଯାଉନାହିଁ। ସ୍ୱର୍ଗତ ମଲ୍ଲିକଙ୍କ ଗତ ସେପ୍ଟେମ୍ବର ୧୮ରେ ମୃତ୍ୟୁ ଘଟିଥିବା ବେଳେ ଆର୍ଥିକ ଅନିୟମିତତା ହେତୁ ଏହାର କିଛି ବର୍ଷ ଆଗରୁ ବିଶ୍ୱ ସଂସ୍ଥା ବନ୍ଦ ରହିଛି। ମାତ୍ର ଜୀବିତାବସ୍ଥାରେ ସ୍ୱର୍ଗତ ମଲ୍ଲିକ ତାଙ୍କ ଦ୍ୱାରା ପରିଚାଳିତ ବିଶ୍ୱ ସଂସ୍ଥା ନାମରେ ତିନୋଟି ବିଦେଶୀ ସହିତ ମୋଟ ୨୮ଟି ରାଷ୍ଟ୍ରାୟତ ଓ ଘରୋଇ ବ୍ୟାଙ୍କରୁ ୨୩୧.୮୦ କୋଟି ଟଙ୍କାର ଋଣନେଇ ପରିଶୋଧ କରି ନ ଥିଲେ। ସମ୍ଭବତଃ ଏହାର ଖୋଳତାଡ଼ ଆରମ୍ଭ କରିଛି ଇଡି।

# ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ରେଢାଖୋଲ,୧୯।୧୨(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ପଞ୍ଚବିଂଶତମ ବାର୍ଷିକୋତ୍ସବ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଛି। ଅନୁଷ୍ଠାନ ସଭାପତି ବରିଷ୍ଠ ଆଇନଜୀବୀ ଗଣେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି, ଅତାବିରା ମହାବିଦ୍ୟାଳୟ ରସାୟନ ବିଜ୍ଞାନ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ପୂଜାରୀ ମୁଖ୍ୟବକ୍ତା, ସମ୍ମାନୀତ ଅତିଥିଭାବେ ରେଢାଖୋଲ ବିଧାୟକ ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ଏନଏସି ଅଧ୍ୟକ୍ଷ ଶିବରାମ ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ଯୋଗ ଦେଇଥିଲେ। ଶିକ୍ଷକ ବିପିନ ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ସଭାପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ବୀରବର ସାହୁ ବିବରଣୀ ପାଠ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# କୁନ୍ତରା, କୁଟୁରାଚୁଆଁ କଲେଜର ବାର୍ଷିକ କ୍ରୀଡ଼ା

କୁଚିଣ୍ଡା,୧୯।୧୨(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁନ୍ତରା ଗୋକୁଳପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟରେ ଦୁଇଦିନଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। କଲେଜ ପରିଚାଳନା କମିଟି ସଭାପତି କ୍ଷୀରୋଦ ଚନ୍ଦ୍ର ପଟେଲଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉଭୟ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ମେହେର ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷ ଖଗପତି ଅମାତଙ୍କ ତତ୍ତ୍ୱାବଧାନରେ କ୍ରୀଡା ସଂସଦ ଉପସଭାପତି ତରୁଣ କୁମାର ପୃଷେଠ, ଯୋଗେନ୍ଦ୍ର ମୁଦୁଲି, କ୍ରୀଡା ଅଧ୍ୟାପକ ବିକାଶ କିଷାନ ଏହାକୁ ପରିଚାଳନା କରିଥିଲେ। ଅଧ୍ୟାପିକା ଦୀପିକା ବେହେରା, ଶାଶ୍ୱତୀ ମେହେର ଓ ଡଲି ନାୟକ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ। ଏହିଅବସରରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।


କୁଟୁରାଚୁଆଁ କଲେଜରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ

ସେହିପରି କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ଯୁକ୍ତ ୨ କଲେଜରେ ଗୁରୁବାର ୩୪ତମ ବାର୍ଷିକ କ୍ରୀଡା ଉଦ୍‌ଘାଟିତ ହୋଇଛି। କଲେଜ ଅଧ୍ୟକ୍ଷ ନୀଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଅଜିତ କୁମାର ମହାପାତ୍ର ମୁଖ୍ୟ ଅତିଥି, ସୁବାଷ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, ପରିଚାଳନା କମିଟି ପୂର୍ବତନ ସମ୍ପାଦକ ହିମାଂଶୁ ଶେଖର ମହାପାତ୍ର, ବରିଷ୍ଠ କଳାକାର ଓମପ୍ରସାଦ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଝାରୀ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ସତ୍ୟନାରାରଣ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡା ଦାୟିତ୍ୱରେ ଥିବା ଅଧ୍ୟାପକ ସୁଧିର କୁମାର ନାଏକ, କୁଲେଇଗଡ ହାଇସ୍କୁଲ କ୍ରୀଡା ଶିକ୍ଷକ ଲୁଟୁ ପଟେଲ, କୁଟୁରାଚୁଆଁ ହାଇସ୍କୁଲ କ୍ରୀଡା ଶିକ୍ଷକ ସୌଭାଗ୍ୟ କୁମାର ପଟେଲ, ଅଧ୍ୟାପିକା ଭାବନା ପାଣ୍ଡେ, ଶିକ୍ଷା ଡେମୋନଷ୍ଟେଟର ପ୍ରତିମା କୁମାରୀ ନାଏକ, ଡିଇଓ ସମିନ ରଞ୍ଜନ ନାଏକ, ସେକ୍ସନ ଅଫିସର ଭେଷଜ କୁମାର ଗରଡିଆ, ଜୟଦେବ ରାଉତ, ଅସିମ କୁମାର ପରୁଆ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ।

### ଶ୍ରୀଅରବିନ୍ଦ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ସମ୍ବଲପୁର,୧୯।୧୨(ବି.ଶଙ୍କର)

ସମ୍ବଲପୁର ସହରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ହାୱା ମଇଦାନରେ ଆରମ୍ଭ ହୋଇଛି। ବିଦ୍ୟାଳୟ ସମ୍ପାଦକ ବୀରେନ୍ଦ୍ର କୁମାର ପାଣିଗ୍ରାହୀ କ୍ରୀଡା ପତାକା ଉତ୍ତୋଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ପ୍ରଥମରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପ୍ରତିଯୋଗିତା ସ୍କୁଲ ପ୍ରାଙ୍ଗଣରେ ହୋଇଥିଲା। ପଞ୍ଚମରୁ ଦଶମ ପର୍ଯ୍ୟନ୍ତ ପିଲାଙ୍କ ପ୍ରତିଯୋଗିତା ହାୱା ମଇଦାନରେ ହୋଇଥିଲା। ସହସମ୍ପାଦକ ନିହାରରଞ୍ଜନ ପଣ୍ଡା, ବିଦ୍ୟାଳୟ ଉପାଧ୍ୟକ୍ଷ ବ୍ରଜକିଶୋର ହୋତା ଓ ବିଶେଶ୍ୱର ବହିଆ, କ୍ରୀଡା ଶିକ୍ଷକ ଆନନ୍ଦ ଚନ୍ଦ୍ର ମିଶ୍ର ଉତ୍ସବ ପରିଚାଳନା କରିଥିଲେ। ଆସନ୍ତା ୨୧ ତାରିଖ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ, ଉଚ୍ଚଡିଆଁ, ଲମ୍ଵଡିଆଁ, ଅଖାଦୌଡ, ଚାମଚ ଦୌଡ ପ୍ରଭୃତି ପ୍ରତିଯୋଗିତା ହୋଇଥିଲା।

# ବ୍ରହ୍ମ ମଣ୍ଡପ ପଣ୍ଡିତ ମହାସଭାର ଶ୍ରୀ ମହାବିଷ୍ଣୁ ଯଜ୍ଞ

ସମ୍ବଲପୁର,୧୯।୧୨(ଭବାନୀ ଶଙ୍କର ଭୋଇ)

ପୌଷ୍ୟ କୃଷ୍ଣପକ୍ଷ ଚତୁର୍ଥୀ ଅବସରରେ ବୁଧବାର ଚନ୍ଦ୍ରକୁଣ୍ଡରେ ସ୍ଥିତ ବ୍ରହ୍ମ ମଣ୍ଡପ ପଣ୍ଡିତ ମହାସଭା ଆଶ୍ରମରେ ଶ୍ରୀ ମହାବିଷ୍ଣୁ ଯଜ୍ଞ ଓ ଶ୍ରୀ ବିଷ୍ଣୁ ଶହସ୍ର ନାମ ସ୍ତୋତ୍ର ପଠନ କରାଯାଇଥିଲା। ହିନ୍ଦୁରକ୍ଷା ଏବଂ ସନାତନ ଧର୍ମ ସୁରକ୍ଷା ନିମନ୍ତେ ପଣ୍ଡିତ ରବିନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ବିଷ୍ଣୁଙ୍କ ଆରାଧନା କରାଯାଇ ସନାତନ ଧର୍ମର ସୁରକ୍ଷା ପାଇଁ ସମସ୍ତଙ୍କୁ ଏକଜଟ ହେବାକୁ ଆହ୍ୱାନ କରାଯାଇଥିଲା। ପଣ୍ଡିତ ବଂଶୀଧର ଶତପଥୀ, ସଚ୍ଚିଦାନନ୍ଦ ମିଶ୍ର, କାଳିଦାସ ପଣ୍ଡା, ଜିତେନ୍ଦ୍ର ନନ୍ଦ, ମନବୋଧ ପାଢୀ, ସରିତ ପାଢୀ, ଚନ୍ଦ୍ରକାନ୍ତ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଗିରିଜା ପଣ୍ଡା, ସୁବ୍ରତ ପୁରୋହିତ, ରାକେଶ ମିଶ୍ର, ଅକ୍ଷୟ ପୁରୋହିତ, ହରେଶ ମିଶ୍ର, ଶିବ ପଣ୍ଡାଙ୍କ ସମେତ ମୋଟ ୩୫ଜଣ ପଣ୍ଡିତ ଉପସ୍ଥିତ ଥିଲେ। ଶେଷରେ ସାମୂହିକ ଶାନ୍ତିପାଠ ସହିତ ଯଜ୍ଞ ସମାପନ ହୋଇଥିଲା।


ପଣ୍ଡିତମାନେ ଶ୍ରୀ ବିଷ୍ଣୁ ସହସ୍ର ନାମ ସ୍ତୋତ୍ର ପଠନ କରୁଛନ୍ତି।

# ଯୁବ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ଭାରୀ ଯନ୍ତ୍ରପାତି ଚାଳନା ପାଇଁ ୩ ମାସର ତାଲିମ ବ୍ୟବସ୍ଥା**

ସମ୍ବଲପୁର,୧୯।୧୨(ପ୍ରମୋଦ ବହିଦାର)

ଭାରତ ସରକାରଙ୍କ ରାଷ୍ଟ୍ରାୟତ୍ତ ସଂସ୍ଥା ଏନ୍‌ଏଲସି ଇଣ୍ଡିଆ ଲିମିଟେଡ୍‌ର ତଲାବିରା ପକ୍ଷରୁ ସ୍ଥାନୀୟ ଯୁବକଙ୍କ ପାଇଁ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଗତ ୧୭ତାରିଖରେ ମାଲଦା ଗ୍ରାମରେ ତଲାବିରା ପ୍ରକଳ୍ପ ମୁଖ୍ୟ ଚେରୁକୁ ଦୟାନନ୍ଦ, ମାନବ ସମ୍ବଳ ଡିଜିଏମ୍ ସୁବ୍ରତ କୁମାର ବିଶ୍ୱାଳ ଓ ଅଧିକାରୀଙ୍କ ଉପସ୍ଥିତିରେ ସ୍ଥାନୀୟ ସରପଞ୍ଚଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ପ୍ରକଳ୍ପ ମୁଖ୍ୟ ଦୟାନନ୍ଦ କହିଥିଲେ ଯେ, ସ୍ଥାନୀୟ ଯୁବକମାନଙ୍କ ଦକ୍ଷତା ବିକାଶ କରି ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଏନ୍‌ଏଲସି ଇଣ୍ଡିଆର ପ୍ରଧାନ ଲକ୍ଷ୍ୟ। ତେଣୁ କମ୍ପାନୀ ପକ୍ଷରୁ ନିଆଯାଇଥିବା ଉକ୍ତ ପଦକ୍ଷେପ ସ୍ଥାନୀୟ ସମୁଦାୟ ସହିତ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ବିଶେଷ ଭାବେ ସହାୟକ ହେବ ବୋଲି ସେ ଆଶାପ୍ରକାଶ କରିଥିଲେ। ଏନ୍‌ଏଲ୍‌ସି ୧ ଓ ୨ ଖୋଲାମୁହ ଖଣି ପ୍ରକଳ୍ପ ଦ୍ୱାରା ବିଶେଷ ପ୍ରଭାବିତ ମାଲଦା ଓ ପତ୍ରପାଲି ଗ୍ରାମର ୨୦ଜଣ ବେକାର ଯୁବକଙ୍କୁ ଏହି କାର୍ଯ୍ୟକ୍ରମ ଜରିଆରେ ୩ମାସ ଧରି ବିଭିନ୍ନ ଯନ୍ତ୍ରପାତି ଚାଳନା ପାଇଁ ଆବଶ୍ୟକ ତାଲିମ ବ୍ୟବସ୍ଥା କରାଯାଇଛି। କମ୍ପାନୀର ରାଷ୍ଟ୍ରୀୟ ଦକ୍ଷତା ବିକାଶ ପରିଷଦ ଦ୍ୱାରା କର୍ପୋରେଟ୍ ସାମାଜିକ ଦାୟିତ୍ୱ(ସିଏସ୍‌ଆର୍) ଅଧିନରେ ଉକ୍ତ ଯୁବକଙ୍କ ସାମୂହିକ ଦକ୍ଷତା ବିକାଶ ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ଯୁବକମାନଙ୍କୁ ଡମ୍ପର, ଏକ୍ସାଭେଟର, ଲୋଡର ଓ ଗ୍ରେଡର ଆଦି ଖଣି ଖନନ ଓ ପରିବହନରେ ବ୍ୟବହୃତ ଭାରୀଯାନ ଓ ଯନ୍ତ୍ରପାତି ଚାଳନାର ତାଲିମ ଦିଆଯାଉଛି। ୩ ମାସର ତାଲିମ ଅବଧି ମଧ୍ୟରେ ଉକ୍ତ ଭାରୀଯାନ ଓ ଯନ୍ତ୍ରପାତି ଚାଳନା ସହିତ ଏହାର ଆବଶ୍ୟକ ସରଞ୍ଜାମ ଚିହ୍ନଟ ସହ ମରାମତି ପାଇଁ ମଧ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯିବ। ତାଲିମ ଅବଧି ଶେଷ ହେବା ପରେ ଉକ୍ତ ଯୁବକମାନେ ଆହରଣ କରିଥିବା ଶିକ୍ଷାର ମୂଲ୍ୟାୟନ କରାଯିବ। ସଫଳ ଯୁବକମାନଙ୍କୁ ରାଷ୍ଟ୍ରୀୟ ଦକ୍ଷତା ବିକାଶ ପରିଷଦ ପକ୍ଷରୁ ପ୍ରମାଣପତ୍ର ଦିଆଯାଇ ଯୋଗ୍ୟତା ଅନୁସାରେ ନିଯୁକ୍ତି ଦିଆଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।


ତାଲିମ ନେବା ପାଇଁ ଯୋଗ୍ୟ ସ୍ଥାନୀୟ ଯୁବକଙ୍କ ସହ ଏନ୍‌ଏଲ୍‌ସି ଅଧିକାରୀ ବୃନ୍ଦ।

# ଆମ୍ବେଡକରବାଦୀ ସଙ୍ଗଠନର ବିକ୍ଷୋଭ

ସମ୍ବଲପୁର,୧୯।୧୨(ପ୍ରମୋଦ ବହିଦାର)

ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଭିମରାଓ ଆମ୍ବେଦକରଙ୍କ ଉପରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ମନ୍ତବ୍ୟର ପ୍ରତିବାଦ କରିଛି ଆମ୍ବେଦକରବାଦୀ ସଙ୍ଗଠନ। ସଙ୍ଗଠନ କର୍ମକର୍ତ୍ତାମାନେ ଗୁରୁବାର ସମ୍ବଲପୁର ମୁଦପଡ଼ାଛକସ୍ଥିତ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ପ୍ରଦର୍ଶନସ୍ଥଳରେ ଅତିରିକ୍ତ ଏସପି, ଏସ୍‌ଡିପିଓ ଓ ଟାଉନ ଥାନା ଅଧିକାରୀଙ୍କ ସହ ପୋଲିସ ସୁରକ୍ଷା ବାହିନୀ ଉପସ୍ଥିତ ଥିଲେ।


ମୁଦପଡ଼ାଛକସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଜ୍ୟୋତି ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

ପାଟଣାଗଡ଼,୧୯।୧୨(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଭଇଁଷା ଜ୍ୟୋତି ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ତ୍ରିନାଥ ମହାପାତ୍ର ମୁଖ୍ୟଅତିଥି , ଗୌରଚରଣ ମହାପାତ୍ର ଓ ବିଜୟ କୁମାର ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ଅଧ୍ୟକ୍ଷା ଆଭାମୟୀ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ପ୍ରତିଯୋଗିତାକୁ ସହଦେବ ବିଶି ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଅଧ୍ୟାପକ ଜିତେନ୍ଦ୍ର ଦାଶ, ହିମାଂଶୁ ସାହୁ, ଶ୍ରୀକାନ୍ତ ଗୁରୁ, ମାନସ ସାହୁ, ଅବିନାଶ ବାଗ, ମାମିନା ବାଗ, ସୁଶ୍ରୀ ଶୁଭସ୍ମିତା ବେଜ, ରେଶ୍ମା ହୋତା, ବିରଞ୍ଚି ପଟେଲ, କୁଳମଣି ବାବୁ, ସନ୍ତୋଷ କୁମାର ପଟେଲଙ୍କ ସମେତ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ। ମନୋଜ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲା ପ୍ରଶାସନ, ଆଦିବାସୀ ସଂଘ ମଧ୍ୟରେ ଆଲୋଚନା

ବଲାଙ୍ଗୀର,୧୯।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ଜାଲ୍ ଜାତି ପ୍ରମାଣପତ୍ର ବାତିଲ ଦାବି ନେଇ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ଓ ଜିଲା ଆଦିବାସୀ କଲ୍ୟାଣ ସଂଘ ମଧ୍ୟରେ ଗୁରୁବାର ଆଲୋଚନା ହୋଇଯାଇଛି।

ପ୍ରକାଶ ଯେ, ଗତ ସୋମବାର ଦିନ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ୮ ଦଫା ଦାବି ନେଇ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ କଚେରି ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇ ଏକ ନିର୍ଦ୍ଦିଷ୍ଟ ଜାତିକୁ ଆଦିବାସୀ ତାଲିକାରୁ ହଟାଇବା ସହ ସେମାନଙ୍କୁ ଅନୁସୂଚିତ ଜନଜାତି ପ୍ରମାଣ ପତ୍ର ନ ଦେବାକୁ ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଏହି ଅବସରରେ ସେମାନେ କଚେରି ଛକ ନିକଟରେ ପ୍ରାୟ ୩ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ସେତେବେଳେ ଅତିରିକ୍ତ ଜିଲାପାଳ ପବିତ୍ର ବେହେରା ଦାବିପତ୍ର ଗ୍ରହଣ କରିଥିଲେ। ତିନିଦିନ ମଧ୍ୟରେ ଏ ସଂକ୍ରାନ୍ତରେ ଜିଲାପାଳଙ୍କ ସହ ଆଲୋଚନା ହେବ ବୋଲି ଆଦିବାସୀମାନଙ୍କୁ କୁହାଯାଇଥିଲା। ଏହି ପ୍ରସଙ୍ଗରେ ଜିଲା ପ୍ରଶାସନ ଓ ଆଦିବାସୀ ସଂଘ ପ୍ରତିନିଧିଙ୍କ ମଧ୍ୟରେ ଗୁରୁବାର ଉପରୋକ୍ତ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଦିବାସୀ ସଂଘ ପ୍ରତିନିଧିମାନେ କହିଥିଲେ, ଜାଲ୍ ଜାତି ପ୍ରମାଣପତ୍ର ନେଇ ଉକ୍ତ ନିର୍ଦ୍ଦିଷ୍ଟ ଜାତିର ଲୋକେ ଆଦିବାସୀଙ୍କ ସୁବିଧା ସୁଯୋଗ ହାତେଇ ନେଉଛନ୍ତି। ସେମାନଙ୍କ ଜାତି ପ୍ରମାଣ ପତ୍ରକୁ ତୁରନ୍ତ ବାତିଲ କରିବାକୁ ସେମାନେ ଦାବି କରିଥିଲେ। ଜିଲା ପ୍ରଶାସନ ସେହି ଜାତିବର୍ଗର ଲୋକଙ୍କୁ ଅନୁସୂଚିତ ଜନଜାତି ପ୍ରମାଣପତ୍ର ନ ଦେବାକୁ ଦାବି କରିଥିଲେ। ଜିଲାପାଳ ଗୌରବ ଶିୱାଜୀ ଇସଲୱାର ସେମାନଙ୍କ କଥା ଶୁଣି କହିଥିଲେ, ଜିଲା ପ୍ରଶାସନ ସୁପ୍ରିମକୋର୍ଟ ନିର୍ଦ୍ଦେଶ ବଳରେ ଆଦିବାସୀଙ୍କୁ ଜାତି ପ୍ରମାଣପତ୍ର ପ୍ରଦାନ କରୁଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ସେମାନଙ୍କ କର୍ତ୍ତବ୍ୟ। ସେମାନେ ଯେଉଁ ଦାବି ରଖିଛନ୍ତି ତାହା ନିର୍ଦ୍ଦିଷ୍ଟ ଫୋରମ୍‌କୁ ଜଣାଇ ଦିଆଯିବ ବୋଲି ଜଣାଇଥିଲେ। ଆଦିବାସୀ ସଂଘ ସେମାନଙ୍କ ଦାବି ଉପଯୁକ୍ତ ସ୍ଥାନରେ ନ୍ୟାୟିକ ସ୍ତରରେ ଉପସ୍ଥାପନ କରିବାକୁ ଅତିରିକ୍ତ ଜିଲାପାଳ ପବିତ୍ର ବେହେରା ଗଣମାଧ୍ୟମକୁ କହିଥିଲେ। ଏହି ଆଲୋଚନାରେ ଜିଲାପାଳଙ୍କ ସହ ଅତିରିକ୍ତ ଜିଲାପାଳ ବେହେରା, ଜିଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ ଉପସ୍ଥିତ ଥିଲେ। ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ସଭାପତି ଶ୍ୟାମସୁନ୍ଦର ବିଶି, କାର୍ଯ୍ୟକାରୀ ସଭାପତି ବନଲତା ମାଝି, ଜିଲା ସାଧାରଣ ସମ୍ପାଦକ ଥିବୀର ପୂଜାରୀ, ସୁରଥ ଧରୁଆ, ଗୌରୀଶଙ୍କର ବରିହା, ନିତ୍ୟାନନ୍ଦ ମାଝି, ମନୋରଞ୍ଜନ ଭୋଇ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକ।

**ଜାଲ୍ ଜାତି ପ୍ରମାଣପତ୍ର ବାତିଲ ଦାବି ପ୍ରସଙ୍ଗ**

# ଟିଟିଲାଗଡ଼ ବ୍ରାହ୍ମଣ ସମାଜର ସାଧାରଣ ପରିଷଦ ବୈଠକ

ଟିଟିଲାଗଡ଼,୧୯।୧୨(ସନ୍ତୋଷ ପଟ୍ଟନାୟକ)

ଟିଟିଲାଗଡ ବ୍ରାହ୍ମଣ ସମାଜର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଝାରଦେଓବନ୍ଧଠାରେ ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ ବ୍ରାହ୍ମଣ ସମାଜର ସଭାପତି ସୁବୋଧ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଆଗାମୀ ୨୦୨୫ ପାଇଁ ସମାଜର ବିଭିନ୍ନ କାର୍ଯ୍ୟକ୍ରମର ଖସଡା ପ୍ରସ୍ତୁତ କରାଯାଇଥିଲା। ମାର୍ଚ୍ଚ ମାସ ୩୦ ଓ ୩୧ ତାରିଖରେ ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମ କରାଯିବା ପାଇଁ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ଏବେଠାରୁ ଇଚ୍ଛୁକ ପିତାମାତା ଟିଟିଲାଗଡ ବ୍ରାହ୍ମଣ ସମାଜର ସଭାପତି, ସମ୍ପାଦକ କିମ୍ବା କର୍ମକର୍ତ୍ତାମାନଙ୍କୁ ଯୋଗାଯୋଗ କରିପାରିବେ। ଆଗାମୀ ପର୍ଶୁରାମ ଜୟନ୍ତୀକୁ ଧୂମଧାମରେ ପାଳନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହାବ୍ୟତୀତ ସମାଜର ସ୍ଥାୟୀ ଗୃହ ନିର୍ମାଣ ଓ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଟିଟିଲାଗଡ ବ୍ରାହ୍ମଣ ସମାଜର ସମ୍ପାଦକ ସତ୍ୟବ୍ରତ ପଣ୍ଡା ବିବରଣୀ ପାଠ କରିଥିବା ବେଳେ ବରିଷ୍ଠ ସଦସ୍ୟ ରାଜେନ୍ଦ୍ର ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସମାଜର ଉପ-ସଭାପତି ରାମନାରାୟଣ ମିଶ୍ର, ସହ-ସମ୍ପାଦକ ଶୁକଦେବ ଯୋଷୀ, କୋଷାଧ୍ୟକ୍ଷ ରମାନାଥ ଖମାରୀ, କାର୍ଯ୍ୟକାରିଣୀ କମିଟି ସଦସ୍ୟ ମୀନକେତନ ମିଶ୍ର, ମାନସ ପାଣି, ଚିନ୍ତାମଣି ମହାପାତ୍ର, ଭକ୍ତପ୍ରସାଦ ପୁରୋହିତ, ବନମାଳୀ ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ବିଜ୍ଞାନ ମେଳା: ୧୦୪ ପ୍ରକଳ୍ପ ପ୍ରଦର୍ଶିତ



ଅନ୍ୟମାନଙ୍କ ଗହଣରେ ମୁଖ୍ୟଅତିଥି ମମତା ଜୈନ ମେଳା ଉଦ୍‌ଘାଟନ କରୁଛନ୍ତି।

ଟିଟିଲାଗଡ଼,୧୯।୧୨(ଶରତ ମିଶ୍ର)

ଟିଟିଲାଗଡ ସହରର ଚାରଭଟାସ୍ଥିତ ଓମ୍‌ଭେଲି ସ୍କୁଲ ପରିସରରେ ବିଜ୍ଞାନ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟିଟିଲାଗଡ଼ ପୌରାଧ୍ୟକ୍ଷା ମମତା ଜୈନ ମୁଖ୍ୟଅତିଥି, ଟିଟିଲାଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ, ବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ଲାୟନ ଦୀପକ କୁମାର ସାହୁ, ବରିଷ୍ଠ ଆଇନଜୀବୀ ପ୍ରଦୀପ ମହାନ୍ତି, ଚାଟାର୍ଡ ଆକାଉଣ୍ଟାଣ୍ଟ ରାକେଶ ଜୈନ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମହେଶର ପ୍ରସାଦ ମିଶ୍ର , ଉପଦେଷ୍ଟା ଡ. ରବିନ ଚନ୍ଦ୍ର ପରମାଣିକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ଜୈନ ଏହି ମେଳାକୁ ଉଦ୍‌ଘାଟନ କରି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଗଣ ସାମ୍ପ୍ରତିକ ସମୟରେ ବିଜ୍ଞାନର ପ୍ରୟୋଗ ବିଧି ଓ ଉପାଦେୟତା ସମ୍ପର୍କରେ ଅଭିଭାଷଣ ରଖିଥିଲେ। ବିଚାରକ ଭାବରେ ଉମାକାନ୍ତ ସାହୁ, ଦେବାଶିଷ ସାହୁ, ନନ୍ଦ କୁମାର ହୋତା, ଜିକୁନ ଷଡ଼ଙ୍ଗୀ, ସସ୍ମିତା ପାଣିଗ୍ରାହୀ, ପ୍ରଦୀପ ମିଶ୍ର, ସନ୍ତୋଷ କୁମାର ବେହେରା, ଅନୁପମ ମୁଦୁଲି ଓ ସୌମ୍ୟରଞ୍ଜନ କର ଯୋଗ ଦେଇଥିଲେ । ମେଳାରେ ମୋଟ ୧୦୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଟିଟିଲାଗଡ଼ ଉପଜିଲାପାଳ ରେହାନ ଖେତ୍ରୀ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନର ମହତ୍ତ୍ୱ ସମ୍ପର୍କରେ କହିଥିଲେ।

# ଜିଲା କ୍ରୀଡ଼ା ସଂସଦର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ବଲାଙ୍ଗୀର,୧୯।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଜିଲା କ୍ରୀଡା ସଂସଦ ପକ୍ଷରୁ ଚାଲିଥିବା ୫୩ତମ ବାର୍ଷିକ କ୍ରୀଡା ସମାରୋହ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ ଯୋଗଦେଇ କ୍ରୀଡାବିତ୍‌ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସଂସଦ ସମ୍ପାଦକ ହରିନାରାୟଣ ପୂଜାରୀଙ୍କ ଆବାହକତ୍ୱରେ ଏବଂ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ରୀଡା ସମାରୋହରେ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଡ. ପ୍ରହ୍ଲାଦ ଶତପଥୀ, ଯୁଗ୍ମ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ ଓ ଶତ୍ରୁଘ୍ନ ସିଂ, କୋଷାଧ୍ୟକ୍ଷ ହେମନ୍ତ ବେହେରା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡା ସଂପାଦକ ବିଭୂତି ପଣ୍ଡା, ବରିଷ୍ଠ ସଭ୍ୟ ରମାକାନ୍ତ ସେଠ, ନବୀନ ବହିଦାର, ପ୍ରଭାତ ମିଶ୍ର, ଶିଶିର ବହିଦାର, ସୁଧୀର ପଣ୍ଡା, ଜୟରାମ ମିଶ୍ର, ରବୀନ୍ଦ୍ର ମିଶ୍ର, କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ, ଫୁଟବଲ ସମ୍ପାଦକ ଶରତ ନନ୍ଦ, ଭଲିବଲ ସମ୍ପାଦକ ସଂଗ୍ରାମ ବହିଦାର ଉପସ୍ଥିତ ଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ବିଶିଷ୍ଟ କ୍ରୀଡାବିଦ୍ ତଥା ପୂର୍ବତନ କ୍ରୀଡା ଶିକ୍ଷକ ସୁନୀଲ ଚନ୍ଦ୍ର ବିଶ୍ୱାଲ ପରିଚାଳନା କରିଥିଲେ । ବିଜୟ ତ୍ରିପାଠୀଙ୍କ ନେତୃତ୍ୱରେ ମାଧୁରୀ ପଣ୍ଡା ଓ ଅନ୍ୟମାନେ ସହଯୋଗ କରିଥିଲେ। କ୍ରୀଡା ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନେକ ପୂର୍ବତନ କ୍ରୀଡାବତ୍‌ମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ପରିଚାଳିତ ହୋଇଥିଲା । ଶେଷରେ ଯୁଗ୍ମ ସମ୍ପାଦକ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ । ଦ୍ୱିତୀୟ ଦିନର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୧୦ ହଜାର ମିଟର ରେସ୍‌ରେ ରାଧେଶ୍ୟାମ ହରିପାଲ, ବାଳକ ୧୬ ବର୍ଗ ଜେଭଲିନରେ ସମୀର ନାଗ, ବାଳକ ୧୮ ବର୍ଗ ଲଙ୍ଗଜମ୍ପରେ ଏଏସ୍ ଜେନିନ୍ ଆବ୍ରାହମ, ବାଳକ ୨୩ ବର୍ଗ ୨୦୦୦ ମିଟରରେ ସ୍ୱାଗତ କୁମାର ସା, ୮୦୦ ମିଟରରେ ରାଜକିଶୋର କନ୍‌ହେର, ବାଳକ ୧୮ ବର୍ଗ ୨୦୦ ମିଟରରେ ଚିତ୍ତ ରଞ୍ଜନ ପଧାନ, ବାଳକ ୨୦ ବର୍ଗ ୨୦୦ ମିଟରରେ ପଦ୍ମନାଭ ପୁଟେଲ, ବାଳିକା ୨୩ ବର୍ଗ ୨୦୦ ମିଟରରେ କମଳିନୀ ହଂସ, ବାଳିକା ୧୮ ବର୍ଗ ଲଙ୍ଗ ଜମ୍ପରେ ଦ୍ରୌପଦୀ ପ୍ରଧାନୀ, ବାଳିକା ୧୬ ବର୍ଗ ଲଙ୍ଗ ଜମ୍ପରେ କଲ୍ୟାଣୀ ପୁଞ୍ଜି, ହାଇଜମ୍ପରେ କିରଣ ମିର୍ଦ୍ଧା, ବାଳିକା ୧୮ ବର୍ଗ ସଟ୍ ପୁଟରେ ଦ୍ରୌପଦୀ ପ୍ରଧାନୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ।



ଉଦ୍‌ଯାପନୀ ସମାରୋହରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ଏଡିଏମ୍ ଡ. ବିଜୟାନନ୍ଦ ସେଠୀ ପୁରସ୍କୃତ କରୁଛନ୍ତି।

# ଶୁଲିଆ ମହୋତ୍ସବ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତା।

ଦେଓଗାଁ,୧୯।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ କୁଲତାପଡା ଶୁଲିଆ ପୀଠରେ ହେବାକୁ ଥିବା ପଞ୍ଚମ ଶୁଲିଆ ମହୋତ୍ସବର ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହୋତ୍ସବ କମିଟି ସଭାପତି ମୟ ପ୍ରଧାନୀ ସଭାପତିତ୍ୱ କରିଥିଲେ। ବନ୍ଧପଡା ସମିତି ସଭ୍ୟ କାନ୍ତେଶ୍ୱର ପଧାନ, ଯୁବନେତା ବିଶ୍ୱଜିତ ପାତ୍ର, ଅସିତ ମିଶ୍ର, ପ୍ରଫୁଲ୍ଲ ଦାସ, ଅନ୍ତ ଚୌହାନ, ପଞ୍ଚୁଦେବ ମହାନନ୍ଦ, ହିମାଂଶୁ ଗଡତ୍ୟା, କାଳିନ୍ଦ୍ରୀ ମାଝୀ, ଅର୍ଜୁନ ସାହୁ, ଚକ୍ରଧର ମଲ୍ଲିକ, ଶଶୀଭୂଷଣ ଗଡତ୍ୟା, ସୁଦାମ ବାଗ, ଦୁର୍ବାସା ସେଠ, ବରୁଣ ମହାନନ୍ଦ, ମନୋରଞ୍ଜନ ସାହୁ, ସଞ୍ଜିବ ମହାକୁର, ମନୋଜ ବାରିକ, ଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଆସନ୍ତା ୫ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଖଇରଗୁରା ଶୁଲିଆ ପାହାଡ ପାଦଦେଶରେ ତିନି ଦିନ ଧରି ମହୋତ୍ସବ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ମହୋତ୍ସବ ହେବା ସହ ରାବଣ ଦରବାର, ମୀନାବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି ।

# ଶୁଲିଆ ମହୋତ୍ସବ ବୈଠକକୁ ନେଇ ଆପତ୍ତି

ବଲାଙ୍ଗୀର,୧୯।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ପଞ୍ଚମ ଶୁଲିଆ ମହୋତ୍ସବ ଆୟୋଜନ ସକାଶେ ଖଇରଗୁରାସ୍ଥିତ ଶୁଲିଆପଦାଠାରେ ମଙ୍ଗଳବାର ଦିନ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଦେଓଗାଁ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମଣ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜାନୁୟାରୀ ୫, ୬ ଓ ୭ ତାରିଖ ୩ ଦିନ ଧରି ମହୋତ୍ସବ ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ବିଭିନ୍ନ ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇବା ପରେ ଶୁଲିଆ ମହୋତ୍ସବ ସଭାପତି ମୟ ପ୍ରଧାନୀ ଏହାକୁ ନେଇ ଆପତ୍ତି ଉଠାଇଥିଲେ। ଆଦିବାସୀଙ୍କ ପାରମ୍ପରିକ ଶୁଲିଆ ଯାତ୍ରାକୁ ଅଣଆଦିବାସୀମାନେ ଷଡଯନ୍ତ୍ର କରି ହାତେଇ ନେବାର ଅପଚେଷ୍ଟା କରୁଥିବା ପ୍ରେସବିଜ୍ଞପ୍ତି ମାଧ୍ୟମରେ ପ୍ରଧାନୀ ଅଭିଯୋଗ ଆଣିଥିଲେ। ଏ ନେଇ ଗଠନ କରାଯାଇଥିବା ବିଭିନ୍ନ କମିଟିକୁ ବେଆଇନ ବୋଲି ସେ ଉକ୍ତ ପ୍ରେସ ବିଜ୍ଞପ୍ତିରେ କହିଥିଲେ। ଗୁରୁବାର ମୟ ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଶୁଲିଆ ମହୋତ୍ସବ ପାଇଁ ଆଲୋଚନା କରାଯାଇଥିବା ସୂଚନା ଦିଆଯାଇଛି।

# ଚୋରି ବାଇକ୍ ଜବତ: ୩ ଗିରଫ

ଲୋଇସିଂହା,୧୯।୧୨(ସୁଶାନ୍ତ ବାରିକ)

ଲୋଇସିଂହା ଥାନା ଅନ୍ତର୍ଗତ ସାଲେଭଟାରୁ ଚୋରି ହୋଇଥିବା ଏକ ବାଇକ୍‌କୁ (ନଂ ଓଡି୩୧୨୮୪୫) ପୋଲିସ ଜବତ କରିଛି। ବାଇକ୍ ଚୋରି ଅଭିଯୋଗରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ଜିଲା ପାଟଣାଗଡର ସଞ୍ଜୀବ ମେହେର(୩୬), ତୁଷୁରା ଥାନା ତୁଷୁଡା ଗ୍ରାମର ଚନ୍ଦ୍ରଶେଖର ରାଏ(୩୪) ଓ ବୌଦ୍ଧ ଜିଲା ଘଣ୍ଟପଡା ଥାନା ଫାସଡ ଗ୍ରାମର ଅରୂପ ପୁଟା(୨୬)। ବୁଧବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ଯାଜ୍ଞସିନୀ ନାୟକ କହିଛନ୍ତି। ଗତ ୧୬ ତାରିଖ ଦିନ ଲୋଇସିଂହା ଥାନା ଆଗଲପୁର ବ୍ଲକ ହରଭଙ୍ଗା ଗ୍ରାମର ରସାନନ୍ଦ ସାହୁ କୌଣସି କାର୍ଯ୍ୟରେ ସାଲେଭଟା ଆସିଥିଲେ। ବସଷ୍ଟାଣ୍ଡ ଅଞ୍ଚଳରେ ବାଇକ୍ ରଖିଥିବା ବେଳେ ଏହା ଚୋରି ହୋଇଥିଲା।

# ମାରୱାଡି ଯୁବା ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର

କଣ୍ଟାବାଞ୍ଜି,୧୯।୧୨(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମାରୱାଡି ଯୁବାମଞ୍ଚ ଓ ପ୍ରଗତି ଶାଖା ପକ୍ଷରୁ ଗୁରୁବାର ଦିନ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ଯୁବା ମଞ୍ଚର ଆହ୍ୱାନରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାରଠାରେ ଏହି ରକ୍ତଦାନ ଶିବିର ହୋଇଥିଲା । ଅତିଥି ଭାବେ ଭାଜପା ଜିଲା ସଭାପତି ଶିବାଜୀ ମହାନ୍ତି, ନଗର ସଭାପତି ବେଦବ୍ୟାସ ନାଗ, ଅଗ୍ରୱାଲ ସଭା ଟ୍ରଷ୍ଟ ସଭାପତି କୈଳାସ ଅଗ୍ରୱାଲ, ସମ୍ପାଦକ ସନ୍ତୋଷ ଅଗ୍ରୱାଲ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ବିଧାୟକ ଅୟୁବ ଖାଁ, ନଗରପାଳ ବରୀୟମ ସିଂ ସାଲୁଜା, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅଜିତ ଯୋଶୀ, ସମାଜିକ କର୍ମୀ ସଞ୍ଜୟ ଗାନ୍ଧୀ ଯୋଗ ଦେଇଥିଲେ। ଶିବିରରେ ୨୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ମୋହନ ସୋନି, ଯୁବା ମଞ୍ଚ ସଭାପତି ବିମଲ ଜୈନ, ସମ୍ପାଦକ ଚିରଗ ଅଗ୍ରୱାଲ, ନାରାୟଣ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

# ବିଜୁ ଯୁବ ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନ

ଲୋଇସିଂହା,୧୯।୧୨(ସୁଶାନ୍ତ ବାରିକ)

ଗୁରୁବାର ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନମଣ୍ଡଳୀ ବିଜୁ ଯୁବ ଜନତା ଦଳ ତରଫରୁ ଅନ୍‌ଲାଇନ ଜରିଆରେ ସଦସ୍ୟତା ଅଭିଯାନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଜେଡି ବିଧାୟକ ପ୍ରାର୍ଥୀ ନିହାରରଞ୍ଜନ ବେହେରା ଅଧ୍ୟକ୍ଷତା କରିଥିଲେ । ଏଥିରେ ବଲାଙ୍ଗୀର ଜିଲା ଯୁବ ବିଜେଡି ପାଇଁ ନିଯୁକ୍ତ ହୋଇଥିବା ପର୍ଯ୍ୟବେକ୍ଷକ ଅମ୍ବିକା ଦାସ, ଜିଲା ଯୁବ ସଭାପତି ରାଜେନ୍ଦ୍ର ହୋତା ଅତିଥି ଭାବେ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଲୋଇସିଂହା ବ୍ଲକ ସଭାପତି ହୃଦୟାନନ୍ଦ ବେହେରା, ଆଗଲପୁର ବ୍ଲକ ସଭାପତି ପଞ୍ଚୁ ସାହୁ ଓ ପୁଇଁତଲା ବ୍ଲକ ସଭାପତି ବିଷ୍ଣୁ ପଟେଲ , ୩ ବ୍ଲକର ଯୁବ ଏବଂ ଛାତ୍ର ସଭାପତିଙ୍କ ସମେତ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩ ବ୍ଲକର ୬୫ ପଞ୍ଚାୟତର ଯୁବକ ଓ ଛାତ୍ରମାନେ ସାମିଲ ହୋଇଥିଲେ । ବିଶେଷ କରି ଦଳରେ କିପରି ଅଧିକରୁ ଅଧିକ ଯୁବକ ଓ ଛାତ୍ର ଯୋଡି ହୋଇ ପାରିବେ ସେ ନେଇ ଆଲୋଚନା କରାଯାଇଥିଲା । କିପରି ଭାବେ ଦଳ ତୃଣମୂଳ ସ୍ତରରେ ଆହୁରି ସୁଦୃଢ ହେବ ସେ ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ ।



ବୈଠକରେ ଉପସ୍ଥିତ ପର୍ଯ୍ୟବେକ୍ଷକ ଓ କାର୍ଯ୍ୟକର୍ତ୍ତା।

# ଚାଷୀଙ୍କୁ ନେଇ କୃଷି ବିଭାଗର ବୈଠକ

ଲୋଇସିଂହା,୧୯।୧୨(ସୁଶାନ୍ତ ବାରିକ)



**ଚିନାବାଦାମ,ହରଡ ବିହନ ବଣ୍ଟନରେ ଅନିୟମିତତା ଅଭିଯୋଗ**

ଗୁରୁବାର ବଲାଙ୍ଗୀର ଜିଲା କୃଷି ବିଭାଗର ନିର୍ଦ୍ଦେଶ କ୍ରମେ ଆଗଲପୁର ବ୍ଲକ ନଅଗାଁ(ଖ) ଓ ସାନଟିକା ଗ୍ରାମର ଚାଷୀଙ୍କୁ ନେଇ ଉଭୟ ଗ୍ରାମରେ ସ୍ୱତନ୍ତ୍ର ଭାବେ କୃଷି ବିଭାଗର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ୨୦୨୪ ଖରିଫରେ ଚିନାବାଦାମ ଓ ହରଡ ବିହନ ବଣ୍ଟନରେ ଅନିୟମିତତାକୁ ନେଇ ଏହି ବୈଠକ ହୋଇଥିଲା । ବିହନ ବଣ୍ଟନ କ୍ଷେତ୍ରରେ କୃଷି ବିଭାଗ ପକ୍ଷରୁ ତେନ୍ତୁଲିଖୁଣ୍ଟି ଗ୍ରାମର ଚାଷୀଙ୍କୁ ଅନୁକମ୍ପା ପ୍ରଦର୍ଶନ କରାଯାଇଥିବା ବେଳେ ନଅଗାଁ(ଖ)ର ହାତଗଣତି ଚାଷୀ ଉପକୃତ ହୋଇଛନ୍ତି । ସେହିପରି ସାନଟିକା ଗ୍ରାମର ଜଣେ ମଧ୍ୟ ଚାଷୀ ଉକ୍ତ ଯୋଜନାରେ ଉପକୃତ ହୋଇ ନ ଥିବାରୁ ବୈଠକରେ ଚାଷୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ବୈଠକରେ ବ୍ଲକ କୃଷି ଅଧିକାରୀ ଆଶିଷ ପାଣିଗ୍ରାହୀ,ସହକାରୀ କୃଷି ଅଧିକାରୀ ଏସ.ବଡପଣ୍ଡା, ସ୍ଥାନୀୟ ଗ୍ରାମ୍ୟ କୃଷି କର୍ମଚାରୀ ଜୟନ୍ତୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ବିଭାଗ ପକ୍ଷରୁ ଘଟଣାର ଅନୁଧ୍ୟାନ କରାଯାଇ ପ୍ରକୃତ ଚାଷୀମାନଙ୍କୁ ଏଣିକି ମାଗଣା ବିହନ, ସାର,କୀଟନାଶକ ଆଦି ଦିଆଯିବ ବୋଲି କୃଷି ଅଧିକାରୀ କହିଥିଲେ। ପ୍ରକାଶଥାଉ କି, ୨୦୨୪ ଖରିଫ ଚିନାବାଦାମ ଓ ହରଡ ବିହନ ବଣ୍ଟନରେ ଅନିୟମିତତା ହୋଇଥିବା ନେଇ ଜିଲା କୃଷି ଅଧିକାରୀଙ୍କ ନିକଟରେ ଚାଷୀମାନେ ଫେରାଦ ହୋଇଥିଲେ। ଏହାଛଡା ସରକାରଙ୍କ ଜରିଆରେ ଆସୁଥିବା ମାଗଣା ବିହନ,ସାର,କୀଟନାଶକ ଔଷଧ ଆଦି ଚାଷୀଙ୍କୁ ବଣ୍ଟନ ନ କରି ବାଟମାରଣା କରାଯାଉଛି। ବ୍ଲକ କୃଷି ଅଧିକାରୀ କ୍ଷେତ୍ର ପରିଦର୍ଶନ କରୁ ନ ଥିବା ବେଳେ ଗ୍ରାମ୍ୟ କୃଷି କର୍ମଚାରୀ ପଞ୍ଚାୟତ ସଦର ମହକୁମାରେ ରହୁ ନ ଥିବା ନେଇ ଚାଷୀମାନେ ଅଭିଯୋଗରେ ଦର୍ଶାଇଥିଲେ। ଗତ ୧୩ ତାରିଖ ଅଭିଯୋଗ ଉପରେ ଜିଲାସ୍ତରୀୟ ଅଧିକାରୀ ତଦନ୍ତ ପାଇଁ କ୍ଷେତ୍ର ପରିଦର୍ଶନ କରିଥିଲେ। ଡିସେମ୍ବର ୧ ତାରିଖରେ 'ବିହନ ବଣ୍ଟନରେ ଅନିୟମିତତା'ନେଇ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା ।

## ସଂକ୍ଷେପରେ

### ମା' ମାହେଶ୍ୱରୀ ଡିଗ୍ରୀ କଲେଜରେ କର୍ମଶାଳା

ବାଉଁଶୁଣୀ,୧୯।୧୨(ଦେବାଶିଷ ନେପାକ)

ଗୁରୁବାର ବାଉଁଶୁଣୀ ମା' ମାହେଶ୍ୱରୀ ଡିଗ୍ରୀ କଲେଜଠାରେ ଓଡ୍ରାଫର କାର୍ଯ୍ୟ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ମୁଖ୍ୟଅତିଥି ଭାବରେ ସୁଦାମ ଚରଣ ସାମଲ ଓ ସମ୍ମାନିତ ଅତିଥି ଭାବେ କଲେଜର ଅଧ୍ୟକ୍ଷ ଅନିରୁଦ୍ଧ ମହାକୁଡ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ପଣ୍ଡା, ଅଧ୍ୟାପକ ଶଶିକାନ୍ତ ଜେନା, ବାବାରାମ ଦେହୁରୀ, ମନୋରଞ୍ଜନ ଘଡେଇ ଯୋଗ ଦେଇଥିଲେ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ୍ରାଫର କାର୍ଯ୍ୟ ଓ ସାଧାରଣ ଲୋକଙ୍କ କର୍ତ୍ତବ୍ୟ ସମ୍ପର୍କରେ ଓଡ୍ରାଫର ଅଧିକାରୀ ମାନେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ ।

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଜ୍ୟୋତି ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

ପାଟଣାଗଡ଼,୧୯।୧୨(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଭଇଁଷା ଜ୍ୟୋତି ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ତ୍ରିନାଥ ମହାପାତ୍ର ମୁଖ୍ୟଅତିଥି , ଗୌରଚରଣ ମହାପାତ୍ର ଓ ବିଜୟ କୁମାର ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ଅଧ୍ୟକ୍ଷା ଆଭାମୟୀ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ପ୍ରତିଯୋଗିତାକୁ ସହଦେବ ବିଶି ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଅଧ୍ୟାପକ ଜିତେନ୍ଦ୍ର ଦାଶ, ହିମାଂଶୁ ସାହୁ, ଶ୍ରୀକାନ୍ତ ଗୁରୁ, ମାନସ ସାହୁ, ଅବିନାଶ ବାଗ, ମାମିନା ବାଗ, ସୁଶ୍ରୀ ଶୁଭସ୍ମିତା ବେଜ, ରେଶ୍ମା ହୋତା, ବିରଞ୍ଚି ପଟେଲ ସହଯୋଗ କରିଥିଲେ।

### ମାରୱାଡି ଯୁବାମଞ୍ଚ ପକ୍ଷରୁ ରକ୍ତଦାନ ଶିବିର

କଣ୍ଟାବାଞ୍ଜି,୧୯।୧୨(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମାରୱାଡି ଯୁବାମଞ୍ଚ ଓ ପ୍ରଗତି ଶାଖା ପକ୍ଷରୁ ଗୁରୁବାର ଦିନ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ଯୁବା ମଞ୍ଚର ଆହ୍ୱାନରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାରଠାରେ ଏହି ରକ୍ତଦାନ ଶିବିର ହୋଇଥିଲା । ଅତିଥି ଭାବେ ଭାଜପା ଜିଲା ସଭାପତି ଶିବାଜୀ ମହାନ୍ତି, ନଗର ସଭାପତି ବେଦବ୍ୟାସ ନାଗ, ଅଗ୍ରୱାଲ ସଭା ଟ୍ରଷ୍ଟ ସଭାପତି କୈଳାସ ଅଗ୍ରୱାଲ, ସମ୍ପାଦକ ସନ୍ତୋଷ ଅଗ୍ରୱାଲ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ଅୟୁବ ଖାଁ, ନଗରପାଳ ବରୀୟମ ସିଂ ସାଲୁଜା, ବିଜେଡି ନେତା ଅଜିତ ଯୋଶୀ, ସଞ୍ଜୟ ଗାନ୍ଧୀ ଯୋଗ ଦେଇଥିଲେ। ଶିବିରରେ ୨୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।



ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିଗଣ।

# ନାଚଗୀତରେ ଦୁଲୁକିଲା ମଞ୍ଚ

**ପଦ୍ମପୁର ଲୋକ ମହୋତ୍ସବର ସାଂସ୍କୃତିକ ପର୍ବ**

ପଦ୍ମପୁର,୧୯।୧୨(ପ୍ରଦୀପ୍ତ ଦାଶ)

ପଦ୍ମପୁର ଅଶୋକ ଖେଳ ପଡିଆରେ ଟାଉନ କ୍ଲବ ତରଫରୁ ଆୟୋଜିତ ଚତୁର୍ଥ ପଦ୍ମପୁର ଲୋକ ମହୋତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ପଦ୍ମପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଅମ୍ରିତପାଲ କୌର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲବର ବରିଷ୍ଠ ସଦସ୍ୟ ଶିରୀଶ କୁମାର ବହିଦାର, ଗୋବିନ୍ଦ ଅଗ୍ରୱାଲ, ଖବରଦାତା ଲାଲବିହାରୀ ମିଶ୍ର, ବଣିକ ସଂଘ ସଭାପତି ପ୍ରତାପ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲବ ସଭାପତି ପ୍ରିତେଶ କୁମାର ବହିଦାର ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଆବାହକ ଅଶୋକ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କଣ୍ଠଶିଳ୍ପୀ ମିନାକ୍ଷୀ ରାଉତଙ୍କ ଲୋକଗୀତରୁ ସାଂସ୍କୃତିକ ସନ୍ଧ୍ୟା ଆରମ୍ଭ ହୋଇଥିଲା। ଅବସରପ୍ରାପ୍ତ ଅଧ୍ୟାପକ ତଥା ବରିଷ୍ଠ କଳାକାର କେଶରଞ୍ଜନ ପଧାନ ଓ ନାଟ୍ୟକାର ଅଶୋକ କୁମାର ବହିଦାର ମଞ୍ଚ ସଂଯୋଜନା କରିଥିବା ବେଳେ ସଂସ୍କୃତିକା ପୁରୋହିତ ଓ ସୁରଟ ଗୁରୁ ଉଦ୍‌ଘୋଷକ ଦାୟିତ୍ୱ ତୁଲାଇଥିଲେ। ପୁରୀ ନୃତ୍ୟ ବିଦ୍ୟାଳୟ ଅନୁଷ୍ଠାନ, ବାଳିକା ଉଚ୍ଚ ବିଦ୍ୟାଳୟ କଲ୍ୟାଣ ବିଭାଗ ସାଂସ୍କୃତିକ ଦଳ, ସମ୍ବଲପୁରର ଆମର କଳା ଆମର ସଂସ୍କୃତି ଅନୁଷ୍ଠାନ, ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁର, ପାଟଣାଗଡ଼ ସତ କୁଆଁରୀ ସାଂସ୍କୃତିକ ଅନୁଷ୍ଠାନ, ବରଗଡ଼ ବୋଧାନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷାକ୍ଷେତ୍ରରେ ଅବଦାନ ପାଇଁ ଲକ୍ଷ୍ମୀନାରାୟଣ ଷଡ଼ଙ୍ଗୀଙ୍କୁ ସମ୍ମାନିତ କରାଯାଇଥିଲା। ସେହି ପରି ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚସୀନ ଅତିଥିଗଣ।

## ରେଙ୍ଗାଲି କ୍ୟାମ୍ପରେ ଅନ୍ନଦାତା ଦିବସ ପାଳିତ

ସରଣ୍ଡା, ୧୯।୧୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଜହ୍ନପଡା ପଞ୍ଚାୟତ ରେଙ୍ଗାଲିକ୍ୟାମ୍ପରେ ଗୁରୁବାର ଭାରତୀୟ ଷ୍ଟେଟ ବ୍ୟାଙ୍କ ଅତାବିରା ଶାଖା ପକ୍ଷରୁ ଅନ୍ନଦାତା ଦିବସ ପାଳିତ ହୋଇଯାଇଛି। ଏଥିରେ ଶାଖା ମୁଖ୍ୟ ପ୍ରବନ୍ଧକ ସୁଧାଂଶୁ ଶେଖର ସାହୁ ଅଧ୍ୟକ୍ଷତା କରିବା ସହ ବ୍ୟାଙ୍କ ମାଧ୍ୟମରେ କୃଷକମାନଙ୍କ ଉନ୍ନତି ସକାଶେ ଥିବା ବିଭିନ୍ନ ଯୋଜନା ଓ ଋଣ ବିଷୟରେ କହିଥିଲେ। ଅବସରପ୍ରାପ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ବିଜୟ ପଟ୍ଟନାୟକ ମୁଖ୍ୟ ଅତିଥି, କୃଷକ ବିରେନ କର ଓ ଗୟାପ୍ରସାଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃଷକମାନଙ୍କ ହିତ ତଥା ଅଧିକ ଉପାର୍ଜନ ପାଇଁ ଆବଶ୍ୟକ ପଦକ୍ଷେପ ଗୁଡ଼ିକ ବିଷୟରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ବ୍ୟାଙ୍କ ମାଧ୍ୟମରେ ସରକାରୀ ଯୋଜନାରେ ସାମିଲ ହୋଇ ସଫଳ ହୋଇଥିବା ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପ ପ୍ରବନ୍ଧକ ପ୍ରାଣ ରଞ୍ଜନ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ।

## ସାମାଜିକ କର୍ମୀଙ୍କ ପରଲୋକ

ପାଇକମାଲ,୧୯।୧୨(ବଡ଼ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ବରତୁଣ୍ଡା ପଞ୍ଚାୟତ ବାଦିବାହାଲ ଗ୍ରାମର ବରିଷ୍ଠ ସମାଜସେବୀ ତଥା ବାଲ୍‌କୋ ହଟାଓ ଗନ୍ଧମାର୍ଦ୍ଦନ ବଞ୍ଚାଅ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିବା ଗୋବର୍ଦ୍ଧନ ଜଗତଙ୍କ ବୁଧବାର ବାଦିମାଲସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୦ବର୍ଷ ବୟସ ହୋଇଥିଲା। ସେ ବାଦିବାହାଲ ଗ୍ରାମରେ ୩ ଥର ୱାର୍ଡମେମ୍ବର ଓ ଥରେ ବରତୁଣ୍ଡା ପଞ୍ଚାୟତର ନାଏବ ସରପଞ୍ଚ ଥିଲେ। ସନ୍ଧ୍ୟାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଜଗତ ତାଙ୍କ ପଛରେ ସ୍ତ୍ରୀ, ଗୋଟିଏ ପୁଅ ୪ ନାତୁଣୀ ନାତିଙ୍କୁ ଛାଡ଼ିଯାଇଛନ୍ତି। ତାଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଶୋକ ପ୍ରକାଶ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ବରପାଲି ଜଳସେଚନ ବିଭାଜନ ପକ୍ଷରୁ ପ୍ରତିଯୋଗିତା

ବରପାଲି,୧୯।୧୨(ଚିତ୍ତରଞ୍ଜନ ସାହୁ)



ବରପାଲି ଜଳସେଚନ ବିଭାଜନ ପକ୍ଷରୁ ସ୍ଥାନୀୟ ଗଙ୍ଗାଧର ଏନ୍‌ଏସି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ବରପାଲି ଜଳସେଚନ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ମଦନ ମୋହନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଘନଶ୍ୟାମ ସେଠ, ରାମପୁର ସହକାରୀ ନିର୍ବାହୀ ଯନ୍ତ୍ରୀ ଅଭିନନ୍ଦନ କିଷାନ, କନିଷ୍ଠ ଯନ୍ତ୍ରୀ ଅଭିନାଶ ହାଂସଦା, ଶ୍ରୀକାନ୍ତ କୁଜୁର ଏବଂ ବରିଷ୍ଠ ସହାୟକ ଅତୁଲ କୁମାର ପଟେଲ ପ୍ରମୁଖ ଯୋଗଦେଇ ପାଣି ପଞ୍ଚାୟତ ପକ୍ଷ ପାଳନ ସମ୍ବନ୍ଧରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ପରେ ବରପାଲି ବ୍ଲକସ୍ତରୀୟ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ସାଧାରଣ ଜ୍ଞାନ, ଚିତ୍ରାଙ୍କନ ଓ ତର୍କ ପ୍ରତିଯୋଗିତା ହୋଇଥିଲା। ଏଥିରେ ସମୁଦାୟ ୪୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨ ଜଣ ଉତ୍ତୀର୍ଣ୍ଣ ହୋଇଥିଲେ। ଏବିଇଓ ରତ୍ନକୁମାର ଭୋଇଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜନ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଆସନ୍ତା ୨୨ ତାରିଖରେ ବରପାଲି କେନାଲ କଲୋନୀ ସ୍ଥିତ ଜଳସେଚନ ବିଭାଜନରେ ପୁରସ୍କାର ପ୍ରଦାନ କରାଯିବ ବୋଲି ଜଣାପଡିଛି।

## କୃଷକ ସଙ୍ଗଠନ ସଦସ୍ୟଙ୍କ ମଣ୍ଡି ପରିଦର୍ଶନ


ପାହାଡ଼ଶ୍ରୀଗୀଡାରେ ଚାଷୀଙ୍କ ସହ କୃଷକ ସଙ୍ଗଠନ ସଦସ୍ୟଗଣ।

ସରଣ୍ଡା,୧୭।୧୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନ ବିଭିନ୍ନ ମଣ୍ଡିକୁ ମଙ୍ଗଳବାର ଓଡିଶା ରାଜ୍ୟ କୃଷକ ସଙ୍ଗଠନ ସଦସ୍ୟମାନେ ପରିଦର୍ଶନ କରିଥିଲେ। ସଙ୍ଗଠନ ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ସେମାନେ ଗୋଡ଼ଭଗା, ଅତାବିରା, କାଦୋବାହାଲ, ଲରମ୍ଭା, ପତ୍ରାପାଲି, ଝିଲିମିଣ୍ଡା, କାଠଡେରା, ଖରମୁଣ୍ଡା, ପାହାଡ଼ଶ୍ରୀଗୀଡା, ଗୌଡ଼ଟିକ୍ରା ଆଦି ମଣ୍ଡିକୁ ଯାଇ ଗଚ୍ଛିତ ଧାନର ସ୍ଥିତି ପରଖିଥିଲେ। ଗତ ନଭେମ୍ବର ୨୦ରୁ ମଣ୍ଡି ଖୋଲିଥିଲେ ମଧ୍ୟ ଏବେ ସୁଦ୍ଧା ଲକ୍ଷ୍ୟଧାର୍ଯ୍ୟର ୩୩ରୁ ୩୫ ପ୍ରତିଶତ ଧାନ ଉଠିଛି। ଏହା ଚାଷୀଙ୍କ ଚିନ୍ତାକୁ ବଢାଇ ଦେଇଛି ବୋଲି ସଙ୍ଗଠନ ଅଭିଯୋଗ କରିଛି। ଅନ୍ୟପଟେ ଆସନ୍ତା ଜାନୁୟାରୀ ପହିଲାରୁ କେନାଲ ପାଣି ଛଡ଼ାଯିବାର ଅଛି। ରବି ଋତୁ ପାଇଁ କେନାଲ ପାଣି ଆସିଲା କ୍ଷଣି ଚାଷ କାର୍ଯ୍ୟ କରିବାକୁ ପଡିବ। ହେଲେ ଟୋକନ ବିଳମ୍ବ, ଧାନ ଉଠାଣରେ ଶୀଥିଳତା ଯୋଗୁ ବହୁ ଚାଷୀଙ୍କ ଧାନ ଖଳା ଓ ରାସ୍ତାକଡ଼ରେ ପଡି ରହିଛି। ମଣ୍ଡି ଗୁଡିକରେ ମଧ ଚାଷୀଙ୍କ ଧାନ ପଡି ରହିଛି। ଫଳରେ ଚାଷୀ କେବେ ଧାନ ବିକିବ ଏବଂ ଜାନୁୟାରୀ ପ୍ରଥମ ସପ୍ତାହରୁ ରବି ଋତୁ ପାଇଁ ଚାଷ କାର୍ଯ୍ୟ ପାଇଁ ପହ୍ଲା ପକା ଓ ରୁଆ ଆରମ୍ଭ କରିବ ତାକୁ ନେଇ ସଙ୍ଗଠନ ଅସନ୍ତୋଷ ବ୍ୟକ୍ତ କରିଛି। ଆଗାମୀ ଦିନରେ ଧାନବିକ୍ରି ଅବ୍ୟବସ୍ଥା ସୁଧାରିବା ଓ ଜାନୁୟାରୀ ୫ ତାରିଖ ସୁଦ୍ଧା ଧାନ ବିକ୍ରି ଶେଷ କରିବାକୁ ବରଗଡ଼ ଜିଲାପାଳଙ୍କ ଠାରେ ଦାବି ଉପସ୍ଥାପନ କରାଯିବ ବୋଲି ସଙ୍ଗଠନ ସଭାପତି କର ପ୍ରକାଶ କରିଛନ୍ତି।

## ସିଆଇଏସ୍‌ଏଫ୍ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ


ଶ୍ମଶାନରେ ମୃତ ଯବାନଙ୍କୁ ତୋପ ସଲାମୀ ପ୍ରଦାନ କରାଯାଉଛି।

ସରଣ୍ଡା,୧୯।୧୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କେନ୍ଦପାଲି ଗ୍ରାମର ଯବାନ ବିଜୟ ପ୍ରଧାନ (୨୭)ଙ୍କ ଏକ ଦୁର୍ଘଟଣାରେ ବୁଧବାର ମୃତ୍ୟୁ ଘଟିଥିଲା। ଗୁରୁବାର ତାଙ୍କ ପାର୍ଥିବ ଶରୀର ଗାଁକୁ ଆସିବା ପରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏହାପୂର୍ବରୁ ଗାଁ ଶ୍ମଶାନରେ କନ୍ସକାମ ସ୍ଥିତ ସିଆଇଏସ୍‌ଏଫ୍ ୟୁନିଟ୍‌ର ସବ୍‌ଇନ୍ସପେକ୍ଟର ଏସ୍. କେ. ଯାଦବଙ୍କ ନେତୃତ୍ୱରେ ସ୍ୱର୍ଗତ ପ୍ରଧାନଙ୍କୁ ତୋପ ସଲାମୀ ପ୍ରଦାନ କରାଯାଇଥିଲା। ପରେ ବଡ଼ ଭାଇ ଦାମୋଦର ପ୍ରଧାନ ମୁଖାଗ୍ନି ଦେଇଥିଲେ।

ସୂଚନାଯୋଗ୍ୟ, ୨୦୧୭ରୁ ବିଜୟ କନ୍ସକାମ ସ୍ଥିତ ସିଆଇଏସ୍‌ଏଫ୍ ୟୁନିଟ୍ ଡିଇଟିରେ ନମ୍ବର ୧୭୦୮୨୨୫୦୯ ସିଟି/ଜିଡି ଭାବେ କାର୍ଯ୍ୟରତ ଥିଲେ। ଗତ ୯ ତାରିଖରେ ସେ ଛୁଟିରେ କେନ୍ଦପାଲିସ୍ଥିତ ନିଜ ଘରକୁ ଆସିଥିଲେ। ବୁଧବାର ସେ କୌଣସି ଏକ କାମରେ ତାଙ୍କ ବନ୍ଧୁ ଏମ୍. ବାଲକୃଷ୍ଣଙ୍କ ସହ ନିଜ ବୁଲେଟ (ନଂ.ଓଡ଼ି୧୭ଏଡ଼ି/୧୫୮୭) ଯୋଗେ ସମ୍ବଲପୁର ଯାଇଥିଲେ। ସନ୍ଧ୍ୟାରେ ଫେରୁଥିବା ବେଳେ ସମ୍ବଲପୁର-ବରଗଡ଼ ୫୩ ନମ୍ବର ଜାତୀୟ ରାଜପଥର ଗୋଡ଼ଭଗା ନିକଟସ୍ଥ ଘୁଡୁକାଟିକ୍ରା ଛକରେ ହଠାତ ଏକ ପିକଅପ ଭ୍ୟାନ୍ (ନଂ.ଓଡ଼ି୧୫ସି/୬୦୩୧) ଅପରପାର୍ଶ୍ୱ ରାସ୍ତାକୁ ଯିବା ପାଇଁ କ୍ରସିଂ ଆଡ଼କୁ ଗାଡି ବୁଲାଇ ଦେବାରୁ ପଛରୁ ଆସୁଥିବା ବିଜୟଙ୍କ ବୁଲେଟରେ ବାଡେଇ ହୋଇଥିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଫଳରେ ବିଜୟ ଓ ବାଲକୃଷ୍ଣ ଗୁରୁତର ହୋଇଥିଲେ। ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ବିଜୟଙ୍କୁ ମୃତ ଘୋଷଣା କରିଥିଲେ।

## କାୟାକଳ୍ପ ପୁରସ୍କାର ବିତରଣ ଉତ୍ସବ

ବାଉଁଶୁଣୀ,୧୯।୧୨(ଦେବାଶିଷ ନେପାକ)

ଗୁରୁବାର ବୌଦ୍ଧ ବ୍ଲକ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ଅନ୍ତର୍ଯ୍ୟାମୀ ବେହେରା ଅଧ୍ୟକ୍ଷତା କରିଥିଲେ । ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜୟକୃଷ୍ଣ ମିଶ୍ର ଯୋଗ ଦେଇଥିଲେ । ସ୍ୱାସ୍ଥ୍ୟ ବିଭାଗର ଅନ୍ୟ ଅଧିକାରୀମାନେ ମଞ୍ଚାସୀନ ଥିଲେ । କାୟାକଳ୍ପ ପୁରସ୍କାର ପାଇଁ ସରକାରଙ୍କ ଦ୍ୱାରା ମନୋନୀତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଉପ କେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ସହ କର୍ମଚାରୀଙ୍କୁ ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା ।

## ୨୧୦ ପ୍ରକଳ୍ପର ମୂଲ୍ୟାଙ୍କନ ହେଲା

ବରପାଲି,୧୯।୧୨(ଚିତ୍ତରଞ୍ଜନ ସାହୁ)


ପ୍ରଦର୍ଶିତ ପ୍ରକଳ୍ପର ମୂଲ୍ୟାଙ୍କନ କରାଯାଉଛି।

**ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀର ଦ୍ୱିତୀୟ ଦିବସ**

ବରପାଲି ସରକାରୀ ବାଳକ ଉଚ୍ଚବିଦ୍ୟାଳୟ ଖେଳପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀର ଗୁରୁବାର ଥିଲା ଦ୍ୱିତୀୟ ଦିବସ। ଏହି ଦିବସରେ ବିଭିନ୍ନ ଜିଲାରୁ ଆସିଥିବା ୨୧୦ଟି ପ୍ରକଳ୍ପର ମୂଲ୍ୟାଙ୍କନ କରାଯାଇଥିଲା। ବରଗଡ଼ ନିଷ୍ଠା ପରିବାର ଆନୁକୂଲ୍ୟରେ ଚାଲିଥିବା ରକ୍ତଦାନ ଶିବିରରେ ୫୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ରାଜବୋଡ଼ାସମ୍ବର ବ୍ଲକ ଶିକ୍ଷାଧିକାରୀ ଲୋକନାଥ ଭୋଇ ପ୍ରଥମେ ରକ୍ତଦାନ କରି ଶିବିରର ଶୁଭାରମ୍ଭ କରିଥିଲେ। ପ୍ରଥମାର୍ଦ୍ଧରେ ଅନୁଷ୍ଠିତ ଓରିଗେମି ପ୍ରତିଯୋଗିତା ସଞ୍ଜୀବ କୁମାର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁଶ୍ରୀ ପ୍ରୀତିରଶ୍ମି ସେଠ୍, ସୁଶ୍ରୀ ମମତା ନାଗ ଓ ସୁଶ୍ରୀ ଜ୍ୟୋତ୍ସ୍ନାରାଣୀ ବରିହା ସହଯୋଗ କରିଥିଲେ। ସେମିନାରରେ ଆମେରିକାରେ କାର୍ଯ୍ୟରତ ଡ. କାର୍ତ୍ତିକ ପ୍ରଧାନ, ନେଦରଲାଣ୍ଡରେ କାର୍ଯ୍ୟରତ ଡ. ଜିତେନ୍ଦ୍ର ବଡ଼ାଇ ଏବଂ ସ୍ୱିଡେନରେ କାର୍ଯ୍ୟରତ ଡ. କାଳୀଚରଣ ପାତ୍ର ତାଙ୍କର ସନ୍ଦର୍ଭଗୁଡ଼ିକୁ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ସୁଶ୍ରୀ ତନ୍ମୟା ଦେବତା ଓ ସଂଗ୍ରାମ କେଶରୀ ଦୀପ ସହଯୋଗ କରିଥିଲେ। କୁଇଜ୍ କାର୍ଯ୍ୟକ୍ରମକୁ ମାନସ ରଞ୍ଜନ ଶତପଥୀ ସଂଯୋଜନା କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ପୂର୍ବତନ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ଯୋଗଦାନ କରିଥିଲେ। ଡିଇଓ ରାଧାକାନ୍ତ ଛତ୍ରି, ଏଡିଇଓ ଜ୍ୟୋତି କାନ୍ତ ସାହୁ ଓ ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପୁଆ ପାକ୍ସ ପରିଚାଳନା ପରିଷଦ ନିଲମ୍ବିତ

ସୋନପୁର,୧୯।୧୨
(ମୃତ୍ୟୁଞ୍ଜୟ ଶତପଥୀ)

- ଆର୍ଥିକ ଅନିୟମିତତା, ମୃତ ଚାଷୀଙ୍କ ନାମରେ ଋଣ ପାଇଁ କାର୍ଯ୍ୟାନୁଷ୍ଠାନ
- ପୂର୍ବରୁ ସହସମ୍ପାଦକ, ହିସାବରକ୍ଷକ ନିଲମ୍ବିତ ହୋଇଥିଲେ

ଆର୍ଥିକ ଅନିୟମିତତା, ମୃତଚାଷୀଙ୍କ ନାମରେ ଋଣ, ବିନା ଅନୁମତିରେ କର୍ମଚାରୀ ନିଯୁକ୍ତି ଓ ଦରମା ବୃଦ୍ଧି ଅଭିଯୋଗରେ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ପୁଆ ପ୍ରାଥମିକ କୃଷି ସମବାୟ ସମିତି ଲିଃ (ପାକ୍ସ)ର ପରିଚାଳନା ପରିଷଦକୁ ନିଲମ୍ବନ କରାଯାଇଛି। ସୁବର୍ଣ୍ଣପୁର ସମବାୟ ସମିତି ଉପନିବନ୍ଧକ ରଶ୍ମିଲତା ବେହେରା ଓଡ଼ିଶା ସମବାୟ ସମିତି ଆକ୍ଟ ୧୯୬୨ ଧାରା ଅନୁସାରେ ଗୁରୁବାର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସେହିପରି ସମିତିର ସୁପରିଚାଳନା ପାଇଁ ସୋନପୁର ସର୍କଲର ସମବାୟ ନିରୀକ୍ଷକ ପ୍ରଶାନ୍ତ କୁମାର ବରାଡଙ୍କୁ ପୁଆ ପାକ୍ସର ପ୍ରଶାସକ ଦାୟିତ୍ୱ ଦିଆଯାଇଛି।

ପ୍ରକାଶ ଯେ, ଅକ୍ଟୋବର ମାସରେ ପାକ୍ସର ସହସମ୍ପାଦକ ବାସୁଦେବ ପାତ୍ର ଓ ହିସାବରକ୍ଷକ ସିଦ୍ଧେଶ୍ୱର ନାଏକଙ୍କୁ ନିଲମ୍ବନ କରାଯାଇଥିଲା। ତଦନ୍ତ ପରେ ସୋନପୁର ସର୍କଲ ସମବାୟ ସମିତିର ସହକାରୀ ନିବନ୍ଧକ ପାଣ୍ଡୁଚରଣ ସାହୁଙ୍କ ସୁପାରିଶକ୍ରମେ ପାକ୍ସ ପରିଚାଳନା ପରିଷଦର ସଭାପତି ପ୍ରଭୁଦତ୍ତ ଡାଙ୍ଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ସୂଚନା ଅନୁଯାୟୀ ପାକ୍ସରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଞ୍ଚଳର ଚାଷୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଚାଷୀମାନେ ଜିଲାପାଳ ଓ ସମବାୟ ସମିତି ଉପନିବନ୍ଧକଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଅଞ୍ଚଳକୁ ଯାଇ ଚାଷୀଙ୍କ ଅଭିଯୋଗ ଶୁଣିବା ସହ ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ପ୍ରତିଶୃତି ଦେଇଥିଲେ। ସାହୁ ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ସାକ୍ଷାତ କରି ପୁଆ ପାକ୍ସ ଦୁର୍ନୀତିର ତଦନ୍ତ କରିବାକୁ ଅନୁରୋଧ କରିଥିଲେ। ଅନ୍ୟପକ୍ଷେ ପାକ୍ସର ସଭାପତିଙ୍କ ଜ୍ଞାତସାରରେ ଏହି ଦୁର୍ନୀତି ହୋଇଥିବା ଅଞ୍ଚଳର ଚାଷୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ମୃତ ଚାଷୀଙ୍କ ନାମରେ ଋଣ, ଚାଷୀଙ୍କ ଅଜାଣତରେ ଜାଲ ଦସ୍ତଖତ କରି ଲକ୍ଷାଧିକ ଟଙ୍କା ଋଣ କରି ଟଙ୍କା ହରିଲୁଟ୍, ସମିତିରେ ସ୍ଥାୟୀ ସମ୍ପାଦକ ନିଯୁକ୍ତି ନହେବା ଓ ଧାନ କିଣାରେ ଦୁର୍ନୀତି ସମ୍ପର୍କରେ ଚାଷୀ ଅଭିଯୋଗ କରିଥିଲେ। ଏହି ଘଟଣାର ପ୍ରାରମ୍ଭିକ ତଦନ୍ତ ପରେ ଜଣା ପଡିଥିଲା ଯେ, ୨୦୨୩ରେ ମୃତ୍ୟୁବରଣ କରିଥିବା ଚାଷୀ ଗରିବ ସାହୁଙ୍କ ନାମରେ ମୃତ୍ୟୁ ପରେ ୧ଲକ୍ଷ ୨୮ହଜାର ଟଙ୍କା ଋଣ କରି ଟଙ୍କା ଆତ୍ମସାତ କରାଯାଇଛି। ସେହିଭଳି ପାକ୍ସ ପରିଚାଳନା ପରିଷଦ ସଭାପତିଙ୍କ ସମ୍ପର୍କିୟଙ୍କ ନାମରେ ବେଆଇନ ଭାବେ ଋଣ ପ୍ରଦାନ ହୋଇଥିବା ତଦନ୍ତରୁ ଜଣାପଡିଥିଲା। ବିଭାଗ ପକ୍ଷରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ଅଞ୍ଚଳର ଚାଷୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ହେମଗିର,୧୯।୧୨(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ବାଦିବାହଲଠାରେ ସଡ଼କ ଦୁର୍ଘଟଣାରେ ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ କୁଲଯୋର ଗ୍ରାମର ଗଙ୍ଗାଧର ମଲ୍ଲିକ(୨୬)। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ବାଇକ ସଜାଡିବା ପାଇ କେନ୍ଦୁଡିହକୁ ଗଙ୍ଗାଧର ଯାଇ ଫେରୁଥିବା ସମୟରେ ବାଦିବାହଲଠାରେ ଏକ ଗଛକୁ ଭାରସାମ୍ୟ ହରାଇ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଭୋଗ୍ରାକଚ୍ଛାରରେ ଗଛ ସର୍ଭେକୁ ବିରୋଧ

**ହେମଗିର,୧୯।୧୨(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଏବେ ଖଣି ଖାଦାନରେ ପରିପୂର୍ଣ୍ଣ ହୋଇଛି। ପ୍ରଚୁର ପରିମାଣରେ ଖଣିଜ ସମ୍ପଦ (କୋଇଲା) ରହିଥିବା ବେଳେ ଅନେକ କମ୍ପାନୀ ହେମଗିର ଅଞ୍ଚଳରେ ଖଣିଖନନ କରିବା ପାଇ ଜମି ଅଧିଗ୍ରହଣ କରି କୋଇଲା ବ୍ୟବସାୟ କରିବାକୁ ପ୍ରୟାସ କରୁଛନ୍ତି। ଏକ ଘରୋଇ ସର୍ବେକ୍ଷଣ ସଂସ୍ଥାକୁ ବିରୋଧକରି ଭୋଗ୍ରାକଚ୍ଛାର ଗ୍ରାମବାସୀ ଫେରାଇ ଦେଇଛନ୍ତି। ମିଳିଥିବା ସୂଚନାଅନୁସାରେ, ଘୋଘରପାଲି ଖଣି ଅଞ୍ଚଳର ଜଙ୍ଗଲ ଜମି ଓ ଗଛର ସର୍ଭେ ପାଇଁ ଏକ ଘରୋଇ ସର୍ବେକ୍ଷଣ ସଂସ୍ଥା ନିୟୋଜିତ ଅଛି। ଗୁରୁବାର ସକାଳୁ ଉକ୍ତ ସଂସ୍ଥାର କର୍ମଚାରୀମାନେ ଭୋଗ୍ରାକଚ୍ଛାର ଜଙ୍ଗଲରେ ସର୍ଭେ କରୁଥିବାବେଳେ ଗ୍ରାମବାସୀ ଏହାର ବିରୋଧ କରିଥିଲେ। ଗ୍ରାମବାସୀଙ୍କ ଅନୁମତି ବିନା ବେଆଇନ ଭାବେ ଜଙ୍ଗଲକୁ ପଶି ତଥା କୌଣସି ସରକାରୀ କର୍ମଚାରୀଙ୍କ ଅନୁପସ୍ଥିତିରେ ସର୍ଭେ କରୁଥିବାରୁ ସର୍ଭେ କରୁଥିବା କର୍ମଚାରୀଙ୍କୁ ଫେରାଇ ଦେଇଥିଲେ। ଉକ୍ତ ସର୍ବେକ୍ଷଣ ସଂସ୍ଥାକୁ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀଙ୍କ ପତ୍ର ସଂଖ୍ୟା ୬୭, ତାରିଖ ୪.୧୧.୨୦୨୪ ଜଙ୍ଗଲ ସର୍ଭେ ପାଇଁ ଅନୁମତି ରହିଛି। ମାତ୍ର ସେମାନେ ଗ୍ରାମବାସୀଙ୍କ ବିନା ଅନୁମତିରେ ଏବଂ ସାଙ୍ଗରେ କୌଣସି ସରକାରୀ କର୍ମଚାରୀଙ୍କୁ ନ ଆଣି ସର୍ଭେ କରୁଥିବାରୁ ଗ୍ରାମବାସୀ ବିରୋଧ କରିଛନ୍ତି।

# ଆଜିଠାରୁ ଖରିଫ ଧାନ ସଂଗ୍ରହ

**ଚୋରାଧାନ କାରବାରକୁ ରୋକିବା ପାଇଁ ସୀମାନ୍ତରେ ସ୍ୱତନ୍ତ୍ର ସିସିଟିଭି ବ୍ୟବସ୍ଥା**

ସୁନ୍ଦରଗଡ,୧୯।୧୨(ଜୟ ନାରାୟଣ ମେଣ୍ଟୁଳି)

ଆଜିଠାରୁ ସୁନ୍ଦରଗଡ ଜିଲାରେ ଚଳିତ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଏଥିପାଇଁ ଜିଲାରେ ୧୩୩ଟି ଧାନ ସଂଗ୍ରହ କେନ୍ଦ୍ର ଖୋଲାଯାଇଛି। ଯେଉଁଥିରେ ୭ଟି ମହିଳା ସ୍ୱୟଂ ସହାୟକଗୋଷ୍ଠୀ, ୪୭ଟି ଲ୍ୟାମ୍ପସ ରହିଛି। ସେହିଭଳି ମଣ୍ଡି ଗୁଡ଼ିକର ସୁପରିଚାଳନା ପାଇଁ ମଧ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଇଛି। ଧାନର ଚୋରା ଚାଲାଣ ରୋକିବା ପାଇଁ ବୋର୍ଡର ଅଞ୍ଚଳ ଗୁଡିକରେ ସ୍ୱତନ୍ତ୍ର ସିସିଟିଭିର ବ୍ୟବସ୍ଥା, ପାଟ୍ରୋଲିଂ ବ୍ୟବସ୍ଥା, ସିସିଟିଭି ଗୁଡ଼ିକର ଗତିବିଧିକୁ ତଦାରଖ କରିବା ପାଇଁ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ ବ୍ୟବସ୍ଥା ଆଦି କରାଯାଇଛି। ସେହିଭଳି ପ୍ରତ୍ୟେକ ଧାନ ସଂଗ୍ରହ କେନ୍ଦ୍ର ଗୁଡିକରେ ସୁପରିଚାଳନା ପାଇଁ ମଣ୍ଡି ନୋଡାଲ ଅଧିକାରୀ ଏବଂ ସୁପରଭାଇଜରମାନେ ମଧ ନିୟୋଜିତ ହୋଇଛନ୍ତି। ସଦର ଉପଖଣ୍ଡରେ ଖରିଫ ଧାନ ସଂଗ୍ରହ ପାଇଁ ହୋଇଥିବା ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଉପଜିଲାପାଳ ତଥା ସୁନ୍ଦରଗଡ ସର୍ଗିପାଲି ନିୟନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷ ଦାଶରଥି ସରାବୁ


ଅଧିକାରୀମାନେ ସମୀକ୍ଷା କରୁଛନ୍ତି।

ଓ ଡିଆରସିଏସ ଉମାଶଙ୍କର ଦାସ ଅନୁଧ୍ୟାନ କରିଥିଲେ। ରାଜ୍ୟ ବାହାରକୁ ଧାନ ଚୋରା କାରବାରକୁ ରୋକିବା ପାଇଁ ହୋଇଥିବା ସିସିଟିଭି ବ୍ୟବସ୍ଥା ମାଧ୍ୟମରେ ସୁନ୍ଦରଗଡ ସ୍ଥିତ ସର୍ଗିପାଲି ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟରେ ଖୋଲାଯାଇଥିବା କଣ୍ଟ୍ରୋଲ ରୁମ ମଧ ଉଦ୍‌ଘାଟିତ ହୋଇଛି। ଛତିଶଗଡ଼ ରାଜ୍ୟ ସୀମାରେ ଥିବା ହେମଗିର ବ୍ଲକର ଟପରିଆ, ବେହେରା ମୁଣ୍ଡା, ଲିପସାପାଲି, ଲେଫ୍ରିପଡା ବ୍ଲକର ହୁର୍ମେଇ, ମନୋହରପାଲି, ବାଲିଶଙ୍କରା ବ୍ଲକର ଶିକାଯୋର, ବ୍ରାହ୍ମଣମରା, ଲୁଲୁକିଡିହି, ତେଲିଯୋର, ଝାଡଖଣ୍ଡ ରାଜ୍ୟ ସୀମା ବଡଗାଁ ବ୍ଲକର ବାମଡେରା,ସବଡେଗା ବ୍ଲକର ଟାଙ୍ଗର ଗାଁରେ ସ୍ୱତନ୍ତ୍ର ସିସିଟିଭି ବ୍ୟବସ୍ଥା କରାଯାଇ ଚୋରା ଧାନ ବେପାରୀଙ୍କ ଉପରେ କଡା ନଜର ରଖାଯାଇଛି। ଚଳିତ ବର୍ଷ ପଞ୍ଜୀକୃତ ହୋଇଥିବା ୫୪୪୪୧ ଜଣ ଚାଷୀଙ୍କ ଠାରୁ ପ୍ରଥମ ପର୍ଯ୍ୟାୟରେ ମୋଟ୍ ୧୯ ଲକ୍ଷ ୪୩ ହଜାର ୩୮୨ ମେଟ୍ରିକ୍ ଟନ ଧାନ କିଣାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ଏହି ଧାନ ସଂଗ୍ରହ କାମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମଧ ସହାୟତା ନିଆଯିବ। ଏଥର ୭ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ନିୟୋଜିତ କରାଯାଇଛି। ଧାନ ସଂଗ୍ରହ ପ୍ରକ୍ରିୟାକୁ ଆହୁରି ସହଜ କରିବା ପାଇଁ ଜିଲା ସ୍ତରରେ କଣ୍ଟ୍ରୋଲ ରୁମ ନମ୍ବର ୧୮୦୦୪୩୫୭୪୬୧ ଜାରି କରାଯାଇଛି। ଏହାଛଡା ଧାନ ସଂଗ୍ରହ ପାଇଁ ଅନ୍ୟାନ୍ୟ ସୂଚନା କିମ୍ବା ପ୍ରଶ୍ନ ରହିଥିଲେ ଯୋଗାଣ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ମଧ ଚାଷୀମାନେ ଯୋଗାଯୋଗ କରିପାରିବେ। ଧାନ ସଂଗ୍ରହ ମଣ୍ଡିରେ ଗୋଦାମ, ପିଣ୍ଡି, ପରୀକ୍ଷା ଉପକରଣ, ପାନୀୟ ଜଳ, ଛାୟା ବ୍ୟବସ୍ଥା ଏବଂ ଶୌଚାଳୟ ଆଦି ବ୍ୟବସ୍ଥା ରହିଛି ବୋଲି ଡିଆରସିଏସ ଉମାଶଙ୍କର ଦାସ ଓ ଦୁର୍ଗା ଚରଣ ବେଶ୍ରା ସୂଚନା ଦେଇଛନ୍ତି।

# ଶିକ୍ଷାନୁଷ୍ଠାନରେ ସ୍ୱାସ୍ଥ୍ୟ ଶିକ୍ଷା ମଜଭୁତ ହେବା ଆବଶ୍ୟକ

କୁଆଁରମୁଣ୍ଡା,୧୯।୧୨(ମହେନ୍ଦ୍ର କୁମାର ସାହୁ)

ଶିକ୍ଷାନୁଷ୍ଠାନ ଗୁଡିକରେ ଉତ୍ତମ ଶିକ୍ଷାଦାନ ସହ ସ୍ୱାସ୍ଥ୍ୟ ଶିକ୍ଷାକୁ ପ୍ରାଧାନ୍ୟ ଦେବା ଆବଶ୍ୟକ। କାରଣ ସୁସ୍ଥ ଶରୀର ହିଁ ଉତ୍ତମ ଶିକ୍ଷା ଲାଭରେ ସହାୟକ ହୋଇଥାଏ। ତେଣୁ ବିଦ୍ୟାର୍ଥୀମାନଙ୍କର ଶାରୀରିକ ସୁସ୍ଥତା ନିମନ୍ତେ ଖେଳକୁଦର ଆବଶ୍ୟକତା ରହିଛି। ଏହାସହ ସ୍ୱଚ୍ଛ ପରିବେଶ ହିଁ ପିଲାମାନଙ୍କୁ ପାଠ ପଢ଼ିବା ପାଇଁ ଆକୃଷ୍ଟ କରିଥାଏ ବୋଲି ପଦମପୁର ହାଇସ୍କୁଲର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, କୁଆଁରମୁଣ୍ଡା ବିଇଓ ସଦାନନ୍ଦ ପଧାନ, କୁତ୍ରା ବ୍ଲକର ଅବସରପ୍ରାପ୍ତ ବିଇଓ ଗୁରୁଚରଣ ସାହୁ, ଅବସରପ୍ରାପ୍ତ ଏବିଇଓ ଡରୋଥିଆ ଟପ୍ପୋ,ଏବିଇଓ ତପସ୍ୱିନୀ ମହାନନ୍ଦିଆ,ପଦମପୁର ସିଆରସିସି ଉମ୍ଭରଧର ନାଏକ ପ୍ରମୁଖ ଉପସ୍ଥିତ ରହି ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ସିତାଂଶୁ ସିଂ ଓ ଶିକ୍ଷୟିତ୍ରୀ ସୁଚିସ୍ମିତା ମହାନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରିତା ଲାକ୍ରା ଓ ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶେଷରେ ସ୍କୁଲ ପରିଚାଳନା କମିଟି ସଭାପତି ଚନ୍ଦ୍ରମଣି ରଣା ସମସ୍ତଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ।



ବାର୍ଷିକ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ଦାବି ତେଜିଲା

ସୁନ୍ଦରଗଡ,୧୯।୧୨(ଜୟ ନାରାୟଣ ମେଣ୍ଟୁଳି)

**ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ ଉପବାଚସ୍ପତି**

ଗାଙ୍ଗପୁର ବିଦ୍ରୋହର ଜନ ନାୟକ ଭୂୟାଁ ଆଦିବାସୀ ବୀର ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ପ୍ରଦାନ ପାଇଁ ସର୍ବଭାରତୀୟ ଅଖଣ୍ଡ ଭୂୟାଁ ସମାଜ ଦୀର୍ଘଦିନରୁ ଦାବି କରିଆସୁଛି। ସୁନ୍ଦରଗଡର ବିଭିନ୍ନ ସଙ୍ଗଠନ ମଧ ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ପ୍ରଦାନ ପାଇଁ ଅନୁରୂପ ଦାବି କରି ଆସୁଛନ୍ତି। କିଛିଦିନ ଆଗରୁ ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜ ଏକ ଖବରଦାତା ସମ୍ମିଳନୀରେ ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ପାଇଁ ଡବଲ ଇଞ୍ଜିନ ଭାଜପା ସରକାର ନିଜର ଆଭିମୁଖ୍ୟ ସ୍ପଷ୍ଟକରିବାକୁ ଦାବି କରିଥିଲେ। ଭୂୟାଁ ସମ୍ପ୍ରଦାୟର ୨ ଜଣ ବିଧାୟକଙ୍କୁ ମଧ ଦାବି ପତ୍ର ଦେଇଥିଲେ। ବର୍ତ୍ତମାନ ବିଧାନସଭାର ଉପବାଚସ୍ପତି ତଥା ତଲସରା ନିର୍ବାଚନ ମଣ୍ଡଳୀର ଭୂୟାଁ ସମ୍ପ୍ରଦାୟର ବିଧାୟକ ଭବାନୀ ଶଙ୍କର ଭୋଇ ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣମାଝୀଙ୍କୁ ପତ୍ର ଲେଖିଛନ୍ତି। ଏହାକୁ ଜିଲାର ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ସୂଚନାଯୋଗ୍ୟ ଯେ, ଏମପି ଜୁଏଲ ଓରାମ ଏବଂ ତତ୍କାଳୀନ ଆଦିବାସୀ ବିଭାଗର ମନ୍ତ୍ରୀ ବିଶେଶ୍ୱର୍ ଟୁଡୁ ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ପ୍ରଦାନ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବି କରିଥିଲେ। ଡବଲ ଇଞ୍ଜିନ ସରକାର ଶୀଘ୍ରଦାବି ପୂରଣ ନ କରିଲେ ଜିଲାରେ ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ସର୍ବଭାରତୀୟ ଅଖଣ୍ଡ ଭୂୟାଁ ସମାଜ ଖବରଦାତା ସମ୍ମିଳନୀ କରି ସରକାରଙ୍କୁ ଘେରିଥିଲେ। ସର୍ବଭାରତୀୟ ଅଖଣ୍ଡ ଭୂୟାଁ ସମାଜ ପକ୍ଷରୁ କେନ୍ଦ୍ରୀୟ ସଭାପତି ମେଘନାଦ ନାଏକ, ବରିଷ୍ଠ ଉପ ସଭାପତି ରବି ରତ୍ନ ପଟେଲ, ସାଙ୍ଗଠନିକ ଉପ ସଭାପତି ଦେବେନ୍ଦ୍ର ଅମାତ, ଜିଲା ସଭାପତି ଉଦିତ ଅମାତ, କେନ୍ଦ୍ରୀୟ ସମ୍ପାଦକ ରାମ ଚନ୍ଦ୍ର ଅମାତ, ଜିଲା କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମାଝୀ, ନାଗରା ସଭାପତି ରଘୁନାଥ ବେହେରା, ମଣ୍ଡଳ ସଭାପତି ପ୍ରତାପ ନାରାୟଣ ସିଂହ ପ୍ରମୁଖ ଉପ ବାଚସ୍ପତିଙ୍କୁ ଧନ୍ୟବାଦ୍ ଅର୍ପଣ କରିଛନ୍ତି।

# ରାହୁଲଙ୍କ ବ୍ୟବହାରକୁ ଜିଲା ଭାଜପା ଯୁବ ମୋର୍ଚ୍ଚାର ପ୍ରତିବାଦ



ସୁନ୍ଦରଗଡ,୧୯।୧୨(ଜୟ ନାରାୟଣ ମେଣ୍ଟୁଳି)

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱରର ବରିଷ୍ଠ ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କ ପ୍ରତି ସଂସଦରେ ଗୁରୁବାର କଂଗ୍ରେସ ଏମପି ରାହୁଲ ଗାନ୍ଧୀଙ୍କ ବ୍ୟବହାର ବିରୋଧରେ ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଦୃଢ ପ୍ରତିବାଦ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ସୁନ୍ଦରଗଡ଼ ସହରର ହସ୍ପିଟାଲ ଛକଠାରେ ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ଶ୍ରୀକାନ୍ତ ଭଞ୍ଜଙ୍କ ନେତୃତ୍ୱରେ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରାଯିବା ସହ ଏହି ଘଟଣାକୁ ବିରୋଧ କରାଯାଇଥିଲା। ଆଗାମୀ ଦିନରେ ଏଭଳି ଆଚରଣ ପାଇଁ କଂଗ୍ରେସ ଦଳକୁ ସାଧାରଣ ଜନତା ମଧ ବିରୋଧ କରିବାକୁ ବାଧ୍ୟ ହେବେ। ରାହୁଲ ଗାନ୍ଧୀ ତୁରନ୍ତ ଏଭଳି ଭୁଲ ପାଇଁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଯୁବ ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଯୁବମୋର୍ଚ୍ଚାର ଓମ ପ୍ରକାଶ ଅଗ୍ରୱାଲ, ବିରେନ ଟପ୍ପୋ, ଲକ୍ଷ୍ମୀକାନ୍ତ ସାହୁ, ଅମୀୟ ପଟ୍ଟନାୟକ, ଆଶିଷ ପଟେଲ, ମିତ୍ରଭାନୁ ପଟେଲ, ଅଶୋକ ସାହୁ, ଲଳିତ ବିପ୍ର, ରମେଶ ସୋରେଙ୍ଗ, ସଞ୍ଜିତ ପଟେଲ, ଭେଷଜ ରଥ, ତ୍ରିଲୋଚନ ବାଦଲ, ସୁରେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବଡ଼ଗାଁ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ

ବଡ଼ଗାଁ,୧୯।୧୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଡିଗ୍ରୀ କଲେଜରେ ୨ଦିନ ଧରି ଆୟୋଜିତ ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସ୍ନାତକ ମହା ବିଦ୍ୟାଳୟ ବଡ଼ଗାଁ ଅନୁକୂଲ୍ୟରେ ଅନୁଷ୍ଠିତ ଏହି ବାର୍ଷିକ କ୍ରୀଡାର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ଯୋଗଦେଇଥିଲେ। ଅଧ୍ୟକ୍ଷା ବନଜା ରାଣୀ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ କ୍ରୀଡା ସଂସଦର ସଂଯୋଜକ ତାପସ କର ଅନୁଷ୍ଠିତ ହୋଇଥିବା କ୍ରୀଡା ପ୍ରତିଯୋଗିତାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। ବରିଷ୍ଠ ଅଧ୍ୟାପକ ହେମନ୍ତ ପଣ୍ଡା କ୍ରୀଡା ଭିତ୍ତିଭୂମି ଓ ଏହାର ଆହ୍ୱାନ ଉପରେ ଆଲୋକପାତ କରିଥିଲେ। ସଭାପରେ ମନୋରଞ୍ଜନ ଧର୍ମୀ ଫନ୍ସୀ ଡ୍ରେସ ପ୍ରତିଯୋଗିତା ହୋଇଥିଲା। ଏଥିରେ ଛାତ୍ରୀଛାତ୍ରମାନେ ତାଙ୍କ କଳା ନିପୁଣତା ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥି ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଥିଲେ, କ୍ରୀଡା ପ୍ରତିଭାର ବିକାଶ ଦିଗରେ ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ପାଇଁ ବେଶ୍ ଫଳପ୍ରଦ ହେବ। ଛାତ୍ରୀଛାତ୍ରମାନେ ଅଧ୍ୟୟନ ସହିତ ଅଧ୍ୟବସାୟକୁ ଧେୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷା ଷଡ଼ଙ୍ଗୀ ଖେଳୁଆଡ ମନୋଭାବକୁ ବଜାୟ ରଖିବା ପାଇଁ ବୁଝାଇଥିଲେ। ଅଧ୍ୟାପକ ସୁଶାନ୍ତ କୁମାର ବିଶି, ଲକ୍ଷ୍ମୀକାନ୍ତ ସାହୁ, କ୍ରୀଡା ଶିକ୍ଷକ ଜିତେନ୍ ବୁଡା, ଝରଣା ସାହୁ, ଲୋକନାଥ ବେହେରା, ଉତ୍ତମ ପଣ୍ଡାଙ୍କ ସହ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆୟୋଜିତ ବାର୍ଷିକ କ୍ରୀଡାର ବାଳକ ବର୍ଗରେ ବିକାଶ କିସାନ ଓ ବାଳିକା ବର୍ଗରେ ଅମ୍ବିକା ସୋରେନ ଚାମ୍ପିୟନ ହୋଇଥିଲେ। ଶେଷରେ ଅଧ୍ୟାପିକା ମାଳବିକା ସାମଲ ଧନ୍ୟବାଦ୍ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ରୁଙ୍ଗଟା ମାଇନ୍ସ ଲିମିଟେଡ କମଣ୍ଡ ଷ୍ଟିଲ୍ ପ୍ଲାଣ୍ଟକୁ ସ୍ୱର୍ଣ୍ଣ ପୁରସ୍କାର

ଟେନ୍‌ସା,୧୯।୧୨(ସମୀର କୁମାର ପାଢ଼ୀ)

ଭୁବନେଶ୍ୱରଠାରେ ଆୟୋଜିତ ୧୫ତମ ଜାତୀୟ ସୁରକ୍ଷା ସମ୍ମିଳନୀରେ ସୁନ୍ଦରଗଡ଼ ଜିଲା କୋଇଡାଠାରେ ଥିବା ରୁଙ୍ଗଟା ମାଇନ୍ସ ଲିମିଟେଡ୍ କମଣ୍ଡ ଷ୍ଟିଲ୍ ପ୍ଲାଣ୍ଟକୁ ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ କରାଯାଇଛି। ୧୫ତମ ଜାତୀୟ ସୁରକ୍ଷା ସମ୍ମିଳନୀରେ ଭାଗିଦାରୀ ଥିବା ସମସ୍ତ ପ୍ରକଳ୍ପ ମଧ୍ୟରେ ସ୍ୱୀକୃତି ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ପ୍ରତି ସଙ୍ଗଠନର ଅଟଳ ପ୍ରତିବଦ୍ଧତା, ବିଶ୍ୱସ୍ତରୀୟ ସୁରକ୍ଷା ମାନଦଣ୍ଡ କାର୍ଯ୍ୟକାରୀ ଏବଂ ବଜାୟ ରଖିବା, ଏହାର କର୍ମଚାରୀ,



ଜଣେ ଅଧିକାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ଠିକାଦାର ଏବଂ ସମ୍ପ୍ରଦାୟର ମଙ୍ଗଳ ସୁନିଶ୍ଚିତ କରିବା ପାଇଁ ଅସାଧାରଣ ପ୍ରୟାସକୁ ସ୍ୱୀକାର କରୁଥିବାରୁ ଆୟୋଜିତ ଜାତୀୟ ସୁରକ୍ଷା ସମ୍ମିଳନୀ, ବୃତ୍ତିଗତ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ସର୍ବୋତ୍ତମ ଅଭ୍ୟାସ, ନବସୃଜନ ଏବଂ ଅଭିଜ୍ଞତା ବାଣ୍ଟିବା ପାଇଁ ଦେଶବ୍ୟାପୀ ସୁରକ୍ଷା ବୃତ୍ତିଗତ, ବିଶେଷଜ୍ଞ ଏବଂ ସଂଗଠନଗୁଡ଼ିକୁ ଏକତ୍ରିତ କରିଥିଲା। ସର୍ବୋଚ୍ଚ ବର୍ଗର ପୁରସ୍କାର ସହ ଅତିଥି ତଥା ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ହସ୍ତରୁ କମଣ୍ଡ ଷ୍ଟିଲ୍ ପ୍ଲାଣ୍ଟ ମୁଖ୍ୟ ପ୍ରବନ୍ଧକ ଆଲୋକ ସେଠୀ ସ୍ୱର୍ଣ୍ଣ ପୁରସ୍କାର ଗ୍ରହଣ କରିଥିଲେ।

# ବେଣୁଧର ନାଏକ କପ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଟେନସା,୧୯।୧୨(ସମୀର କୁମାର ପାଢ଼ୀ)

**ଉଦ୍‌ଘାଟନୀ ମ୍ୟାଚରେ କଟକ ବିଜୟୀ**

ସୁନ୍ଦରଗଡ଼ ଜିଲା କୋଇଡ଼ା ମିନି ଷ୍ଟାଡିୟମଠାରେ କୋଇଡା ସନରାଇସ କ୍ଲବ ତରଫରୁ ଗୁରୁବାର ସର୍ବ ଭାରତୀୟ ବେଣୁଧର ନାଏକ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଏହା ୪ ଦିନ ଧରି ଚାଲିବ। ବିଭିନ୍ନ ରାଜ୍ୟରୁ ୮ଟି ଟିମ ଅଂଶ ଗ୍ରହଣ କରିଛନ୍ତି। ମୁଖ୍ୟ ଅତିଥିଭାବେ ବଣାଇର ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ ଯୋଗଦେଇ ଖେଳକୁ ଉଦଘାଟନ କରିବା ସହ ଖେଳ ପତକାକୁ ଉନ୍ମୋଚିତ କରିଥିଲେ। ଅନ୍ୟ ଅତିଥିଭାବେ ସମାଜସେବୀ କୁଶ ଆପଟ, ବିଶ୍ୱନାଥ ଭଞ୍ଜ ପ୍ରମୁଖ ଯୋଗଦେଇ ପ୍ରଥମେ ଷ୍ଟାଡିୟମ ସ୍ଥିତ ସ୍ୱାଧୀନତା ସଂଗ୍ରାମୀ ଧରଣୀଧର ନାଏକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପଡିଆଠାରେ ସ୍ୱର୍ଗତ ବେଣୁଧର ନାଏକଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଓ ଟ୍ରଷ୍ଟ ପତାକା ଉତ୍ତୋଳନ କରିଥିଲେ। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍ ସ୍ୱୋଟ୍ସ ହଷ୍ଟେଲ କଟକ୍ ବନାମ୍ ଫ୍ରେଣ୍ଡସ କ୍ଲବ୍ ବାଚାଲି ଛତିଶଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ସ୍ୱୋଟ୍ସ ହଷ୍ଟେଲ କଟକ୍ ୪-୦ ଗୋଲରେ ବିଜୟ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଟେସ୍ତ୍ରା କ୍ଲବ୍ କଲିକତା ବନାମ୍ ନାଲକୋ ଟିମ୍ ଅନୁଗୁଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ କଲିକତା ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁନ୍ଦରଗଡ ସୁରଞ୍ଜନ ସାହୁ ଯୋଗଦେଇ ଟୁର୍ନାମେଣ୍ଟ ଆୟୋଜନକୁ ପ୍ରସଂଶା କରିବା ସହ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ପଡିଆ ଓ ଷ୍ଟାଡିୟମର ଉନ୍ନତି ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ୨୨ ତାରିଖରେ ଅନୁଷ୍ଠିତ ହେବ। ଏକତା ଫାଉଣ୍ଡେଶନ ଟ୍ରଷ୍ଟ କୋଇଡା ସଭାପତି ମନୋଜ କୁମାର ମାହାନା, ସମ୍ପାଦକ ସନ୍ତୋଷ କୁମାର ବେହେରା, ଉପ ସଭାପତି ତଥା ଜିଲା ପରିଷଦ ସଦସ୍ୟ ଅଶୋକ କୁମାର ନାଏକ, ଯୁଗ୍ମ ସମ୍ପାଦକ ବିଜୟନନ୍ଦ ଜେନା, କୋଷାଧ୍ୟକ୍ଷ ଦେବବ୍ରତ ରାଉତ, ଧୀରଜ ଗୁପ୍ତା , ସମ୍ବିତ ଜେନା, ବିନୋଦ ଫତକାର, ରବି ରଣା ଓ ଅନ୍ୟାନ୍ୟ ସଦସ୍ୟମାନେ ଟୁର୍ନାମେଣ୍ଟ ଆୟୋଜନ ଓ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ପ୍ରତିଯୋଗୀତାରେ ଭାଗ ନେଇଥିବା ଖେଳାଳି।

# ୬ ଦଫା ଦାବିରେ ଭାଜପାର ପ୍ରତିବାଦ ସଭା

**ସମାଧାନ ନ ହେଲେ ବରସୁଆଁ ସେଲ ମୁଖ୍ୟ ଫାଟକ ସମ୍ମୁଖରେ ପାଳି କରି ଧାରଣାରେ ବସିବେ**

ଲହୁଣୀପଡା, ଟେନସା,୧୯।୧୨
(ଦାଶରଥି ପଣ୍ଡା/ ସମୀର କୁମାର ପାଢ଼ୀ)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଶଶ୍ୟକଳା ପଞ୍ଚାୟତ ଅନ୍ତର୍ଗତ ବରସୁଆଁ ସେଲ ମୁଖ୍ୟ ଫାଟକ ସମ୍ମୁଖରେ ୬ ଦଫା ଦାବି ନେଇ ଭାରତୀୟ ଜନତା ପାର୍ଟି ତରଫରୁ ଗୁରୁବାର ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବାରସୁଆଁ ଲୌହଖଣିରେ(ସେଲ) ଶତପ୍ରତିଶତ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ସ୍ଥାନୀୟ ପରିବହନ ସଂସ୍ଥାକୁ ପରିବହନ ପାଇଁ ଅଗ୍ରାଧିକାର, ମହିଳା ଶ୍ରମିକମାନଙ୍କୁ ନିଯୁକ୍ତି, ପ୍ରଦୂଷଣର ପ୍ରତିକାର, କୁଶଳୀ ଶ୍ରମିକଙ୍କୁ ଉଚିତ ପାଉଣା, ବାହାର ସଂସ୍ଥା କେସିସ ଏବଂ କେପିଏସକୁ ବହିଷ୍କାର ଦାବି ନେଇ ଭାରତୀୟ ଜନତା ପାର୍ଟି ତରଫରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବଣାଇଁ ଭାଜପା ସାଙ୍ଗଠନିକ ଜିଲା ସଭାପତି ମନୋଜ



ପ୍ରତିବାଦ ସଭାରେ ମଞ୍ଚାସୀନ ଭାଜପା କର୍ମକର୍ତ୍ତା।

କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ହେମନ୍ତ କୁମାର ସାହୁଙ୍କ ମଞ୍ଚ ପରିଚାଳନାରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସ ବିହାରି ପ୍ରଧାନ, କରମତି ଓରାମ, ଚେତନ ନାୟକ, ଅଭିରାମ ମହାକୁଡ଼, ପରମେଶ୍ୱର ସାହୁ, ମହେଶ ସା, ବାସୁଦେବ ସାହୁ, ରେଙ୍ଗଟୁ ପ୍ରଧାନ, ଗୁରୁଚରଣ ଓରାମ, ଗିରିଶ ଚନ୍ଦ୍ର ସାହୁ, ବଟକୃଷ୍ଣ ମିଶ୍ର, ଲୁଥାର ଓରାମ, ରମେଶ ଅଗ୍ରୱାଲ,ବାଗୁନ ଗାଗାରାଇ, ଦିଲ୍ଲୀପ ପଟ୍ଟନାୟକ, ମଧୁ ନାୟକ, ଦୁର୍ଯ୍ୟୋଧନ ନାଏକ ପ୍ରମୁଖ ଯୋଗଦେଇ ଉପରୋକ୍ତ ଦାବି ଗୁଡ଼ିକ ପୂରଣ କରିବା ପାଇଁ ଦାବି କରିଥିଲେ। ଯେତେଦିନ ପର୍ଯ୍ୟନ୍ତ ସେଲ କର୍ତ୍ତୃପକ୍ଷ ଆମ ସହିତ ଆଲୋଚନା କରି ଦାବି ପୂରଣ ନ କରିବେ ସେହି ଦିନ ପର୍ଯ୍ୟନ୍ତ ଭାଜପା କର୍ମୀମାନେ ପାଳି କରି ଧାରଣାରେ ବସିବେ ବୋଲି ଚେତାବନୀ ଦେଇଥିଲେ। ସ୍ଥାନୀୟ ଲୋକଙ୍କ ବଦଳରେ ବାହାର ଅଞ୍ଚଳର ଲୋକଙ୍କୁ କାମ ମିଳୁଛି। କେସିସି କମ୍ପାନୀ ଜନଶୁଣାଣୀ ବେଳେ ହୋଇଥିବା ୧୧ ଶହ ୩୩ ଲୋକଙ୍କୁ ନିଯୁକ୍ତି ଦେବା କଥା। ହେଲେ ଜଣେ ମଧ ନିଯୁକ୍ତି ପାଇ ନ ଥିବା ଅତିଥିମାନେ ବକ୍ତବ୍ୟ ଦେବା ସହିତ ସିପିଆଇଏମ ଓ ବିଜେଡି ବିରୋଧରେ ସମାଲୋଚନା କରିଥିଲେ। ଏହି ପ୍ରତିବାଦ ସଭାରେ ଭାଜପା ଲହୁଣୀପଡା ମଣ୍ଡଳ ସଭାପତି ନମିତା ମାହାନ୍ତ, ଉପେନ୍ଦ୍ର ବେହେରା, ପ୍ରଦୀପ ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ସାହୁ, ସୌଭାଗ୍ୟ ନାଏକ, ବିଜୟ ଠାକୁର, ଅବିନାଶ ବ୍ରହ୍ମ ସମେତ ବହୁ ଭାଜପା କାର୍ଯ୍ୟକର୍ତ୍ତା, କର୍ମୀମାନେ ଉପସ୍ଥିତ ଥିଲେ। ବଣାଇଁ ଉପଖଣ୍ଡ ବିଭିନ୍ନ ପ୍ରାନ୍ତରରୁ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ।

# ଅଭିଯୋଗ ସତ୍ତ୍ୱେ ମାମଲା ରୁଜୁ କରୁ ନ ଥିଲା ପୋଲିସ

### ଜାଲ୍ ନଥିପତ୍ର ଜରିଆରେ କ୍ଷତିପୂରଣ ଅର୍ଥ ଆତ୍ମସାତ ଘଟଣା

### ଦାଲତରେ କମ୍ପ୍ଲେନ କେଶ ରୁଜୁ

ଦେବଗଡ଼,୧୯।୧୨(ଶଶାଙ୍କ ଶେଖର ଝାଙ୍କର)



ଜାଲ୍ ନଥିପତ୍ର ଜରିଆରେ ଏକ କୋଟି ୨୨ ଲକ୍ଷ ଟଙ୍କାର କ୍ଷତିପୂରଣ ଅର୍ଥ ଆତ୍ମସାତ ନେଇ ଜଳ ସମ୍ପଦ ବିଭାଗ ପକ୍ଷରୁ ଦେବଗଡ଼ ଥାନାରେ ଏତଲା କରାଯାଇଥିଲେ ମଧ୍ୟ ପୋଲିସ ମାମଲା ରୁଜୁ କରିନାହିଁ। ଏପରି କି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିବା ପରେ ମଧ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇନାହିଁ। ଫଳରେ ଅନୁଗୋଳ ଜିଲା ବାଘୁଆବୁଲସ୍ଥିତ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଶରତ କୁମାର ବାଗ ଏ ନେଇ ଦେବଗଡ଼ ଏସ୍‌ଡିଜେଏମ୍‌ଙ୍କ ଅଦାଲତର ଆଶ୍ରୟ ନେବା ସହ ଏକ କମ୍ପ୍ଲେନ କେସ ଦାଖଲ କରିଥିବା ଜଣାପଡଛି। ଅଭିଯୋଗକାରୀ ତଥା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଶରତ କୁମାର ବାଗ ଓକିଲଙ୍କ ଜରିଆରେ ଏହି କମ୍ପ୍ଲେନ କେସ ଦାଖଲ କରିଥିବା ବେଳେ ଜଳ ସମ୍ପଦ ବିଭାଗର ଜୋନ ଅଫିସର କୁଞ୍ଜ ବିହାରୀ ବଡଜେନା, ସିନିୟର ରେଭେନ୍ୟୁ ଆସିଷ୍ଟାଣ୍ଟ (ବରିଷ୍ଠ ରାଜସ୍ୱ ସହାୟକ) ସଞ୍ଜୀବ ମହାନ୍ତି, ପିଅନ ଲକ୍ଷ୍ମୀଧର ବେହେରା ଓ ପୂର୍ବତନ ବିଧାୟକ ସଞ୍ଜୀବ କୁମାର ପ୍ରଧାନଙ୍କୁ ସାକ୍ଷୀ ଭାବେ ଦର୍ଶାଯାଇଛି। ଏଥିସହ ଅଭିଯୋଗ ସମ୍ପର୍କୀତ ସହାୟକ ନଥିପତ୍ର ମଧ୍ୟ ଦାଖଲ କରିଥିବା ସୂଚନା ମିଳିଛି। ସେହିପରି ଏହି ମାମଲାରେ ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ଗୋପପୁର ଗ୍ରାମର ଘନଶ୍ୟାମ ସାହୁ, ତିଲେଇବଣି ବ୍ଲକ ଅନ୍ତର୍ଗତ ଜାମୁନାଳୀ (ଗୋହୀରା ଡ୍ୟାମ ସାଇଟ) ଗ୍ରାମର ଦିବାକର ଲୁହାର, ତିଲେଇବଣି ବ୍ଲକ ଅନ୍ତର୍ଗତ ଖଜୁରୀଦହ (ଗୋହୀରା ଡ୍ୟାମ ସାଇଟ) ଗ୍ରାମର ଜଗତ ଶବର ଓ ରିଆମାଳ ବ୍ଲକ ଅନ୍ତର୍ଗତ ଖିଲେଇ ଗ୍ରାମର ଦୁଃଖବନ୍ଧୁ ବେହେରା, ଦେବଗଡ ପୌରାଞ୍ଚଳ ପୁରୁଣାଗଡର ନରେଶ କୁମାର ରଣା, ତାଙ୍କ ପିତା ଅଭିମନ୍ୟୁ ରଣା, ମା' କନକଲତା ରଣା ଏବଂ ଅନ୍ୟାନ୍ୟ (ଯଦି ଅନ୍ୟ କେହି ସମ୍ପୃକ୍ତ ଥିବେ)ଙ୍କ ନାମ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ଘନଶ୍ୟାମ ସାହୁ, ଦିବାକର ଲୁହାର, ଜଗତ ଶବର ଓ ଦୁଃଖବନ୍ଧୁ ବେହେରା ସ୍ୱତନ୍ତ୍ର ଭୂଅର୍ଜନ ଓ ପୁନଃବସତି ଥଇଥାନ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମିଥ୍ୟା କାଗଜପତ୍ର ଦାଖଲ କିମ୍ବା ଜାଲିଆତି କରି ଗୋହୀରା ଡ୍ୟାମ କ୍ଷତିପୂରଣ ଅର୍ଥ ୧ କୋଟି ୨୨ ଲକ୍ଷ ୪୪ ହଜାର ୧୮୪ ଟଙ୍କା ଆତ୍ମସାତ କରିଥିବା ନେଇ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଗତ ଅଗଷ୍ଟ ୧୦ରେ ଦେବଗଡ଼ ଥାନାରେ ଲିଖିତ କରିବା ସହ ୧୨ ତାରିଖରେ ରେଜଷ୍ଟ୍ରି ଡାକ ଜରିଆରେ ମଧ୍ୟ ଅଭିଯୋଗ କରିଥିଲେ। ମାତ୍ର ବିଭିନ୍ନ ଆଳ ଦେଖାଇ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରି ନ ଥିଲା। ଫଳରେ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଶରତ କୁମାର ବାଗ ବାଧ୍ୟ ହୋଇ ଦେବଗଡ଼ ଏସ୍‌ଡିଜେଏମ୍ ଅଦାଲତର ଆଶ୍ରୟ ନେଇଥିବା ବାଗ ପ୍ରକାଶ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ, ସ୍ୱତନ୍ତ୍ର ଭୂଅର୍ଜନ ଓ ପୁନଃବସତି ଥଇଥାନ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମିଥ୍ୟା କାଗଜପତ୍ର ଦାଖଲ କିମ୍ବା ଜାଲିଆତି କରି ୧ କୋଟି ୨୨ ଲକ୍ଷ ୪୪ ହଜାର ୧୮୪ ଟଙ୍କା ଆତ୍ମସାତ ଘଟଣାରେ ବିଭାଗୀୟ କର୍ତ୍ତୃପକ୍ଷ ଇତିମଧ୍ୟରେ ୨ଟି ପର୍ଯ୍ୟାୟରେ ୫ଜଣ କର୍ମଚାରୀ ଓ ଅଧିକାରୀ ନିଲମ୍ବିତ ହୋଇସାରିଛନ୍ତି। ନିଲମ୍ବିତମାନଙ୍କ ମଧ୍ୟରେ ବିଭାଗୀୟ ପୂର୍ବତନ କନିଷ୍ଠ ସହାୟକ ତଥା ବର୍ତ୍ତମାନ ନୂଆପଡା ଜିଲା ଖରିଆରରେ ସ୍ୱତନ୍ତ୍ର ଭୂଅର୍ଜନ କାର୍ଯ୍ୟାଳୟ ବରିଷ୍ଠ ସହାୟକ ଡମ୍ବରୁଧର ପ୍ରଧାନ, ବରିଷ୍ଠ କିରାଣି ଗିରିଜା ଭୂଷଣ ପ୍ରଧାନ, ଅମିନ ପ୍ରଫୁଲ୍ଲ କୁମାର ମହାପାତ୍ର, ଅମିନ ଭୋଳେଶ୍ୱର ସାହୁ ଓ ପୂର୍ବତନ ଜୋନ ଅଫିସର ତଥା ବର୍ତ୍ତମାନ ବାଙ୍କି ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆସିଷ୍ଟାଣ୍ଟ କଲେକ୍ଟର(ଓଆର୍‌ଏସ୍)ଭାବେ କର୍ଯ୍ୟରତ ଧନଞ୍ଜୟ କିଷାନ ରହିଥିବା ଜଣାପଡିଛି। ଅନ୍ୟପକ୍ଷରେ ଅଦାଲତ ନଥିପତ୍ର ଜାଲିଆତି ପୂର୍ବକ କ୍ଷତିପୂରଣ ଅର୍ଥ ଆତ୍ମସାତ ଘଟଣାରେ ଦେବଗଡ଼ ପୌରାଞ୍ଚଳ ପୁରୁଣାଗଡ଼ର ନରେଶ କୁମାର ରଣା(ଆଇନଜୀବୀ)ଙ୍କ ବିରୋଧରେ ମଧ୍ୟ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରାଯାଇଥିବା ଜଣାପଡିଛି। ସିଭିଲ ଜଜ୍ (ସିନିୟର ଡିଭିଜନଙ୍କ ଅଦାଲତ)ଦେବଗଡ଼ଙ୍କ ଡିକ୍ରି ନାମରେ ପ୍ରସ୍ତୁତ ହୋଇଥିବା ଜାଲ ନଥିପତ୍ର ପ୍ରସ୍ତୁତିରେ ରଣାଙ୍କ ସମ୍ପୃକ୍ତି ରହିଥିବା ନେଇ ମଧ୍ୟ ସ୍ୱତନ୍ତ୍ର ଭୂଅର୍ଜନ ଓ ପୁନଃବସତି ଥଇଥାନ ଅଧିକାରୀ ଦେବଗଡ଼ ଥାନାରେ ଲିଖୀତ ଅଭିଯୋଗ କରିଥିଲେ।

## ଆଜିଠୁ ଜିଲାରେ ଖରିଫ ଧାନକିଣା ଆରମ୍ଭ



ବୈଠକରେ ଧାନ କିଣା ନେଇ ଆଲୋଚନା କରାଯାଉଛି।

### ଧାନ କ୍ରୟ ପୂର୍ବରୁ ତୃତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର

ଦେବଗଡ଼,୧୯।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାରେ ଧାନ କ୍ରୟ ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ତୃତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଧାନ ମଣ୍ଡି ପରିଚାଳନା ଓ ଧାନର ଏଫ୍‌ଏକ୍ୟୁ ମାନ ନିର୍ଦ୍ଧାରଣ ଆଦି ସମ୍ପର୍କରେ ଧାନ ମଣ୍ଡିର ନୋଡାଲ ଅଫିସର ଓ ମଣ୍ଡି ସୁପରଭାଇଜିଙ୍ଗ ଅଫିସରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସୂଚନା ଅନୁଯାୟୀ ଶୁକ୍ରବାର (୨୦ତାରିଖ)ଠାରୁ ଜିଲାରେ ଧାନ କ୍ରୟ ଆରମ୍ଭ ହେବ। ତିଲେଇବଣି ବ୍ଲକ କଂସର ସମବାୟ ସମିତିରେ ଧାନ କ୍ରୟ ଶୁଭାରମ୍ଭ ହେବ ବୋଲି ଜଣାପଡିଛି। ଏହି ପରିପ୍ରେକ୍ଷୀରେ ଚଳିତବର୍ଷ କିଭଳି ଠିକ ଭାବେ ଧାନ ମଣ୍ଡି ପରିଚାଳନା ହୋଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଏହି ଶିବିରରେ ଉପଜିଲାପାଳ ପରକ୍ଷୀତ ସାହୁ, ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା ଓ ସମବାୟ ସମିତି ସମୂହ ସହକାରୀ ନିବନ୍ଧକଙ୍କ ସମେତ ବିଭାଗୀୟ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ପ୍ରସନ୍ନ ପଣ୍ଡା ଛକରେ ଉଡ଼ିବ ୧୫ ମିଟର ତ୍ରିରଙ୍ଗା

ଝାରସୁଗୁଡ଼ା,୧୯।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରର ପ୍ରସନ୍ନ ପଣ୍ଡା ଛକର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ୧୫ ମିଟର ତ୍ରିରଙ୍ଗା ଝଣ୍ଡା ଉଡିବା ପାଇଁ ବ୍ୟବସ୍ଥା କରାଯିବ। ଗୁରୁବାର ପୂର୍ବାହ୍ନରେ ଏହି ଅଞ୍ଚଳ ବୁଲିବା ସମୟରେ ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି। ବିଧାୟକ ଏଠାରେ ଥିବା ପାର୍କ ପରିଦର୍ଶନ କରି ଏହାର ଉନ୍ନତି, ବାଇପାସରେ ଥିବା ପୋଖରୀ ପୁନରୁଦ୍ଧାର ଏବଂ ବୋଟିଂ ବ୍ୟବସ୍ଥା କରିବା ସହିତ ବାଇପାସ ରାସ୍ତା ଆଲୋକୀକରଣ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରିଛନ୍ତି। ବିଧାୟକଙ୍କ ସହିତ ଏଲଆଣ୍ଡଟି କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ ଓ ଜାତୀୟ ରାଜପଥ ଅଧିକାରୀ ଉପସ୍ଥିତ ଥିଲେ।

## ଷ୍ଟାର୍ଟଅପ୍ ଓଡ଼ିଶା ଦ୍ୱାରା ଉତ୍କର୍ଷ ଓଡ଼ିଶା-୨୦୨୫ ବିଲ୍ଡ-ଅପ୍ ଇଭେଣ୍ଟ

ଝାରସୁଗୁଡ଼ା,୧୯।୧୨(ଆଶିଷ ରଞ୍ଜନ ଦାଶ)




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ଏବଂ ଅତିଥି।

ଷ୍ଟାର୍ଟଅପ ଓଡ଼ିଶା ଦ୍ୱାରା ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟରେ ଉତ୍କର୍ଷ ଓଡ଼ିଶା-୨୦୨୫ ବିଲ୍ଡ-ଅପ୍ ଇଭେଣ୍ଟ ଆୟୋଜିତ ହୋଇଛି। ଅନୁଷ୍ଠାନର ସେମିନାର ହଲରେ ଆୟୋଜିତ କାର୍ଯ୍ୟକ୍ରମ ଓଡ଼ିଶାରେ ଷ୍ଟାର୍ଟଅପ୍ ପାଇଁ ନବସୃଜନ, ଉଦ୍ୟୋଗୀ ଆତ୍ମା ଏବଂ ଏକ ତୃଣମୂଳ ଇକୋସିଷ୍ଟମ୍ ପ୍ରତିପାଦନ ଆଦି ଉତ୍କର୍ଷ ଓଡ଼ିଶା-୨୦୨୫ ଅନ୍ତର୍ଗତ ସଚେତନତା କାର୍ଯ୍ୟକ୍ରମର ଏକ ଅଂଶ ଥିଲା। କାର୍ଯ୍ୟକ୍ରମରେ ଶିଳ୍ପପତି, ନୀତି ନିର୍ଦ୍ଧାରଣକାରୀ ଏବଂ ଅନୁଷ୍ଠାନର ବିଭିନ୍ନ ଶାଖାର ୧୩୦ରୁ ଊର୍ଦ୍ଧ୍ୱ ଉତ୍ସାହୀ ଛାତ୍ର ଉପସ୍ଥିତ ଥିଲେ। ସିଭିଲ୍ ଇଞ୍ଜିନିୟରିଂ ପ୍ରଫେସର ଅମିତ କୁମାର ସାହୁ ଯୁବ ଉଦ୍ଭାବକମାନଙ୍କୁ ସଶକ୍ତ କରିବା ଏବଂ ଏହି ଅଞ୍ଚଳର ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ମଜଭୁତ କରିବା ପାଇଁ ଅନୁଷ୍ଠାନର ପଦକ୍ଷେପଗୁଡ଼ିକର ବିସ୍ତୃତ ସମୀକ୍ଷା କରିଥିଲେ। ଷ୍ଟାର୍ଟଅପ୍ ଓଡ଼ିଶାର ବରିଷ୍ଠ ପରାମର୍ଶଦାତା ସିଦ୍ଧାନ୍ତ ଶତପଥୀ ଷ୍ଟାର୍ଟଅପ୍ ଓଡ଼ିଶାର ଯୋଜନା ଏବଂ ଉପକାରିତା ବିଷୟରେ ବର୍ଣ୍ଣନା କରିବା ସହ ଛାତ୍ରମାନେ ନିଜ ଭିତରେ ଅଭିନବ ମାନସିକତା ରଖିବା ଏବଂ କିପରି ଅଧିକ ନିଯୁକ୍ତିଦାତା ହୋଇପାରିବେ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ରିନାତା ଦାସ ଚାକିରି ଖୋଜୁଥିବା ଲୋକଙ୍କ ଅପେକ୍ଷା ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ୍ ଇନୋଭେସନ୍ ଇକୋସିଷ୍ଟମ୍ ପରିବର୍ତ୍ତନ କରିବାରେ ଶିକ୍ଷାନୁଷ୍ଠାନଗୁଡିକ କିପରି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାଉପରେ ଆଲୋକପାତ କରିଥିଲେ। ଟିପିଓ ସୁବ୍ରତ ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ୧୫ଟି ବ୍ୟବସାୟ ଆଇଡିଆ ଉପସ୍ଥାପିତ ହୋଇଥିଲା। ସେଥିମଧ୍ୟରୁ ୪ଟି ଆଇଡିଆକୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାର କୃତୀ ୮ଜଣ ଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

## ଏନ୍‌ପିଏସ୍ ଶିକ୍ଷକ ସଂଘ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର

ଦେବଗଡ଼,୧୯।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ନୂତନ ପେନସନ ଭୁକ୍ତ(ଏନ୍‌ପିଏସ୍)ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ୪ ଦଫା ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମନ୍ତ୍ରୀ ଗଣ୍ଡ ଗୁରୁବାର ଦେବଗଡ ଗସ୍ତରେ ଆସିଥିବା ବେଳେ ସଂଘର ସଭାପତି ତ୍ରିନାଥ ଖୁଣ୍ଟିଆଙ୍କ ନେତୃତ୍ୱରେ ବହୁ ସଦସ୍ୟ ଓ କର୍ମକର୍ତ୍ତା ସ୍ଥାନୀୟ ସର୍କିଟ ହାଉସରେ ତାଙ୍କୁ ସାକ୍ଷାତ କରି ଉକ୍ତ ଦାବିପତ୍ର ପ୍ରଦାନ କରିବା ସହ ସେମାନଙ୍କ ୪ ଦଫା ଦାବି ପୂରଣ ନେଇ ଆଲୋଚନା କରିଥିଲେ। ବିଶେଷ ଭାବେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମାଟ୍ରିକ ସିଟି ପଦବୀକୁ ଅପଗ୍ରେଡ କରିବା ସହିତ ଯୁକ୍ତ ୨ ପଦବି କରି ଅବିକଳ କେନ୍ଦ୍ରୀୟ ହାରରେ ୩୫୪୦୦ ଟଙ୍କା ଦରମା ପ୍ରଦାନ, ଅନ୍ୟ ବିଭାଗ ପରି ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ଉଚ୍ଛେଦ କରି ୬ ବର୍ଷର ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରି ୬ଟି ଇନକ୍ରିମେଣ୍ଟ ପ୍ରଦାନ, ବିଭିନ୍ନ ଆଳ ଦେଖାଇ ବିଳମ୍ବ ହେଉଥିବା ଶିକ୍ଷକ ପଦୋନ୍ନତି ପ୍ରକ୍ରିୟା ତ୍ୱରାନ୍ୱିତ ଏବଂ ନୂତନ ପେନସନ ଉଚ୍ଛେଦ କରାଯାଇ ପୁରୁଣା ପେନସନ ଲାଗୁ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଥିବା ଜଣାପଡିଛି। ଆଲୋଚନା ଓ ଦାବିପତ୍ର ପ୍ରଦାନ ସମୟରେ ସଂଘର କାର୍ଯ୍ୟକାରୀ ସଭାପତି ମେଘନାଦ ରଣଜିତ, ବରିଷ୍ଠ ଶିକ୍ଷକ ଭବାନୀକାନ୍ତ ପ୍ରଧାନ, ଅଶୋକ କୁମାର ସାହୁ , ଅଞ୍ଜନ କୁମାର ପ୍ରଧାନ , ଶରତ ଚନ୍ଦ୍ର ନାୟକ ଓ ଅଭିମନ୍ୟୁ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ନର୍ଦ୍ଦମାରେ ପାଣି ଟେପ ସଂଯୋଗ ନେଇ ଅସନ୍ତୋଷ

ଝାରସୁଗୁଡ଼ା,୧୯।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ମ୍ୟୁନିସିପାଲିଟି ଦ୍ୱାରା ୱାର୍ଡ ନମ୍ବର ୩ ଓ ୧୭ରେ ନର୍ଦ୍ଦମାରେ ଲାଗି ପିଇବା ପାଣିର ଟେପ ସଂଯୋଗ କରିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ୱାର୍ଡ ନମ୍ବର ୩ ମାରୱାଡି ପଡ଼ା, ଓ ୱାର୍ଡ ନମ୍ବର ୧୭ ପୁରୁଣାବସ୍ତିରେ ଯାଇଥିବା ଡ୍ରେନକୁ ଲାଗି ଟେପଗୁଡିକ ସଂଯୋଗ କରାଯାଉଛି। କାମ କରୁଥିବା କର୍ମଚାରୀଙ୍କୁ କହିଲେ ମଧ୍ୟ ଶୁଣୁ ନ ଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଲୋକମାନେ ପାଣି ଯୋଗାଣ ହେଲେ ଡ୍ରେନ ମାଧ୍ୟମରୁ ଦୂଷିତ ପାଣି ମିଶି ଆସି ଝାଡ଼ାବାନ୍ତି ତଥା ଅନ୍ୟାନ୍ୟ ରୋଗ ସୃଷ୍ଟି କରିବ ବୋଲି ଆଶଙ୍କା କରୁଛନ୍ତି। ଏ ନେଇ ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକଙ୍କୁ ପଚରାଯିବାରୁ ଯଦି ଟେପଗୁଡିକ ଡ୍ରେନରେ ଲାଗି ସଂଯୋଗ କରାଯାଉଛି। ତେବେ ଏହାକୁ ବନ୍ଦ କରି ଲୋକଙ୍କ ଘର ପାର୍ଶ୍ୱରେ ସଂଯୋଗ ଦିଆଯିବ ବୋଲି କହିଛନ୍ତି।

## ସୁରୁଖୁରୁରେ ଧାନ କିଣିବାକୁ ନିର୍ଦ୍ଦେଶ ଦେଲେ ବିଧାୟକ

କୋଲାବିରା,୧୯।୧୨(ଚିନ୍ମୟ କୁମାର ବହିଦାର)



ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଗୁରୁବାର କୋଲାବିରା ସେବା ସମବାୟ ସମିତି ପରିଦର୍ଶନରେ ଆସିଥିଲେ। ଏହି ସମୟରେ ବିଧାୟକ ଧାନ କିଣାବିକାରେ ଦେଖାଦେଇଥିବା ସମସ୍ୟା ବିଷୟରେ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଏଫ୍‌ଏକ୍ୟୁର ଶକ୍ତ ମାନଦଣ୍ଡ ଯୋଗୁ ଆଜି ପର୍ଯ୍ୟନ୍ତ ଜଣେ ହେଲେ ଚାଷୀଙ୍କ ଧାନ କିଣାଯାଇ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଦେଖାଦେଇଥିବା ହତାଶ ଭାବକୁ ବିଧାୟକଙ୍କ ସମକ୍ଷରେ ଉପସ୍ଥାପନ କରାଯାଇଥିଲା। ବିଧାୟକ ତ୍ରିପାଠୀ ସମସ୍ତ ବିଷୟ ଅବଗତ ହେବା ପରେ ଚାଷୀଙ୍କ ସମସ୍ୟାରେ ଯଥାର୍ଥତା ରହିଥିବା ବିଷୟରେ ଅନ୍ୟ ଅଧିକାରୀଙ୍କୁ ଚାଷୀଙ୍କଠାରୁ ସୁରୁଖୁରୁରେ ଧାନ କିଣିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ଧାନକୁ ଶୁଖିଲା ଏବଂ ସଫା କରି ମଣ୍ଡିକୁ ଆଣିବାକୁ ଚାଷୀକୁ ପରାମର୍ଶ ଦେଇଥିଲେ। ଧାନ ଉଠିବାରେ ଯେପରି କୌଣସି ଅଭିଯୋଗ ନ ହୁଏ ସେଥିପାଇଁ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଧାନର ଆଦ୍ରତା ଏବଂ ଧୂଳି, ଗୁଣ୍ଡ ଆଦିକୁ ସଫା କରିବା, ମାନଦଣ୍ଡକୁ ଚାଷୀ ପୁନର୍ବାର ଚେଷ୍ଟା କରି ପୂରଣ କରିପାରିବ। ମାତ୍ର ଧାନରେ ଦେଖାଦେଉଥିବା ବେରଙ୍ଗ, ଟେଢା ମେଢା ଧାନ ଯୋଗୁ କଟନିଛଟନିକୁ କୋହଳ କରିବାକୁ ଚାଷୀ ଅନୁରୋଧ କରିଥିଲେ। ଏହି ଅବସରରେ ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ସନ୍ତୋସିନୀ ପଣ୍ଡା, ଏଆର୍‌ସିଏସ୍ ରମେଶ ଚନ୍ଦ୍ର ଟପ୍ପୋଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହିଥିଲେ।

## ପୋଲିସ ଜୁନିୟର ଟିମ୍ ଚାମ୍ପିୟନ

### ଜିଲା ପୋଲିସ ପକ୍ଷରୁ ଏକ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଦେବଗଡ଼,୧୯।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ରିଜର୍ଭ ପୋଲିସ ପଡ଼ିଆରେ ଜିଲା ପୋଲିସ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ ଏକ ଦିବସୀୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ଏହି ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ବନବିଭାଗ ଦଳକୁ ୩୪ ରନରେ ପରାସ୍ତ କରି ପୋଲିସ (ଜୁନିୟର) ଦଳ ଚାମ୍ପିୟନ ହୋଇଛି। ଦେବଗଡ ପୋଲିସ (ଜୁନିୟର) ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ବିନିମୟରେ ୧୨୮ ରନ ସଂଗ୍ରହ କରିଥିଲା। ଜବାବରେ ୧୨୯ ରନର ବିଜୟ ଲକ୍ଷ୍ୟ ନେଇ ଦେବଗଡ଼ ବନବିଭାଗ ଦଳ ଖେଳ ଆରମ୍ଭ କରିଥିବା ବେଳେ ୧୨ ଓଭର ଖେଳି ୯୪ ରନ ସଂଗ୍ରହ କରିବାରେ ସଫଳ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ବନବିଭାଗ ଓ ପୋଲିସ (ଜୁନିୟର) ଦଳ ସମେତ ପୋଲିସ (ସିନିୟର), ବିଦ୍ୟୁତ୍ ବିଭାଗ, ରିଆମାଳ ବ୍ଲକ ପ୍ରଶାସନ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଜିଲା ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଦେବଗଡ଼ ବନଖଣ୍ଡ ଅଧିକାରୀ ମଗର ଧାନାଜି ରାଓସୋ, ଉପଜିଲାପାଳ ପରକ୍ଷୀତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଭୟ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବିଭିନ୍ନ ବିଭାଗ ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ ବନ୍ଧୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିବା ଅତିଥିମାନେ କହିଥିଲେ।




ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି।

## ୬ ବର୍ଷ ହେବ ହିର୍ମା-ମଳଦା ସେତୁ ଅସମ୍ପୂର୍ଣ୍ଣ

### ଅଧାରୁ କାମ ଛାଡ଼ିଲେ ଠିକାଦାର

ଝାରସୁଗୁଡ଼ା,୧୯।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ସଦର ବ୍ଲକ ଅନ୍ତର୍ଗତ ହିର୍ମା-ମଳଦା ସେତୁ ଆଜକୁ ପ୍ରାୟ ୬ ବର୍ଷ ହେବ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଝାରସୁଗୁଡା ବ୍ଲକର ୨ଟି ପଞ୍ଚାୟତ ମଳଦା ଓ ପତ୍ରାପାଲିର ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଭେଡେନ ନଦୀରେ ସେତୁ ନ ଥିବାରୁ ସମ୍ବଲପୁର ଜିଲା ଠେଲାକୋଳି ଦେଇ ପ୍ରାୟ ୧୮ କିଲୋମିଟର ରାସ୍ତା ବୁଲି ଝାରସୁଗୁଡ଼ା ସହରକୁ ବିଭିନ୍ନ କାମ ପାଇଁ ଯାଉଛନ୍ତି। ଆଜକୁ ୬ ବର୍ଷ ତଳେ ବିଜୁ ସେତୁ ଯୋଜନାରେ ଭେଡେନ ନଦୀ ଉପରେ ପୋଲ ନିର୍ମାଣ ପାଇଁ ୧୩ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଗତ ୨୦୧୮ ନଭେମ୍ବର ୨୮ ତାରିଖ ଠାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଭୁବନେଶ୍ୱରର ଏକ ଠିକା କମ୍ପାନୀ ଟେଣ୍ଡର ମାଧ୍ୟମରେ କାମ ପାଇ କେବଳ ୨୦ ପ୍ରତିଶତ କାମ କରି କୌଣସି କାରଣରୁ ଓହରି ଯାଇଥିଲା। ଫଳରେ ୩ବର୍ଷ ଭିତରେ ସରିବା କାମ ଆଜି ପର୍ଯ୍ୟନ୍ତ ପଡ଼ିରହିଛି। ବିଲ ବାବଦକୁ ୩ କୋଟି ୯୭ ଲକ୍ଷ ଟଙ୍କା ପୈଠ ହୋଇ ସାରିଛି। ଗ୍ରାମ୍ୟ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ବିନୋଦ ବିହାରୀ ଛୁରିଆ କହିଛନ୍ତି ଯେ, ଶୀଘ୍ର କାମ ଆରମ୍ଭ କରିବା ପାଇଁ ଆମେ ରାଜ୍ୟ ସରକାରଙ୍କୁ ଆହୁରି କିଛି ଅର୍ଥ ମଞ୍ଜୁର କରିବା ପାଇଁ ଚିଠି ଲେଖିଛୁ ଏବଂ କାମ ମଧ୍ୟ ଶୀଘ୍ର ଆରମ୍ଭ ହେବ। ମଳଦା, ପତ୍ରାପାଲି ଲୋକେ ୩୦୦ ମିଟର ସେତୁ ଅଭାବରୁ ୧୫ କିଲୋମିଟର ରାସ୍ତା ବୁଲି ଜିଲା ମୁଖ୍ୟାଳୟକୁ ଯିବା ସହିତ ଆଜିର ଦିନରେ ଭେଡେନ ନଦୀ ପାର ହେବା ପାଇଁ ଘଣ୍ଟା ଘଣ୍ଟା ନଦୀକୂଳରେ ଅପେକ୍ଷା କରିବାକୁ ପଡୁଛି।



ଅର୍ଦ୍ଧନିର୍ମିତ ସେତୁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସତ୍ୟପ୍ରକାଶ
ପରିବାରବର୍ଗ


ରାଜ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାହୁଲ ଓଡ଼ିଶା ଆସିବା ଆଗରୁ କ୍ଷମା ମାଗନ୍ତୁ: ଭାଜପା



ସଂସଦରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ହିଂସାତ୍ମକ ଆଚରଣ ପ୍ରତିବାଦରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଭୁବନେଶ୍ୱର, ୧୯।୧୨ (ସୁନିତ୍ ମିଶ୍ର)

ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସଂସଦ ସମ୍ମୁଖରେ ଆକ୍ରମଣକରି ମୁଣ୍ଡ ଫଟେଇ ଲହୁଲୁହାଣ କରିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ ବୋଲି ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା କହିଛନ୍ତି। ଏପରି ହିଂସ୍ର ଆଚରଣ ହେଉଛି କଂଗ୍ରେସର ପାରିବାରିକ ପରମ୍ପରା। ଏହି ଦଳ ହେଉଛି ହିଂସାର ବାହକ। ଇନ୍ଦିରା ଗାନ୍ଧୀଙ୍କ ଜରୁରିକାଳୀନ ପରିସ୍ଥିତିରେ ହୋଇଥିବା ହିଂସାଠାରୁ ଆରମ୍ଭକରି ରାହୁଲ ଭିଆଇ ଥିବା ବର୍ତ୍ତମାନର ଘଟଣା ପର୍ଯ୍ୟନ୍ତ ସବୁରି ମୂଳରେ ହିଂସା ରହିଛି। ତେଣୁ ଏନେଇ ରାହୁଲ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ସେ କହିଛନ୍ତି । ଏଭଳି ଘଟଣାକୁ ବିରୋଧକରି ଅଭିଲାଷଙ୍କ ନେତୃତ୍ୱରେ ଭାଜପା ଯୁବମୋର୍ଚ୍ଚା କର୍ମୀ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଠାରେ ରାହୁଲଙ୍କ କୁଶପୁତ୍ତଳିକା ଦାହକରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଭାଜପା ଯୁବମୋର୍ଚ୍ଚା ପକ୍ଷରୁ କୁହାଯାଇଛି, ରାହୁଲଙ୍କ କୁଶପୁତ୍ତଳିକା ଦାହକରି ଚେତାଇ ଦେଉଛୁ ଓଡ଼ିଶାର ଏହି ପବିତ୍ର ଭୂମିରେ ସେ ପାଦଦେବା ପୂର୍ବରୁ କ୍ଷମା ମାଗନ୍ତୁ, ନ ହେଲେ ସେ କେବେହେଲେ ଏଠାରେ ପାଦ ରଖିପାରିବେ ନାହିଁ ବୋଲି ଅଭିଲାଷ କହିଛନ୍ତି।

## ରାହୁଲଙ୍କ ଗୁଣ୍ଡାଗର୍ଦ୍ଦି ଲଜ୍ଜାଜନକ: ମନମୋହନ

ଭାଜପାର ବରିଷ୍ଠ ନେତା ତଥା ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ପାର୍ଲାମେଣ୍ଟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଧକ୍କାମାରି ଆହତ କରିବା ଘଟଣା ନିନ୍ଦନୀୟ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସେ କହିଛନ୍ତି, ରାହୁଲୀଙ୍କ ଏଭଳି ଗୁଣ୍ଡାଗର୍ଦ୍ଦି ଅତ୍ୟନ୍ତ ଲଜ୍ଜାଜନକ। ଗଣତନ୍ତ୍ରକୁ ସଭିଏଁ ସମ୍ମାନ ଦେବା ଉଚିତ। ଏଠାରେ ହିଂସାର କୌଣସି ସ୍ଥାନ ନାହିଁ। ଦାୟିତ୍ୱସମ୍ପନ୍ନ ଦଳର ବିରୋଧୀ ଦଳ ନେତା ବୋଲି ଦାବି କରୁଥିବା ରାହୁଲ ଗାନ୍ଧୀ ଯେଉଁଭଳି ବ୍ୟବହାର ପ୍ରଦର୍ଶନ କରିଛନ୍ତି, ତାହାକୁ ଭାରତୀୟମାନେ ନିନ୍ଦା କରୁଛନ୍ତି ବୋଲି ମନମୋହନ କହିଛନ୍ତି। ଚିକିତ୍ସାଧୀନ ଥିବା ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସେ ଆଶୁ ଆରୋଗ୍ୟ କାମନା କରୁଥିବା କହିଛନ୍ତି।

# ୨୬ରେ ସବୁ ନିର୍ବାଚନମଣ୍ଡଳୀରେ ବିଜେଡି ପାଳିବ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୧୯।୧୨ (ଅନିଲ ଦାସ)

ଆସନ୍ତା ୨୬ ତାରିଖରେ ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସ ପାଳନ କରିବ। ଶଙ୍ଖ ଭବନଠାରେ ଅନୁଷ୍ଠିତ ଏ ସମ୍ପର୍କିତ ପ୍ରସ୍ତୁତି ବୈଠକ ଶେଷରେ ବିଜେଡି ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଆସନ୍ତା ଡିସେମ୍ବର ୨୬ ତାରିଖରେ ବିଜେଡିର ୨୮ ତମ ପ୍ରତିଷ୍ଠା ଦିବସ ନିର୍ବାଚନମଣ୍ଡଳୀ ସ୍ତରରେ ପାଳନ କରାଯିବ। ଏହି ଦିବସରେ ବିଜେଡିର ଛାମୁଆ ନେତୃତ୍ୱ ପଦାଧିକାରୀ ତଥା ଶୁଭେଚ୍ଛୁମାନଙ୍କୁ ନେଇ କ୍ଷେତ୍ରୀୟ ସମ୍ମିଳନୀ/ସଭା କରି ବିଜେଡି ସରକାରର ବିଗତ ଦିନରେ ଲୋକଙ୍କ ପାଇଁ ନିଆଯାଇଥିବା ସଫଳ କାର୍ଯ୍ୟକ୍ରମ, ସାମ୍ପ୍ରତିକ ସରକାରର ଜନବିରୋଧୀ କାର୍ଯ୍ୟକ୍ରମ, ଦରଦାମ ବୃଦ୍ଧିଠାରୁ ଆରମ୍ଭ କରି ନିର୍ବାଚନ ସମୟରେ ଦିଆଯାଇଥିବା ବିଭିନ୍ନ ପ୍ରତିଶ୍ରୁତି ରକ୍ଷା କରିବାରେ ସରକାରଙ୍କ ବିଫଳତାକୁ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବ। ସାମ୍ପ୍ରତିକ ପରିସ୍ଥିତିରେ, ଓଡ଼ିଶାର ସର୍ବାଧିକ ଜନାଦେଶ ପାଇଥିବା ବିଜେଡି ଏକ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ଭାବେ ତା'ର ବିକାଶର ଆଭିମୁଖ୍ୟକୁ ଆଗେଇ ନେବା ସହିତ ବିଭିନ୍ନ ଜନ ସାଧାରଣଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗଗୁଡ଼ିକରେ ସଚେତନ କରାଇବ । ଓଡ଼ିଶାର ସ୍ୱାର୍ଥ ପାଇଁ ନିରନ୍ତର ଭାବେ ସ୍ୱର ଉତ୍ତୋଳନ କରିବ।

ରାଜ୍ୟର ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଶଙ୍ଖଭବନଠାରେ ଭୁବନେଶ୍ୱର ଓ ସଂଲଗ୍ନ ଜିଲାମାନଙ୍କୁ ନେଇ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ଦଳର ସଭାପତି ନବୀନ ପଟ୍ଟନାୟକ ଯୋଗଦେବେ। ଶଙ୍ଖଭବନଠାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମ ପାଇଁ ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି।

# ୪ରେ ପାଟଣା ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ

ପାଟଣା, ୧୯।୧୨ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକଙ୍କ ବିରୋଧରେ ଜାନୁୟାରୀ ୪ ତାରିଖ ଅପରାହ୍ନ ୧୧ ଟା ୩୦ରେ ଅନାସ୍ଥା ଭୋଟ ହେବ। ଏ ନେଇ କେନ୍ଦୁଝର ଉପ ଜିଲାପାଳ ଉମାଶଙ୍କର ଦଳେଇଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ର ସଂଖ୍ୟା ୧୨୮୯୧(୪୨)ରେ ସମସ୍ତ ନିର୍ବାଚିତ ସମିତି ସଭ୍ୟ, ସରପଞ୍ଚ, ବିଧାୟକ ଓ ଏମ୍‌ପିଙ୍କୁ ସୂଚନା ଦିଆଯାଇଛି। ଓଡ଼ିଶା ପଞ୍ଚାୟତ ସମିତି ଆଇନ ୧୯୫୯ଧାରା ୪୬(ଖ) ଅନୁଯାୟୀ, ଉକ୍ତ ଦିନ ଅନାସ୍ଥା ପ୍ରସ୍ତାବ ପାଇଁ ସାହାରପଡ଼ା ବିଡିଓ ରଞ୍ଜିତ ମହାନ୍ତଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ଡିସେମ୍ବର ୧୩ ରେ ୧୪ଜଣ ସମିତି ସଭ୍ୟଙ୍କ ଦସ୍ତଖତ ସମ୍ବଳିତ ଅନାସ୍ଥା ପ୍ରସ୍ତାବକୁ ୪ଜଣ ସଦସ୍ୟ କେନ୍ଦୁଝର ଉପ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ପରେ ବୁଧବାର ସମସ୍ତ ଦସ୍ତଖତକୁ ଯାଞ୍ଚ କରାଯିବା ପରେ ଗୁରୁବାର ଅନାସ୍ଥା ପ୍ରସ୍ତାବ ପାଇଁ ଦିନ ଧାର୍ଯ୍ୟ ହୋଇଥିବା ଉପ ଜିଲାପାଳ କହିଛନ୍ତି।

# ଘଟଣାର ସତ୍ୟାସତ୍ୟ ଲୋକଲୋଚନକୁ ଆସୁ: ବିଜେଡି

ଭୁବନେଶ୍ୱର, ୧୯।୧୨ (ଅନିଲ ଦାସ)

ପାର୍ଲାମେଣ୍ଟରେ ଘଟିଥିବା ଘଟଣା ସଂସଦର ଗରିମା କ୍ଷୁଣ୍ଣ କରିଥିବା ବେଳେ ଏହାର ସତ୍ୟାସତ୍ୟ ଲୋକଲୋଚନକୁ ଆସୁ ବୋଲି ବିଜୁ ଜନତା ଦଳ ଦାବି କରିଛି। ବିଜେଡି ମୁଖପାତ୍ର ତଥା ମିଡିଆ ସଂଯୋଜକ ଲେନିନ୍ ମହାନ୍ତି କହିଛନ୍ତି, ଗଣତନ୍ତ୍ରର ମନ୍ଦିର ସ୍ୱରୂପ ସଂସଦର ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବା ସମସ୍ତଙ୍କ କର୍ତ୍ତବ୍ୟ। ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ। ଅହିଂସାର ଗୁରୁତ୍ୱ ଉପଲବ୍ଧି କରି ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ସମ୍ବିଧାନର ମୁଖବନ୍ଧରେ ଅହିଂସା ଶବ୍ଦକୁ ରଖିବା ପାଇଁ ପ୍ରସ୍ତାବ ରଖିଛନ୍ତି। ସଂସଦରେ ଘଟିଥିବା ଘଟଣାର ସତ୍ୟାସତ୍ୟ ଲୋକଲୋଚନକୁ ଆସିବା ଅତ୍ୟନ୍ତ ଜରୁରୀ। ଯେଉଁ ବ୍ୟକ୍ତି ଆଇନକୁ ଉଲ୍ଲଂଘନ କରିଛନ୍ତି ଆଇନ ଅନୁସାରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ। ଏହାକୁ ନେଇ କୌଣସି ରାଜନୀତି ହେବା ଉଚିତ ନୁହେଁ। ସାଂସଦ ହୁଅନ୍ତୁ କି ବିଧାୟକ କିମ୍ବା ରାଜ୍ୟପାଳଙ୍କ ପୁଅ କେହି ଆଇନର ଊର୍ଦ୍ଧ୍ୱରେ ନୁହନ୍ତି।

# ଭାଜପାକୁ ନିନ୍ଦାକଲା କଂଗ୍ରେସ

ଭୁବନେଶ୍ୱର, ୧୯।୧୨ (ସୁନିତ୍ ମିଶ୍ର)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗତ ୧୭ ତାରିଖରେ ଭୀମରାଓ ଆମ୍ବେଡକରଙ୍କ ପ୍ରତି ଅସମ୍ମାନଜନକ ମନ୍ତବ୍ୟ ଦେଇଥିବାରୁ କଂଗ୍ରେସ ଏହାର ଦୃଢ଼ ନିନ୍ଦା କରିବା ସହ କ୍ଷୋଭ ପ୍ରକାଶ କରିଛି। ଅଖିଳ ଭାରତ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ, ସଂଖ୍ୟାଲଘୁ, ଯୁବ ଓ ଛାତ୍ର କଂଗ୍ରେସ ଗୁରୁବାର ମିଳିତ ଭାବେ ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନ୍‌ଠାରେ ଏହାର ପ୍ରତିବାଦ କରିବା ସହ ଅମିତ ଶାହାଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। କଂଗ୍ରେସ ଭବନଠାରୁ ଏକ ମିଳିତ ଶୋଭାଯାତ୍ରା ବାହାରି ମାଷ୍ଟରକ୍ୟାଣ୍ଟିନ୍ ଅଭିମୁଖେ ଯାଇଥିଲା। ଏଥିରେ କଂଗ୍ରେସ କର୍ମୀମାନେ ଆମ୍ବେଡକରଙ୍କ ଦେଶ ପ୍ରତି ଥିବା ତ୍ୟାଗ ଓ ବଳିଦାନକୁ ସ୍ଲୋଗାନ ଜରିଆରେ ଜଣାଇଥିଲେ। ଦିଲ୍ଲୀରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ତଳେ ଏଆଇସିସି ସଭାପତି ତଥା ରାଜ୍ୟ ସଭା ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ଉପରେ କେତେଜଣ ଭାଜପା ଏମ୍‌ପି ଆକ୍ରମଣ କରିଥିବାରୁ ଏହାକୁ ନେତୃମଣ୍ଡଳୀ ନିନ୍ଦା କରିଛନ୍ତି। ସରକାରରେ ଥିବା ଦଳ ସମ୍ବିଧାନ ପ୍ରଣେତା ଆମ୍ବେଡକରଙ୍କ ବିଷୟରେ ଅରୁଚିକର ମନ୍ତବ୍ୟ ଓ ଖାର୍ଗେଙ୍କ ଉପରେ ଆକ୍ରମଣ, ଲୋକ ସଭା ପ୍ରବେଶ ପଥରେ ରାହୁଲଙ୍କୁ ଭାଜପା ଏମ୍‌ପିମାନେ ପ୍ରତିରୋଧ କରିବା ଘଟଣାକୁ ଦଳ ପକ୍ଷରୁ ନିନ୍ଦା କରାଯାଇଛି।


Classified Everyday
0674-2580101, 9692975378




SALE

4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact: 9438362399. D-2310

(A) Commercial plot, facing to NH Road, Nakhara to Niali NH 10000 sqft., 3 sides road, (B) Residential plot near Petal English Medium School 1250 sqft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452. D-76401

50 ହଜାରରୁ 5 ଲକ୍ଷ ମଧ୍ୟରେ ଇନ୍‌ଭେଷ୍ଟମେଣ୍ଟ ପ୍ଲଟ୍, upto 1cr. Plots, Flats, 8917622925. D-2287

ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି SC/ Gen. ପ୍ଲଟ୍ କିଣନ୍ତୁ। 9658562429. D-76224

Scheduled Caste conversion boundary plot sale, Argul Station near IIT, 4000 sqft., 14,00,000/-. General 5000 sqft. plot, 30,00,000/-. Close to 40ft. pitchuroad- 9040074834. D-76225

Sum Hospital / Kalinga Studio Chowkରୁ 4 Km. ଦୂରରେ Gharabari, Yellow zone, boundary plot, Electricity ସହ କିଣନ୍ତୁ, immediate ଘର କରନ୍ତୁ - 9437581914. D-76223

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810. D-2318

Gharabari converted plots available near Hitech Square, Sundarpada, Bhubaneswar. For more details contact- 9938015048. D-2317

Official space & shops (BMC & RERA approved) for sale in a prime location of BBSR. For details please contact: 7605932509. D-2319




AIIMS- Shop for To-Let/ Lease/ Sale- Vipul Plaza Market Complex, AIIMS Main Gate, Bhubaneswar, Lift DG Security facility Commercial Shop on Rent/ Sale- 9861129574, 8586928386, 9818226704. D-2295

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open health benefits spa by experience lady therapist. 7750040475. D-76179

AFFIDAVIT

By virtue of an affidavit sworn before Executive Magistrate, Sanakhemundi, Ganjam dated 18.12.2024, I, Tukuna Das, Address: Village- Dharmaraypur, P.O.-P.Ramachandrapur, P.S.- Pattapur, Dist.- Ganjam, Odisha- 761013 declare that I have changed my daughter's name from Adyasa Das to Priyadarshini Das. Henceforth, she shall be known as Priyadarshini Das for all purposes. Tukuna Das D-2316

I, Keerthi Arland, W/o Anand Raymond Arland resident of At- House No.66, Essen Residency, Raghunathpur, Opp. Lalchand Jewellers, Patia, Bhubaneswar- 751024, Dist.- Khordha, Odisha declare by this affidavit CF.No.84, dtd.03.12.2024 that now onwards I shall be known as Keerthishree Arland for all future purposes. D-2326

I, Pradeep Kumar Patnaik, S/o Late Krushnamohan Pattanaik, resident of Mohanty Sahi, P.O./P.S.- Banapur, Dist.- Khordha, Pin - 752031, Odisha declare by this affidavit No.11 dtd. 18.12.2024 that now onwards I shall be known as PRADEEP KUMAR PATTANAIK for all future purposes. D-2321

By virtue of an affidavit sworn before Notary Public, Dtd. 18.12.2024, I Chakradhar Birua, Address: At/P.O.- Jamda, P.S.- Jamda, Dist.- Mayurbhanj, Pin- 757045 declare that I have changed my son's name from Dibashmohanrasairsi Birua to Debasman Birua. Henceforth, he shall be known as Debasman Birua for all purposes. Chakradhar Birua. D-2322

By virtue of Affidavit No. CA 100, Dated-18.12.2024, sworn before the Executive Magistrate, Bhubaneswar, I MANAMAYEE DAS, wife of Rakesh Kumar Das, of Village- Gadajit, P.O.- Dompara, P.S.- Banki, Dist.- Cuttack, declare that I want to change my name in Aadhaar Card from MANAMAYEE DAS to MANMAYEE PARIJA as both names are of same person and henceforth I will be known as MANMAYEE PARIJA for all future purpose. D-2323

I, Ananda R Arland, S/o Late Alfred Rock Arland, resident of At- House No.66, Essen Residency, Raghunathpur, Opp. Lalchand Jewellers, Patia, Bhubaneswar- 751024, Odisha declare by this affidavit No.85, dtd.03.12.2024 that now onwards I shall be known as Anand Raymond Arland for all future purposes. D-2325

By virtue of an affidavit sworn before Executive Magistrate, Anandapur dated 6.12.2024 I, Aparna Ganguli, At - Fakirpur, Anandapur of Keonjhar District declare that my name mentioned in the new Aadhaar card, Bank Pass Book and pension paper is same and one person as mentioned in the previous Aadhaar card as CHARULATA GANGULI. Henceforth, I shall be known as APARNA GANGULI for all purpose. D-2327



ଧ-୨୩୨୪


# ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ଏମ୍‌ପିଙ୍କ ପ୍ରତିନିଧିମଣ୍ଡଳୀ


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଗୁରୁବାର ଓଡ଼ିଶା ଏମ୍‌ପିମାନଙ୍କ ଏକ ପ୍ରତିନିଧିମଣ୍ଡଳୀ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁଙ୍କୁ ନୂଆଦିଲ୍ଲୀଠାରେ ଭେଟୁଛନ୍ତି।

ଭୁବନେଶ୍ୱର, ୧୯।୧୨ (ସୁନିତ୍ ମିଶ୍ର)

**ପୁରୀରେ ନୂଆ ଏୟାରପୋର୍ଟ, କଟକ ଚାରବାଟିଆ ଏୟାରଫିଲ୍ଡକୁ ପୂର୍ଣ୍ଣାଙ୍ଗ ବେସାମରିକ ବିମାନବନ୍ଦର କରିବାକୁ ଅନୁରୋଧ**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଗୁରୁବାର ଓଡ଼ିଶା ଏମ୍‌ପିମାନଙ୍କ ଏକ ପ୍ରତିନିଧିମଣ୍ଡଳୀ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁଙ୍କୁ ଭେଟିଛନ୍ତି। ରାଜ୍ୟରେ ନୂତନ ବିମାନବନ୍ଦର ଓ ନୂତନ ଟର୍ମିନାଲ ନିର୍ମାଣ, ବିମାନବନ୍ଦର ସମ୍ପ୍ରସାରଣ ଓ ସଂଯୋଗୀକରଣ, ଯାତ୍ରୀ ସୁବିଧା ଏବଂ ଯୋଗାଯୋଗ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଏହି ପ୍ରତିନିଧିମଣ୍ଡଳୀଙ୍କ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଭାଜପା ଏମ୍‌ପିମାନଙ୍କ ପକ୍ଷରୁ ଦାବି ରଖାଯାଇଛି, ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ନୂତନ ଟର୍ମିନାଲ ଭବନ ନିର୍ମାଣ, ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରର ଦ୍ୱିତୀୟ ପର୍ଯ୍ୟାୟ ନବୀକରଣ, ପୁରୀରେ ନୂଆ ବିମାନବନ୍ଦର ପ୍ରତିଷ୍ଠା ସହ କଟକ ଚାରବାଟିଆ ଏୟାରଫିଲ୍ଡକୁ ପୂର୍ଣ୍ଣାଙ୍ଗ ବେସାମରିକ ବିମାନବନ୍ଦରରେ ପରିଣତ କରାଯାଉ। ରାଉରକେଲା ଓ ଜୟପୁର ଏୟାରଷ୍ଟ୍ରିପ୍‌ର ସମ୍ପ୍ରସାରଣ ଏବଂ ବଲାଙ୍ଗୀର ଟୁଷୁରା ଏୟାରଷ୍ଟ୍ରିପର ନବୀକରଣ କରିବା ପାଇଁ ମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି। 'ଉଡାନ ଯୋଜନା' ସାଧାରଣ ଲୋକଙ୍କ ସ୍ୱପ୍ନ ଓ ଆକାଂକ୍ଷାକୁ ପୂରଣ କରିଥିବା ବେଳେ ଏହି ଯୋଜନାରେ ଢେଙ୍କାନାଳର ବିରାସାଲ, ସମ୍ବଲପୁରର ହୀରାକୁଦ, ଗଞ୍ଜାମର ରଙ୍ଗେଇଲୁଣ୍ଡା, ଜଗତ୍‌ସିଂହପୁରର ପାରାଦୀପ, କଳାହାଣ୍ଡିର ଉତ୍‌କେଲା, ଯାଜପୁରର କଳିଙ୍ଗନଗର, କେନ୍ଦୁଝରର ରାଇସୁଆଁ, ବରଗଡ଼ ଜିଲାର ପଦମପୁର ଓ ମୟୂରଭଞ୍ଜ ଜିଲାର ରାସଗୋବିନ୍ଦପୁର ଏବଂ ରାଇରଙ୍ଗପୁର ଏୟାରପୋର୍ଟ ସାମିଲ କରିବା ପାଇଁ ପଦକ୍ଷେପ ନେବାକୁ ସାଂସଦ ପ୍ରତିନିଧି ମଣ୍ଡଳ ଅନୁରୋଧ କରିଛନ୍ତି। ସେହିପରି ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ବଢୁଥିବା ଏୟାର ଟ୍ରାଫିକ ଏବଂ ଘରୋଇ ଏବଂ ଅନ୍ତର୍ଜାତୀୟ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି କାରଣରୁ ନୂଆ ଘରୋଇ ଟର୍ମିନାଲ ବିଲ୍ଡିଂ-୩ ପାଇଁ ମଞ୍ଜୁରି ଦିଆଗଲେ ଏହି ସମସ୍ୟାର ସମାଧାନ ହୋଇପାରିବ। ଶିଳ୍ପ ସମୃଦ୍ଧ ସହର ଝାରସୁଗୁଡ଼ାରେ ଯାତ୍ରୀଙ୍କ ଯାତାୟାତ ପାଇଁ ବୀର ସୁରେନ୍ଦ୍ର ସାଏ ଏୟାରପୋର୍ଟ ଫେଜ୍-୨ର ନବୀକରଣ କାମ ନିତାନ୍ତ ଜରୁରୀ। ରାଜ୍ୟର ପ୍ରମୁଖ ଶିଳ୍ପ ଓ ବାଣିଜ୍ୟିକ କେନ୍ଦ୍ର ଅନୁଗୋଳ ତାଳଚେରର ଖଣିଜ ଅଞ୍ଚଳ, କଳିଙ୍ଗନଗରର ଇସ୍ପାତ କେନ୍ଦ୍ର ଏବଂ ଦେଶର ସର୍ବବୃହତ୍ ବନ୍ଦର ପାରାଦୀପ ନିକଟରେ ରହିଥିବା ବେଳେ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ କ୍ୟାପିଟାଲ ରିଜିଅନ୍ ରିଂରୋଡ୍ କାମ ଚାଲୁଥିବା କାରଣରୁ ଏହି ପଦକ୍ଷେପ ଓଡ଼ିଶାର ଶିଳ୍ପ ବିକାଶରେ ସହାୟକ ହେବ। ପୁରୀରେ ରାଜ୍ୟ ସମେତ ଦେଶ ବାହାରୁ ଅନେକ ଲକ୍ଷ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀଙ୍କ ଆଗମନ ହେଉଛି। ପୁରୀରେ ବିମାନବନ୍ଦର ପ୍ରତିଷ୍ଠା ହେଲେ ତୀର୍ଥଯାତ୍ରୀମାନଙ୍କୁ ସିଧାସଳଖ ଏବଂ ନିରନ୍ତର ବିମାନସେବା ମିଳିପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଧରିତ୍ରୀ 51 Years

# ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୦/୨୦୨୪ Bhubaneswar, Friday, December 20/ 2024

## ବେଦାନ୍ତ କଳିଙ୍ଗ ଲାନ୍ସର୍ସର ଜର୍ସି ଉନ୍ମୋଚନ

ଭୁବନେଶ୍ୱର,୧୯।୧୨
(ସରୋଜ ଜେନା)

ହକିଇଣ୍ଡିଆ ଲିଗ୍(ଏଚ୍ଆଇଏଲ୍)ର ଆସନ୍ତା ସଂସ୍କରଣ ପାଇଁ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦଳର ଜର୍ସି, ମାସ୍କଟ ଓ ଥିମ୍ ସଙ୍ଗ ଗୁରୁବାର କଳିଙ୍ଗ ଷ୍ଟାଡିୟମ୍‌ରେ ଉନ୍ମୋଚିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା ଓ ବେଦାନ୍ତ ଆଲୁମିନିୟମ ସିଓଓ ତଥା କଳିଙ୍ଗ ଲାନ୍ସର୍ସର ନିର୍ଦ୍ଦେଶକ ସୁନିଲ ଗୁପ୍ତା ଉପସ୍ଥିତ ରହି ଥିମ୍ ସଙ୍ଗ, ଜର୍ସି ଓ ମାସ୍କଟ ଉନ୍ମୋଚନ କରିଥିଲେ। କଳିଙ୍ଗ ଲାନ୍ସର୍ସ ଦଳରେ ଥିଏରୀ ବ୍ରିଙ୍କମ୍ୟାନ ଅଧିନାୟକ ରହିଥିବା ବେଳେ ୮ ଜଣ ଓଡ଼ିଆ ଖେଳାଳି ଏହି ଦଳରେ ସ୍ଥାନ ପାଇଛନ୍ତି।

ଆସନ୍ତା ସିଜନ ପାଇଁ ଡିଫେଣ୍ଡିଂ ଚାମ୍ପିୟନ କଳିଙ୍ଗ ଲାନ୍ସର୍ସର ଦୁଇଟି ଜର୍ସିର ଉନ୍ମୋଚନ କରାଯାଇଛି। ୨୦୧୭ ସିଜନ ପରି କମଳା ଓ ଧଳା ରଙ୍ଗର ଜର୍ସି ଆୱେ ମ୍ୟାଚ୍ ପାଇଁ ରଖାଯାଇଥିବା ବେଳେ ହୋମ୍ ମ୍ୟାଚ୍‌ଗୁଡ଼ିକ ପାଇଁ ବ୍ଲୁ ଓ ଗ୍ରୀନ୍ ରଙ୍ଗର ଜର୍ସି ରହିଛି। ଜର୍ସିରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟକୁ ପ୍ରାଧାନ୍ୟ ଦିଆଯାଇଛି। ସେହିପରି ଓଡ଼ିଶା, କର୍ନାଟକ ଓ ତେଲଙ୍ଗାନାରେ ରାଜ୍ୟ ପକ୍ଷୀର ମାନ୍ୟତା ହାସଲ କରିଥିବା ଇଣ୍ଡିଆନ ରୋଲର(ଭଦଭଦଳିଆ) ପକ୍ଷୀ ଆଧାରରେ ଟିମ୍‌ର ମାସ୍କଟ ଜିତ୍‌କୁ ଡିଜାଇନ କରାଯାଇଛି। କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜର୍ସି ଉନ୍ମୋଚନ କରିଥିବା ବେଳେ କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା ମାସ୍କଟ ଉନ୍ମୋଚନ କରିଥିଲେ। ସେହିପରି ଥିମ୍ ସଙ୍ଗ ଭାବରେ 'ଜଜ୍‌ବା ଜିତ୍ କା' ଉନ୍ମୋଚନ କରାଯାଇଥିଲା। ବଲିଉଡ୍‌ର ଓଡ଼ିଆ ଗାୟକ ଋତୁରାଜ ମହାନ୍ତି ଏହି ଗୀତଟିକୁ ଗାଇଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି, ଓଡ଼ିଶାର ପ୍ରଥମ କେ ପପ୍ ଗାୟିକା ଶ୍ରେୟା ଲେଙ୍କା ଓ ପ୍ରସ୍ତର ଶିଳ୍ପୀ ରଘୁନାଥ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। କଳିଙ୍ଗ ଲାନ୍ସର୍ସ ଦଳର ସମସ୍ତ ଖେଳାଳି ଏହି ଜର୍ସି ଲଞ୍ଚ ଇଭେଣ୍ଟରେ ଉପସ୍ଥିତ ରହିଥିଲେ।



ଜର୍ସି ଓ ମାସ୍କଟ ଉନ୍ମୋଚନ ଅବସରରେ ଖେଳାଳି ଓ କର୍ମକର୍ତ୍ତାଙ୍କ ଗହଣରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

## ନିରପେକ୍ଷ ଭେନ୍ୟୁରେ ଖେଳିବ ଭାରତ

ଦୁବାଇ, ୧୯।୧୨ (ପି.ଟି.)

ଆସନ୍ତାବର୍ଷ ହେବାକୁଥିବା ଚାମ୍ପିୟନ୍ସ ଟ୍ରଫି କ୍ରିକେଟର ଆୟୋଜନକୁ ନେଇ ଦେଖାଦେଇଥିବା ସଙ୍କଟର ଶେଷରେ ପରିସମାପ୍ତି ଘଟିଛି। ଏହି ୫୦-ଓଭର ବିଶିଷ୍ଟ ଇଭେଣ୍ଟରେ ଭାରତ ଏହାର ମ୍ୟାଚଗୁଡ଼ିକ ଆୟୋଜକ ଦେଶ ପାକିସ୍ତାନ ପରିବର୍ତ୍ତେ ଏକ ନିରପେକ୍ଷ ଭେନ୍ୟୁରେ ଖେଳିବ। ୨୦୨୭ରେ ଭାରତରେ ଟୁର୍ନାମେଣ୍ଟ ଆୟୋଜନ ବେଳେ ପାକିସ୍ତାନ ପାଇଁ ଅନୁରୂପ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଗୁରୁବାର ଏ ସମ୍ପର୍କରେ ସ୍ପଷ୍ଟ କରାଯାଇଛି। ହୋଇଥିବା ରାଜିନାମା ଅନୁସାରେ ପାକିସ୍ତାନରେ ୨୦୨୮ରେ ମହିଳା ଟି୨୦ ବିଶ୍ୱକପ୍ ବେଳେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି କୁହାଯାଉଛି, ଯଦିଓ ଏନେଇ ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ। କିନ୍ତୁ ଭାରତର ଚାମ୍ପିୟନ୍ସ ଟ୍ରଫି ମ୍ୟାଚ୍‌ଗୁଡ଼ିକ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳାଯିବ। ୨୦୨୪ରୁ ୨୦୨୭ ପର୍ଯ୍ୟନ୍ତ ଚାଲିଥିବା ବର୍ତ୍ତମାନର ସମୟ ଚକ୍ରରେ (ଭାରତ ଓ ପାକିସ୍ତାନ ଆୟୋଜିତ ହେବାକୁ ଥିବା) ଆଇସିସି ଇଭେଣ୍ଟଗୁଡ଼ିକରେ ଭାରତ ଓ ପାକିସ୍ତାନ ମ୍ୟାଚ୍‌ଗୁଡ଼ିକ ନିରପେକ୍ଷ ଭେନ୍ୟୁରେ ହେବ। ଟୁର୍ନାମେଣ୍ଟର ଆୟୋଜକଙ୍କ ଦ୍ୱାରା ଦିଆଯାଇଥିବା ପ୍ରସ୍ତାବ ଆଇସିସି ବୋର୍ଡ ଦ୍ୱାରା ଗୃହୀତ ହୋଇଯାଇଛି। ଏହି ବ୍ୟବସ୍ଥା ଆସନ୍ତାବର୍ଷ ଭାରତରେ ହେବାକୁଥିବା ମହିଳା ବିଶ୍ୱକପ୍ ଓ ୨୦୨୬ରେ ହେବାକୁଥିବା ଟି୨୦ ବିଶ୍ୱକପ୍ କ୍ଷେତ୍ରରେ ମଧ୍ୟ ଲାଗୁ ହେବ। ଭାରତ ସୁରକ୍ଷାଗତ କାରଣରୁ ଆସନ୍ତା ଫେବୃଆରୀ-ମାର୍ଚ୍ଚରେ ହେବାକୁ ଇଭେଣ୍ଟ ଲାଗି ପାକିସ୍ତାନ ଗସ୍ତ କରିବାକୁ ମନା କରିଦେଇଛି। ୨୦୦୮ରେ ମୁମ୍ବାଇରେ ଆତଙ୍କବାଦୀ ଆକ୍ରମଣ ପରଠାରୁ ଭାରତ ପଡ଼ୋଶୀ ପାକିସ୍ତାନରେ ଖେଳିନାହିଁ। ଏଥିରେ ୧୫୦ ଲୋକ ନିହତ ହୋଇଥିଲେ। ଦୁଇ ଦେଶ ଗତ ଥର ଦ୍ୱିପାକ୍ଷିକ ସିରିଜ ୨୦୧୨ରେ ଖେଳିଥିଲେ। ପାକିସ୍ତାନ ଗସ୍ତ କରିବାକୁ ହେଲେ ଭାରତ ସରକାରଙ୍କ ଅନୁମତି ନେବାକୁ ପଡ଼ିବ। ସରକାର କୌଣସି ପ୍ରକାର ଅନୁମତି ଦେବେ ନାହିଁ। ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୨୫ର କାର୍ଯ୍ୟସୂଚୀ ଖୁବ୍‌ଶୀଘ୍ର ପ୍ରକାଶ ପାଇବ ବୋଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ କହିଛି। ଡିସେମ୍ବର ୧ରେ ଆଇସିସିର ମୁଖ୍ୟଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜୟ ଶାହା, ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି), ବିସିସିଆଇ ଓ ବ୍ରଡକାଷ୍ଟର ସମେତ ସମସ୍ତ ଅଂଶୀଦାରଙ୍କ ମଧ୍ୟରେ ଅନୁଷ୍ଠିତ ଏକ ବୈଠକରେ ୫୦-ଓଭର ଇଭେଣ୍ଟର ଆୟୋଜନ ନେଇ ଆଲୋଚନା ହୋଇଥିଲା। ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେବେ। ସେମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲକୁ ଉନ୍ନୀତ ହେବ।

**ଚାମ୍ପିୟନ୍ସ ଟ୍ରଫି**



## ଓଡ଼ିଶାରୁ ଭାଗନେଲେ ୫ ପ୍ରତିଯୋଗୀ



ବିଶ୍ୱ ପେନ୍‌ଚାକ ସିଲାଟ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଆ ଖେଳାଳି।

**ବିଶ୍ୱ ପେନ୍‌ଚାକ ସିଲାଟ ପ୍ରତିଯୋଗିତା**

ଭୁବନେଶ୍ୱର, ୧୯।୧୨ (ତପନ ସ୍ୱାଇଁ)

ଦୁବାଇର ଆବୁଧାବିରେ ୫ମ ବିଶ୍ୱ ଜୁନିୟର, ସବ୍ ଜୁନିଅର ଓ ୨୦ତମ ସିନିୟର ପେନ୍‌ଚାକ ସିଲାଟ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୫ ଖେଳାଳି ଓ ଜଣେ ରେଫରି ଅଂଶଗ୍ରହଣ କରିଛନ୍ତି। ଖେଳାଳିମାନେ ହେଲେ ଦୀପାଂଶୁ ବାମେଲ, ଅଂଶୁମାନ ଭୌମିକ, ଅବଦୁଲ ସୋଫିଆନ, ଭିଦିତ ଗୁପ୍ତା ଓ ଶରତ ଦାସ। ସେହିପରି ପ୍ରେମ ସିଂ ଥାପା ରେଫରିଭାବେ ମନୋନୀତ ହୋଇଛନ୍ତି। ଓଡ଼ିଶା ଖେଳାଳିମାନଙ୍କୁ ଯୁବ ସମାଜସେବୀ ତଥା ପେନ୍‌ଚାକ ସିଲାଟ ଖୋର୍ଦ୍ଧା ସଂପାଦକ ଜିତେନ୍ଦ୍ର କୁମାର ରାଉତ, ପେନ୍‌ଚାକ୍ ସିଲାଟ ଆସୋସିଏଶନ ଓଡ଼ିଶାର ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଭର୍ଷ୍ଟାପେନ୍‌ଙ୍କ ଟିମ୍‌ମେଟ୍ ହେଲେ ଲସନ

ମିଲ୍‌ଟନ କେନିସ , ୧୯।୧୨ (ଏପି)

ଫର୍ମୁଲା ୱାନ ସିଜନ ୨୦୨୫ରେ ଲିଆମ ଲସନ ରେଡ୍‌ବୁଲ୍‌ରେ ବିଶ୍ୱ ଚାମ୍ପିୟନ ମାକ୍ସ ଭର୍ଷ୍ଟାପେନ୍‌ଙ୍କ ନୂଆ ପାର୍ଟନର ହେବେ। ଫର୍ମୁଲା ୱାନ ଟିମ୍ ତରଫରୁ ଗୁରୁବାର ଘୋଷଣା କରାଯାଇଛି। ନ୍ୟୁଜିଲାଣ୍ଡର ଲସନଙ୍କୁ ସର୍ଗିଓ ପେରେଜଙ୍କ ସ୍ଥାନରେ ନିଆଯାଇଛି। କ୍ରମାଗତ ଧରି ଖରାପ ପ୍ରଦର୍ଶନ ପାଇଁ ପେରେଜଙ୍କୁ ବୁଧବାର ଟିମ୍‌ରୁ ବାଦ୍ ଦିଆଯାଇଥିଲା। ଲସନ କହିଛନ୍ତି, ରେଡ୍‌ବୁଲ ଦଳରୁ ଭାଗ ନେବା ତାଙ୍କ ପିଲାଦିନର ଏକ ସ୍ୱପ୍ନ ଥିଲା।

## କେରଳଠାରୁ ହାରିଲା ଓଡ଼ିଶା

ହାଇଦ୍ରାବାଦ, ୧୯।୧୨ (ପି.ଟି.): ଜାତୀୟ ସିନିୟର ପୁରୁଷ ଫୁଟ୍‌ବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡ ଗ୍ରୁପ୍ 'ବି'ରେ କେରଳ ୨-୦ ଗୋଲ୍‌ରେ ଓଡ଼ିଶାକୁ ପରାସ୍ତ କରିଛି। ଦଳ ୩ଟି ମ୍ୟାଚରୁ ୯ ପଏଣ୍ଟ ଅର୍ଜନ କରି ଗ୍ରୁପ୍ 'ବି' ପଏଣ୍ଟ ଟେବୁଲ ଶୀର୍ଷରେ ରହିଛି। ୨୦୨୧-୨୨ ଚାମ୍ପିୟନ କେରଳ ମ୍ୟାଚରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦଳ ପକ୍ଷରୁ ମହମ୍ମଦ ଅଜସଲ (୪୧ତମ ମିନିଟ୍) ଓ ନସିବ ରହମନ (୫୪ତମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଗୁରୁବାର ଏହି ପରାଜୟ ଦ୍ୱାରା ଓଡ଼ିଶା ତିନୋଟି ଗେମ୍‌ରୁ ଗୋଟିଏ ବିଜୟ ସହ ଗ୍ରୁପ୍'ବି'ରେ ଚତୁର୍ଥ ସ୍ଥାନକୁ ଖସି ଆସିଛି। ଗତଥରର ରନରଅପ୍ ମେଘାଳୟ ଅନ୍ୟ ଏକ ମ୍ୟାଚରେ ୨-୦ ଗୋଲ୍‌ରେ ଦିଲ୍ଲୀକୁ ପରାସ୍ତ କରି ଫାଇନାଲ ରାଉଣ୍ଡରେ ଏହାର ପ୍ରଥମ ବିଜୟ ହାସଲ କରିଛି। ଦଳ ୪ ପଏଣ୍ଟ ସହ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଦିଲ୍ଲୀର ଏହା ହେଉଛି ପ୍ରଥମ ପରାଜୟ। ଦଳ ୬ ପଏଣ୍ଟ ସହ ପୂର୍ବ ଭଳି ଦ୍ୱିତୀୟ ସ୍ଥାନରେ ରହିଛି।

## ଦକ୍ଷିଣ ପୂର୍ବ ରେଲ୍‌ୱେ ଚକ୍ରଧରପୁର ବିଜୟୀ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ**

ଟାଙ୍ଗୀ,୧୯।୧୨ (ରଘୁନାଥ ସାହୁ)

କୁହୁଡ଼ି ମହାବୀର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଜନତା ଷ୍ଟାଡିୟମରେ ଗୁରୁବାର ୬୫ତମ ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍ ୟୁଥ୍ ଡେଭଲପମେଣ୍ଟ କ୍ଲବ ଗଣ୍ଡରପୁର ଭୁବନେଶ୍ୱର ଏବଂ ଦକ୍ଷିଣ ପୂର୍ବ ରେଲ୍‌ୱେ ଚକ୍ରଧରପୁର ଟିମ୍ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ଦ୍ୱିତୀୟାର୍ଦ୍ଧର ୨୦ମିନିଟରେ ଚକ୍ରଧରପୁର ଟିମ୍‌ର ଅଜୟ ମୁର୍ମୁ ଗୋଟିଏ ଗୋଲ ଦେଇଥିଲେ। ସେହିପରି ୨୮ମିନିଟରେ ଗଣ୍ଡରପୁର ଟିମ୍‌ର ତୋଫାନ ନାୟକ ଗୋଟିଏ ଗୋଲ ଦେଇଥିଲେ। ମ୍ୟାଚ୍ ଶେଷ ସୁଦ୍ଧା ଉଭୟ ଟିମ୍ କେହି କାହାକୁ ଆଉ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୫-୪ ଗୋଲରେ ଦକ୍ଷିଣ ପୂର୍ବ ରେଲ୍‌ୱେ ଚକ୍ରଧରପୁର ଟିମ୍ ବିଜୟୀ ହୋଇଥିଲା। ରାଜୁ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିବା ବେଳେ ପ୍ରିୟବ୍ରତ ବାହିନୀପତି, ଗୋପାଳ ସାମନ୍ତରାୟ ଏବଂ ଅପର୍ତ୍ତି ବେହେରା ସହାୟତା କରିଥିଲେ। ବିଜୟ କୁମାର ରାଉତ ମ୍ୟାଚ୍ କମିଶନରଭାବେ ଦାୟିତ୍ୱ ତୁଲାଇଥିଲେ। ଶ୍ରେଷ୍ଠ ଖେଳାଳିଭାବେ ଚକ୍ରଧରପୁର ଟିମ୍‌ର ଅଜୟ ମୁର୍ମୁ ଏବଂ ଗଣ୍ଡରପୁର ଟିମ୍‌ର ଚନ୍ଦନ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, କବି ଡ.ଶଶାଙ୍କ ଶେଖର ଚୂଡ଼ାମଣି, ପୂର୍ବତନ ଚିଲିକା ବ୍ଲକ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ନା ମାନ୍ଧାତା, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, କୁହୁଡ଼ି ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସଭାପତି ତଥା ପ୍ରଧାନଶିକ୍ଷକ ରଘୁନାଥ ସ୍ୱାଇଁ, ସମ୍ପାଦକ ମନୋଜ କୁମାର ମାନସିଂ, ସହସମ୍ପାଦକ କମଳାକାନ୍ତ ସାମନ୍ତରାୟ, ରମେଶ କୁମାର ନାଇଡୁ, ରତ୍ନାକର ସାମନ୍ତରାୟ, କେଦାର ଦାସ, ଶ୍ରୀବତ୍ସ ପରିଡ଼ା, ଡ. ଚନ୍ଦ୍ରଶେଖର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ୬ଷ୍ଠ ରାଉଣ୍ଡ ସୁଦ୍ଧା ଏନ୍‌ଗୁଏନ ଅଗ୍ରଣୀ

**ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର ଚେସ୍**

ଭୁବନେଶ୍ୱର, ୧୯।୧୨ (ତପନ ସ୍ୱାଇଁ)

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଓ ଶିକ୍ଷା ଏବଂ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଚାଲିଥିବା ଓଡ଼ିଶା ଓପନ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର ଚେସ୍ ମହୋତ୍ସବର ୬ ରାଉଣ୍ଡ ଶେଷସୁଦ୍ଧା ଭିଏତ୍‌ନାମର ଏନ୍‌ଗୁଏନ କ୍ୱୋକ ହେ ଅଗ୍ରଣୀଲାଭ କରିଛନ୍ତି। ବେଲାରୁଷ ଗ୍ରାଣ୍ଡମାଷ୍ଟର ଫେଡୋରୋଭ ଆଲେକ୍ସି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉଭୟ ଖେଳାଳି ୫.୫ ପଏଣ୍ଟ ଲେଖାଏ ପାଇଛନ୍ତି। ତେଲଙ୍ଗାନାର ଭିଗ୍ନେଶ ଅଦଭେତ ଭେମୁଲା, ଆରସିପିବି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ନିଲାଶ ସାହା, ଆଇସିଏଫ୍‌ର ଶ୍ୟାମ ନିଖିଲ ପି., କଲମ୍ବିଆର ରିଓସ ଗୋମେଜ କ୍ରିଷ୍ଟିଆନ କାମିଲୋ, ଆଇସିଏଫ୍‌ର ଦୀପନ ଚକ୍ରବର୍ତ୍ତୀ, ପଶ୍ଚିମବଙ୍ଗର ସାୟନ୍ତନ ଦାସ, କାଜାଖସ୍ତାନର ତୋଲୋଗୋନ ତେଗିନ ସେମେଟେଇ (ସମସ୍ତେ ୫ ପଏଣ୍ଟ ଲେଖାଏ) ଓ ତାମିଲନାଡୁ ଗ୍ରାଣ୍ଡମାଷ୍ଟର ଭେଙ୍କଟେଶ ଏମ୍.ଆର (୪.୫) ଟପ୍-୧୦ରେ ରହିଛନ୍ତି। ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ସମ୍ବିତ ପଣ୍ଡା ୪.୫ ପଏଣ୍ଟ ପାଇଛନ୍ତି।

## 'ଅବସର ନେଇ ଅନୁଶୋଚନା ନାହିଁ'

ଚେନ୍ନାଇ,୧୯।୧୨(ପି.ଟି.)

ବ୍ରିସବେନ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳା ଯାଉଥିବା ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ଡ୍ର'ରେ ଶେଷ ହୋଇଥିବା ବେଳେ ଅଭିଜ୍ଞ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ପ୍ରେସ୍ ମିଟ୍‌ରେ ଅବସର ଘୋଷଣା କରିଥିଲେ। ବୁଧବାର ଟେଷ୍ଟ ସିରିଜ୍‌ର ଅଧାରେ ଅବସର ଘୋଷଣା କରି ସମସ୍ତଙ୍କୁ ଚକିତ କରି ଦେଇଥିବା ଅଶ୍ୱିନ ଗୁରୁବାର ଚେନ୍ନାଇରେ ପହଞ୍ଚିଛନ୍ତି। ୩୮ ବର୍ଷୀୟ ଅଶ୍ୱିନ ଭାରତ ପକ୍ଷରୁ ୭୬୫ ଅନ୍ତର୍ଜାତୀୟ ଉଇକେଟ ହାସଲ କରିଛନ୍ତି। ଚେନ୍ନାଇରେ ପହଞ୍ଚିବା ପରେ ଅବସର ନିଷ୍ପତ୍ତିକୁ ଭାବିଚିନ୍ତି ନେଇଥିବା କହିଛନ୍ତି। ଏହା ସହ ତାଙ୍କର କୌଣସି ଅନୁଶୋଚନା ନାହିଁ ବୋଲି ମଧ୍ୟ ସେ ସ୍ପଷ୍ଟ କରିଛନ୍ତି। ବିମାନବନ୍ଦରରେ ପହଞ୍ଚିବା ପରେ ରାଜ୍ୟ କ୍ରିକେଟ ଆସୋସିଏଶନର କର୍ମକର୍ତ୍ତା ତାଙ୍କୁ ସ୍ୱାଗତ କରିଥିଲେ। ପ୍ରଥମେ ନିଜ ପରିବାର ଲୋକଙ୍କୁ ଭେଟିବା ପରେ ଉପସ୍ଥିତ ମିଡିଆକୁ ବୟାନ ଦେଇଥିଲେ ଅଶ୍ୱିନ। ଅନେକ ଲୋକଙ୍କ ପାଇଁ ଏହା ଏକ ଭାବବିହ୍ୱଳ ନିଷ୍ପତ୍ତି। ତେବେ ବ୍ୟକ୍ତିଗତ ଭାବରେ ଏହା ମୋତେ ଆତ୍ମସନ୍ତୋଷ ପ୍ରଦାନ କରିଛି। ବିଗତ କିଛିଦିନ ଧରି ଅବସର ସମ୍ପର୍କରେ ଚିନ୍ତା କରୁଥିଲି। ବ୍ରିସବେନ ଟେଷ୍ଟର ଚତୁର୍ଥ ଦିନରେ ହିଁ ଅବସର ନେବାକୁ ମନସ୍ଥ କରି ସାରିଥିଲି ବୋଲି ସେ କହିଛନ୍ତି।

ଅବସର ଏକ ବଡ଼ ନିଷ୍ପତ୍ତି ନୁହେଁ ବୋଲି କହିବା ସହିତ ସେ ଏକ ଭିନ୍ନ ପଥ ଅନୁସରଣ କରିବାକୁ ଯାଉଛନ୍ତି। ସେହିପରି ଭାରତୀୟ ଦଳର ଅଧିନାୟକ ନ ହୋଇପାରିବାକୁ ନେଇ ତାଙ୍କର କିଛି ଦୁଃଖ ରହିଛି ବୋଲି ପ୍ରଶ୍ନରେ ଅଶ୍ୱିନ କହିଥିଲେ, ଏହା ବର୍ତ୍ତମାନ ହେବା ସମ୍ଭବ ନୁହେଁ। ଜୀବନରେ କୌଣସି ଜିନିଷକୁ ନେଇ ମୋର ଦୁଃଖ ନାହିଁ। ଅନୁଶୋଚନା ପ୍ରକାଶ କରୁଥିବା ଅନେକ ଲୋକଙ୍କୁ ଅତ୍ୟନ୍ତ ନିକଟରୁ ଦେଖିଛି। ମୋର ସେଭଳି କୌଣସି ଅନୁଶୋଚନା ନାହିଁ। ୨୦୧୧ ବିଶ୍ୱକପ ଓ ୨୦୧୩ରେ ଚାମ୍ପିୟନ୍ସ ଟ୍ରଫି ବିଜେତା ଦଳର ସଦସ୍ୟ ରହିଥିବା ଅଶ୍ୱିନ ଭାରତ ପାଇଁ ୧୧୬ ଦିନିକିଆରୁ ୧୫୬ ଉଇକେଟ ଓ ୬୫ ଟି୨୦ ମ୍ୟାଚ୍‌ରୁ ୭୨ ଉଇକେଟ ନେଇଛନ୍ତି।





Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ